

**ଭାରତକୁ ଆମେରିକା ଦେବ ଜାଭେଲିନ୍ ମିସାଇଲ୍** ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 238 | ଭାଗ ୩୩ | ସଂଖ୍ୟା ୨୩୮ | Friday 21 November 2025 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର ୨୧ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


● କେନ୍ଦୁପତ୍ର କଲ୍ୟାଣ ପାଣ୍ଠି ଖୋଲିଦେଲେ ମୁଖ୍ୟମନ୍ତ୍ରୀ

## କେନ୍ଦୁପତ୍ରଜୀବୀଙ୍କୁ ୪୧.୧୭ କୋଟି ପ୍ରଦାନ



**ଭୁବନେଶ୍ୱର,୨୦।୧୧(ସଂଚାର ବ୍ୟୁରୋ):** କେନ୍ଦୁପତ୍ର ତୋଳାଳି, ବାଇଣ୍ଡର୍ ଓ ଋତୁକାଳୀନ କର୍ମଚାରୀଙ୍କ ଜୀବନଶୈଳୀକୁ ଉନ୍ନତ କରିବା ସକାଶେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଦୃଢ଼ ମାନବିକ ପଦକ୍ଷେପ ଗ୍ରହଣ କରିଛି। ଏବେ ରାଜ୍ୟର କେନ୍ଦୁପତ୍ରଜୀବୀଙ୍କ ପାଇଁ କଲ୍ୟାଣ ପାଣ୍ଠି ଖୋଲିଦେଇଛନ୍ତି। ଫଳତଃ ଏହି ପାଣ୍ଠିରୁ ୨୦୨୪ ଫସଲ ବର୍ଷ ଓ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମୋଟ ୪୧.୧୭ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅଦ୍ୟାବଧି କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଏହାକୁ ସର୍ବବୃହତ୍ ସହାୟତା ଭାବେ ବିବେଚନା କରାଯାଉଛି। ଏହି ଅର୍ଥ ରାଜ୍ୟର ୮ ଲକ୍ଷ ୫୯ ୭୨୭ ଜଣ କେନ୍ଦୁପତ୍ର ତୋଳାଳିଙ୍କୁ ଯୋଗାଇ ଦିଆଯାଇଛି। ସେମାନେ ଏହି ଅର୍ଥରେ ବିଭିନ୍ନ ସାମଗ୍ରୀ କିଣିପାରିବେ। ଏହି ଅର୍ଥରୁ ଚପଲ ପାଇଁ ଜଣ ପିଛା ୧୬୦ ଟଙ୍କା, କେରି ବହନକାରୀ କପଡ଼ା ପାଇଁ ଜଣ ପିଛା ୨୦୦ ଟଙ୍କା ଓ ମୁଣ୍ଡ ଟୋପି ଜଣ ପିଛା ୧୦୦ ଟଙ୍କା ଖର୍ଚ୍ଚ କରିପାରିବେ। ଏଥିସକାଶେ ମୋଟ ୩୯ କୋଟି ୫୪ ଲକ୍ଷ ୭୪ ହଜାର ୪୨୦ ଟଙ୍କା ଜମା କରାଯାଇଛି। ଏହା କେନ୍ଦୁପତ୍ର ତୋଳାଳିଙ୍କ ଶ୍ରମ ଓ ମୂଲ୍ୟବାନ ଅବଦାନ ପ୍ରତି ରାଜ୍ୟ ସରକାରଙ୍କ ଗଭୀର ସମ୍ମାନର ପ୍ରତୀକ। ଏହାଛଡ଼ା ୧୮୭୬୮ ➪ପୃଷ୍ଠା-୬

# ଇତିହାସ ରଚିଲେ ନୀତୀଶ



- ସମ୍ରାଟ ଚୌଧୁରୀ, ବିଜୟ ସିହ୍ନା ଉପମୁଖ୍ୟମନ୍ତ୍ରୀ
- ଶପଥ ନେଲେ କ୍ୟାବିନେଟ୍‌ର ୨୬ ମନ୍ତ୍ରୀ
- ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଉପସ୍ଥିତ
- ଯୋଗଦେଲେ ମୋହନ ଓ ପ୍ରଭାତୀ

**ପାଟନା,୨୦।୧୧:** ଭାରତ ଇତିହାସରେ ଆଜି ଜେଡି(ୟୁ) ମୁଖ୍ୟ ନୀତୀଶ କୁମାର ଐତିହାସିକ ସଫଳତା ହାସଲ କରିଛନ୍ତି। ଆଜି ସ୍ଥାନୀୟ ଗାନ୍ଧୀ ମୈଦାନଠାରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍‌ଙ୍କଠାରୁ ପଦ ଓ ଗୋପନୀୟତାର ଶପଥ ନେବା ପରେ ନୀତୀଶ ଦେଶର ପ୍ରଥମ ରାଜନେତା ଭାବେ କୌଣସି ରାଜ୍ୟରେ ଦଶମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଏଥିସହ ଆଜିଠାରୁ ପୁଣିଥରେ ବିହାରରେ ନୀତିଶ ରାଜ ଆରମ୍ଭ ହୋଇଛି। ୨୦୦୫ରେ ସର୍ବପ୍ରଥମେ ମୁଖ୍ୟମନ୍ତ୍ରୀ ହୋଇଥିବା ୭୪ ବର୍ଷୀୟ ନୀତୀଶ ଏଥିସହ ଭାରତୀୟ ରାଜନୀତିରେ ସର୍ବାଧିକ ଥର ମୁଖ୍ୟମନ୍ତ୍ରୀ ପଦ ହାସଲ କରିବାରେ ସଫଳ ହୋଇଛନ୍ତି। ଏଠାରେ ଆୟୋଜିତ ଭବ୍ୟ ଶପଥ ଗ୍ରହଣ ଉତ୍ସବରେ ନୀତିଶଙ୍କ ସମେତ ତାଙ୍କ ମନ୍ତ୍ରିମଣ୍ଡଳର ୨୭ ଜଣ ମନ୍ତ୍ରୀ ଶପଥ ନେବା ସହ ଦୁଇ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଓ ବିଜୟ ସିହ୍ନା ବି ଶପଥ ଗ୍ରହଣ କରିଛନ୍ତି। ଗତ ନିର୍ବାଚନରେ ରାଜ୍ୟର ସର୍ବବୃହତ୍ ଦଳ ଭାବେ ସାମ୍ନାକୁ ଆସିଥିବା ବିଜେପିକୁ ମନ୍ତ୍ରୀପଦ ମିଳିଛି। ସେହିପରି ଦ୍ୱିତୀୟ ସ୍ଥାନରେ ଥିବା ଜେଡି(ୟୁ) କୋଟାରୁ ୮ ଜଣ ବିଧାୟକ ମନ୍ତ୍ରୀପଦ ପାଇଛନ୍ତି। ସେହିପରି ନୀତୀଶଙ୍କ ମନ୍ତ୍ରିମଣ୍ଡଳରେ ଜଣେ ସଂଖ୍ୟାଲଘୁ ବିଧାୟକ ମନ୍ତ୍ରୀ ପଦ ପାଇଥିବା ବେଳେ ୩ ଜଣ ମହିଳାଙ୍କୁ ମଧ୍ୟ ସ୍ଥାନ ମିଳିଛି। ଏହାଛଡ଼ା ମୁଖ୍ୟମନ୍ତ୍ରୀ ନୀତୀଶଙ୍କ ମନ୍ତ୍ରିମଣ୍ଡଳରେ ଏନ୍‌ଡିଏର ଅନ୍ୟାନ୍ୟ ସହଯୋଗୀ ଦଳ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ)ର ଦୁଇ ଜଣ ବିଧାୟକଙ୍କ ସହ ହିନ୍ଦୁସ୍ତାନ ଆୱାମ୍ ମୋର୍ଚ୍ଚା (ସିକ୍ୟୁଲାର୍) ଓ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚାର ଜଣେ ଲେଖାଏଁ ବିଧାୟକ ସ୍ଥାନ ପାଇଛନ୍ତି। ଏଥିସହ ପ୍ରଥମ ଥର ପାଇଁ ୯ ଜଣଙ୍କୁ ମନ୍ତ୍ରୀପଦ ମିଳିଛି। ଏଥି ମଧ୍ୟରେ ଏଲ୍‌ଜେପି(ଆର୍‌ଭି)ର ସଞ୍ଜୟ କୁମାର ସିଂହ ଅନ୍ୟତମ। ଶ୍ରୀ ସିଂହ ଗତ ନିର୍ବାଚନରେ ଆର୍‌ଜେଡି ନେତା ତଥା ଲାଲୁ ପ୍ରସାଦ ଯାଦବଙ୍କ ସୁପୁତ୍ର ତେଜ ପ୍ରତାପଙ୍କୁ ପରାସ୍ତ କରି ମହୁଆରୁ ନିର୍ବାଚିତ ହୋଇଛନ୍ତି। ତେବେ ଗତ କ୍ୟାବିନେଟ୍‌ର ୧୨ରୁ ଊର୍ଦ୍ଧ୍ୱ ବିଧାୟକଙ୍କୁ ଏଥର ନୀତୀଶ ସୁଯୋଗ ଦେଇନାହାନ୍ତି। ➪ପୃଷ୍ଠା-୬

ବାପାଙ୍କ ଜନ୍ମଦିନରେ ଦାୟିତ୍ୱ ନେଲେ ଜୟ

## ‘ଏବେ ନୂଆପଡ଼ାବାସୀଙ୍କୁ ପ୍ରତିଦାନର ସମୟ’



**ଭୁବନେଶ୍ୱର,୨୦।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ନିର୍ବାଚନ ଜିତିବା ପରେ ଆଜି ବିଧାୟକ ଭାବେ ଶପଥ ନେଇଛନ୍ତି ଜୟ ଢୋଲକିଆ। ବାପା ରାଜେନ୍ଦ୍ର ଢୋଲକିଆଙ୍କ ଜନ୍ମଦିନରେ ସେ ବାପାଙ୍କ ଅଧୁରା ସ୍ୱପ୍ନ ପୂରଣର ଦାୟିତ୍ୱ ନେଇଛନ୍ତି। ଜୟ ଢୋଲକିଆଙ୍କ ହାତରେ ସାଢେ ୩ ବର୍ଷରୁ କମ ସମୟ। ସେବା ପାଇଁ ସୁଯୋଗ ଦେଇଥିବା ନୂଆପଡ଼ାବାସୀଙ୍କୁ ଏବେ ପ୍ରତିଦାନର ସମୟ। ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ପୂରା କରିବା ଜୟଙ୍କ ପାଇଁ ବଡ଼ ଆହ୍ୱାନ। ପବିତ୍ର ଗୃହକୁ ଆସି ବଡ଼ ଦାୟିତ୍ୱ ନେବା ପୂର୍ବରୁ ସମ୍ବିଧାନକୁ ମୁଣ୍ଡିଆ ମାରିଥିଲେ। ପରିବାର ସହ ଆସି ବିଧାୟକ ଭାବେ ଶପଥ ନେଇଥିଲେ ଜୟ ଢୋଲକିଆ। ପଦ ଓ ଗୋପନୀୟତାର ➪ପୃଷ୍ଠା-୬

## ଆଜି ରାଜ୍ୟ କ୍ୟାବିନେଟ୍ ଓ ମନ୍ତ୍ରୀ ପରିଷଦ ବୈଠକ

### ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଲାଗିବ ମୋହର

**ଭୁବନେଶ୍ୱର,୨୦।୧୧(ସଂଚାର ବ୍ୟୁରୋ):** ଆସନ୍ତାକାଲି ବସିବ ରାଜ୍ୟ କ୍ୟାବିନେଟ ଓ ମନ୍ତ୍ରୀ ପରିଷଦ ବୈଠକ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ବସିବାକୁ ଥିବା ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିବାର ସମ୍ଭାବନା ରହିଛି। ମିଳିଥିବା ସୂଚନାନୁସାରେ, ରାଜ୍ୟ ବିଧାନସଭାର ଶୀତକାଳୀନ ଅଧିବେଶନରେ ଉପସ୍ଥାପିତ ହେବାକୁ ଥିବା ଅତିରିକ୍ତ ବଜେଟକୁ ମିଳିବ ଅନୁମୋଦନ। ଏହାଛଡ଼ା ଓଡ଼ିଶା ରାଜ୍ୟ କ୍ୟାବିନେଟ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଗାମୀ ବିଧାନସଭା ଅଧିବେଶନରେ ଉପସ୍ଥାପିତ ହେବାକୁ ଥିବା ବଜେଟ୍ ପାସ୍ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବଗୁଡ଼ିକ ଉପରେ ଆଲୋଚନା ➪ପୃଷ୍ଠା-୬

## ମାଟ୍ରିକ୍ ଫର୍ମପୂରଣ ଅବଧି ବଢ଼ିଲା

୨୮ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସୁଯୋଗ



**ଭୁବନେଶ୍ୱର,୨୦।୧୧(ସଂଚାର ବ୍ୟୁରୋ):** ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ମାଟ୍ରିକ୍ ପରୀକ୍ଷା ସକାଶେ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପକ୍ଷରୁ ଦଶମ ପରୀକ୍ଷା ସକାଶେ ଫର୍ମ ପୂରଣ ଜାରି ରହିଥିବା ବେଳେ ଏବେ ଏହାର ଅବଧିକୁ ବଢ଼ାଇ ଦିଆଯାଇଛି। କେତେକ ବୈଷୟିକ ଓ ଯାତାୟାତଜନିତ ସମସ୍ୟା କାରଣରୁ ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଫର୍ମ ପୂରଣର ସୁଯୋଗ ଦେଇଛି ବୋର୍ଡ। ଫଳତଃ ବିଭିନ୍ନ କାରଣ ଯୋଗୁଁ ଯେଉଁସବୁ ଛାତ୍ରଛାତ୍ରୀ ଫର୍ମ ପୂରଣ କରିପାରିନାହାନ୍ତି, ସେମାନଙ୍କ ସକାଶେ ବୋର୍ଡ ସୁଖଦ ଖବର ଦେଇଛି। ଏହି ବର୍ଦ୍ଧିତ ଅବଧିର ଫାଇଦା ନିୟମିତ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସହ ଏସ୍‌ଓଏସ୍‌ସି(ପ୍ରଥମ) ଓ ମିଡିଅମ୍ କାଟାଗୋରିର ଛାତ୍ରଛାତ୍ରୀମାନେ ଉଠାଇପାରିବେ। ଅର୍ଥାତ୍ ➪ପୃଷ୍ଠା-୬

● ବ୍ରାଉନ୍‌ସୁଗର୍ ର୍ୟାକେଟ୍‌ର ପର୍ଦ୍ଦାଫାସ୍

## ୨୬୪ ଗ୍ରାମ୍ ଜବତ, ୨ ଗିରଫ

**ଭୁବନେଶ୍ୱର,୨୦।୧୧(ସଂଚାର ବ୍ୟୁରୋ):** ଟ୍ୱିନ୍ ସିଟିରେ ମାଦକ ଦ୍ରବ୍ୟର କାରବାର ଉପରେ ରୋକ ଲଗାଇବା ସକାଶେ କମିଶନରେଟ୍ ପୁଲିସ୍ ପକ୍ଷରୁ ନିୟମିତ ଚଢ଼ାଉ କରାଯାଇଆସିଥିବା ବେଳେ ଆଜି ଏକ ବ୍ରାଉନ୍ ସୁଗର୍ ର୍ୟାକେଟ୍‌ର ପର୍ଦ୍ଦାଫାସ୍ କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ଓଡ଼ିଶା କ୍ରାଇମ୍ ବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଭୁବନେଶ୍ୱର ଉପକଣ୍ଠସ୍ଥ ଧଉଳୀ ସ୍ତୁପ ନିକଟରେ ଚଢ଼ାଉ କରି ୨୬୪ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର୍ ଜବତ କରିବା ସହ ଏହି ବେପାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ଗୁଇନ୍ଦା ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ଏହି ଚଢ଼ାଉ କରିଥିଲା। ସେତେବେଳେ ବେପାରୀମାନେ ଏକ ଡିଲ୍ ପାଇଁ ପ୍ରସ୍ତୁତ ହେଉଥିଲେ ହେଁ ଏସ୍‌ଟିଏଫ୍ ଏହାକୁ ଭଣ୍ଡୁର କରିଦେଇଛି। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ପ୍ରଦୀପ କୁମାର ପାତ୍ର ଓ ମହମ୍ମଦ ଶାହନୱାଜ୍ ହୁସେନ୍। ➪ପୃଷ୍ଠା-୬

ପୁଣି ରାଜ୍ୟ କଂଗ୍ରେସରେ ଆରମ୍ଭ ହେଲା ଲଢ଼େଇ

## ବିଭୀଷଣ କିଏ: ମୋକିମ ବନାମ ଭକ୍ତ



- ସଭାପତିଙ୍କ ବିରୋଧରେ ଦଳବିରୋଧୀ କାର୍ଯ୍ୟ ଅଭିଯୋଗ
- ମୋକିମଙ୍କ ଅଭିଯୋଗର ଉତ୍ତର ଦେଲା ପିସିସି



**ଭୁବନେଶ୍ୱର,୨୦।୧୧(ସଂଚାର ବ୍ୟୁରୋ):** ଭକ୍ତ ଦାସଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ କମିଟିର ପୁନର୍ଗଠନକୁ ଦେଢ଼ ବର୍ଷ ପୂରିନି। ଆରମ୍ଭ ହୋଇଗଲା ଲଢେଇ। ନୂଆପଡ଼ାରେ ପରାଜୟ ପରେ ପିସିସି ସଭାପତିଙ୍କ ‘ବିଭୀଷଣ’ ବକ୍ତବ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଏଆଇସିସି ସଦସ୍ୟ ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ। ଭକ୍ତଙ୍କ ଏଭଳି ବକ୍ତବ୍ୟକୁ ସେ ଦଳ ବିରୋଧୀ କହିବା ସହ ତାଙ୍କ ବିରୋଧରେ ଶୃଙ୍ଖଳା କମିଟିରେ ଅପିଲ କରିଛନ୍ତି। ଏହାର ଏକ ନକଲ ସେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ ଲଲ୍ଲୁଙ୍କୁ ମଧ୍ୟ ପଠାଇଛନ୍ତି।

ନୂଆପଡ଼ା ପରାଜୟ ପରେ ରାଜ୍ୟ କଂଗ୍ରେସରେ ଲାଗିଛି ବିଦ୍ରୋହର ନିଆଁ। ପରାଜୟ ପାଇଁ କଂଗ୍ରେସ ନେତାଙ୍କ ମଧ୍ୟରେ କିଏ ବିଭୀଷଣ ତାକୁ ନେଇ ଆରମ୍ଭ ହୋଇଯାଇଛି ବାକଯୁଦ୍ଧ। ପିସିସି ➪ପୃଷ୍ଠା-୬



**ଭା**ଇ ପୁଅ ଭୁବନେଶ୍ୱରରେ ପାଠ ପଢୁଛି। ଝିଅର ଏବର୍ଷ ମ୍ୟାଟ୍ରିକ ପରୀକ୍ଷା। ସ୍ତ୍ରୀର ଇସନଫୁଲିଆ। ଶୀତ ଋତୁରେ ଆଣ୍ଠୁଗଣ୍ଠି ବାତ ରୋଗ ବାହାରୁଛି। ଏଭଳି ଅବସ୍ଥାରେ ଜିଲ୍ଲା ବାହାରକୁ କେମିତି ଯିବୁ? ପଛେ ୨ ଲକ୍ଷ ନିଅନ୍ତୁ, କିନ୍ତୁ ବଦଳି ଅର୍ଡର

## ଭାଇ ଦି’ ଲକ୍ଷ ନିଅ...

ରୋକିଦିଅନ୍ତୁ। ନେତା, ମନ୍ତ୍ରୀଙ୍କ ଆଖ କଡ଼ରେ ବୁଲୁଥିବା ଚେଲା ଚାମୁଣ୍ଡାଙ୍କ ପାଖରେ ପୁଲିସ ବାବୁଙ୍କ ଏଭଳି ଅଳି ଆଜି ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ଜୁନ ୨୪ରେ ଇନ୍ସପେକ୍ଟର ର୍ୟାଙ୍କକୁ ପଦୋନ୍ନତି ପାଇଥିଲେ ରାଜ୍ୟର ଅନେକ ସବଇନ୍ସପେକ୍ଟର। ସେମାନଙ୍କ ମଧ୍ୟରୁ ୪୭୫ ଜଣଙ୍କୁ ଗତକାଲି ବିଭିନ୍ନ ଜିଲ୍ଲାକୁ ବଦଳି ନେଇ ଓଡ଼ିଶା ପୁଲିସ ପକ୍ଷରୁ ପ୍ରକାଶ ପାଇଥିଲା ଅର୍ଡର। ସେମାନଙ୍କ ମଧ୍ୟରୁ ଅନେକ ପଦୋନ୍ନତି ପାଇବା ପରେ କମିଶନରେଟ ପୁଲିସ ଅଧୀନରେ ଟ୍ୱିନ ସିଟିରେ କାମ କରୁଥିଲେ। ଗତ କିଛିବର୍ଷ ହେଲା ରାଜଧାନୀର ପାଣି ପବନ ଖାଇ ଟିଙ୍କ ଭଳି ଫୁଲିଥିଲେ। କିନ୍ତୁ କାଲି ବଦଳି ଅର୍ଡର ଆସିବା ପରେ ଛାତିରେ ପଶିଛି ଛନକା। ଯିଏ ଯାହା ଲେବଲରେ ସେଟିଂ କରିବାରେ ବ୍ୟସ୍ତ। କିଏ ମନ୍ତ୍ରୀଙ୍କ ପିଏ ପାଖରେ ତ ଆଉ କିଏ ଆଇପିଏସଙ୍କ ଡ୍ରାଇଭରଙ୍କ ପାଖରେ। ସାମ୍ବାଦିକ ମଧ୍ୟ ଏ ଦୌଡ଼ରେ ପଛରେ ପଡ଼ିନାହାନ୍ତି। ସାରଙ୍କୁ କହି ବଦଳି ରୋକିଦେବେ ବୋଲି କହି ଆଡଭାନ୍ସ ମଧ୍ୟ ଉଠେଇଦେଇଛନ୍ତି। ଏଭଳି ଅବସ୍ଥାକୁ ନେଇ ଆଜି ବିଭିନ୍ନ ଖଟିରେ ବେଶ ଚର୍ଚ୍ଚା। କିଛି ସ୍ୱାମୀ ସ୍ତ୍ରୀ ରାଜଧାନୀରେ ଘର କିଣି ଗତ କିଛି ବର୍ଷ ହେଲା ଏଠାରୁ ସେଠାକୁ ବୁଲି ଥଇଥାନ ହୋଇଥିଲେ, ସେମାନଙ୍କ ମଧ୍ୟରୁ ଜଣଙ୍କୁ ତାଙ୍କ ବଦଳି ପରେ ବେଶି ଭାଳେଣି ପଡ଼ିଛି। ସ୍ୱାମୀଙ୍କ ବଦଳି ରୋକିବାକୁ ସ୍ତ୍ରୀ ଯାଇ ସାହେବଙ୍କ ପାଖରେ ହଜାର। ତେବେ ଦେଖିବାକୁ ବାକି ରହିଲା, କାହା ଲବି କାମ କରୁଛି। ନା ସବୁ ଉପରେ ଟଙ୍କା କାରବାର ଭାରୀ ପଡୁଛି!

ପୁଣି ମୁହଁ ଖୋଲିଲେ ଭୂପିନ୍ଦର

## ନୂଆପଡ଼ା ପରାଜୟ ପାଇଁ କାର୍ପେଟଦାର ଦାୟୀ



**ଭୁବନେଶ୍ୱର,୨୦।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନରେ ବିଜେଡିର ପରାଜୟ ପାଇଁ ପୂର୍ବତନ

**ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଲା ବୁମେରାଂ**

ସାଂସଦ ଭୂପିନ୍ଦର ସିଂ ଦଳର ବିଳମ୍ବିତ ନିଷ୍ପତ୍ତିକୁ ଦାୟୀ କରିଛନ୍ତି। ବିଜେଡି ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିବାରେ ଯଥେଷ୍ଟ ବିଳମ୍ବ କଲା। ଯେଉଁଥିପାଇଁ ଢୋଲକିଆଙ୍କ ପରିବାର ଦଳ ଉପରୁ ବିଶ୍ୱାସ ହରାଇ ବିଜେପି ଶିବିରକୁ ଚାଲିଗଲେ ବୋଲି ଭୂପିନ୍ଦର କହିଛନ୍ତି। ବିଜେଡିର ଏହି ପରାଜୟ ପାଇଁ ନିଷ୍ପତ୍ତି ନେଉଥିବା କାର୍ପେଟଦାର ମୁଖ୍ୟତଃ ଦାୟୀ ବୋଲି ସେ କହିଛନ୍ତି।

ସିଧାସଳଖ ଦଳର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସେ କହିଛନ୍ତି ଯେ ନୂଆପଡ଼ା ଉପନିର୍ବାଚନ ପ୍ରଚାରରେ ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଇନଥିଲା। ଗତ ସାଧାରଣ ନିର୍ବାଚନରେ ତାଙ୍କୁ କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ଲଢ଼ିବାକୁ ସୁଯୋଗ ଦିଆଯାଇ ନ ଥିବାରୁ ଲୋକଙ୍କ କ୍ଷୋଭ ରହିଥିଲା, ଯେଉଁଥିପାଇଁ ବିଜେଡି ହାରିଥିଲା। ସେହିଭଳି ନୂଆପଡ଼ାରେ ମଧ୍ୟ ବିଜେଡିର ଭୁଲ ନିଷ୍ପତ୍ତି ଦଳ ପାଇଁ ବୁମେରାଂ ହୋଇଛି। ସ୍ୱର୍ଗତଃ ରାଜୁ ଢୋଲକିଆଙ୍କ ପ୍ରତି ଥିବା ସହାନୁଭୂତି ବିଜେପି ପ୍ରାର୍ଥୀକୁ ଗଲା। କଂଗ୍ରେସ ବହୁ ଆଗରୁ ଘାସିରାମ ମାଝୀଙ୍କ ନାଁ ଘୋଷଣା କରିଦେଲା। କିନ୍ତୁ ଆମ ଦଳ କାହିଁକି ଜଲଦି ଜୟ ଢୋଲକିଆଙ୍କୁ ପ୍ରାର୍ଥୀ ➪ପୃଷ୍ଠା-୬

ଭାରତ-ପାକ୍ ଯୁଦ୍ଧ ନେଇ ଟ୍ରମ୍ପ୍‌ଙ୍କ ନୂଆ ବାହାଦୁରୀ

## ଟାରିଫ୍ ଧମକରେ ନଇଁଥିଲେ ଦୁଇ ଦେଶ



**ପ୍ରଥମେ ମୋଦି ଫୋନ୍ କରିଥିବା ଦାବି କଲେ**

**ୱାଶିଂଟନ୍,୨୦।୧୧:** ଗତ ମେ’ ପ୍ରଥମ ସପ୍ତାହରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସମ୍ମୁଖ ଯୁଦ୍ଧକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୋକିଥିବା ନେଇ ବାରମ୍ବାର ଦାବି କରିଆସିବା ସହ ଏପରି ଏକ ଉଦ୍ୟମ ପାଇଁ ସେ ନୋବେଲ୍ ପୁରସ୍କାର ଆଶା ମଧ୍ୟ ରଖିଥିଲେ। ଉଭୟ ଦେଶ ପରମାଣୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଥିବାରୁ ସେମାନଙ୍କ ମଧ୍ୟରେ ଅଧିକ ଦିନ ଯୁଦ୍ଧ ଜାରି ରହିଲେ ସମଗ୍ର ବିଶ୍ୱକୁ ଏହାର କୁପରିଣାମ ଭୋଗିବାକୁ ପଡ଼ିବ ବୋଲି ଚିନ୍ତା କରି ଟ୍ରମ୍ପ୍ ଏହି ଦୁଇ ଦେଶକୁ ଯୁଦ୍ଧରୁ କ୍ଷାନ୍ତ କରିବାରେ ସକ୍ଷମ ହୋଇଥିବା କହିଆସିଛନ୍ତି। ଏହି କ୍ରମରେ ଆଜି ଆମେରିକା ରାଷ୍ଟ୍ରପତି ନୂଆ ପୁରାଣ ଶୁଣାଇଛନ୍ତି। ଦୁଇ ଦେଶ ମଧ୍ୟରେ ଯୁଦ୍ଧ ରୋକିବା ଦିଗରେ ତାଙ୍କର ମୁଖ୍ୟ ଅସ୍ତ୍ର କ’ଣ ➪ପୃଷ୍ଠା-୬



**କାନ ଡେରିଥା**

ଗାଁ ଗହଳିରେ ଶ୍ରମିକ ମିଳୁନି
ତାସ ଖେଳରେ ଭିଡ଼
ଦିନେ କାମ କଲେ ଖାଇବା
ପାଇଁକି
ରାସନ ଚାଉଳ ମାଡ଼
ପଖାଳ ଶୁଖୁଆ ଝୋଳ...
ମାଗଣା ଚାଉଳ ମିଳିଯାଏ
ବୋଲି
ସନ୍ଧ୍ୟାରେ ଦେଶୀ ଆଚାର

■ ଦେବାଶିଷ

# ରାଜ୍ୟସଭା ଉପରେ ହାରୁ ନେତାଙ୍କ ନଜର

**ଭୁବନେଶ୍ୱର,୨୦।୧୧(ସଂଚାର ବ୍ୟୁରୋ):** ଆସନ୍ତା ବର୍ଷ ଏପ୍ରିଲ୍‌ରେ ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବାକୁ ଯାଉଥିବାବେଳେ ବିଜେଡି ଦଳରୁ ରାଜ୍ୟସଭାକୁ ଯିବାପାଇଁ ହାରୁ ନେତାମାନେ ଏବେଠାରୁ ଲବି ଆରମ୍ଭ କରିଦେଲେଣି। କୌଣସି ପ୍ରକାରେ ପ୍ରଥମ ଆସନରେ ଏମାନେ ଟିକଟ କାଟିବାକୁ ବିଭିନ୍ନ ସ୍ତରରେ ଲାଗିପଡିଥିବା ସୂଚନା ମିଳିଛି।

- ଆରମ୍ଭ କରିଦେଲେଣି ଲବି
- ନବୀନ ନେବେ ନିଷ୍ପତ୍ତି



ନୂଆପଡା ଉପନିର୍ବାଚନେରେ ଦଳର ଶୋଚନୀୟ ପରାଜୟ ପରେ ହାରୁ ନେତାମାନେ ଚିନ୍ତାରେ ରହିଛନ୍ତି। କାରଣ ଏମାନେ ହିଁ ନୂଆପଡାରେ ବିଜେଡିର ମଙ୍ଗ ଧରିଥିଲେ। ଗୋଟିଏ ପଟେ ଦଳରେ ଏମାନଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଅସନ୍ତୋଷ ବଢୁଥିବାବେଳେ ନିଜ ନିଜ ଏରିଆରେ ବି ଲୋକପ୍ରିୟତା ହ୍ରାସ ପାଇବାରେ ଲାଗିଛି। କର୍ମୀମାନେ ବି ଧିରେ ଧିରେ କରଛଡା ଦେବାରେ ଲାଗିଛନ୍ତି। ୨୦୨୯ ପର୍ଯ୍ୟନ୍ତ ଅପେକ୍ଷା କରିବା ବଦଳରେ କୌଣସି ପ୍ରକାରେ ରାଜ୍ୟସଭାକୁ ପଳାଇଲେ କାମ ସରିବ ବୋଲି ଏହି ହାରୁନେତାମାନେ ବିଚାରୁଛନ୍ତି।

ତେବେ ନିର୍ବାଚନ ହେବାକୁ ଥିବା ୪ଟି ରାଜ୍ୟସଭା ଆସନରେ ବିଜେଡି ଅତି ସହଜରେ ଗୋଟିଏ ଆସନରେ ନିଜର ପ୍ରାର୍ଥୀଙ୍କୁ ଜିଣାଇ ପାରିବ। ବିଜେପି ବି ଅନୁରୂପ ଭାବେ ସହଜରେ ତାହାର ଦୁଇ ଜଣଙ୍କୁ ରାଜ୍ୟସଭା ପଠାଇ ପାରିବ। ତେବେ ଚତୁର୍ଥ ପ୍ରାର୍ଥୀଙ୍କୁ ନେଇ ଉଭୟ ଦଳ ପରସ୍ପରର ସହଯୋଗ କିମ୍ବା କଂଗ୍ରେସ ବିଧାୟକଙ୍କ ସହଯୋଗ ନେବା ଜରୁରୀ ହୋଇପଡିବ। ତେଣୁ ଚତୁର୍ଥ ଆସନକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ସୁନିଶ୍ଚିତ ଆସନରୁ କୌଣସି ପ୍ରକାରେ ରାଜ୍ୟସଭା ଯିବାକୁ ବିଜେଡିର ହାରୁନେତାମାନେ ଲବି ଆରମ୍ଭ କରିଦେଇଛନ୍ତି।

ତେବେ ନୂଆପଡାରେ ଦଳର ଶୋଚନୀୟ ପରାଜୟ ଓ ତୃତୀୟ ସ୍ଥାନରେ ରହିବାକୁ ନେଇ ବିଜେଡି ହାଇକମାଣ୍ଡ ଦାୟିତ୍ୱରେ ଥିବା ନେତାଙ୍କ ଉପରେ ସନ୍ତୁଷ୍ଟ ନାହାନ୍ତି। ନୂଆପଡାରେ ନିର୍ବାଚନୀ ମଙ୍ଗ ଧରିଥିବା ନେତା ଯଥା ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାଶବର୍ମା, ଅତନୁ ସବ୍ୟସାଚୀ ନାୟକ, ପ୍ରଣବ ବଳବନ୍ତରାୟ, ପ୍ରୀତି ରଞ୍ଜନ ଘଡାଇ ଆଦିଙ୍କୁ ନେଇ ଦଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅତୀତରେ ମନ୍ତ୍ରୀ, ବିଧାୟକ ରହିଥିବା ଏହି ଅଭିଜ୍ଞମାନେ ରଣନୀତି ପ୍ରସ୍ତୁତ କରୁଥିବାବେଳେ ଦଳ କାହିଁକି ତୃତୀୟ ସ୍ଥାନକୁ ଗଲାବୋଲି ପ୍ରଶ୍ନ କରିବାରେ ଲାଗିଛନ୍ତି।

ତେବେ କର୍ମୀଙ୍କ କଥାକୁ ସେଭଳି ଗୁରୁତ୍ୱ ନଦେଇ ନେତାମାନେ ଏବେ ଭବିଷ୍ୟତ ଚିନ୍ତାରେ ଲାଗି ପଡିଛନ୍ତି। କୌଣସି ପ୍ରକାରେ ଦିଲ୍ଲୀ ଯିବାକୁ ବ୍ୟଗ୍ର। ଏଥିପାଇଁ ହାରୁ ନେତାଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ମଉକା ଦେଖି ନବୀନଙ୍କ ନିକଟରେ ନିଜର ମନକଥା କହିବାକୁ ଅନେକ ସ୍ଥିର କଲେଣି। ହେଲେ ସୁଯୋଗଟି କେବେ ଆସିବ ତାହାକୁ ନେଇ ଦ୍ୱନ୍ଦରେ ରହିଛନ୍ତି। ତେଣେ ଦଳରେ ଥିବା ଆଉ କିଛି ପରାମର୍ଶଦାତା ଓ ବ୍ୟବସାୟୀ ବି ସେମାନଙ୍କ ରାଜ୍ୟସଭା ରେସ୍ ଆରମ୍ଭ କରିଦେଇଛନ୍ତି।

ତେବେ ପୂର୍ବତନ ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକଙ୍କ ସମେତ ବିଜେଡିର ଦୁଇ ସାଂସଦ ମମତା ମହନ୍ତ ଓ ସୁଜିତ କୁମାର ବିଜେପିକୁ ଡିଆଁ ମାରିବା ବିଜେଡିକୁ ଅନେକ ଶିକ୍ଷା ଦେଇଛି। ତେଣୁ ଆଗାମୀ ଦିନରେ ରାଜ୍ୟସଭା ପାଇଁ ପ୍ରାର୍ଥୀ ସ୍ଥିର କରିବା ପୂର୍ବରୁ ବିଜେଡି ଶହେ ଥର ଚିନ୍ତା କରିବ ବୋଲି ଏବେଠାରୁ ସୂଚନା ମିଳିଲାଣି। ଏଭଳି ସ୍ଥିତିରେ ହାରୁନେତାମାନେ ସଫଳ ହେବେ କି ନାହିଁ ତାହା ଉପରେ ଏବେ ଠୁ ସମସ୍ତଙ୍କ ନଜର।

## ପିଏମ୍ କିଷାନ୍ ସମ୍ମାନ ନିଧି ଯୋଜନାରେ ଚାଷୀଙ୍କୁ ମିଳିଲା ଅର୍ଥରାଶି

### ଜିଲ୍ଲାରେ ୧ ଲକ୍ଷ ୨୫ ହଜାର ୭୧୯ ଚାଷୀ ହେଲେ ଉପକୃତ



**କେନ୍ଦ୍ରାପଡ଼ା,୨୦।୧୧(ସଂଚାର ବ୍ୟୁରୋ):** ଚାଷୀଙ୍କୁ ପିଏମ୍ କିଷାନ୍ ସମ୍ମାନ ନିଧି ଯୋଜନାରେ ୨୧ତମ କିସ୍ତି ଅର୍ଥରାଶି ପ୍ରଦାନ କରାଯାଇଛି। ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ୍ ଡିବିଟି ଜରିଆରେ ଜିଲ୍ଲାର ମୋଟ୍ ୧ ଲକ୍ଷ ୨୫ ହଜାର ୭୧୯ ଜଣ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ୍ କୁ ଦୁଇ ହଜାର ଟଙ୍କା ଲେଖାଏଁ ମୋଟ୍ ୨୫ କୋଟି ୧୪ ଲକ୍ଷ ୩୮ ହଜାର ଟଙ୍କା ଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଏ ଉପଲକ୍ଷେ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ପରିସରରେ ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ରାଶି ଦ୍ୱାରା କୃଷକ ଭାଇ ଭଉଣୀମାନେ ଆତ୍ମନିର୍ଭରଶୀଳ ହୋଇ ସମ୍ମାନର ସହ ଜୀବନ ଯାପନ କରନ୍ତୁ ବୋଲି କୃଷି ଅଧିକାରୀ ଶ୍ରୀ ମଲ୍ଲିକ ଉପସ୍ଥିତ ଥିବା ଶତାଧିକ କୃଷକ ଭାଇଭଉଣୀମାନଙ୍କୁ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଅରବିନ୍ଦ ଦାସ, ଏଡିଏବ୍ ଦେବଦାସ ଦ, ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ନିର୍ମଳ ଜେନା, ପ୍ରାଣୀ କଲ୍ୟାଣ ଅଧିକାରୀ ଡା. ପ୍ରଭଞ୍ଜନ କବିଙ୍କ ସମେତ ସମସ୍ତ କୃଷି ବୈଜ୍ଞାନିକମାନେ ଉପସ୍ଥିତ ଥିଲେ ।

### ରାଜଗଡ଼ରେ ଏକତା ପଦଯାତ୍ରା

## ସାମିଲ୍ ହେଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ



**ମହାକାଳପଡ଼ା,୨୦।୧୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ରାଜଗଡ଼ ଠାରେ ଆଜି ଏକତାର ପ୍ରତୀକ ତଥା 'ଲୌହ ମାନବ' ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ହୋଇ ଯାଇଛି। ଏହି ଅବସରରେ ଆଜି ପୂର୍ବାହ୍ନ ୯ ଘଟିକା ସମୟରେ ମାର୍ଶାଘାଇ ବ୍ଲକ ଅଞ୍ଜୋଳା ଠାରୁ ଏକ ପଦଯାତ୍ରା ବାହାରି ରାଜଗଡ଼ ଠାରେ ପହଞ୍ଚିଥିଲା। ଏହି ଏକତା ଯାତ୍ରାରେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା, ଯୁବ ବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ, ରାଜ୍ୟ ବିଜେପି ଆଇ. ଟି ସେଲ ର ସଂଯୋଜକ ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇ ଶହ ଶହ ଜନସାଧାରଣ ମାନଙ୍କ ସହିତ ପଦଯାତ୍ରାରେ ଭାଗ ନେଇଥିଲେ। ଏହି ଅବସରରେ ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ଏକ ସଭା ଆୟୋଜିତ ହୋଇଥିଲା। ପ୍ରସନ୍ନ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଶ୍ରୀ ସୂରଜ ଯୋଗ ଦେଇ ଛାତ୍ରଛାତ୍ରୀମାନେ ଦେଶ ମାତୃକାର କାମ କରନ୍ତୁ, ପିଲାମାନଙ୍କୁ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବାକୁ ଶିଖାଇବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଅପରେସନ ସିନ୍ଦୁର ପାଇଁ ଭାରତୀୟ ସେନାଙ୍କୁ ପ୍ରଶଂସା କରିବା ସହିତ ଦିନେ ଭାରତ ବିଶ୍ୱ ଗୁରୁ ହେବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଜୀବନଦର୍ଶନ,ଲୌହ ମାନବ ହିସାବରେ ତାଙ୍କର ଦୃଢ଼ ନେତୃତ୍ୱ, ଦେଶର ଏକତା, ଅଖଣ୍ଡତା ପାଇଁ କରିଥିବା ଅବଦାନ ସମ୍ପର୍କରେ ମଧ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ ସର୍ଦ୍ଦାର ପଟେଲ ରାଷ୍ଟ୍ର ନିର୍ମାଣ ପାଇଁ କରିଥିବା ତ୍ୟାଗ, ନିଷ୍ଠା ଓ ଦେଶମାତୃକାର ସେବା ସବୁଦିନ ପାଇଁ ସ୍ମରଣୀ। ସାଂସଦଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସର୍ଦ୍ଦାର ପଟେଲଙ୍କ ଏକତାର ପଥ ଆଜିର ସାମାଜିକ ପରିପ୍ରେକ୍ଷୀ ରେ ଅଧିକ ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଲୋକନାଥ ପାଣିଗ୍ରାହୀ, ବିଶିଷ୍ଟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଦୋକାନ ଉପରକୁ ମାଡ଼ିଗଲା ହାଇୱା



**ଡେରାବିଶ,୨୦।୧୧(ସଂଚାର ବ୍ୟୁରୋ):** କଟକ-ଚାନ୍ଦବାଲି ରାଜରାସ୍ତାର କାକତିଆ ଛକରେ ଗତକାଲି ବିଳମ୍ବିତ ରାତିରେ ଏକ ହାଇୱା ଗୋଟିଏ ଦୋକାନ ଉପରକୁ ମାଡ଼ିଯିବାରୁ ଦୋକାନ ଘର ଭାଙ୍ଗି ସେଥିରେ ଥିବା ବହୁ ସାମଗ୍ରୀ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଗତକାଲି ବିଳମ୍ବିତ ରାତିରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଏକ ହାଇୱା କଟକ-ଚାନ୍ଦବାଲି ରାଜରାସ୍ତାରେ କଟକ ଅଭିମୁଖେ ଯାଉଥିବା ବେଳେ କାକତିଆ ଛକରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଷ୍ଟ୍ରିଟ୍‌ଲାଇଟ ପୋଷ୍ଟ, ରାସ୍ତା କଡ଼ରେ ଥିବା ଲୁହାର ସୁରକ୍ଷା ବାଡ଼ ଭାଙ୍ଗି ଏକ କୃଷି ଯନ୍ତ୍ରାଂଶ ବିକ୍ରି ହେଉଥିବା ଦୋକାନ ଉପରକୁ ମାଡ଼ି ଯାଇଥିଲା। ତେବେ ରାତି ହୋଇଥିବାରୁ ଏହି ସ୍ଥାନରେ କିମ୍ବା ଦୋକାନ ଭିତରେ କୌଣସି ଲୋକ ନଥିବାରୁ କେହି ମୃତାହାତ ହୋଇନଥିବା ଜଣାଯାଇଛି। ହେଲେ ଦୋକାନ ଭିତରେ ଥିବା ଲକ୍ଷାଧିକ ଟଙ୍କାର କୃଷି ଯନ୍ତ୍ରାଂଶ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିବା ଦେଖାଯାଇଛି। ଦୁର୍ଘଟଣା ଗ୍ରସ୍ତ ଗାଡ଼ିଟିକୁ ଛାଡ଼ି ଡ୍ରାଇଭର ଜଣକ ଫେରାର ହୋଇଯାଇଥିବା ବେଳେ ଘଟଣା ସ୍ଥଳରେ ଚାନ୍ଦୋଳ ଫାଣ୍ଡି ପୋଲିସ୍ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡ଼ିଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ




**ରାଜନଗର,୨୦।୧୧(ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପଟ୍ରୋଲିଙ୍ଗ ଟିମ ଟ୍ରଲର ଜବତ କରିବା ସହିତ ଟ୍ରଲରରେ ଥିବା ୮ ଜଣ ମତ୍ସ୍ୟଜୀବିଙ୍କୁ ଗିରଫ କରିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବେଆଇନ ଭାବେ ମାଛ ମାରୁଥିବା ବାଲେଶ୍ୱର ଅଞ୍ଚଳର ଲୋହା ତାରିଣୀ-୧ ନାମକ ଟ୍ରଲରକୁ ଜବତ କରାଯାଇଛି। ଟ୍ରଲରରେ ଥିବା ତାୟବ ଅଲି ଖାଁ, ଉତ୍ତମ ଧଳ, ଚକ୍ରଧର ତରାଇ,ନିର୍ମଳ ସେଠୀ, ବାସୁଦେବ ସେଠୀ, ସଞ୍ଜୟ ସିଂ, ରାଜେଶ ନାୟକ,ଶରତ ଧଳ ପ୍ରମୁଖ ୮ ଜଣ ବାଲେଶ୍ୱରର ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଟ୍ରଲରରେ ଥିବା ୧ଟି ଜିପିଏସ, ୨ଟି ଭିଏଚଏଫ, ଟ୍ରଲିଂ ନେଟ ୧୧ଟି, ୧୪.୬୦ କୁଇଣ୍ଟାଲ ମାଛ ଜବତ କରାଯାଇଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ମହାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନବିଭାଗ ପାଟ୍ରୋଲିଂ ଟିମ ଗଭୀର ସମୁଦ୍ରରେ ପଇଁତରା ମାରୁଥିବା ବେଳେ ଏହି ଟ୍ରଲରକୁ ଜବତ କରିଥିଲେ।

### ନିଶ୍ଚିନ୍ତକୋଇଲି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

## ମତ୍ସ୍ୟ ଓ ଗୋଚାଷ କରି ରୋଜଗାରକ୍ଷମ ହୋଇପାରିବେ ଚାଷୀ



**ନିଶ୍ଚିନ୍ତକୋଇଲି,୨୦।୧୧ (ସଂଚାର ବ୍ୟୁରୋ):** ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୱିବ୍ୟେନ୍ଦୁ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗଦାନ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମାଧମରେ ଗ୍ରାମାଞ୍ଚଳର ଚାଷୀ ମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ବହୁ ଯୋଜନା ପ୍ରଣୟନ କରିଛନ୍ତି ତାହା କିପରି ଠିକ୍ ଭାବରେ ଜନସାଧାରଣଙ୍କ ପାଖରେ ପହଞ୍ଚିପାରିବ ଏବଂ ଗାଁର ଚାଷୀ ମାନେ କିପରି ନିର୍ଭରଶୀଳ ହୋଇପାରିବେ ସେ ସମ୍ପର୍କରେ ଉପସ୍ଥିତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ଅନ୍ୟତମ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦାନ ଦେଇ ଆମ ସରକାର ସବୁବେଳେ ଚାଷୀମାନଙ୍କୁ ଗୁରୁତ୍ୱ ଦେଇ ଆସିଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି ମେଳାରେ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମ ପ୍ରଦର୍ଶନୀ, ଚାଷୀ ବିଶେଷଜ୍ଞ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ରୋଜି ସେଠୀ, ବ୍ଲକ ଉପାଧକ୍ଷ ନୃସିଂହଚରଣ ମିଶ୍ର, କଟକ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ନାୟକ, ଡ଼ା. ଆତ୍ମା ସଭାପତି ଅଶୋକ କୁମାର ସାହୁ, କଟକ ଜିଲ୍ଲା ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଅଭିମନ୍ୟୁ ସାହୁ, କଟକ ଜିଲ୍ଲା ସହକାରୀ ମତ୍ସ୍ୟ ଅଧିକାରୀ ଡ଼ା ସୁଶ୍ରୀ ରତ୍ନମଞ୍ଜରୀ ସେନାପତି ପ୍ରମୁଖ ଯୋଗଦାନ କରି ମତ୍ସ୍ୟ ଚାଷ ଓ ପ୍ରାଣୀସମ୍ପଦର ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ। ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରକାଶ କୁମାର ବେଉରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ନିଶ୍ଚିନ୍ତକୋଇଲି ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ରଶ୍ମୀରଞ୍ଜନ ମିଶ୍ର, ମାହାଙ୍ଗା ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ମୀନକେତନ ପଣ୍ଡାଙ୍କ ସମେତ ସମସ୍ତ ଏଲଆଇ, ମତ୍ସ୍ୟ ଚାଷ ଓ ପ୍ରାଣୀସମ୍ପଦ ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଏହି ମେଳାରେ ୮୨୦ଜଣ ଚାଷୀ ଯୋଗଦାନ କରିଥିବା ବେଳେ ୪୦୯ଜଣ ଚାଷୀ ମତ୍ସ୍ୟ ଚାଷ ପାଇଁ ଏବଂ ୪୧୧ଜଣ ପ୍ରାଣୀ ସମ୍ପଦ ଗୋପାଳନ, କୁକୁଡ଼ା, ଛେଳି ଇତ୍ୟାଦି ଚାଷ ପାଇଁ ଚାଷୀ ଭାବେ ନାମ ପଞ୍ଜିକୃତ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଚାଷୀ ମାନଙ୍କୁ ମୁଖ୍ୟଅତିଥି ଦ୍ୱୟ ପୁରସ୍କାର ରାଶି ପ୍ରଦାନ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ।

## ଅସହାୟ ପରିବାରକୁ କଳିଙ୍ଗ ଆବାସିକ ବିଦ୍ୟାଳୟର ସହଯୋଗ



**ଡେରାବିଶ,୨୦।୧୧ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ରାଜକନିକା ବ୍ଲକ ବାରଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଶିଆଳିଆ ଗ୍ରାମର ଅସହାୟ ବିଧବା ମହିଳା ସୁଶିଳା ମହାଳିକଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଘଟଣାରୁ ପ୍ରକାଶ ସୁଶିଳାଙ୍କ ସ୍ୱାମୀ ଅଭୟଙ୍କ ପରଲୋକ ପରେ ପରିବାରରେ ତାଙ୍କର ଦୁଇଝିଅ ଓ ଶାଶୁ ବେସାହାରା ହୋଇପଡ଼ିଥିଲେ। ଶୁଶିଳାଙ୍କ ଦୁଇଝିଅଙ୍କ ମୁହଁରେ ଆହାର ଦେବା ପାଇଁ ଶାଶୁ ଶାନ୍ତିଲତା ମନ୍ଦିରରେ ଭିକ୍ଷାବୃତ୍ତି କରୁଥିଲେ। ଦାରିଦ୍ର୍ୟତା ଯୋଗୁଁ ତାଙ୍କର କୁଡ଼ିଆଟିକୁ ସେ ଛପର କରିପାରିନଥିଲ। ଫଳରେ ତାହା ମଧ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିବା ବେଳେ ଦୁଇଓଳି ଦୁଇମୁଠା ପେଟପୁରା ଖାଇବାକୁ ପାଉନଥିଲେ। ଏହି ଖବର ଜାଣିବା ପରେ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ କୁମାର ପ୍ରଧାନ ଶୁଶିଳାଙ୍କ ପରିବାର ନିକଟରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

### ରୋଜଗାରିଆ ପୁଅର ମୃତ୍ୟୁ ପରେ ଜଳୁନି ଚୁଲି

## ଅସହାୟ ପରିବାରକୁ ସହାୟତା




**ରାଜନଗର,୨୦।୧୧ (ସଂଚାର ବ୍ୟୁରୋ):** ମାଉଥ କ୍ୟାନସରରେ ପୀଡିତ ହୋଇ ଅକାଳରେ ଜୀବନ ଯାଇଛି ରାଜନଗର ବ୍ଲକ ଓସ୍ତିଆ ପଞ୍ଚାଯତ ଭଗବାନପୁର ଗାଁର ସୁରେଶ କୁଣ୍ଡ (୩୫ ବର୍ଷ) ଙ୍କର। ଚଳିତ ମାସ ୯ ତାରିଖ ଦିନ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ୩୫ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଛି। ସୁରେଶଙ୍କ ମୃତ୍ୟୁ ପରେ ପରିବାର ସମ୍ପୂର୍ଣ ବେସାହାରା ହୋଇପଡିଛନ୍ତି।

ଦୁବାଇରେ ପାଣିପାଇପ କାମ କଲେ ସୁରେଶଙ୍କ ପରିବାରରେ ଚୁଲି ଜଳେ। ସୁରେଶଙ୍କ ମୃତ୍ୟୁ ପରେ ଘରେ ବୁଢ଼ା ବାପା ବନମାଳୀ କୁଣ୍ଡ (୭୦ ବର୍ଷ ), ମାଆ ଦୌପ୍ରଦୀ କୁଣ୍ଡ (୬୫ ବର୍ଷ), ପତ୍ନୀ ଓ ୭ ବର୍ଷ , ୧୨ ବର୍ଷର ଦୁଇ ପୁଅ ଘରେ ଅଛନ୍ତି। ସୁରେଶ ଘରେ ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିବାରୁ ତାଙ୍କ ମୃତ୍ୟୁ ପରେ ପରିବାର କିପରି ଚଳିବେ ସେ ନେଇ ମୁଣ୍ଡରେ ହାତ ଦେଇ ବସିଛନ୍ତି।ଆଜି ସେଚସେବୀ ସଂଗଠନ ଓଡିଶା ସାଇନ ଫାଉଣ୍ଡେସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅନୁଷ୍ଠାନର ନିହାର ରଞ୍ଜନ ବିଶ୍ୱାଳ, ତପନ ମହାନ୍ତି , ସୁଶାନ୍ତ କୁମାର ସାହୁ, ପ୍ରତାପ ନାୟକ, ଅର୍ଜୁନ ନାୟକ ପ୍ରମୁଖ ପରିବାର ନିକଟରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ସୂଚନା କମିଶନଙ୍କ ବହିଷ୍କାର ଦାବିରେ ରାଜ୍ୟପାଳଙ୍କୁ ସ୍ମାରକପାତ୍ର



**କେନ୍ଦ୍ରାପଡ଼ା,୨୦।୧୧ (ସଂଚାର ବ୍ୟୁରୋ):** ସୂଚନା କମିଶନଙ୍କ ଯାବତୀୟ ମନମୁଖୀ, ଆଇନ ବିରୋଧୀ କାର୍ଯ୍ୟ, ସୂଚନା ଆଇନକୁ ବରବାଦ କରିବା ପାଇଁ ଗଭୀର ଷଡ଼ଯନ୍ତ୍ର ଓ ନାଗରିକମାନଙ୍କୁ ନ୍ୟାୟ ପ୍ରଦାନରେ ଚରମ ବିଫଳତା ଓ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା ଓ ଏହାର ସଦସ୍ୟମାନଙ୍କୁ ତୁରନ୍ତ ବହିଷ୍କାର ଦାବୀରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ, କେନ୍ଦ୍ରାପଡ଼ା ଜିଲ୍ଲା ତରଫରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଅଧିକାର ଆଇନ ଆବାହକ ପ୍ରତାପ ମହାନ୍ତିଙ୍କ ଅଧକ୍ଷତାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସୂଚନା ଅଧିକାର କର୍ମୀମାନେ ଏକତ୍ରିତ ହୋଇ ସୂଚନା କମିଶନଙ୍କ ବିରୋଧରେ ନାରାବାଜି ଦେବା ସହିତ ଉପଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

ପ୍ରଶାସନର ସ୍ୱଚ୍ଛତା ଓ ଉତ୍ତରଦାୟୀତ୍ୱ ବ୍ୟବସ୍ଥା ତ୍ୱରାନ୍ୱିତ କରିବା ପାଇଁ ସୂଚନା ଅଧିକାର ଆଇନ୍ ପ୍ରଣୟନ କରାଯାଇଛି। ଏହି ଆଇନ୍‌କୁ ବ୍ୟବହାର କରି ସାଧାରଣ ଲୋକେ ନିଜ ହକ୍ ଅଧିକାର ପାଇଁ ଲଢ଼େଇ କରୁଛନ୍ତି। ଅନେକ ସାମାଜିକ କର୍ମୀ ବହୁ ବଡ଼ ବଡ଼ ଦୁର୍ନୀତି ଲୋକଲୋଚନକୁ ଆଣିଛନ୍ତି ଏବଂ ଦୁର୍ନୀତି ବିରୁଦ୍ଧରେ ସେମାନଙ୍କ ଲଢ଼େଇ ଜାରି ରଖୁଛନ୍ତି। ସୂଚନା ଅଧିକାର ଆଇନ୍‌ରେ ସୂଚନା କମିଶନଙ୍କୁ ଅନେକ କ୍ଷମତା ପ୍ରଦାନ କରାଯାଇଛି। କିନ୍ତୁ ଏହା କେବଳ କାଗଜ କଲମରେ ସୀମିତ ହୋଇଯାଇଛି। ସୂଚନା କମିଶନରମାନେ ରାଜନୈତିକ ଦଳ ମାନଙ୍କର ହାତ ବାରିଶି ହୋଇ କାମ କରୁଥିବା ପ୍ରକୃତ ତଦନ୍ତ ଓ ଶୁଣାଣୀ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି। ନବନିଯୁକ୍ତ ସୂଚନା କମିଶନର ମାନଙ୍କର ଆଇନ ସଂପର୍କରେ ଧାରଣା ନାହିଁ କି ଅଭିଜ୍ଞତା ନାହିଁ ବୋଲି ସୂଚନା ଅଧିକାର କର୍ମୀ ମାନେ ନାରାବାଜି କରିବା ସହିତ ସୂଚନା କମିଶନରଙ୍କ ବହିଷ୍କାର ଦାବି କରିଛନ୍ତି।



## ଫିଟନେସ ଜୋନ ଜିମ ପକ୍ଷରୁ ରକ୍ତଦାନ ଶିବିର

**ମାର୍ଶାଘାଇ,୨୦।୧୧ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବନ୍ଧସାହି ହନୁମାନ ମନ୍ଦିର ନିକଟ ଫିଟନେସ ଜୋନ ଜିମ ସେଣ୍ଟର ପକ୍ଷରୁ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ବିଭାସ ରଞ୍ଜନ ସାହୁ, ବାବିନ୍ଦ୍ର ପ୍ରଧାନ,ବିବେକ ପ୍ରସାଦ ଦାସ,ଜ୍ଞାନରଞ୍ଜନ ମହାପାତ୍ର,ଶୁଭକାନ୍ତ ଦଳାଇ,ସୁବ୍ରତ ସ୍ୱାଇଁ,ସୌଭାଗ୍ୟ ଶେଖର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରରେ ୧୦୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ



**ପଟ୍ଟାମୁଣ୍ଡାଇ,୨୦।୧୧ (ସଂଚାର ବ୍ୟୁରୋ):** ପଟାମୁଣ୍ଡାଇ ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ ବରିଷ୍ଠ ନାଗରିକ ମଞ୍ଚ ଚିତ୍ତବିନୋଦନ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଡ.କେଲୁ ଚରଣ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ପ୍ରଫେସର କୈଳାଶ ଚନ୍ଦ୍ର ପାତ୍ର, ସରକାରୀ କର୍ମଚାରୀ ସଂଘ ସମ୍ପାଦକ ଚତୁର୍ଭୁଜ ରାଉଳ, ସହସମ୍ପାଦକ କସ୍ତୁରି ଚରଣ ସ୍ୱାଇଁ, ଶିକ୍ଷକନେତା ବିଜୟ ସାହୁ ପ୍ରମୁଖ ଯୋଗ ଦେଇ ପେନସନଭୋଗୀ ମାନଙ୍କର ନାର୍ଯ୍ୟ ଦାବୀ ପ୍ରତି ସରକାର ବିଚାର କରି ଅର୍ଥନୈତିକ କମିଟି ସୁପାରିସ ରେ ଥିବା ଅସଙ୍ଗତିକୁ ଉଚ୍ଛେଦ କରି ଅଷ୍ଟମ ବେତନ କମିଶନ ଅର୍ଥନୈତିକ କମିଟି ସୁପାରିସ ରେ ପେନସନର ମାନଙ୍କ ଅଧିକାରକୁ ସ୍ଥାନିତ କରିବାକୁ ଦୃଢ଼ ଦାବୀ ଉପସ୍ଥାପନ କରିଥିଲେ । ଦିବଂଗତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସ୍ୱର୍ଗତ ଅର୍ଜୁନ ମହାକୁଡ ସମେତ ସମସ୍ତ ଦିବଂଗତ ସରକାରୀ କର୍ମଚାରୀ ମାନଙ୍କ ଆତ୍ମାର ସଦଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

## ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ଡେରାବିଶ,୨୦।୧୧(ସଂଚାର ବ୍ୟୁରୋ):** ସଦର ଥାନା ଅଧୀନ କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ଗଣେଶପୁର ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ଭରତପଡ଼ା ଗ୍ରାମର ଭୋବନା ନନ୍ଦ ପାତ୍ର(୫୦) ବୋଲି ଜଣାଯାଇଛି। ଖବରରୁ ପ୍ରକାଶ ଯେ, ଭରତପଡ଼ା ଗ୍ରାମର ରାମଚନ୍ଦ୍ର ପାତ୍ରଙ୍କ ପୁଅ ଭୋବନା ନନ୍ଦ ପାତ୍ର ଗତକାଲି ସନ୍ଧ୍ୟାରେ ନିକଟସ୍ଥ ବଜାରକୁ ଯାଇଥିଲେ। ଘରକୁ ଫେରିବା ବେଳେ ରାସ୍ତା ପାର ହେବା ସମୟରେ ଏକ ବାଜାଜ ଡିସ୍କୋବର ଓଡ଼ି ଏଫ୍ ୬୬୩୬ ନମ୍ବର ବାଇକ୍ ଆସି ତାଙ୍କୁ ପଛପଟୁ ଧକ୍କା ଦେବା ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ନିଆଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଅପରାହ୍ନ ତାଙ୍କର ମୃତ୍ୟୁ ହୋଇଛି।ଫଳରେ ପାଖ ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା।

## ବଉଳକଣୀ ପଞ୍ଚାୟତରେ ମହାଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ଦାବିପତ୍ର



**ମହାକାଳପଡ଼ା,୨୦।୧୧ (ସଂଚାର ବ୍ୟୁରୋ):** ବହୁ ଚର୍ଚ୍ଚିତ ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତର ଆର୍ଥିକ ବର୍ଷ ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ ବ୍ୟାପକ ଦୁର୍ନୀତି, ଅନିୟମିତତା ଓ ପଞ୍ଚାୟତ ରୁ କ୍ୟାସବୁକ,ପାସବୁକ,କେଶ ରେକର୍ଡ ଫାଇଲ ଓ ତଥ୍ୟ ନମିଳିବା ସମ୍ବନ୍ଧୀୟ ଅଭିଯୋଗ ଉପରେ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ସୂଚନା ଅଧିକାର କର୍ମୀ ହରେକୃଷ୍ଣ ପାତ୍ର। ଏନେଇ ଶ୍ରୀ ପାତ୍ର ଆଜି କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ସମେତ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଭିଜିଲାନ୍ସ ବିଭାଗ ଓ ପଞ୍ଚାୟତିରାଜ ବିଭାଗକୁ ଆବେଦନ କରିଛନ୍ତି।

ପ୍ରକାଶ ଥାଉକି ସୂଚନା ଅଧିକାର ଆଇନରେ ୨୦୧୮ ରୁ ୨୦୨୧ ପର୍ଯ୍ୟନ୍ତ କେନ୍ଦ୍ର ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନ ଓ ଖର୍ଚ୍ଚ ସମ୍ବନ୍ଧୀୟ ତଥ୍ୟ ମାଗିଲା ପରେ ଓଡିଶା ସୂଚନା କମିଶନଙ୍କ ନିର୍ଦ୍ଦେଶ କ୍ରମେ ପଞ୍ଚାୟତ କାର୍ଯ୍ୟାଳୟରେ କୌଣସି ତଥ୍ୟ ଉପଲବ୍ଧ ନଥିବା ଜଣାଇଥିଲେ। ଏ ବିଷୟ ନେଇ ହରେକୃଷ୍ଣ ପାତ୍ର ଗତ ୨୧/୦୬/୨୦୨୫ରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀରେ ଅଭିଯୋଗ କରିଥିଲେ। ବାସ୍ତବରେ ପଞ୍ଚାୟତରେ ତଥ୍ୟ ନାହିଁ ନା ପଞ୍ଚାୟତର ଦୁର୍ନୀତି ଧରାପଡିଯିବ ବୋଲି ତଥ୍ୟ ଦିଆଯାଉନାହିଁ, ସେଥିପାଇଁ ଶ୍ରୀ ପାତ୍ର ଭିଜିଲାନ୍ସ ତଦନ୍ତ ସହ ଆଇନ ଖିଲାପକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

### ରାସ୍ତା ଉପରେ ଦୀର୍ଘଦିନ ହେବ ଜମା ହୋଇ ରହିଛି ଟ୍ରିପ ଟ୍ରିପ ମେଣ୍ଟାଲ

## ଦୁର୍ଘଟଣାର ଶିକାର ହେଉଛନ୍ତି ପଥଚାରୀ ଓ ବାଇକ୍ ଆରୋହୀ



**ଡେରାବିଶ,୨୦।୧୧(ସଂଚାର ବ୍ୟୁରୋ):** ଡେରାବିଶ-ଗୋଲରାହାଟ ରାସ୍ତାର ରେଲୱେ କ୍ରସିଂ ପରେ ପରେ ପାଖାପାଖି ୨ରୁ ୩ ଟ୍ରିପ ମେଣ୍ଟାଲ ରାସ୍ତା ଉପରେ ଜମା ହୋଇ ରହିଛି। ଏହି ମେଣ୍ଟାଲ ଗଦା ରାସ୍ତାର ଅଧା ମାଡ଼ିବସିଥିବା ବେଳେ ଏହି ରାସ୍ତାରେ ଦୈନିକ ଯାଉଥିବା ଶହଶହ ଜନସାଧାରଣ ହୀନସ୍ତା ହେଉଛନ୍ତି।

ଏହି ରାସ୍ତାଟି ଡେରାବିଶ ବ୍ଲକ ଅଞ୍ଚଳର ଏକ ମୁଖ୍ୟ ରାସ୍ତା ହୋଇଥିବା ବେଳେ ୧୦ଟି ପଞ୍ଚାୟତର ଲୋକେ ବ୍ଲକ ମୁଖ୍ୟାଳୟ ଓ ଜିଲ୍ଲା ମୁଖ୍ୟାଳୟକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏପରିକି ସରକାରଙ୍କ ପକ୍ଷରୁ ବ୍ଲକ ସଦର ମହକୁମାରୁ ବିଭିନ୍ନ ଗ୍ରାମାଞ୍ଚଳକୁ ଯାଉଥିବା ମୁଖ୍ୟମନ୍ତ୍ରୀ ବସ୍ ମଧ ଏହି ରାସ୍ତା ଦେଇ ଯିବା ଆସିବା କରିଥାଏ। ସର୍ବୋପରି ଏହା ନିକଟରେ ଏକ ବେସରକାରୀ ହାଇସ୍କୁଲ ଥିବା ବେଳେ ଶହଶହ ସଂଖ୍ୟାରେ ଛାତ୍ରଛାତ୍ରୀ ବିଦ୍ୟାଳୟ ଓ ମହାହବିଦ୍ୟାଳୟକୁ ଏହି ରାସ୍ତା ଦେଇ ଯାଇଥାନ୍ତି। ପ୍ରତେକ ଦିନ ଏହି ସ୍ଥାନରେ ଦୁଇଚକିଆ ଓ ଚାରିଚକିଆ ଗାଡ଼ି ଦୁର୍ଘଟଣା ଗ୍ରସ୍ତ ହେଉଛି। ଅଧିକାଂଶ ସମୟରେ ବାଇକ୍ ଆରୋହୀ ଗୋଡ଼ି ଉପରେ ପଡ଼ି ଖଣ୍ଡିଆ ଖାବରା ମଧ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଗତ ବର୍ଷ ଏହି ରାସ୍ତାର ଉନ୍ନତି କରଣ ନିମନ୍ତେ ଜନୈକ ଠିକାଦାର ରାସ୍ତା କଡ଼ରେ ଗାର୍ଡ଼ୱାଲ ନିର୍ମାଣ କରୁଥିଲା। ହେଲେ କୌଣସି କାରଣରୁ ଏହି କାମ ଅଧାରୁ ବନ୍ଦ ହୋଇଯାଇଥିଲା। ସେବେଠାରୁ ଏକ ବର୍ଷ ହେବ ଏହି ରାସ୍ତାରେ ମେଣ୍ଟାଲ ଜମା ହୋଇ ରହିଛି। ତୁରନ୍ତ ଏହି ରାସ୍ତା ଉପରୁ ମେଣ୍ଟାଲ ଉଠାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

**ମାର୍ଶାଘାଇ,୨୦।୧୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ମାର୍ଶାଘାଇ ବ୍ଲକ ୨୬ ନମ୍ବର ଜୋନ ସ୍ତରୀୟ ସାଂସଦ ଖେଳ ମହୋତ୍ସବ ବୁଧବାର ପୂର୍ବାହ୍ନ ସମୟରେ ଅନ୍ତେଇ ସରକାରୀ ହାଇସ୍କୁଲ ପଡ଼ିଆରେ ଆରମ୍ଭ ହୋଇଛି । ଏଥିରେ ୭ ଟି ପଞ୍ଚାୟତର ଶତାଧିକ ଛାତ୍ରଛାତ୍ରୀ ୮ ପ୍ରକାର ଖେଳରେ ଭାଗ ନେଉଛନ୍ତି ଶହେ ମିଟର,ଚାରିଶହ ମିଟର, ରିଲେ ଦୌଡ଼, ଲଙ୍ଗ ଜମ୍ପ, ହାଇ ଜମ୍ପ, ସଟପୁଟ ଥ୍ରୋ, ଭଲି ବଲ, କବାଡି ଭଳି ଆଠ ପ୍ରକାର ଖେଳରେ ସିନିୟର ଜୁନିୟର ଖେଳରେ ଭାଗ ନେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ସମଗ୍ର କେନ୍ଦ୍ରାପଡ଼ା ଲୋକସଭାରେ ଏହି ଖେଳ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେପି କୋଷାଧକ୍ଷ ପ୍ରତିମା ନାୟକ, ଏବିଓ ସୁଶାନ୍ତ କୁମାର ବେଉରା ଯୋଗ ଦେଇଥିଲେ ମଖ୍ୟ ବକ୍ତା ଅନ୍ତେଇ ସରକାରି ସ୍କୁଲର ପ୍ରଧାନ ଶିକ୍ଷକ ସରୋଜ କାନ୍ତ ଜେନା ଯୋଗଦେଇ ପିଲା ମାନଙ୍କୁ ଖେଳର ବିବରିଣୀ ଜଣାଇଥିଲେ। ସମସ୍ତ ଅଂଶଗ୍ରହଂକାରୀ ଖେଳାଳୀ ଓ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟମାନେ ମଶାଲ କୁ ସ୍ୱାଗତ କରିବା ସହ କ୍ରୀଡ଼ା ଓ ସ୍ୱଦେଶୀ ସଂକଳ୍ପ ପତ୍ର ର ଶପଥ ରେ ଅଂଶଗ୍ରହଣ କରିଥିଲେ।

## ସମବାୟ ସପ୍ତାହରେ ନୁଧାବସନ୍ତ ପ୍ୟାକ୍ସ ପୁରସ୍କୃତ



**ରାଜନଗର,୨୦।୧୧ (ସଂଚାର ବ୍ୟୁରୋ):** ୭୨ତମ ସମବାୟ ସପ୍ତାହ ଜିଲ୍ଲାସ୍ତରୀୟ ଉଦଯାପାନୀ ଉତ୍ସବ ଆଜି କେନ୍ଦ୍ରାପଡା ସଂସ୍କୃତ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳିତ ବର୍ଷ ଉଲ୍ଲେଖନୀୟ ସେବା ଯୋଗେଇ ଦେଇଥିବା ରାଜନଗର ବ୍ଲକର ନୁଧାବସନ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ପୁରସ୍କୃତ କରାଯାଇଛି ।ରାଜନଗର ବ୍ଲକର ୧୪ ଟି ପ୍ୟାକ୍ସ ମଧ୍ୟରୁ ନୁଧାବସନ୍ତ ପ୍ୟାକ୍ସକୁ ବ୍ଲକର ଏକ ନମ୍ବର ପ୍ୟାକ୍ସ ଭାବେ ବିବେଚନା କରାଯାଇ ଉପସ୍ଥିତ ଅତିଥିମାନେ ନୁଧା ବସନ୍ତ ସମବାୟ ସମିତିର ସଂପାଦକ ଗୋବିନ୍ଦ ଚନ୍ଦ୍ର ଜେନାଙ୍କୁ ଟ୍ରଫି ସହ ସମ୍ମାନିତ କରିଥିଲେ । ଯାହା ରାଜନଗର ପାଇଁ ଗୌରବ କଥା ବୋଲି ଚାଷୀମାନେ କହିଛନ୍ତି ।



ନୂଆପଡ଼ାର ନବନିର୍ବାଚିତ ବିଧାୟକ ଜୟ ଢୋଲକିଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

# ବିଶ୍ୱ ବ୍ୟାଙ୍କ ପ୍ରତିନିଧି ଦଳ ସହ ମୁଖ୍ୟ ସଚିବଙ୍କ ସହ ବୈଠକ

ଭୁବନେଶ୍ୱର,୨୦।୧୧(ସଂଚାର ବ୍ୟୁରୋ): ବିଶ୍ୱ ବ୍ୟାଙ୍କର ଏକ ପ୍ରତିନିଧି ଦଳ ଆଜି ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ବୈଠକରେ ଯୋଗଦେଇଥିଲେ। ବିଶ୍ୱ ବ୍ୟାଙ୍କର ଦକ୍ଷିଣ ଏସିଆ ଆଂଚଳିକ ଉପସଭାପତି ଜୋହାନେସ୍ ଜୁଟ୍ ଏବଂ ଆଞ୍ଚଳିକ ନିର୍ଦ୍ଦେଶକ ଇମାଦ୍ ଫାକୁରୀଙ୍କ ସମେତ ବିଶ୍ୱ ବ୍ୟାଙ୍କର ଅନ୍ୟ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ, ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଓଡ଼ିଶାର ଅଭିବୃଦ୍ଧି ପରିପ୍ରେକ୍ଷୀରେ ରାଜ୍ୟର ଆଗାମୀ ଲକ୍ଷ୍ୟ, ଆର୍ଥିକ ବ୍ୟବସ୍ଥା, ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିଶ୍ୱ ବ୍ୟାଙ୍କ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟରେ କୃଷିଭିତ୍ତିକ ଅର୍ଥନୀତି, ଶିଳ୍ପ ବିକାଶ, ଦକ୍ଷତା ବିକାଶ, ବନ୍ଦରଭିତ୍ତିକ ବିକାଶ ଆଦି ସମ୍ପର୍କରେ ଆଲୋଚନା କରିବା ସହ ଓଡ଼ିଶାକୁ ବିପୁଳ ସମ୍ଭାବନାର ରାଜ୍ୟ ଭାବେ ଉପସ୍ଥାପନ କରିଥିଲେ। ଉନ୍ନୟନ କମିଶନର ରାଜ୍ୟର ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ସମ୍ପର୍କରେ ଭିଜନ ଡକ୍ୟୁମେଣ୍ଟ ଉପସ୍ଥାପନ କରିଥିଲେ। ଓଡ଼ିଶାର ବିକାଶ ପାଇଁ ରାଜ୍ୟ ସରକାର ନେଇଥିବା ପଦକ୍ଷେପକୁ ବିଶ୍ୱ ବ୍ୟାଙ୍କ ପ୍ରତିନିଧି ପ୍ରଶଂସା କରିଥିଲେ।



## ଜାତୀୟ ଅଡିଟ ସପ୍ତାହ ଉଦ୍‌ଘାଟିତ | ଜାତୀୟ ପ୍ରଗତିରେ ଗଠନମୂଳକ ଭୂମିକା ନେବ

ଭୁବନେଶ୍ୱର,୨୦।୧୧(ସଂଚାର ବ୍ୟୁରୋ): ସ୍ଥାନୀୟ ମହାଲେଖାକାର (ଏଜି) ପକ୍ଷରୁ ଗୀତ ଗୋବିନ୍ଦ ସଦନରେ ରାଜ୍ୟସ୍ତରୀୟ ଅଡିଟ ସଚେତନତା ଉତ୍ସବର ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଯାଇଛି। ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) ସଂସ୍ଥାର ଐତିହାସିକ ସ୍ଥାପନାକୁ ସ୍ମରଣ କରିବା ସକାଶେ ପ୍ରତି ବର୍ଷ ନଭେମ୍ବର ୧୬ରେ ଅଡିଟ୍ ଦିବସ ପାଳନ କରାଯାଉଛି। ଭାରତର ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ଅଡିଟ୍ ଦିବସକୁ ଉଦଘାଟନ କରି ଆର୍ଥିକ ସୁଶାସନ ପ୍ରତିଷ୍ଠାରେ ଅଡିଟର୍ ଭୂମିକାକୁ ପ୍ରଶଂସା କରିଥିଲେ । ସିଏଜି କେ. ସଞ୍ଜୟ ମୂର୍ତ୍ତି, ପ୍ରତିଷ୍ଠାନର ଭବିଷ୍ୟତ ଭୂମିକା ବିଷୟରେ କହିଥିଲେ ଯେ ସରକାରଙ୍କ ସମସ୍ତ ସ୍ତରରେ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବାକୁ ଅଡିଟର ଭୂମିକାକୁ ସୁଦୃଢ଼ କରାଯିବ। ଅଡିଟ ଦିବସ ପାଳନର ପରବର୍ତ୍ତୀ ୨ ସପ୍ତାହ ଅଡିଟ ସଚେତନତା ପାଇଁ ରାଜ୍ୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଆଜି ଏଜି ଅଫିସ ଦ୍ୱାରା ଏହି ପରିପ୍ରେକ୍ଷୀରେ ଏକ କାର୍ଯ୍ୟକ୍ରମ ଏକ ଆୟୋଜନ କରାଯାଇଥିଲା। ଏଥିରେ ଭାରତୀୟ ଅଡିଟ ଓ ଆକାଉଣ୍ଟସ ବିଭଗର କର୍ମଚାରୀମାନେ ଭାଗ ନେଇଥିଲେ। ସେହିପରି ଏଜି ଅତୁଳ ପ୍ରକାଶ କହିଥିଲେ ଯେ ପରିବର୍ତ୍ତିତ ପରିସ୍ଥିତି ସହ ତାଳ ଦେବା ପାଇଁ ଅଡିଟ ପ୍ରଣାଳୀକୁ ଅଧିକ ଦକ୍ଷ କରିବାକୁ ପଡ଼ିବ। ସେହିପରି ରେଳବାଇ ଅଡିଟ୍‌ର ପ୍ରଧାନ ନିର୍ଦ୍ଦେଶକ କହିଛନ୍ତି ଯେ ଅଡିଟ ପାଇଁ ଗୁଣବତ୍ତା, ସମୟାନୁବର୍ତ୍ତିତା, କ୍ଷମତା ବିକାଶ ଓ ନୂତନ ପ୍ରୟୋଗର ଆବଶ୍ୟକତା ରହିଛି। ସେହିପରି ପ୍ରଧାନ ମହାଲେଖାକାର ସୁବୁ ଆର. କହିଛନ୍ତି ଯେ ଆମର ଯାହା ଉପଲବ୍ଧି ରହିଛି ତାକୁ ତର୍ଜମା କରି ଆଗକୁ କିପରି ଆହୁରି ଭଲ ଅଡିଟ ହୋଇପାରିବ ସେ ବିଷୟରେ ଚିନ୍ତନ କରିବା ଉଚିତ। ଯଦି କେହି କର୍ମଚାରୀ ନୂତନ ବିଚାର ଆଣି ତାଙ୍କ ପାଖକୁ ଆଣେ ବିଭାଗୀୟ ମୁଖ୍ୟ ଭାବରେ ସେ ତାକୁ ଗ୍ରହଣ କରିବେ। ପ୍ରିନ୍ସିପାଲ୍ ଆକାଉଣ୍ଟାଣ୍ଟ ଜେନେରାଲ (ଏଆଣ୍ଡଇ) ଡବ୍ଲ୍ୟୁଏଏମ୍‌ଆଇଏସ୍ ତାଲିମ ପାଇଁ ଓଡ଼ିଶାକୁ ଉତ୍କର୍ଷ କେନ୍ଦ୍ର ଘୋଷଣା ଏବଂ ବିଭାଗୀୟ ଆକାଉଣ୍ଟାଣ୍ଟ କ୍ୟାଡରକୁ ସୁଦୃଢ଼ କରିବା ପାଇଁ ପ୍ରୟାସ ବିଷୟରେ ସୂଚନା ଦେଇଥିଲେ।



● ଶିଶୁ ଅଧିକାର ନେଇ ଜାତୀୟ ସମ୍ମିଳନୀ ଆୟୋଜିତ

## ସ୍କୁଲ୍‌ରେ ଡ୍ରପ୍‌ଆଉଟ୍ ରୋକିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୦।୧୧(ସଂଚାର ବ୍ୟୁରୋ): ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ଓ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ରାଜସ୍ୱ ଅଧିକାରୀ ତାଲିମ ପ୍ରତିଷ୍ଠାନ (ଆର୍‌ଓଟିଆଇ)ଠାରେ ଶିଶୁ ଅଧିକାର ସମସ୍ୟା ସମ୍ପର୍କିତ ଏକ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ ଅତିରିକ୍ତ ଶାସନ ସଚିବ ଯଦୁମଣି ମାହାଲ, ଓଏସ୍‌ସିପିସିଆର୍ ଅଧ୍ୟକ୍ଷ ବବିତା ପାତ୍ର, ଓସେପା ଏଡିଜି ସଙ୍ଗୀତା ବେହେରା, ଏନ୍‌ସିପିସିଆର୍‌ର ପ୍ରମୁଖ ଗବେଷଣା ଓ ବୈଷୟିକ ବିଶେଷଜ୍ଞ ଡକ୍ଟର ମଧୁଲିକା ଶର୍ମା, ଆର୍‌ଓଟିଆଇର ଯୁଗ୍ମ ନିର୍ଦ୍ଦେଶକ ମନୋଜ ପାତ୍ର, ଓସେପା ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ସନ୍ତୋଷ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବବିତା ପାତ୍ର ବିଦ୍ୟାଳୟ ଛାଡୁଥିବା ପିଲା ସହ ଛାତ୍ରାବାସରୁ ଶିଶୁ ସ୍ଥାନାନ୍ତର ରୋକିବା ଉପରେ ଆଲୋଚନା କରିଥିଲେ। ସେହିପରି ମନୋଜ ପାତ୍ର ଶିଶୁ ଅଧିକାର ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଆହୁରି ଯଦୁମଣି ମାହାଲ ଶିଶୁ ବାଟିକା ଭଳି ପଦକ୍ଷେପ ମାଧ୍ୟମରେ ପ୍ରତି ପିଲା ସ୍କୁଲରେ ରହିବା ଏବଂ ମୌଳିକ ଶିକ୍ଷା ସହାୟତା ପାଇବା ନିଶ୍ଚିତ କରିବା ଦିଗରେ ପ୍ରତିବଦ୍ଧତାକୁ ସୂଚାଇଥିଲେ। ସ୍ୱାଗତ ଭାଷଣରେ ସଙ୍ଗୀତା ବେହେରା ନିରାପଦ ଅନ୍ତର୍ଭୁକ୍ତ ବିଦ୍ୟାଳୟ ପରିବେଶର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଡକ୍ଟର ମଧୁଲିକା ଶର୍ମା ଏନ୍‌ସିପିସିଆର୍‌ର ପ୍ରମୁଖ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଗତ ୬ ମାସରେ ୨୬ ହଜାର ଶିଶୁ-ସମ୍ବନ୍ଧୀୟ ମାମଲାର ସମାଧାନ, ଶ୍ରମ ଓ ଚାଲାଣ ଦ୍ୱାରା ପ୍ରଭାବିତ ୨୩୦୦ ଶିଶୁଙ୍କ ଉଦ୍ଧାର ଏବଂ ପୁନର୍ବାସ, ଏଆଇ-ଆଧାରିତ ମାନସିକ ସ୍ୱାସ୍ଥ୍ୟ ସହାୟତା ବ୍ୟବସ୍ଥା ଭଳି ନୂତନ ପଦକ୍ଷେପ ଅନ୍ତର୍ଭୁକ୍ତ। ପ୍ର. ଲକ୍ଷ୍ମୀଧର ବେହେରା ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଶିଶୁ ସୁରକ୍ଷା କାର୍ଯ୍ୟକାରୀ କରିବା ଉପରେ ଆଲୋଚନା କରିଥିଲେ। ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ ସାମଗ୍ରିକ ଶିକ୍ଷା ପରିପ୍ରେକ୍ଷୀରେ ମାନସିକ ସ୍ୱାସ୍ଥ୍ୟ ଓ ସୁସ୍ଥତା ଉପରେ ବକ୍ତବ୍ୟ ରଖିଥିଲେ।



## ଏଚ୍‌ଏଲ୍‌ଏଫ୍ ପକ୍ଷରୁ ଦେବ ଦୀପାବଳି ମହୋତ୍ସବ



ଭୁବନେଶ୍ୱର,୨୦।୧୧(ସଂଚାର ବ୍ୟୁରୋ): ସାମାଜିକ ଓ ସାଂସ୍କୃତିକ ସଂସ୍ଥା ହାପି ଲିଭିଙ୍ଗ ଫାଉଣ୍ଡେସନ (ଏଚ୍‌ଏଲ୍‌ଏଫ୍) ପକ୍ଷରୁ ଆଜି ସ୍ଥାନୀୟ ୟୁନିଟ-୩ ରାମ ମନ୍ଦିରଠାରେ ଏକଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ଓ ୨୦ ହଜାର ଘୃତ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦେବ ଦିପାବଳୀରେ ପ୍ରଭୁ ଶ୍ରୀଜଗନ୍ନାଥ ମାଘ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳପକ୍ଷ ପ୍ରତିପ୍ରଦା ଦିନ ତାଙ୍କ ଦ୍ୱାରା ଅବତାରିତ ଚାରି ଯୁଗର ପିତାମାତା ଯଥା ଅଦିତି- କଶ୍ୟପ, କୌଶଲ୍ୟା -ଦଶରଥ, ନନ୍ଦ - ଯଶୋଦା, ଦେବକୀ -ବାସୁଦେବ, ଇନ୍ଦ୍ରଦ୍ୟୁମ୍ନ-ଗୁଣ୍ଡିଚାଙ୍କୁ ଶ୍ରାଦ୍ଧ ଦିଆଯିବା ସହ ଭକ୍ତଙ୍କୁ ଶ୍ରାଦ୍ଧ ବେଶରେ ଦର୍ଶନ ଦେଇଥାନ୍ତି। ଏହି ପରମ୍ପରାକୁ ବ୍ୟାପକ କରିବା ନିମନ୍ତେ ଫାଉଣ୍ଡେସନ ପକ୍ଷରୁ ଗତ ୯ ବର୍ଷ ଧରି ରାମ ମନ୍ଦିରରେ ଦୀପ ଉତ୍ସବ ପାଳନ କରାଯାଇଆସୁଛି। ଏଥିରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଧର୍ମପତ୍ନୀ ଡ. ଅନିତା ମହାଲିଙ୍ଗ ବିଶ୍ୱ ଶାନ୍ତି ମହା ଯଜ୍ଞରେ କର୍ତ୍ତାକର୍ତ୍ତ୍ରୀ ଭାବେ ଯୋଗ ଦେବା ସହ ଆହୁତି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଜେପି ନେତା ଗୋଲକ ମହାପାତ୍ର, କୋରାଇ ବିଧାୟକ ଆକାଶ ଦାସନାୟକ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଫାଉଣ୍ଡେସନ୍ ପ୍ରତିଷ୍ଠାତା ଡ. ମନୋଜ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଆଳୁ ବିହନ ଯୋଗାଣ ସଂକ୍ରାନ୍ତ ସମୀକ୍ଷା ବୈଠକ

## ଚଳିତ ମାସ ସୁଦ୍ଧା ରାଜ୍ୟ ସାରା ବିତରଣ ଲକ୍ଷ୍ୟ

ଭୁବନେଶ୍ୱର,୨୦।୧୧(ସଂଚାର ବ୍ୟୁରୋ): ଚଳିତ ରବି ଋତୁରେ ରାଜ୍ୟର ୫୦,୦୦୦ ଏକର୍ ପାଖାପାଖି ଜମିରେ ଆଳୁ ଚାଷ କରିବାର ଲକ୍ଷ୍ୟ ରହିଛି। ଏଥିପାଇଁ ପ୍ରାମାଣିକ ବିହନ ଆଳୁ ପଞ୍ଜାବରୁ ଅଣାଯାଇ ରାଜ୍ୟର ଚାଷୀମାନଙ୍କୁ କିଲୋ ପ୍ରତି ୨୦ ଟଙ୍କାରେ ବିକ୍ରି କରାଯାଉଛି ଓ ଆଳୁ ବିହନ ଜମିରେ ଲଗାଇବା ପରେ କିଲୋ ପ୍ରତି ୧୦ ଟଙ୍କା ଫେରାଇ ଦେବାର ଯୋଜନା ରହିଛି। ଅଦ୍ୟାବଧି ପ୍ରାୟ ୧.୦ ଲକ୍ଷ କ୍ୱିଣ୍ଟାଲ ଉନ୍ନତ ମାନର ବିହନ ଆଳୁ ୩୦ଟି ଜିଲ୍ଲାର ବିଭିନ୍ନ ବ୍ଲକରେ ବଣ୍ଟାଗଲାଣି। ଚଳିତ ମାସ ଶେଷ ସୁଦ୍ଧା ସମସ୍ତ ବିହନ ଆଳୁ ଯୋଗାଇ ଦେବା ପାଇଁ ରାଜ୍ୟ ବିହନ ନିଗମ ଓ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଆଳୁ ବିହନ ପାଇବା ପରେ ଏହାକୁ ବିଶୋଧନ କରି ଉନ୍ନତ ପ୍ରଣାଳୀ ଅବଲମ୍ବନ ପୂର୍ବକ ଜମିରେ ଲଗାଇବା ପାଇଁ ଚାଷୀମାନଙ୍କୁ ମଧ୍ୟ ପରାମର୍ଶ ଦିଆଯାଇଛି। ଆଳୁ ବିହନ ବିତରଣ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟର ବିବରଣୀ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜେ ତଦାରଖ କରୁଛନ୍ତି। ବୈଠକରେ ବିହନ ଆଳୁର ଗୁଣାତ୍ମକ ମାନ ଓ ସମୟ ଅନୁଯାୟୀ ବଣ୍ଟନ ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟରେ ଅନୁକୂଳ ଜଳବାୟୁ ଅନୁଯାୟୀ ଆଳୁ ଚାଷରେ ସଫଳତା ମିଳିବା ନେଇ ଆଶା ରହିଛି। ବିହନ ଆଳୁର ବିତରଣ ସମ୍ବନ୍ଧରେ ଆଜି କୃଷି ଭବନରେ ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋରଖ୍ କାଲୁଙ୍ଗେ, ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ବିହନ ନିଗମ ନିତି ରଞ୍ଜନ ସେନ ଓ କୃଷି ଓ ଉଦ୍ୟାନ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ।



● ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ

## ଶଙ୍କର ସମେତ ୪ ଅଭିଯୁକ୍ତଙ୍କ ଜାମିନ୍ ଖାରଜ



ବ୍ରହ୍ମପୁର,୨୦।୧୧(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ମାମଲାରେ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ତା'ର ୩ ଜଣ ସହଯୋଗୀଙ୍କ ଜାମିନ ଆବେଦନ ଆଜି ଖାରଜ ହୋଇଛି। ଭିଜିଲାନ୍ସ କୋର୍ଟରେ ଦାଖଲ ହୋଇଥିବା ଏହି ଜାମିନ୍ ଆବେଦନକୁ ସିବିଆଇ ପକ୍ଷରୁ ବିରୋଧ କରାଯାଇଥିଲା। ଏନେଇ ବ୍ରହ୍ମପୁର କୋର୍ଟରେ ସିବିଆଇ ନିଜର ପକ୍ଷ ମଧ୍ୟ ରଖିଥିଲା। ମାମଲାର ଶୁଣାଣି ସମୟରେ କ୍ରାଇମବ୍ରାଞ୍ଚ ଡିଏସପି ଓ ସରକାରୀ ଜିଲ୍ଲା ଓକିଲ କୋର୍ଟରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଏହି ପରୀକ୍ଷା କେଲେଙ୍କାରୀ ମାମଲାରେ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସମେତ ମୁଖ୍ୟ ଅଭିଯୁକ୍ତ ଶଙ୍କର ଓ ତା'ର ୧୧ ଜଣ ସହଯୋଗୀଙ୍କୁ ଗିରଫ କରାଯାଇଛି। ଆଜି ଭିଜିଲାନ୍ସ କୋର୍ଟରେ ଶଙ୍କର ସହ ଅନ୍ୟ ଯେଉଁ ତିନି ଜଣଙ୍କ ଜାମିନ୍ ଖାରଜ ହୋଇଛି, ସେମାନେ ହେଲେ ସାଗର ଗୌଡ଼, ସୁରେଶ ନାୟକ ଓ ଅରବିନ୍ଦ। ଶୁଣାଣି ସମୟରେ ସିବିଆଇ ଟିମ କୋର୍ଟରେ ଉପସ୍ଥିତ ଥିଲା। ଜାମିନ ନ ଦେବା ସକାଶେ ସିବିଆଇ ଓକିଲ ବିଚାରପତିଙ୍କୁ ନିବେଦନ କରିଥିଲେ ଓ ଏହା ସପକ୍ଷରେ ଯଥେଷ୍ଟ ଯୁକ୍ତି ଉପସ୍ଥାପନ କରିଥିଲେ। ଅପରପକ୍ଷରେ ମୂଳ ମାମଲା ସ୍ଥାନାନ୍ତର ପାଇଁ ଜେଏମ୍‌ଏଫସି କୋର୍ଟରେ ସିବିଆଇ ପକ୍ଷରୁ ଆବେଦନ କରାଯାଇଛି। ଏଥିସହ ଏହି ମାମଲାରେ ସିବିଆଇ ତା'ର ଖୋଳତାଡ଼ ଜାରି ମଧ୍ୟ ରଖିଛି।

## ପୋଷ୍ଟ ଅଫିସରୁ ଲକ୍ଷାଧିକ ଟଙ୍କା ଲୁଟ୍

ସାକ୍ଷୀଗୋପାଳ,୨୦।୧୧(ସଂଚାର ବ୍ୟୁରୋ): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ସତ୍ୟବାଦୀ ଥାନା ନିକଟସ୍ଥ ସାକ୍ଷୀଗୋପାଳ ଉପଡାକଘରୁ ବୁଧବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଛି। କବାଟ କବଜା ତାଡ଼ି ଲୁଟେରାମାନେ ଅଫିସ ଭିତରେ ପଶିବା ସହ ସିସିଟିଭି ହାର୍ଡଡିକ୍ସ ଭାଙ୍ଗି ନଷ୍ଟ କରିଦେଇଛନ୍ତି। ଏପରିକି ଅନଲାଇନ୍ କ୍ୟାମେରା ସଂଯୋଗ ଛିନ୍ନ କରିବା ପରେ ସେମାନେ ଗ୍ୟାସ୍ କଟର ସାହାଯ୍ୟରେ ଟ୍ରେଜେରି କାଟି ସେଥିରୁ ଲକ୍ଷାଧିକ ଟଙ୍କା ଲୁଟିନେବାରେ ସକ୍ଷମ ହୋଇଛନ୍ତି। ଆଜି ସକାଳେ ପ୍ରଥମେ ଝାଡୁଦାର ସଫେଇ କରିବାକୁ ଆସି କବାଟ ଭଙ୍ଗାଯାଇଥିବା ଦେଖି ତୁରନ୍ତ ଏନେଇ ପୋଷ୍ଟମାଷ୍ଟରଙ୍କୁ ଖବର ଦେଇଥିଲେ। ପୋଷ୍ଟମାଷ୍ଟର ପର୍ଶୁରାମ ଜେନା ଅଫିସରେ ପହଞ୍ଚି ସତ୍ୟବାଦୀ ଥାନାକୁ ଏ ସମ୍ପର୍କରେ ଜଣାଇଥିଲେ। ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଲୁଟେରାମାନଙ୍କ ସମ୍ପର୍କରେ କୌଣସି ସୂଚନା ପାଇପାରିନଥିବା ଜଣାପଡ଼ିଛି।

## ବାଲି ଓ ପଥର ଚୋରି ପଛରେ ସରକାରଙ୍କ ଭୂମିକା: ବିଜେଡି

ଭୁବନେଶ୍ୱର,୨୦।୧୧(ସଂଚାର ବ୍ୟୁରୋ): ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ରାଜ୍ୟରେ ବାଲି ଚୋରି ଅହେତୁକ ଭାବେ ବୃଦ୍ଧି ପାଇଛି ଏବଂ ଏହା ବିଜେପି ମନ୍ତ୍ରୀ ଓ ନେତାଙ୍କ ପ୍ରୋତ୍ସାହନରେ ଚାଲିଛି ବୋଲି ଅଭିଯୋଗ କରିଛି ବିରୋଧୀ ବିଜେଡି। ଗତକାଲି ଉଦ୍‌ଯାପିତ ହୋଇଥିବା ଜିଲ୍ଲାପାଳ ଓ ଏସ୍‌ପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲି ଚୋରି ରୋକିବା ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହା ରାଜ୍ୟରେ ବାଲି ଚୋରି ହେଉଥିବା ନେଇ ସ୍ୱୀକାରୋକ୍ତି ବୋଲି ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି ଓ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତି।

ଡ. ମହାନ୍ତି କହିଛନ୍ତି ଯେ ୨୦୨୩-୨୪ ଆର୍ଥିକ ବର୍ଷରେ ଲଘୁ ଖଣିଜ ସମ୍ପଦରୁ ରାଜ୍ୟକୁ ୧୪୮୫ କୋଟି ଟଙ୍କା ରାଜସ୍ୱ ମିଳିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ରାଜସ୍ୱ ପରିମାଣ ୬୦୦ କୋଟିକୁ ଖସି ଆସିଛି। ବିଜେପିର ନେତା ଓ ମନ୍ତ୍ରୀଙ୍କ ପ୍ରୋତ୍ସାହନରେ ରାଜ୍ୟରେ ଏହି ବାଲି ଚୋରି ବୃଦ୍ଧି ପାଇଛି। ରାଜ୍ୟରେ ବାଲି ଏବେ ଏକ ଦୁର୍ଲ୍ଲଭ ବସ୍ତୁରେ ପରିଣତ ହୋଇଛି। ବାଲିର ଦରରେ ଅହେତୁକ ବୃଦ୍ଧି ପାଉଥିବା ବେଳେ ରାଜ୍ୟରେ କନଷ୍ଟ୍ରକସନ ମୂଲ୍ୟ ମଧ୍ୟ ବଢୁଛି। ଏପରିକି ବାଲି ଚୋରିରେ ସରକାରୀ ଦଳର ନେତାଙ୍କ ସହ ସହ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ସମ୍ପୃକ୍ତି ଅଭିଯୋଗ ଆସିଛି, ଯାହାକି ସ୍ୱାଧୀନତା ପରଠାରୁ ପ୍ରଥମ ଘଟଣା। ତେଣୁ ଏନେଇ ମୁଖ୍ୟମନ୍ତ୍ରୀ ତୁରନ୍ତ ସ୍ପଷ୍ଟୀକରଣ ଦେବା ସକାଶେ ଡ. ମହାନ୍ତି ଦାବି କରିଛନ୍ତି। ଏହି ଅବସରରେ ସେ ସ୍ୱାଧୀନ ବିଧାୟକ ହିମାଂଶୁ ଶେଖର ସାହୁ ଓ ଖଣି ମନ୍ତ୍ରୀ ବିଭୁତି ଜେନାଙ୍କର ଯଥାକ୍ରମେ ପଥର ଓ ବାଲି ଚୋରିରେ ସମ୍ପୃକ୍ତି ଥିବା ଅଭିଯୋଗ କରିଛନ୍ତି। ତେଣୁ ରାଜ୍ୟ ସରକାର ଏହି ଲଘୁ ଖଣିଜ ସମ୍ପଦ ଲୁଟ୍ ସମ୍ପର୍କରେ ରାଜ୍ୟବାସୀଙ୍କ ସମ୍ମୁଖରେ ଏହାର ଉତ୍ତର ରଖିବା ଦରକାର ବୋଲି ଡ. ମହାନ୍ତି କହିଥିଲେ।

ସେହିପରି ଇପ୍ସିତା କହିଛନ୍ତି ଯେ ମନ୍ତ୍ରୀମଣ୍ଡଳର ସଦସ୍ୟ ପ୍ରଦୀପ ବଳସାମନ୍ତ, ତାଙ୍କ ପତ୍ନୀ ଓ ପୁଅ ନାମରେ ନୟାଗଡ଼ ଜିଲ୍ଲାରେ ପଥରକଟା ସହ ବାଲିଘାଟ ଚାଲିଛି। ଏହାଛଡ଼ା ସେହିପରି ବଡ଼ମ୍ବା ନରସିଂହପୁର ବିଧାୟକ ବିଜୟ ଦଳବେହେରା ଏବେ ତାଙ୍କ ଅଞ୍ଚଳରେ ବାଲି ଓ ପଥର ମାଫିଆଙ୍କ ସହ ସାମିଲ୍ ହୋଇଥିବା ଚର୍ଚ୍ଚା ହେଉଛି। ଆହୁରି ଆସ୍କା ବିଧାୟକ ସରୋଜ ପାଢ଼ୀ ବାଲି ଠିକାଦାରଙ୍କୁ ମାସିକିଆ ଚାନ୍ଦା ମାଗୁଥିବା ନେଇ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ତେଣୁ ବାଲି ଓ ପଥର ଚୋରିକୁ ନେଇ ରାଜ୍ୟରେ ଯେଉଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି, ଏହାକୁ ସ୍ୱାଭାବିକ କରିବା ସକାଶେ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଇପ୍ସିତା ଚେତାବନୀ ଦେଇଛନ୍ତି।




ସାଲିଆସାହିରେ ଉଚ୍ଛେଦ ମାମଲା

## ସବୁ ବସ୍ତିବାସିନ୍ଦାଙ୍କୁ ମିଳିବ ସରକାରୀ ଘର



ଭୁବନେଶ୍ୱର, ୨୦।୧୧ (ସଂଚାର ବ୍ୟୁରୋ): ଗତ ଦୁଇ ଦିନ ଧରି ରାଜଧାନୀର ସବୁଠାରୁ ବଡ଼ ବସ୍ତି ଅଞ୍ଚଳ ସାଲିଆ ସାହିରେ ବ୍ୟାପକ ପରିମାଣର ଘର ଭାଙ୍ଗିଦିଆଯାଇଛି। ତେବେ ଯେଉଁମାନେ ଘର ହରାଇଛନ୍ତି, ସେମାନଙ୍କୁ ସରକାର ଆଗାମୀ ଦିନରେ ଘର ଯୋଗାଇଦେବେ ବୋଲି ଆଜି ଘୋଷଣା କରିଛନ୍ତି ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ସେ କହିଛନ୍ତି ଯେ ସାଲିଆ ସାହିରେ ଚାଲିଥିବା ଉଚ୍ଛେଦ ପ୍ରକ୍ରିୟାରେ ଯେଉଁମାନେ ଘର ଛାଡୁନାହାନ୍ତି, ସେମାନଙ୍କୁ କିଛି ଲୋକ ବିଭ୍ରାନ୍ତ କରୁଛନ୍ତି। ଏହାର କାରଣ ହେଲା ସେମାନେ ଏକାଧିକ ଘର ଭଡ଼ା ସୂତ୍ରରେ ଦେଇଛନ୍ତି। କାଳେ ସେମାନଙ୍କ ଘର ଭାଙ୍ଗିଯିବ, ସେ ଭୟରେ ସେମାନେ ବିଭ୍ରାନ୍ତ କରୁଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ନନ୍ଦନକାନନରୁ ଜୟଦେବ ବିହାରକୁ ଯୋଡ଼ିବାକୁ ଏକାମ୍ର କାନନରୁ ସମାନ୍ତରାଳ ବାମପାର୍ଶ୍ୱର ରାସ୍ତା କାମ ଅଧାରେ ଅଟକି ରହିଥିବାରୁ ଏହାକୁ ପୂର୍ଣ୍ଣ କରିବା ସକାଶେ ଗତ ମଙ୍ଗଳବାର ଏଠାରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆଜି ତୃତୀୟ ଦିନରେ ଏହି ପ୍ରକ୍ରିୟା ଶେଷ ହୋଇଛି। ତୃତୀୟ ଦିନରେ ଆଜି ସେଠାରେ ୧୩ଟି ଜେସିବି ମେସିନ୍ ମାଧ୍ୟମରେ ଘରଭଙ୍ଗା ହୋଇଛି। ଏକାମ୍ର କାନନଠାରୁ ଅନ୍ଧାରୁଆ ପର୍ଯ୍ୟନ୍ତ ଉଚ୍ଛେଦ ହୋଇଥିବା ବେଳେ ଆଜି ୧୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମଧ୍ୟ ସେଠାରେ ମହଜୁଦ ଥିଲା। ୨୦୦ ଫୁଟିଆ ଏହି ରାସ୍ତାକାମରେ ବସ୍ତିବାସିନ୍ଦାଙ୍କ ବେଆଇନ ଘର ବାଧକ ସାଜିଥିଲା। ବସ୍ତିବାସିନ୍ଦା ସରକାରୀ ଘର ପାଇବା ପରେ ବି ଘର ଛାଡୁନଥିଲେ। ଇତିମଧ୍ୟରେ ବିଡିଏ ଓ ବିଏମସିର ଯୁଗ୍ମ ଏନଫୋର୍ସମେଣ୍ଟ ଟିମ୍ ପହଞ୍ଚି ଜବରଦଖଲକାରୀଙ୍କୁ ଉଚ୍ଛେଦ କରିଛି। ତେବେ ଉଚ୍ଛେଦକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିବାରୁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ପୁଲିସ ଓ ପ୍ରଶାସନିକ ଅଧିକାରୀ ଲୋକମାନଙ୍କୁ ବୁଝାସୁଝା କରିବା ସହ ଜବରଦଖଲ ଉଚ୍ଛେଦ କରିଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ଯାତାୟାତ ସହଜ ହେବ ଓ ଟ୍ରାଫିକ୍ ସମସ୍ୟାରେ ମଧ୍ୟ ସୁଧାର ଆସିବ।

## ହାତୀ ଦେଖୁଥିଲେ ଯୁବକ, ଦଳିଦେଲା ଦନ୍ତା

● ଡାକ୍ତରଖାନାରେ ମୃତ ଘୋଷଣା କଲେ ଡାକ୍ତର



ନିମବାହାଲି,୨୦।୧୧(ସଂଚାର ବ୍ୟୁରୋ): ହାତୀ ଦେଖୁଥିବା ବେଳେ ଘଟିଛି ଅଘଟଣ। ଯୁବକଙ୍କୁ ଦଳି ଦେଲା ଦନ୍ତା। ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ହୋଇଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳ ହିନ୍ଦୋଳ ସେକ୍ସନ କର୍ଣ୍ଣପୁର ବିଟ୍ ଅଧୀନସ୍ଥ ଝାଡୁବେରେଣୀ ଗାଁ ନିକଟରେ। ହାତୀ ଦେଖିବାକୁ ଯାଇ ଚର୍ଚ୍ଚିତ ଦନ୍ତାହାତୀ 'ଡ୍ୟାନି' ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ବାଲିମି ଥାନା ଅନ୍ତର୍ଗତ ପାଟଲା ଗାଁ କରଙ୍ଗା ସାହିର ଚିନ୍ମୟ ଦେହୁରୀ (୨୫) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଚିନ୍ମୟ ହାତୀ ଦେଖିବାକୁ ଯାଇ ଝାଡୁବେରେଣୀ ଗାଁ ନିକଟ ଶାଳବଣିରେ ଦନ୍ତାହାତୀ ଆକ୍ରମଣର ଶିକାର ହୋଇଥିଲେ। ଦନ୍ତାହାତୀ 'ଡ୍ୟାନି' ତାଙ୍କୁ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିଥିଲା। ଏହି ସମୟରେ ସେ ତଳେ ପଡ଼ିଯିବା ଫଳରେ ଡ୍ୟାନି ତାଙ୍କୁ ପାଦରେ ଦଳିଦେଇଥିଲା। ହାତୀଟି ଘଟଣାସ୍ଥଳରୁ ଚାଲିଯିବା ପରେ ସ୍ଥାନୀୟ ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହିନ୍ଦୋଳ ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଅଞ୍ଚଳରେ ଶତାଧିକ ହାତୀ ଚଳପ୍ରଚଳ କରି ଉପଦ୍ରବ କରୁଛନ୍ତି। ସ୍ଥାନୀୟ ଲୋକେ ହାତୀ ଦେଖିବାକୁ ଯାଇ ହାତୀପଲଙ୍କ ନିକଟତର ହୋଇ ଟେକାପଥର ମାରି ହାତୀପଲଙ୍କୁ ବିରକ୍ତ କରୁଥିବାରୁ ସେମାନେ ଏଭଳି ଅଭାବନୀୟ କାଣ୍ଡ ଘଟାଉଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ 'ଡ୍ୟାନି'ର ଆକ୍ରମଣ ସମ୍ପର୍କରେ ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ ଚଳାଇଛନ୍ତି।

# ବାଉଁଶ ଓ ଔଷଧୀୟ ଉଦ୍ଭିଦ ସଂକ୍ରାନ୍ତ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨୦।୧୧((ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆଜି ଲୋକସେବା ଭବନ କନଭେନସନ ହଲଠାରେ ବାଉଁଶ ଏବଂ ଔଷଧୀୟ ଉଦ୍ଭିଦ ସମ୍ପର୍କିତ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଯୋଗଦେଇ କହିଛନ୍ତି ଯେ ଏହି ସମ୍ମିଳନୀ ଆମ ପାରମ୍ପରିକ ଜ୍ଞାନ ଓ ପ୍ରକୃତି ସହ ଗଭୀର ସମ୍ପର୍କକୁ ପ୍ରତିଫଳିତ କରେ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପିଢ଼ି ପରେ ପିଢ଼ି ବାଉଁଶ ଓ ଔଷଧୀୟ ଉଦ୍ଭିଦ ରାଜ୍ୟର ଆଦିବାସୀ ଓ ବନବାସୀ ସମ୍ପ୍ରଦାୟର ଦୈନନ୍ଦିନ ଜୀବନର ଏକ ଅଂଶ ଭାବେ ରହିଆସିଛି। ଏହି ପାରମ୍ପରିକ ଶକ୍ତିକୁ ଏକ ଆଧୁନିକ ତଥା ଆର୍ଥିକ ଲାଭରେ ପରିଣତ କରିବା ସହ ପରିବେଶଗତ ସନ୍ତୁଳନ ନ ହରାଇ ଏହି ସମ୍ପଦଗୁଡ଼ିକୁ ବଜାୟ ରଖିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ। ବାଉଁଶ ହେଉଛି ଓଡ଼ିଶାର ସବୁଜ ଶିଳ୍ପର ଏକ ପ୍ରମୁଖ ଅଂଶ। ବିଶ୍ୱ ଏବେ ସ୍ଥାୟୀ ସାମଗ୍ରୀ, ପରିବେଶ ଅନୁକୂଳ ସ୍ଥାପତ୍ୟ ଓ ପ୍ରାକୃତିକ ତନ୍ତୁ ଆଡକୁ ମୁହାଁଇଛି। ବାଉଁଶ ଏହି ବିଶ୍ୱ ପରିବର୍ତ୍ତନ ସହ ସ୍ୱାଭାବିକ ଭାବେ ଖାପ ଖାଉଛି। ଓଡ଼ିଶାର କାରିଗରଙ୍କ ପାଖରେ ଉପଲବ୍ଧ ଦକ୍ଷତା ଓ ସୃଜନଶୀଳତାର ବିକାଶ ପାଇଁ ଡିଜାଇନ୍ ବା ରୂପରେଖ ପରିବର୍ତ୍ତନ, ଉନ୍ନତ ଉପକରଣ, ବୃହତ ବଜାର ଏବଂ ନିରନ୍ତର ତାଲିମର ଆବଶ୍ୟକତା ରହିଛି। ଏହି ସମ୍ମିଳନୀ ମାଧ୍ୟମରେ ଏ ଦିଗରେ ଏକ ବିସ୍ତୃତ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇପାରିବ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି ଯେ ଏବେ କାର୍ଯ୍ୟାନ୍ୱୟନ-କ୍ଲଷ୍ଟର ବିକାଶ, ନର୍ସରୀ ସୁଦୃଢ଼ୀକରଣ, ଚାଷ ତାଲିମ, ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସିଧାସଳଖ ସହାୟତା ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହି ସୁବିଧାଗୁଡ଼ିକ ତୃଣମୂଳ ସ୍ତରରେ ପହଞ୍ଚିବ ଓ ପ୍ରକୃତ ଲୋକଙ୍କ ସହ ସଂଯୋଗ ସ୍ଥାପନ କରିପାରିବ। ୪ଟି ସଂସ୍ଥା କେଏଫ୍‌ଆର୍‌ଆଇ, ଆଇଏନ୍‌ବିଏଆର୍ ଓ ଏନ୍‌ଆଇଡି ସହ ବୁଝାମଣାପତ୍ର ସ୍ୱାକ୍ଷର କରିବା ସହ ଓଡ଼ିଶା ବାଉଁଶ ହାଟ ଅନଲାଇନ୍ ପ୍ଲାଟଫର୍ମର ଶୁଭାରମ୍ଭ ହୋଇଛି। ଏନେଇ ମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ଥର ପାଇଁ ଆମର କାରିଗର, ଚାଷୀ ଏବଂ ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ପାଇଁ ଏକ ଉତ୍ସର୍ଗୀକୃତ ଡିଜିଟାଲ୍ ସ୍ଥାନ ପାଇବେ। ଏହା ସେମାନଙ୍କ କାର୍ଯ୍ୟରେ ସାଦୃଶ୍ୟ, ନ୍ୟାୟ ଏବଂ ମର୍ଯ୍ୟାଦା ଆଣିବ। ସେହିପରି ଏଫ୍‌ଆର୍‌ଏଲ୍‌ଏଚ୍‌ଟି-ଯିଡିୟୁ, ଏମ୍‌ଏସ୍‌ଏସ୍‌ଆର୍‌ଏଫ୍ ଓ ଆଇଆର୍‌ଏମ୍‌ଏ ଔଷଧୀୟ ଉଦ୍ଭିଦ ପଦକ୍ଷେପଗୁଡ଼ିକୁ ଗବେଷଣା-ସମର୍ଥିତ ରଣନୀତି ଓ ସମ୍ପ୍ରଦାୟ-କେନ୍ଦ୍ରିତ ପଦ୍ଧତି ସହ ମାର୍ଗଦର୍ଶନ କରିବେ। ସମ୍ମିଳନୀରେ ବିଶିଷ୍ଟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ, ଜଳବାୟୁ ପାରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ଥ, ଓଡ଼ିଶା ଔଷଧୀୟ ଉଦ୍ଭିଦ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଭି. କାର୍ତ୍ତିକ, ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ପ୍ରକଳ୍ପ ନିର୍ଦ୍ଦେଶକ ଡ. କେ. ମୁରୁଗେଶନଙ୍କ ସମେତ ବିଭିନ୍ନ ରାଜ୍ୟର ଜାତୀୟ ଅନୁଷ୍ଠାନର ସମ୍ମାନିତ ପ୍ରତିନିଧି, ଶିଳ୍ପ ଅଂଶୀଦାର ଓ ସମସ୍ତ ବିଶେଷଜ୍ଞ ଯୋଗଦେଇଥିଲେ।



sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪
ଶୁକ୍ରବାର ୨୧ ନଭେମ୍ବର ୨୦୨୫, ଭୁବନେଶ୍ୱର
Friday 21 November 2025, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ବିହାରରେ ରାଜନୀତିର ନୂଆ ଯୁଗ

ବିହାର ବିଧାନସଭା ନିର୍ବାଚନ ୨୦୨୫ର ଫଳାଫଳ ଏକ ଐତିହାସିକ ପରିବର୍ତ୍ତନର ସାକ୍ଷୀ ହୋଇଛି। ନଭେମ୍ବର ୧୪ ତାରିଖରେ ଘୋଷିତ ଫଳାଫଳରେ ଏନଡିଏ (ବିଜେପି-ନେତୃତ୍ୱାଧୀନ ମେଣ୍ଟ) ପ୍ରଚଣ୍ଡ ବିଜୟ ହାସଲ କରି ୨୦୦ରୁ ଅଧିକ ଆସନ ଜିତିଛି। ବିଜେପି ପ୍ରଥମ ଥର ପାଇଁ ସର୍ବବୃହତ ଦଳ ଭାବେ ଉଭା ହୋଇଛି (୮୯ ଆସନ), ଯେତେବେଳେ ନୀତିଶ କୁମାରଙ୍କ ଜେଡି(ୟୁ) ୮୫ ଆସନ ପାଇଛି। ଅନ୍ୟପକ୍ଷରେ, ତେଜସ୍ୱୀ ଯାଦବଙ୍କ ଆରଜେଡି ମାତ୍ର ୨୫ ଆସନରେ ସୀମିତ ରହି ୨୦୧୦ ପରେ ପ୍ରଥମ ଥର ତୃତୀୟ ସ୍ଥାନକୁ ଖସିଛି। କଂଗ୍ରେସ ମଧ୍ୟ ନିରାଶଜନକ ପ୍ରଦର୍ଶନ କରିଛି। ଏହା ବିହାରର ରାଜନୀତିରେ ଏକ ନୂଆ ଯୁଗର ଆରମ୍ଭ।

ଅତୀତରେ ବିହାରର ରାଜନୀତି ମୁଖ୍ୟତଃ ଜାତିଗତ ସମୀକରଣ, ପରିବାରବାଦ ଓ ମେଣ୍ଟ ଧର୍ମରେ ଆବଦ୍ଧ ଥିଲା। ଲାଲୁ ପ୍ରସାଦ ଯାଦବଙ୍କ 'ଜଙ୍ଗଲ ରାଜ'ର ଭୟ ଓ ନୀତିଶ କୁମାରଙ୍କ ବାରମ୍ବାର ମେଣ୍ଟ ବଦଳାଇବା ଲୋକଙ୍କୁ କ୍ଲାନ୍ତ କରିଦେଇଥିଲା। କିନ୍ତୁ ୨୦୨୫ର ଏହି ନିର୍ବାଚନରେ ଲୋକେ ବିକାଶ, ମହିଳା ସଶକ୍ତିକରଣ ଓ ସ୍ଥିରତାକୁ ପସନ୍ଦ କରିଛନ୍ତି। ମହିଳା ଭୋଟରମାନେ ନିର୍ଣ୍ଣାୟକ ଭୂମିକା ନେଇଛନ୍ତି - ନୀତିଶଙ୍କ ମହିଳା ଯୋଜନା (ଯେମିତି ସାଇକିଲ ଯୋଜନା, ଆର୍ଥିକ ସହାୟତା) ଓ ମୋଦୀଙ୍କ କେନ୍ଦ୍ରୀୟ ଯୋଜନା (ଉଜ୍ଜ୍ୱଳା, ଆୟୁଷ୍ମାନ ଭାରତ) ମହିଳାଙ୍କୁ ଆକୃଷ୍ଟ କରିଛି। ଫଳରେ ଏନଡିଏର ଭୋଟ ସେୟାର ୪୮% ଉପରେ ପହଞ୍ଚିଛି।




ଏହି ବିଜୟ କେବଳ ସଂଖ୍ୟାଗତ ନୁହେଁ, ଏହା ଏକ ମାନସିକ ପରିବର୍ତ୍ତନ। ବିଜେପି ପ୍ରଥମ ଥର ପାଇଁ ବିହାରରେ ନିଜର ସ୍ୱତନ୍ତ୍ର ଶକ୍ତି ପ୍ରତିଷ୍ଠା କରିଛି। ନୀତିଶ କୁମାର ରେକର୍ଡ ଦଶମ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି, କିନ୍ତୁ ଏବେ ରାଜନୀତି ନୀତିଶ-କେନ୍ଦ୍ରିକ ନୁହେଁ, ମୋଦୀ-କେନ୍ଦ୍ରିକ ହେବ। ଜାତିଗତ ରାଜନୀତିର ଯୁଗ ଧୀରେ ଧୀରେ ଅନ୍ତ ହେଉଛି; ଲୋକେ ବିକାଶ ଓ ସୁଶାସନକୁ ବଛିଛନ୍ତି। ତେଜସ୍ୱୀଙ୍କ ଯୁବ-ଚାକିରି ପ୍ରତିଶ୍ରୁତି ଏଥର କାମ କରିନାହିଁ, କାରଣ ଲୋକେ କେବଳ ପ୍ରତିଶ୍ରୁତି ନୁହେଁ, କାର୍ଯ୍ୟକୁ ଦେଖୁଛନ୍ତି।

ଏହି ନୂଆ ଯୁଗରେ ବିହାରକୁ ଦ୍ରୁତ ବିକାଶର ସୁଯୋଗ ମିଳିଛି। ସ୍ଥିର ସରକାର, କେନ୍ଦ୍ରର ସମର୍ଥନ ଓ ଦୁହି ମାଜୋରିଟି ସହିତ ରାଜ୍ୟ ଅଧୋସଂରଚନା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଉଦ୍ୟୋଗରେ ଅଗ୍ରଗତି କରିପାରିବ। ଅପରାଧ ଓ ଦୁର୍ନୀତିର ପୁରୁଣା ଛବି ବଦଳାଇ ବିହାର ନୂଆ ଭାରତର ଏକ ଶକ୍ତିଶାଳୀ ଅଂଶ ହେବ। ଏହା କେବଳ ବିହାରର ନୁହେଁ, ଦେଶର ରାଜନୀତିକୁ ନୂଆ ଦିଗନ୍ତ ଦେଖାଉଛି - ଯେଉଁଠି ବିକାଶ ଓ ସୁଶାସନ ଜାତି-ଧର୍ମଠାରୁ ଊର୍ଦ୍ଧ୍ୱକୁ ଉଠୁଛି। ବିହାରବାସୀ ଏଥର ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି - ସେମାନେ ନୂଆ ବିହାର ଚାହାଁନ୍ତି। ଏହି ମ୍ୟାଣ୍ଡେଟ ତାହାର ପ୍ରମାଣ। ଆଗକୁ ଦେଖିବାକୁ ରହିଲା, ଏହି ନୂଆ ଯୁଗ ବିହାରକୁ କେତେ ଦୂର ନେଇପାରେ!

# ସ୍ୱଳ୍ପ ଶୀତରେ ଚତୁର୍ଦ୍ଧା ବିଗ୍ରହଙ୍କ ଜାମା ଲାଗି ବେଶ



**ସନ୍ତୋଷ କୁମାର ଦାଶ**

ପୁରୀ ଶ୍ରୀ ମନ୍ଦିର ରେ ଚତୁର୍ଦ୍ଧା ବିଗ୍ରହ ମାନବୀୟ ଲୀଳା କରୁଛନ୍ତି। ବର୍ଷା ଋତୁ ପରେ ଆରମ୍ଭ ହୋଇଥାଏ ଶୀତ ଋତୁ। ପ୍ରଥମେ ପ୍ରଥମେ ଶୀତର ପ୍ରକୋପ ଯେତେବେଳେ କମ ଥାଏ ଲୋକମାନେ ଯେପରି ମୋଟା କମ୍ବଳ , ସ୍ୱେଟର ବ୍ୟବହାର ନ କରି ପତଳା ଚାଦର ,ଜାମା ପରିଧାନ କରିଥାନ୍ତି । ଠିକ ସେହିପରି ରତ୍ନ ସିଂହାସନ ସ୍ଥ ଶ୍ରୀବିଗ୍ରହ ମାନେ ମାର୍ଗଶୀର କୃଷ୍ଣ ନବମୀ ରୁ ମାର୍ଗଶୀର ଶୁକ୍ଳ ପଞ୍ଚମୀ ଯାଏଁ ଜାମା ପରିଧାନ କରିଥାନ୍ତି। ଏହି ଜାମା ଲାଗି ବେଶ ରେ ଶ୍ରୀଜୀଉ ମାନେ ୩୦ ମୂର୍ତ୍ତି ଅଳଙ୍କାର ପରିଧାନ କରିଥାନ୍ତି। ବସ୍ତ୍ର ଏବଂ ଅଳଙ୍କାର ଜାମା ଲାଗି ବେଶରେ ପ୍ରାଧାନ୍ୟ ଲାଭ କରେ ।



ଶ୍ରୀଜୀଉଙ୍କ ଶ୍ରୀମୁଖ ଚାରିପଟେ ଆବୃତ କରେ ବଳା । ଶ୍ରୀଅଙ୍ଗ କୁ ଆବୃତ କରେ ଜାମା ଓ ଫତେଇ। ବାର ଅନୁଯାୟୀ ବସ୍ତ୍ର ର ରଙ୍ଗ ସ୍ଥିର ହୋଇଥାଏ। ଏବଂ ଏହି ସମସ୍ତ ବସ୍ତ୍ର ସେଇ ଗୋଟିଏ ରଙ୍ଗର ହୋଇଥାଏ। ସେଇ ରଙ୍ଗର କନା ମଧ୍ୟ ଚୁଳ ପାଇଁ ବ୍ୟବହୃତ ହୋଇ ଥାଏ। ଚୁଳ ଉପରେ ଶୋଭା ପାଇଥାଏ ସୁବର୍ଣ୍ଣ ଚନ୍ଦ୍ରିକା । ଦେବୀ ସୁଭଦ୍ରା ଙ୍କୁ ଚୂଳ ଲାଗି ହୋଇନଥାଏ। ତିଅଁମାନଙ୍କ କପାଳରେ ଲାଗିଥାଏ ସୂର୍ଯ୍ୟ ଓ ଚନ୍ଦ୍ର ନାମକ ଦୁଇଟି ଅଳଙ୍କାର। ଚିତା ପାଖେ ଲାଗିଥାଏ ସୁବର୍ଣ୍ଣ ର ତିଳକ । ଶ୍ରୀମୁଖ ବଳା ରେ ଲାଗିଥାଏ ସ୍ୱର୍ଣ୍ଣ ଆଡକାନି । ତା ତଳକୁ ଲାଗିଥାଏ କୁଣ୍ଡଳ । ଦେବୀ ସୁଭଦ୍ରା ଙ୍କ ଚିତା ଉପରେ ଶୋଭା ପାଏ ୨ ଟି ତଦଗୀ । ୩ ତିଅଁ ଙ୍କ ଅଣ୍ଟାକୁ ବେଷ୍ଟନ କରି ରହେ ଓଡିଆଣି ବା ଅଣ୍ଟା ପଟି। ଏହା ଛଡା ୩ ତିଅଁ ଗୋଟିଏ ଗୋଟିଏ ହରିଡା ମାଳ ରେ ଅଳଙ୍କୃତ ହୋଇଥାନ୍ତି। ବଡ଼ ଠାକୁର ଏବଂ ମହାପ୍ରଭୁ ଙ୍କ ଶ୍ରୀଭୁଜ ରେ ଶୋଭାପାଏ ନଳିଭୁଜ । ନଳି ଭୁଜର ସମ୍ମୁଖରେ ବଡ଼ ଠାକୁର ହଳ ଓ ମୁଷଳ ଧାରଣ କରୁଥିବା ବେଳେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଶଙ୍ଖ ଓ ଚକ୍ର ଧାରଣ କରିଥାନ୍ତି। ଧନ୍ୟ ମହାପ୍ରଭୁ। ଧନ୍ୟ ତାଙ୍କର ଲୀଳା।
ଜୟ ଜଗନ୍ନାଥ ସ୍ୱାମୀ।

ତୁଳସୀପୁର। ପୁରୀ।
୯୪୩୯୩୬୧୮୮

# ଟାଟା ପାୱାର ସପ୍ଲାଇରେ ଅବ୍ୟବସ୍ଥା

ଓଡ଼ିଶା ଟାଟା ପାୱାର ସପ୍ଲାଇ ରେ ଭିନ୍ନ ଭିନ୍ନ ସମସ୍ୟା ଦେଖିବାକୁ ମିଳୁଛି ଯେମିତି କି ଅରଜିନାଲ ବିଲ ସ୍ଥାନ ରେ ପ୍ରୋଭିଜନାଲ ବିଲ ଦେବା,ଗ୍ରାହକଙ୍କ ଅନୁପସ୍ଥିତି ରେ ଟାଟା ପାୱାର ସପ୍ଲାଇ ଦ୍ୱାରା ଗ୍ରାହକଙ୍କୁ ପ୍ରୋଭିଜନାଲ ବିଲ ଦିଆଯାଉଛି।ଯାହା ଗ୍ରାହକଙ୍କର ପ୍ରକୃତ ବିଲ ଠାରୁ ଅଧିକ ଥାଉଚିବେଳେ ବେଳେ ଟାଟା କମ୍ପାନୀ ପାଖରେ ଗ୍ରାହକଙ୍କର ୨ ରୁ ୩ ହଜାର ବା ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ଅଧିକ ରହିଥାଉଚି।ପରବର୍ତ୍ତୀ ସମୟ ରେ ଟାଟା କମ୍ପାନୀ ଗ୍ରାହକଙ୍କ ବିଦ୍ୟୁତ ବିଲ ସହିତ ଏହି ଟଙ୍କା କୁ ଏଡଯେଷ୍ଟ କରୁଛନ୍ତି କିନ୍ତୁ କୌଣସି ବି ପରିସ୍ଥିତି ରେ ଯଦି ଗ୍ରାହକ ଠିକ ସମୟ ରେ ବିଦ୍ୟୁତ୍ ବିଲ ପୈଠ କରିପାରୁନାହିଁ ତାହେଲେ ବିଦ୍ୟୁତ କମ୍ପାନୀ ଠାରୁ ଧମକପୂର୍ଣ୍ଣ ନୋଟିସ ଦିଆଯାଉଛି।ଯେଉଁଥିରେ ବିଦ୍ୟୁତ କନେକ୍ସନ କଟା ହେବା ସହିତ ସେକ୍ସନ୍ ୧୩୮ ଅନ୍ତର୍ଭୁକ୍ତ ଇଲେକ୍ଟ୍ରିସିଟି ଏକ୍ଟ ୨୦୦୩ ର ଧାରା ଅନୁସାରେ ତିନି ବର୍ଷ ଜେଲ ଦଣ୍ଡ କିମ୍ବା ୧୦୦୦୦ ଟଙ୍କା ଜୋରିମାନା ର ଧମକ ଦିଆ ଯାଉଛି।
ଆମେ ଦେଖୁଚୁ ଯେ ବିଭିନ୍ନ ବସ୍ତି ଅଞ୍ଚଳ ରେ ଗାଆଁ ଗଣ୍ଡା ରେ ବିଦ୍ୟୁତ୍ ଖୁଣ୍ଟ ରୁ ତାରା ଟଣା ଯାଇ ବ୍ୟବାହାର କରାଯାଉଛି।ବିଦ୍ୟୁତ କମ୍ପାନୀ ସେହି ପ୍ରତି ଦୃଷ୍ଟି ଦେଉନାହାଁ। କୌଣସି ଘରୋଇ କମ୍ପାନୀ କ୍ଷତିଗ୍ରସ୍ତ ହୋଇ କାମ କରେନାହିଁ ତାହେଲେ ଯେଉଁ ସ୍ଥାନ ଗୁଡିକ ରେ ଅବୈଧ୍ୟ ଭାବ ରେ ବିଦ୍ୟୁତ ବ୍ୟବହାର କରାଯାଉଛି ସେଇ ବିଦ୍ୟୁତ ର ମୂଲ୍ୟ ସାଧାରଣ ଉପଭୋକ୍ତାଙ୍କ ଠାରୁ ଆଦାୟ କରାଯାଉନାହିଁ ତ?।
ଏକ ନିର୍ଦ୍ଧିଷ୍ଟ ସମୟ ରେ ,ଏକ ନିର୍ଦ୍ଧିଷ୍ଟ ଦିନ ଯଦି ମିଟର ରିଡିଂ ପାଇଁ କମ୍ପାନୀ ତରଫ ରୁ ଲୋକ ଆସନ୍ତେ ତାହେଲେ ଗ୍ରାହକ ମାନେ ସେଇ ସମୟ ରେ ନିଶ୍ଚିତ ଭାବ ରେ ଘରେ ରହନ୍ତେ କିନ୍ତୁ ଏହା କେବେହେଲେ ହେଉନାହିଁ,କମ୍ପାନୀ ମିଟର ରିଡ଼ିଂ ପାଇଁ ପଠାଉଥିବା ବ୍ୟକ୍ତି ଅନାର୍ଦ୍ଧିଷ୍ଟ ସମୟ ରେ ଆସୁଥିବା ରୁ ସେ ସମୟ ରେ ଘରେ ଗ୍ରାହକଙ୍କ ଉପସ୍ଥିତି ସମ୍ଭବ ହୋଇ ପାରୁ ନାହିଁ।ସରକାର ଏ ବିଷୟ ରେ ଯଦି ଧ୍ୟାନ ଦିଅନ୍ତେ ତାହେଲେ ବିଦ୍ୟୁତ ଗ୍ରାହକ ମାନେ ନ୍ୟାୟ ପାଇ ପାରନ୍ତେ।

କାଳୀ ଦାସ,
ବ୍ରହ୍ମପୁର,
ଖୋଡାସିଂଙ୍ଗି କଳିଙ୍ଗନଗର
ଗଞ୍ଜାମ,
ପିନ -୭୬୦୦୧୦
ଫୋନ ନମ୍ବର -୭୨୦୫୧୦୦୮୩୯

# 'ଆଇସିଟି'ର ଉତ୍ପତ୍ତି: ଐତିହାସିକ ହିସାବ ପାଇଁ ଏକ ଦୃଷ୍ଟିକୋଣ



**ଅସିତ ମହାନ୍ତି**

ଦଣ୍ଡମୁକ୍ତି ଏବଂ ଦୁର୍ନୀତି ବିରୋଧରେ ଲଢ଼ିବା ପାଇଁ ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ (ICT) ର ସ୍ଥପତି ଶେଖ୍ ହସିନା, ଏବେ ନିଜକୁ ସେହି ସଂସ୍ଥା ଦ୍ୱାରା ନିନ୍ଦିତ କରୁଛନ୍ତି ଯାହାକୁ ସେ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିଥିଲେ - ଏକ ନାଟକୀୟ ପରିବର୍ତ୍ତନ ଯାହା ଦେଶର ରାଜନୈତିକ ଏବଂ ନୈତିକ ମୂଳଦୁଆକୁ ଦୋହଲାଇ ଦେଇଛି।
ଘଟଣାଗୁଡ଼ିକର ଏକ ଆଶ୍ଚର୍ଯ୍ୟଜନକ ମୋଡ଼ରେ, ବାଂଲାଦେଶର ସବୁଠାରୁ ଦୀର୍ଘ ସମୟ ଧରି ପ୍ରଧାନମନ୍ତ୍ରୀ ଏବଂ ଆୱାମୀ ଲିଗର ନେତା ଶେଖ୍ ହସିନାଙ୍କୁ ମାନବତା ବିରୋଧୀ ଅପରାଧ ପାଇଁ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ (ICT) ଦ୍ୱାରା ମୃତ୍ୟୁଦଣ୍ଡ ଦିଆଯାଇଛି। ଏହି ଅଭିଯୋଗଗୁଡ଼ିକ ୨୦୨୪ ମସିହାରେ ଛାତ୍ର-ନେତୃତ୍ୱାଧୀନ ପ୍ରତିବାଦର ହିଂସାତ୍ମକ ଦମନରେ ତାଙ୍କର କଥିତ ଭୂମିକାରୁ ଆସିଛି, ଯାହାର ପରିଣାମସ୍ୱରୂପ ୧, ୪୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ହସିନା ଭାରତରେ ନିର୍ବାସନରେ ଥିବା ସମୟରେ ଅନୁପସ୍ଥିତିରେ ପ୍ରଦାନ କରାଯାଇଥିବା ଏହି ରାୟ ଟ୍ରିବ୍ୟୁନାଲ୍ ର ବୈଧତା, ନ୍ୟାୟର ରାଜନୀତିକରଣ ଏବଂ ଜଣେ ନେତାଙ୍କ ଫାଶରେ ପଡ଼ିଯିବାର ବିଡ଼ମ୍ବନା ଉପରେ ତୀବ୍ର ବିତର୍କକୁ ପ୍ରଜ୍ୱଳିତ କରିଛି ଯାହା ସେ ଥରେ ଚାମ୍ପିଅନ୍ କରିଥିଲେ।ICT ମୂଳତଃ ୨୦୧୦ ରେ ହସିନାଙ୍କ ପ୍ରଶାସନ ଅଧୀନରେ ପ୍ରତିଷ୍ଠିତ ହୋଇଥିଲା, ଯାହାର ଲକ୍ଷ୍ୟ ୧୯୭୧ ମୁକ୍ତି ଯୁଦ୍ଧ ସମୟରେ ହୋଇଥିବା ଯୁଦ୍ଧ ଅପରାଧର ବିଚାର କରିବା ଥିଲା। ଏହାକୁ ଏକ ନୈତିକ ହିସାବ ଭାବରେ ବହୁଳ ଭାବରେ ଦେଖାଯାଉଥିଲା - ପାକିସ୍ତାନୀ ସାମରିକ ଶାସନର ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ଅତ୍ୟାଚାରର ଶିକାର ହୋଇଥିବା ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଏକ ଦୀର୍ଘକାଳୀନ ପ୍ରୟାସ। ହସିନାଙ୍କ ସରକାର ଟ୍ରିବ୍ୟୁନାଲକୁ ଏହାର ଦୁର୍ନୀତି ବିରୋଧୀ ଏବଂ ଗଣତନ୍ତ୍ର ସମର୍ଥକ ଏଜେଣ୍ଡାର ଏକ ମୂଳ ଆଧାର ଭାବରେ ସ୍ଥାପନ କରିଥିଲେ, ଯାହା ଘରୋଇ ସମର୍ଥନ ଏବଂ ଅନ୍ତର୍ଜାତୀୟ ଯାଞ୍ଚ ଉଭୟ ହାସଲ କରିଥିଲା। ତଥାପି, ସମାଲୋଚକମାନେ ଯୁକ୍ତି ଦେଇଥିଲେ ଯେ ICT ପ୍ରାୟତଃ ବିରୋଧୀଙ୍କୁ ନୀରବ କରିବା ପାଇଁ ଏକ ରାଜନୈତିକ ଉପକରଣ ଭାବରେ ବ୍ୟବହାର କରାଯାଉଥିଲା, ବିଶେଷକରି ଜମାତ-ଏ-ଇସଲାମି ଏବଂ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ଇଘଚ) ପରି ପ୍ରତିଦ୍ୱନ୍ଦ୍ୱୀ ଦଳଗୁଡ଼ିକର ନେତାମାନଙ୍କୁ ଟାର୍ଗେଟ କରିବା।
ସମୟ ସହିତ, ICTର ପରିସର ଏହାର ମୂଳ ନିର୍ଦ୍ଦେଶଠାରୁ ଅଧିକ ବିସ୍ତାରିତ ହୋଇଥିଲା। ୨୦୨୩ ସୁଦ୍ଧା, ଏହା ସମସାମୟିକ ରାଜନୈତିକ ହିଂସା ଏବଂ କ୍ଷମତାର ଅପବ୍ୟବହାରର ତଦନ୍ତ ଆରମ୍ଭ କରିଥିଲା। ଏହି ପରିବର୍ତ୍ତନ, ଯଦିଓ ୧୯୭୩ ଆନ୍ତର୍ଜାତୀୟ ଅପରାଧ (ଟ୍ରିବ୍ୟୁନାଲ) ଆଇନ ଅନୁଯାୟୀ ଆଇନଗତ ଭାବରେ ଅନୁମତିପ୍ରାପ୍ତ, ଐତିହାସିକ ନ୍ୟାୟ ଏବଂ ବର୍ତ୍ତମାନର ରାଜନୈତିକ ପ୍ରତିଶୋଧ ମଧ୍ୟରେ ରେଖାକୁ ଝାପ୍ସା କରିଥିଲା। ଚୟନମୂଳକ ମାମଲା, ସ୍ୱଚ୍ଛତାର ଅଭାବ ଏବଂ ଅନ୍ତର୍ଜାତୀୟ ଆଇନଗତ ମାନଦଣ୍ଡ ପ୍ରତି ଅବମାନନା ଅଭିଯୋଗ ସହିତ ଟ୍ରିବ୍ୟୁନାଲର ବିଶ୍ୱସନୀୟତା କ୍ଷୟ ହେବାକୁ ଲାଗିଲା। ବିଡ଼ମ୍ବନାର ବିଷୟ ହେଉଛି, ଏହି ସମାଲୋଚନାଗୁଡ଼ିକ ହସିନାଙ୍କ ରାଜନୈତିକ ପ୍ରତିପକ୍ଷଙ୍କ ବିରୁଦ୍ଧରେ ଥରେ କରାଯାଇଥିବା ସମାଲୋଚନାକୁ ପ୍ରତିଫଳିତ କରୁଥିଲା, ଯେଉଁମାନଙ୍କ ଉପରେ ସେ ଯୁଦ୍ଧ ଅପରାଧୀଙ୍କୁ ସୁରକ୍ଷା ଦେବା ଏବଂ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକୁ ଦୁର୍ବଳ କରିବାର ଅଭିଯୋଗ ଆଣିଥିଲେ। ୨୦୨୪ ଛାତ୍ର ବିଦ୍ରୋହ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଥିଲା। ଆର୍ଥିକ କଷ୍ଟ, ବେକାରୀ ଏବଂ ଶାସକ ଦଳ ଭିତରେ ପରିବାରବାଦର ଅଭିଯୋଗ ଦ୍ୱାରା ଉତ୍ପନ୍ନ ପ୍ରତିବାଦଗୁଡ଼ିକ ଶୀଘ୍ର ଏକ ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ ହୋଇଥିଲା। ପ୍ରଦର୍ଶନକାରୀମାନେ ନିର୍ବାଚନୀ ସଂସ୍କାର, ଦାୟିତ୍ୱ ଏବଂ ହସିନାଙ୍କ ସରକାରଙ୍କ ଇସ୍ତଫା ଦାବି କରିଥିଲେ। ପ୍ରତିକ୍ରିୟାରେ, ସୁରକ୍ଷା ବାହିନୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସିଧାସଳଖ ନିର୍ଦ୍ଦେଶ ଅନୁଯାୟୀ ଏକ ନିଷ୍ଠୁର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ବିବରଣୀ ଏବଂ ଲିକ୍ ହୋଇଥିବା ଯୋଗାଯୋଗ ସୂଚାଇ ଦେଇଥିଲା ଯେ ବିରୋଧୀଙ୍କୁ ଦମନ



କରିବା ପାଇଁ ଘାତକ ଶକ୍ତିକୁ ଅଧିକାର ଦିଆଯାଇଥିଲା, ଯାହା ଫଳରେ ଢାକା ଏବଂ ଅନ୍ୟାନ୍ୟ ସହରାଞ୍ଚଳ କେନ୍ଦ୍ରଗୁଡ଼ିକରେ ବହୁ କ୍ଷୟକ୍ଷତି ଘଟିଥିଲା। ହିଂସାକୁ ଘରୋଇ ଏବଂ ଅନ୍ତର୍ଜାତୀୟ ସ୍ତରରେ ବ୍ୟାପକ ଭାବରେ ନିନ୍ଦା କରାଯାଇଥିଲା, ମାନବାଧିକାର ସଂଗଠନଗୁଡ଼ିକ ଏକ ସ୍ୱାଧୀନ ତଦନ୍ତ ପାଇଁ ଡାକ ଦେଇଥିଲେ। ଅଗଷ୍ଟ ୨୦୨୪ରେ ତାଙ୍କୁ ବହିଷ୍କାର କରାଯିବା ପରେ, ହସିନା ଭାରତ ପଳାଇ ଯାଇଥିଲେ, ଯେଉଁଠାରେ ସେ ରାଜନୈତିକ ଆଶ୍ରୟ ନେଇଥିଲେ। ଏହି ସମୟରେ, ଆଇସିଟି - ବର୍ତ୍ତମାନ ଏକ ପୁନର୍ଗଠିତ ନ୍ୟାୟପାଳିକା ଅଧୀନରେ କାର୍ଯ୍ୟ କରୁଛି - ତାଙ୍କ ଏବଂ ପୂର୍ବତନ ଗୃହମନ୍ତ୍ରୀ ଆସାଦୁଜ୍ଜମାନ ଖାନ କମଲଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଟ୍ରିବ୍ୟୁନାଲ୍ ସେମାନଙ୍କୁ ରାଜ୍ୟ ଆତଙ୍କବାଦର ଏକ ଅଭିଯାନ ପରିଚାଳନା କରୁଥିବାର ଅଭିଯୋଗ କରିଥିଲେ, ଏହି କାର୍ଯ୍ୟାନୁଷ୍ଠାନକୁ 'ନରସଂହାର' ଭାବରେ ଲେବଲ୍ କରିଥିଲେ। ହାସିନାଙ୍କ ସାର୍ବଜନୀନ ପ୍ରତ୍ୟାଖ୍ୟାନ ଏବଂ ଉପଯୁକ୍ତ ପ୍ରକ୍ରିୟା ପାଇଁ ଆବେଦନ ସତ୍ତ୍ୱେ, କୋର୍ଟ ତାଙ୍କ ଅନୁପସ୍ଥିତିରେ ତାଙ୍କୁ 'ପଳାତକ' ଭାବରେ ଦର୍ଶାଇ ବିଚାର ଜାରି ରଖିଥିଲେ। ନଭେମ୍ବର ୧୭, ୨୦୨୫ରେ, ICT ତାର ରାୟ ପ୍ରଦାନ କରିଥିଲା: ମାନବତା ବିରୁଦ୍ଧରେ ଅପରାଧ ପାଇଁ ଫାଶୀ ଦେଇ ମୃତ୍ୟୁ।ଏହି ରାୟର ପ୍ରଭାବ ଗଭୀର। ରାଜନୈତିକ ଦୃଷ୍ଟିରୁ, ଏହା ଏକ ସମୟର ପ୍ରଭାବଶାଳୀ ବ୍ୟକ୍ତିତ୍ୱର ପତନକୁ ଚିହ୍ନିତ କରେ ଯାହାଙ୍କ ଉତ୍ତରାଧିକାର ବର୍ତ୍ତମାନ ସ୍ୱେଚ୍ଛାଚାରିତା ଏବଂ ମାନବାଧିକାର ଉଲ୍ଲଂଘନର ଅଭିଯୋଗ ଦ୍ୱାରା ଛାଇ ହୋଇଯାଇଛି। ଆଇନଗତ ଭାବରେ, ଏହା ଟ୍ରିବ୍ୟୁନାଲ୍ ର ନିରପେକ୍ଷତା ଏବଂ ଯୁଦ୍ଧ ଅପରାଧ କୋର୍ଟରୁ ସମସାମୟିକ ରାଜନୈତିକ ଦାୟିତ୍ୱ ପାଇଁ ଏକ ତନ୍ତ୍ରରେ ପରିଣତ ହେବା ବିଷୟରେ ପ୍ରଶ୍ନ ଉଠାଇଥାଏ। ନୀତିଗତ ଭାବରେ, ଏହା ନ୍ୟାୟର ବିରୋଧାଭାସ ସହିତ ଗଣନା କରିବାକୁ ବାଧ୍ୟ କରେ - ଯେତେବେଳେ ନୈତିକ କ୍ରମକୁ ବଜାୟ ରଖିବା ପାଇଁ ଡିଜାଇନ୍ ହୋଇଥିବା ଏକ ବ୍ୟବସ୍ଥା ନିଜର ସୃଷ୍ଟିକର୍ତ୍ତାଙ୍କ ବିରୁଦ୍ଧରେ କାର୍ଯ୍ୟ କରେ ସେତେବେଳେ ତାହା ବୈଧ ରହିପାରିବ କି?
ରାୟର ସମର୍ଥକମାନେ ଯୁକ୍ତି ଦିଅନ୍ତି ଯେ କେହି ଆଇନର ଊର୍ଦ୍ଧ୍ୱରେ ନୁହଁନ୍ତି, ଏବଂ ହାସିନାଙ୍କ ଦୋଷୀ ସାବ୍ୟସ୍ତ ହେବା ବାଂଲାଦେଶର ଆଇନଗତ ପ୍ରତିଷ୍ଠାନଗୁଡ଼ିକର ପରିପକ୍ୱତାକୁ ପ୍ରଦର୍ଶନ କରେ। ସେମାନେ ପ୍ରକ୍ରିୟାଗତ କଠୋରତାର ପ୍ରମାଣ ଭାବରେ ଟ୍ରିବ୍ୟୁନାଲର ବିସ୍ତୃତ ଡକ୍ୟୁମେଣ୍ଟେସନ୍, ସାକ୍ଷୀଙ୍କ ସାକ୍ଷ୍ୟ ଏବଂ ଫରେନସିକ୍ ପ୍ରମାଣକୁ ଇଙ୍ଗିତ କରନ୍ତି। ସେମାନଙ୍କ ପାଇଁ, ICT ସବୁଠାରୁ ଶକ୍ତିଶାଳୀଙ୍କୁ ମଧ୍ୟ ଦାୟୀ କରି ଏହାର ନିର୍ଦ୍ଦେଶ ପୂରଣ କରିଛି। ତଥାପି, ବିରୋଧୀମାନେ ଏହି ବିଚାରକୁ ଏକ ରାଜନୈତିକ ଭାବରେ ପ୍ରେରିତ ପ୍ରଦର୍ଶନ ଭାବରେ ଦେଖନ୍ତି, ଯାହା ହସିନାଙ୍କ ଅବଦାନକୁ ଲିଭାଇ ଦେବା ଏବଂ ଏକ ନୂତନ ଶାସନ ଅଧୀନରେ କ୍ଷମତାକୁ ଏକତ୍ରିତ କରିବା ପାଇଁ ଡିଜାଇନ୍ କରାଯାଇଛି। ସେମାନେ ଅନ୍ତର୍ଜାତୀୟ ତଦାରଖର ଅନୁପସ୍ଥିତି, କାର୍ଯ୍ୟର ଗତି ଏବଂ ଆବେଦନ ପାଇଁ ସୁଯୋଗର ଅଭାବକୁ ନ୍ୟାୟିକ ପ୍ରବାହର ଲକ୍ଷଣ ଭାବରେ ଉଲ୍ଲେଖ କରନ୍ତି। ଏହି କାହାଣୀରେ ଭାରତର ଭୂମିକା ଜଟିଳତାର ଆଉ ଏକ ସ୍ତର ଯୋଡିଛି। ହସିନାଙ୍କ ଆୟୋଜକ ଦେଶ ଭାବରେ, ଭାରତ ତାଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ କୂଟନୈତିକ ଚାପର ସମ୍ମୁଖୀନ ହେଉଛି, ଏହା ଏକ ପଦକ୍ଷେପ ଯାହା ଦ୍ୱିପାକ୍ଷିକ ସମ୍ପର୍କକୁ ଚାପ ପକାଇପାରେ ଏବଂ ଘରୋଇ ପ୍ରତିକ୍ରିୟା ସୃଷ୍ଟି କରିପାରେ। ମାନବିକ ଚିନ୍ତା ଏବଂ ଆଞ୍ଚଳିକ ସ୍ଥିରତାର ଆବଶ୍ୟକତାକୁ ଉଦ୍ଧୃତ କରି ନୂଆଦିଲ୍ଲୀ ଏପର୍ଯ୍ୟନ୍ତ ଅଣ-ପ୍ରତିବଦ୍ଧ ରହିଛି। ଏହି ସମୟରେ, ବାଂଲାଦେଶର ନାଗରିକ ସମାଜ ଧ୍ରୁବୀକରଣ ହୋଇଛି - କେତେକ ଜଣେ ନେତାଙ୍କ ପତନ ପାଇଁ ଶୋକ କରୁଛନ୍ତି ଯିଏ ଥରେ ପ୍ରଗତିକୁ ପ୍ରତୀକ କରୁଥିଲେ, ଅନ୍ୟମାନେ ଏହାକୁ ଦୀର୍ଘ ସମୟ ଧରି ବିଚାର ଭାବରେ ପାଳନ କରୁଛନ୍ତି।
ପରିଶେଷରେ, ଶେଖ ହସିନାଙ୍କ ପତନ ନ୍ୟାୟକୁ ରାଜନୈତିକ ସୁବିଧା ସହିତ ମିଶ୍ରଣ କରିବାର ବିପଦକୁ ସ୍ପଷ୍ଟ କରେ। ଆଇସିଟି, ଯାହା ଥରେ ନୈତିକ ସ୍ପଷ୍ଟତାର ଆଲୋକମାଳ ଥିଲା, ଏବେ ସାଂଗଠନିକ ପ୍ରବାହର ଏକ ସତର୍କତାମୂଳକ କାହାଣୀ ଭାବରେ ଠିଆ ହୋଇଛି। ଯୁଦ୍ଧ ଅପରାଧ ଟ୍ରିବ୍ୟୁନାଲରୁ ସମସାମୟିକ ରାଜନୈତିକ ବିଚାରର ଏକ ଅଦାଲତରେ ଏହାର ପରିବର୍ତ୍ତନ ଅସ୍ଥିର ଗଣତନ୍ତ୍ରରେ ଆଇନଗତ ଢାଞ୍ଚାର ତରଳତାକୁ ପ୍ରତିଫଳିତ କରେ। ହସିନାଙ୍କ ଦୋଷୀ ସାବ୍ୟସ୍ତ ହେବା ଉତ୍ତରଦାୟିତ୍ୱର ଏକ ନୂତନ ଯୁଗ ଆରମ୍ଭ କରିବ କି ବିଦ୍ୟମାନ ବିଭାଜନକୁ ଆହୁରି ଗଭୀର କରିବ ତାହା ଦେଖିବାକୁ ବାକି ଅଛି। ତଥାପି, ନିଶ୍ଚିତ କଥା ହେଉଛି ଯେ ନ୍ୟାୟର ଚାପ - ଏହାର ଉଦ୍ଦେଶ୍ୟ ଯେତେ ମହାନ ହେଉ - ଅପ୍ରତ୍ୟାଶିତ ଏବଂ ବିଡ଼ମ୍ବନାପୂର୍ଣ୍ଣ ଦିଗରେ ମୋଡ଼ିପାରେ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

# ତ୍ୟାଗ ଏବଂ ଜ୍ଞାନର ସମାର୍ଥକ ହେଉଛି ସଂଯମ



**ମାନସ କୁମାର କର**

ମାନବ ଜୀବନର ସର୍ବୋତ୍ତମ ରହସ୍ୟ ବାହ୍ୟ ପରିସ୍ଥିତିରେ ନୁହେଁ, ବରଂ ଆମ ଭିତରେ ଅଛି। ଏହି ରହସ୍ୟକୁ ସଂଯମ କୁହାଯାଏ। ଏହା ଏକ ଏପରି ଗୁଣ ଯାହା ଜଣେ ସାଧାରଣ ବ୍ୟକ୍ତିକୁ ମଧ୍ୟ ଅସାଧାରଣ ଜିନିଷରେ ପରିଣତ କରେ। ସଂଯମ କେବଳ ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ନୁହେଁ, ବରଂ ମନ, ବାଣୀ ଏବଂ କାର୍ଯ୍ୟକୁ ନିର୍ଦ୍ଦେଶିତ କରିବାର କଳା। ଯଦି ବିଶ୍ୱାସ ଜୀବନର ମୂଳଦୁଆ, ତେବେ ସଂଯମ ହେଉଛି ଏହାର ଦିଗଦର୍ଶନ। ମଣିଷ ପାଖରେ ପ୍ରଚୁର ଶକ୍ତି ଅଛି। ଏହି ଶକ୍ତି କେତେବେଳେ ସୃଷ୍ଟିର ମାଧ୍ୟମ ହୋଇପାରେ ଏବଂ କେତେବେଳେ ବିନାଶର କାରଣବି ହୋଇପାରେ।
ଯେପରି ଏକ ନଦୀ, ଯାହା ତା'ର କୂଳରେ ପ୍ରବାହିତ ହୁଏ, ଜୀବନଦାୟକ, କିନ୍ତୁ ଯେତେବେଳେ ଏହା ବନ୍ୟା ଆସେ, ଏହା ସବୁକିଛି ନଷ୍ଟ କରିଦିଏ। ମାନବ ପ୍ରବୃତ୍ତି ବିଷୟରେ ମଧ୍ୟ ସେହିପରି ସତ୍ୟ। ଯଦି ସେଗୁଡ଼ିକୁ ନିୟନ୍ତ୍ରିତ କରାଯାଏ, ତେବେ ସେମାନେ ସୁଖ, ଶାନ୍ତି ଏବଂ ସଫଳତା ଆଣନ୍ତି; ଯଦି ସେଗୁଡ଼ିକ ଅନିୟନ୍ତ୍ରିତ ହୁଏ, ତେବେ ସେମାନେ ଦୁଃଖ ଏବଂ ଅଶାନ୍ତି ଆଣନ୍ତି। ସଂଯମର ଅର୍ଥ ଇଚ୍ଛାକୁ ଦମନ କରିବା ନୁହେଁ। ଏହା ଆତ୍ମ-ନିୟନ୍ତ୍ରଣର ଏକ ପ୍ରକ୍ରିୟା, ଯେଉଁଥିରେ ଜଣେ ବ୍ୟକ୍ତି ନିଜ ଭିତରେ ଉଭା ହେଉଥିବା ଚିନ୍ତାଧାରା ଏବଂ ଭାବନାକୁ ସଠିକ୍ ଦିଗଦର୍ଶନ ଦେଇଥାଏ। ଉଦାହରଣ ସ୍ୱରୂପ, ପ୍ରତ୍ୟେକ ମଣିଷ ଭିତରେ କ୍ରୋଧ ଦେଖାଯାଏ। ଯଦି ଅନିୟନ୍ତ୍ରିତ ହୁଏ, ତେବେ ଏହା ସମ୍ପର୍କକୁ ନଷ୍ଟ କରିପାରେ, କିନ୍ତୁ ଯେତେବେଳେ ନିୟନ୍ତ୍ରଣ କରାଯାଏ, ତେବେ ଏହା ଅନ୍ୟାୟ ବିରୁଦ୍ଧରେ ଠିଆ ହେବାର ଶକ୍ତି ପାଲଟିଯାଏ। ସେହିପରି, ଯେଉଁ ବ୍ୟକ୍ତି ନିଜ କଥାକୁ ନିୟନ୍ତ୍ରଣ କରନ୍ତି, ସେ ତିକ୍ତତା ବଦଳରେ ଆଲୋଚନା ଏବଂ ସମାଧାନ ପାଇଁ ପଥ ପ୍ରଶସ୍ତ କରନ୍ତି।
ସଂଯମ ହେଉଛି ତ୍ୟାଗ ଏବଂ ଜ୍ଞାନର ସମାର୍ଥକ। ସଂଯମର ଯାଦୁ ହେଉଛି ଏହା ଧୀରେ ଧୀରେ ବ୍ୟକ୍ତିର ସ୍ୱଭାବର ଏକ ଅଂଶ ହୋଇଯାଏ। ପ୍ରାରମ୍ଭରେ, ଏହା ଏକ ଅଭ୍ୟାସ ପରି ମନେ ହୁଏ, ଯେପରିକି କହିବା ପୂର୍ବରୁ ଚିନ୍ତା କରିବା, କ୍ରୋଧରେ ପ୍ରତିକ୍ରିୟା ନ କରିବା, ଖାଇବାରେ ମିତବ୍ୟୟୀ ହେବା, କିମ୍ବା ନିୟମିତ ଭାବରେ ସମୟ ବ୍ୟବହାର କରିବା। କିନ୍ତୁ ଧୀରେ ଧୀରେ, ଏହା ଏକ ପ୍ରାକୃତିକ ଅଭ୍ୟାସରେ ପରିଣତ ହୁଏ, ଏବଂ ଜଣେ ବ୍ୟକ୍ତିଙ୍କ କଥା ମଧୁର, ଚିନ୍ତାଧାରା ସକାରାତ୍ମକ ଏବଂ କାର୍ଯ୍ୟ ସୃଜନଶୀଳ ହୋଇଯାଏ। ଏହି ପରିବର୍ତ୍ତନ ସେମାନଙ୍କୁ ଭିତରୁ ସଶକ୍ତ କରିଥାଏ।
ସଂଯମ କେବଳ ବ୍ୟକ୍ତିଗତ ଜୀବନରେ ନୁହେଁ ବରଂ ସାମାଜିକ ଜୀବନରେ ମଧ୍ୟ ଅତ୍ୟାବଶ୍ୟକ। ଛୋଟ ଛୋଟ ଘଟଣା ଉପରେ ହିଂସା ଏବଂ ବିବାଦ ଏହି ସଂଯମର ଅଭାବର ପରିଣାମ, ଯେଉଁଠାରେ ଏକ ସଂଯମ ସମାଜରେ ସହଯୋଗ, ସହନଶୀଳତା ଏବଂ ସମନ୍ୱୟ ବୃଦ୍ଧି ପାଏ, ତେଣୁ ସଂଯମକୁ ଏକ ସାମାଜିକ ମୂଲ୍ୟ ମଧ୍ୟ ବିବେଚନା କରାଯାଏ। ଧାର୍ମିକ ଏବଂ ଦାର୍ଶନିକ ଦୃଷ୍ଟିକୋଣରୁ, ସଂଯମ ହେଉଛି ଆଧ୍ୟାତ୍ମିକ ଯାତ୍ରାର ପ୍ରଥମ ପଦକ୍ଷେପ ଏବଂ ଯୋଗ ଶାସ୍ତ୍ରରେ ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି।
ଯୋଗସୂତ୍ରରେ, ଯୋଗ ଏବଂ ନିୟମ ଅଧୀନରେ ସଂଯମ ଉଲ୍ଲେଖ କରାଯାଇଛି। ସଂଯମ ସାଧକଙ୍କୁ ଆନ୍ତରିକ ଶାନ୍ତି ଏବଂ ଆତ୍ମ-ସାକ୍ଷାତକୁ ନେଇଯାଏ। ଋଷିମାନେ ଏହାକୁ ଆତ୍ମାର ଶକ୍ତି ବୋଲି କହିଛନ୍ତି। ଏହାକୁ ପରିଚାଳନା କରିବାରେ ବିଫଳ ହେବା ଏବଂ ଭାଙ୍ଗି ପଡ଼ିବାର ପରିଣାମ ସବୁଠି ଦୃଶ୍ୟମାନ। ଆବେଗପୂର୍ଣ୍ଣ ନିଷ୍ପତ୍ତି ଜୀବନବ୍ୟାପୀ ଅନୁତାପ କରେ। ଏକ ଅନିୟନ୍ତ୍ରିତ ଜୀବନଶୈଳୀ ସ୍ୱାସ୍ଥ୍ୟକୁ ନଷ୍ଟ କରେ। ଅନିୟନ୍ତ୍ରିତ କଥାବାର୍ତ୍ତା ସମ୍ପର୍କକୁ ଭାଙ୍ଗିଦିଏ। ଯେଉଁଠାରେ ଏକ ସଂଯମ ବ୍ୟକ୍ତି ସଂଯମତା
ଅର୍ଥ ଜୀବନକୁ ସୀମିତ ନୁହେଁ, ବରଂ ଏହାକୁ ଦୃଢ଼ ଏବଂ ଉଦ୍ଦେଶ୍ୟମୂଳକ କରିଥାଏ। ଯେପରି ଏକ ବାଦ୍ୟଯନ୍ତ୍ରର ତାରଗୁଡ଼ିକ ଯଦି ଢିଲା ହୁଏ ତେବେ ତା'ର ସ୍ୱର ହରାଇଥାଏ, ଏବଂ ଯଦି ଅତ୍ୟଧିକ କଠିନ ହୁଏ ତେବେ ଭାଙ୍ଗିଯାଏ, ସେହିପରି, ସଂଯମ ବିନା, ଜୀବନ ନୀରସ ହୋଇଯାଏ କିମ୍ବା ଚାପରେ ଭାଙ୍ଗିଯାଏ।
ଆଜିର ଦ୍ରୁତ ଗତିଶୀଳ ଦୁନିଆରେ ସଂଯମର ଆବଶ୍ୟକତା ବୃଦ୍ଧି ପାଇଛି। ସୋସିଆଲ ମିଡିଆର ଯୁଗରେ, ଲୋକମାନେ ଚିନ୍ତା ନକରି ପ୍ରତିକ୍ରିୟା କରନ୍ତି। ଏହା ସମ୍ପର୍କରେ ତିକ୍ତତା ଏବଂ ସମାଜରେ ଉତ୍ତେଜନା ସୃଷ୍ଟି କରେ। ଯଦି ଜଣେ ବ୍ୟକ୍ତି କହିବା ପୂର୍ବରୁ ଅଟକିଯାଏ ଏବଂ ବିଚାର କରେ ଯେ ତାଙ୍କ କଥା କାହାକୁ ଆଘାତ ଦେବ କି ନାହିଁ, ତେବେ ଅନେକ ବିବାଦ ସୃଷ୍ଟି ହେବ ନାହିଁ। ସଂଯମର ଏହି ଛୋଟ ଅଭ୍ୟାସ ମହାନ ଫଳାଫଳ ଆଣିପାରେ। ସଂଯମର ଆଉ ଏକ ଦିଗ ହେଉଛି ଇନ୍ଦ୍ରିୟଗତ ନିୟନ୍ତ୍ରଣ। ଆନନ୍ଦ ଏବଂ ବିଳାସର ପ୍ରବୃତ୍ତି ମଣିଷକୁ ଆକର୍ଷିତ କରେ। ଅତ୍ୟଧିକ ଖାଇବା ପିଇବା, ଅତ୍ୟଧିକ ମନୋରଞ୍ଜନ କିମ୍ବା ଧନର ଇଚ୍ଛା ଜୀବନର ସନ୍ତୁଳନକୁ ବିଚଳିତ କରେ। ଯେଉଁ ବ୍ୟକ୍ତି ମିତବ୍ୟୟୀ ଭାବରେ ବଞ୍ଚିବାକୁ ଶିଖେ ଏବଂ ସମ୍ବଳକୁ ବିଚାରର ସହିତ ବ୍ୟବହାର କରେ, ସେ ଦୀର୍ଘକାଳୀନ ସୁଖ ଏବଂ ସ୍ୱାସ୍ଥ୍ୟ ପାଏ। ଏହି କାରଣରୁ, ପ୍ରାଚୀନ ଭାରତୀୟ ସଂସ୍କୃତିରେ ସଂଯମତାକୁ ତପସ୍ୟା କୁହାଯାଏ।
ସମୟ ପରିଚାଳନାରେ ମଧ୍ୟ ଏକ ପ୍ରକାର ସଂଯମତା ପ୍ରତିଫଳିତ ହୁଏ। ଜଣେ ଅନୁଶାସନହୀନ ବ୍ୟକ୍ତି ସମୟ ନଷ୍ଟ କରେ ଏବଂ ଅନୁତାପ କରେ, ଯେତେବେଳେ ଜଣେ ସଂଯମତାହୀନ ବ୍ୟକ୍ତି ସମୟର ଗୁରୁତ୍ୱକୁ ବୁଝେ ଏବଂ ପ୍ରତ୍ୟେକ ମୁହୂର୍ତ୍ତକୁ ବୁଦ୍ଧିମାନ ଭାବରେ ବ୍ୟବହାର କରେ। ତେଣୁ, ସଂଯମତାକୁ ସଫଳତାର ଚାବିକାଠି ବୋଲି ବିବେଚନା କରାଯାଏ। ମାନବ ସମ୍ପର୍କରେ ମଧ୍ୟ ସଂଯମତା ଅତ୍ୟାବଶ୍ୟକ। ପରିବାର, ବନ୍ଧୁତା ଏବଂ ବୈବାହିକ ଜୀବନ - ସବୁକିଛି ଧୈର୍ଯ୍ୟ ଏବଂ ଆତ୍ମନିୟନ୍ତ୍ରଣ ଉପରେ ନିର୍ଭର କରେ। ଯଦି ଜଣେ ବ୍ୟକ୍ତି ନିଜର ସ୍ୱାର୍ଥ ଏବଂ କ୍ରୋଧକୁ ନିୟନ୍ତ୍ରଣ କରିବାରେ ବିଫଳ ହୁଏ, ତେବେ ସମ୍ପର୍କ ଭାଙ୍ଗିଯାଏ, କିନ୍ତୁ ଯେତେବେଳେ ସେ ନିଜର ଅହଂକାରକୁ ନିୟନ୍ତ୍ରଣ କରେ, ସମ୍ପର୍କ ମଧୁର ରହିଥାଏ। ଏଠାରେ, ସେମାନେ କଷ୍ଟକୁ ସୁଯୋଗରେ ପରିଣତ କରନ୍ତି ଏବଂ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୁଅନ୍ତି।
ଏହା ମଧ୍ୟ ସତ୍ୟ ଯେ ସଂଯମତା ଅଭ୍ୟାସ ସହଜ ନୁହେଁ। ମନ ଚଞ୍ଚଳ, ଇନ୍ଦ୍ରିୟଗୁଡ଼ିକ ପ୍ରଲୋଭିତ କରେ, ଏବଂ ପରିସ୍ଥିତି ଉତ୍ତେଜିତ କରେ, କିନ୍ତୁ ଏହି ଚ୍ୟାଲେଞ୍ଜ ଏହାକୁ ମୂଲ୍ୟବାନ କରିଥାଏ। ସଂଯମତା ଧୈର୍ଯ୍ୟ, ଅଭ୍ୟାସ ଏବଂ ଆତ୍ମ-ସଚେତନତାରୁ ଆସେ। ଯେତେବେଳେ ଜଣେ ବ୍ୟକ୍ତି ବୁଝିପାରେ ଯେ କ୍ଷଣିକ ସୁଖର ଅନୁସନ୍ଧାନ କରିବା ଶେଷରେ ଦୁଃଖର କାରଣ ହେବ, ସେ ସଂଯମତାକୁ ଗ୍ରହଣ କରନ୍ତି। ଧୀରେ ଧୀରେ, ଏହା ଏକ ସ୍ଥାୟୀ ଶକ୍ତିରେ ପରିଣତ ହୁଏ। ସଂଯମତାର ଅର୍ଥ ଜୀବନକୁ ସୀମିତ କରିବା ନୁହେଁ, ବରଂ ଏହାକୁ ଉଦ୍ଦେଶ୍ୟମୂଳକ ଭାବରେ ସଶକ୍ତ କରିବା। ଯେପରି ଏକ ବାଦ୍ୟଯନ୍ତ୍ରର ତାରଗୁଡ଼ିକ ଅତ୍ୟଧିକ ଢିଲା ହେଲେ ସେମାନଙ୍କର ସ୍ୱର ହରାଇଥାଏ, ଏବଂ ଅତ୍ୟଧିକ କଠିନ ହେଲେ ଭାଙ୍ଗିଯାଏ, ସେହିପରି ଜୀବନ, ସଂଯମ ବିନା, ଚାପରେ ମନ୍ଥର ହୋଇଯାଏ କିମ୍ବା ଭାଙ୍ଗିଯାଏ। ଏହି ସନ୍ତୁଳନ ହିଁ ଜଣେ ବ୍ୟକ୍ତିକୁ ନିଜ ଶକ୍ତି ବିଷୟରେ ସଚେତନ କରାଏ ଏବଂ ଜୀବନର ପ୍ରକୃତ ଉଚ୍ଚତାକୁ ଉନ୍ନୀତ କରେ। ଯିଏ ନିଜକୁ ଜୟ କରେ ସେ ଏହି ଜଗତରେ ପ୍ରକୃତରେ ବିଜୟୀ ହୁଏ।
ଏହା କୁହାଯାଇପାରେ ଯେ ସଂଯମ ପ୍ରଚାରର ବିଷୟ ନୁହେଁ, ବରଂ ଅଭିଜ୍ଞତାର ବିଷୟ। ଏହାକୁ ଶବ୍ଦ ଦ୍ୱାରା ନୁହେଁ, ଅଭ୍ୟାସ ଦ୍ୱାରା ବୁଝିହେବ। ଏକ ସଂଯମ ଜୀବନ ବଞ୍ଚିବା ନିଶ୍ଚିତ ଭାବରେ କଷ୍ଟକର, କିନ୍ତୁ ଅସମ୍ଭବ ନୁହେଁ। କହିବା ପୂର୍ବରୁ ବିରାମ ନେବା, କ୍ରୋଧକୁ ନିୟନ୍ତ୍ରଣ କରିବା ଏବଂ ସମୟକୁ ବୁଦ୍ଧିମାନ ଭାବରେ ବ୍ୟବହାର କରିବା ଭଳି ଛୋଟ ଆରମ୍ଭ ବଡ଼ ପରିବର୍ତ୍ତନ ଆଣିଥାଏ। ଏହି ପରିବର୍ତ୍ତନଗୁଡ଼ିକ ଜୀବନକୁ ଦୃଢ଼, ସନ୍ତୁଳିତ ଏବଂ ଅର୍ଥପୂର୍ଣ୍ଣ କରିଥାଏ। ଆତ୍ମ-ନିୟନ୍ତ୍ରଣ ହେଉଛି ଯାଦୁ ଯାହା ଜଣେ ସାଧାରଣ ବ୍ୟକ୍ତିକୁ ଅସାଧାରଣ ଜିନିଷରେ ପରିଣତ କରେ ଏବଂ ନିଜକୁ ଜୟ କରିବାକୁ ସକ୍ଷମ କରେ। କାରଣ ସର୍ବୋତ୍ତମ ବିଜୟ ଅନ୍ୟମାନଙ୍କ ଦ୍ୱାରା ନୁହେଁ, ବରଂ ନିଜ ଉପରେ।

କୋତାଙ୍ଗ, କୋଣାର୍କ
୭୩୮୧୩୮୨୨୧୦

● ଏବେ ବିହାରରେ ବିଜେପି ବଡ଼ଭାଇ

# ୨ ଉପମୁଖ୍ୟମନ୍ତ୍ରୀଙ୍କ ସହ ୧୪ ମନ୍ତ୍ରୀ ପଦ



ପାଟନା ୨୦।୧୧: ବିହାରରେ ଯଦିଓ ନୀତୀଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ପର୍ଦ୍ଦା ପଛର କାହାଣୀ କିଛି ଅନ୍ୟ କଥା କହୁଛି। ଏଥର ଶପଥ ଗ୍ରହଣରେ ବିଜେପି ସରକାରରେ ନିଜର ସ୍ଥିତିକୁ ଅଭୂତପୂର୍ବ ରୂପେ ମଜଭୁତ କରିଛି। ଏ ପର୍ଯ୍ୟନ୍ତ ସରକାରରେ ସାନଭାଇର ଭୂମିକା ନିର୍ବାହ କରି ଆସୁଥିବା ବିଜେପି ଅଚାନକ ରାଜ୍ୟ ରାଜନୀତିରେ ବଡ଼ ଭାଇ ପାଲଟିଛି। ଏଥର ମନ୍ତ୍ରିମଣ୍ଡଳରେ ବିଜେପି ନା କେବଳ ମନ୍ତ୍ରୀଙ୍କ ସଂଖ୍ୟା ବୃଦ୍ଧି କରିଛି ବରଂ କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ନିଜ ଖାତାକୁ ନେଇଛି। ଏଥର ବିଜେପି ଖାତାକୁ ସବୁଠୁ ଅଧିକ ୧୪ ଜଣ ମନ୍ତ୍ରୀ ଆସିଛି। ଅନ୍ୟପଟେ ମେଣ୍ଟ ନେତା ଜେଡି(ୟୁ) ଖାତାକୁ ମାତ୍ର ୮ଟି ମନ୍ତ୍ରୀପଦ ଯାଇଛି। ଏହି ସଂଖ୍ୟା ବଳ ସରକାରଙ୍କ ସବୁ ବଡ଼ ନିଷ୍ପତ୍ତିରେ ବିଜେପିର ନିର୍ଣ୍ଣାୟକ ଭୂମିକା ସୁନିଶ୍ଚିତ କରିବ। ବିଜେପି ସଫଳତା ପୂର୍ବକ ନିଜର ଦୁଇ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରିବାରେ ସଫଳ ହୋଇଛି। ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ପଦ ବାଦ ବିଜେପି ବିଧାନସଭାର ବାଚସ୍ପତି ପଦକୁ ମଧ୍ୟ ନିଜ ଖାତାକୁ ନେଇଥିବା ଖବର ଆସୁଛି।

## ମୁଖ୍ୟମନ୍ତ୍ରୀଙ୍କଠାରୁ ସମ୍ରାଟ ଚୌଧୁରୀ ଧନୀ

ବିହାରରେ ତାରାପୁର ସିଟରୁ ଜିତି ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ସମ୍ରାଟ ଚୌଧୀରଙ୍କ ସମ୍ପତ୍ତି ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ। ବିହାରର ଏହି ଡେପୁଟି ସିଏମଙ୍କ ସମ୍ପତ୍ତି, ମୁଖ୍ୟମନ୍ତ୍ରୀଙ୍କ ସମ୍ପତ୍ତିଠାରୁ ଡେଢ଼ ଗୁଣ ଅଧିକ। ମିଳିଥିବା ରିପୋର୍ଟ ଅନୁସାରେ, ସମ୍ରାଟ ଚୌଧୁରୀଙ୍କ ମୋଟ ସମ୍ପତ୍ତିର ଦାମ ୧୧ କୋଟି ୩୪ ଲକ୍ଷ। ତାଙ୍କ ପାଖରେ ବର୍ତ୍ତମାନ ସୁଦ୍ଧା ପାଖାପାଖି ୨ ଲକ୍ଷ ଟଙ୍କା ନଗଦ ଟଙ୍କା ଥିବାବେଳେ ପାଖାପାଖି ୨୭ ଲକ୍ଷ ଟଙ୍କା ବ୍ୟାଙ୍କ ଡିପୋଜିଟ୍ ରହିଛି । ଏହାସହିତ ସମ୍ରାଟ ଚୌଧୁରୀଙ୍କ ପାଖରେ ୪୦ ଲକ୍ଷ ଟଙ୍କାର ସୁନା, ୩୨ ଲକ୍ଷ ଟଙ୍କାର ସେୟାର ବଣ୍ଡ, ୧୦ ଲକ୍ଷ ଟଙ୍କାର ଲାଇଫ୍ ଇନ୍ସ୍ୟୁରାନ୍ସ ରହିଛି। ଏହାସହିତ ସମ୍ରାଟ ଚୌଧୁରୀଙ୍କ ନାଁରେ ଗୋଟିଏ ବୋଲେରୋ ମଧ୍ୟ ରହିଛି, ଯାହାର ମୂଲ୍ୟ ପାଖାପାଖି ୭ ଲକ୍ଷ ଟଙ୍କା ହେବ।

## ପରାଜୟ ପରେ ମୁହଁ ଖୋଲିଲେ ତେଜସ୍ୱୀ

### ନୂଆ ସରକାରଙ୍କୁ ଶୁଭେଚ୍ଛା ଜଣାଇଲେ



ବିହାର ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ପ୍ରଥମଥର ମୁହଁ ଖୋଲିଛନ୍ତି ବିରୋଧୀ ମେଣ୍ଟ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ। ଆଜି ରେକର୍ଡ ୧୦ମ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଭାବେ ଜେଡିୟୁ ସୁପ୍ରିମୋ ନୀତୀଶ କୁମାର ଶପଥ ନେବା ପରେ ତେଜସ୍ୱୀଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ସେ ଏକ୍ସରେ ନୂଆ ସରକାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ନୂଆ ସରକାର ନିଜର ପ୍ରତିଶ୍ରୁତି ଓ ଘୋଷଣା ପୂରଣ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ନୂଆ ସରକାର ଦାୟିତ୍ୱବାନ ଭାବେ ଲୋକଙ୍କ ଆଶା ଓ ବିଶ୍ୱାସ ଅନୁସାରେ କାମ କରିବ। ନିଜର ପ୍ରତିଶ୍ରୁତି ଓ ଘୋଷଣା ପୂରଣ କରିବ। ବିହାରବାସୀଙ୍କ ଜୀବନରେ ସକାରାତ୍ମକ ପରବର୍ତ୍ତନ ଆଣିବ ବୋଲି ମୁଁ ଆଶା କରୁଛି।

## ବିଜୟ କୁମାର ସିହ୍ନା ସବୁଠୁ ଧନୀ

ବିହାରର ମୁଖ୍ୟମନ୍ତ୍ରୀ ଏବଂ ଦୁଇ ଉପ-ମୁଖ୍ୟମନ୍ତ୍ରୀଙ୍କ ଭିତରେ ସବୁଠୁ ଧନୀ ହେଉଛନ୍ତି ବିଜୟ କୁମାର ସିହ୍ନା। ମିଳିଥିବା ରିପୋର୍ଟ ଅନୁସାରେ, ତାଙ୍କ ପାଖରେ ମୋଟ ୧୧ କୋଟି ୬୨ ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି। ଏହାସହିତ ତାଙ୍କ ଉପରେ ୧ କୋଟି ୨୧ ଲକ୍ଷ ଟଙ୍କାର ଋଣ ମଧ୍ୟ ଅଛି ବୋଲି ସେ ନିଜ ଆଫିଡେଭିଟରେ ଜଣାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ବିଜୟ ସିହ୍ନାଙ୍କ ପାଖରେ ୧ ଲକ୍ଷ ୨୫ ହଜାର ନଗଦ ଟଙ୍କା ରହିଥିବା ବେଳେ, ବ୍ୟାଙ୍କ ଖାତାରେ ପାଖାପାଖି ୬୦ ଲକ୍ଷ ଟଙ୍କା ରହିଛି। ଏହାବାଦ୍ ସେ ବଣ୍ଡ୍ ଏବଂ ସୁନା ମଧ୍ୟ ରଖିଛନ୍ତି।

## ଭାରତର ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀମାନଙ୍କ ତାଲିକା

**ପବନ କୁମାର ଚାମଲିଙ୍ଗ (ସିକିମ)**
ପବନ କୁମାର ଚାମଲିଙ୍ଗ ଭାରତରେ ସବୁଠାରୁ ଅଧିକ ସମୟ ପାଇଁ ମୁଖ୍ୟମନ୍ତ୍ରୀ ରହିବାର ରେକର୍ଡ ରହିଛି। ସେ ପ୍ରଥମ ଥର ପାଇଁ ୧୨ ଡିସେମ୍ବର ୧୯୯୪ ରେ ଶପଥ ନେଇଥିଲେ ଏବଂ ୨୭ ମଇ ୨୦୧୯ ପର୍ଯ୍ୟନ୍ତ ସିକିମରେ ନିରନ୍ତର ଶାସନ କରିଥିଲେ। ସେ ପ୍ରାୟ ୨୪ ବର୍ଷ ୧୬୫ ଦିନ ପାଇଁ ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଚାମଲିଙ୍ଗ ପାଞ୍ଚ ଥର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଦେଶର ଅନ୍ୟ କୌଣସି ନେତା ଏତେ ଦୀର୍ଘ ସମୟ ପାଇଁ ମୁଖ୍ୟମନ୍ତ୍ରୀ ରହିନାହାନ୍ତି।

**ନବୀନ ପଟ୍ଟନାୟକ (ଓଡ଼ିଶା)**
ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ନବୀନ ପଟ୍ଟନାୟକ। ସେ ୫ ମାର୍ଚ୍ଚ ୨୦୦୦ ରୁ ୧୨ ଜୁନ୍ ୨୦୨୪ ପର୍ଯ୍ୟନ୍ତ ଓଡ଼ିଶାର ୧୪ତମ ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ସେ ୨୪ ବର୍ଷ ୯୯ ଦିନ ପାଇଁ ଏହି ପଦବୀରେ ଥିଲେ।

**ଜ୍ୟୋତି ବସୁ (ପଶ୍ଚିମ ବଙ୍ଗ)**
ପଶ୍ଚିମବଙ୍ଗର ଜ୍ୟୋତି ବସୁ ତୃତୀୟ ସ୍ଥାନରେ ଅଛନ୍ତି। ସେ ୨୩ ବର୍ଷ ଧରି କାର୍ଯ୍ୟ କରିଥିଲେ। ଜ୍ୟୋତି ବସୁ ୨୧ ଜୁନ୍ ୧୯୭୭ ରୁ ୬ ନଭେମ୍ବର ୨୦୦୦ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ବସୁ ପାଞ୍ଚ ଥର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ।

**ଗେଗୋଙ୍ଗ ଆପାଙ୍ଗ (ଅରୁଣାଚଳପ୍ରଦେଶ)**
ଗେଗୋଙ୍ଗ ଆପାଙ୍ଗ ବିଭିନ୍ନ ସମୟରେ ୨୨ ବର୍ଷରୁ ଅଧିକ ସମୟ ପାଇଁ ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ।

**ଲାଲ ଥାନହାୱ୍ଲା (ମିଜୋରାମ)**
ଏହି ତାଲିକାର ପଞ୍ଚମ ସ୍ଥାନରେ ଅଛନ୍ତି ଲାଲ ଥାନହାୱ୍ଲା, ଯିଏ ୨୨ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ମିଜୋରାମର ମୁଖ୍ୟମନ୍ତ୍ରୀ ଭାବରେ ଲାଲ ଥାନହାୱ୍ଲାଙ୍କ ଦୀର୍ଘ କାର୍ଯ୍ୟକାଳ ୧୯୮୪ ରୁ ୨୦୧୮ ପର୍ଯ୍ୟନ୍ତ ବହୁବାର ଥିଲା।

**ବୀରଭଦ୍ର ସିଂହ (ହିମାଚଳ ପ୍ରଦେଶ)**
ବୀରଭଦ୍ର ସିଂହ ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବରେ ୬ ଥର କାର୍ଯ୍ୟ କରିଥିଲେ ଏବଂ ୨୧ ବର୍ଷ ଧରି ସେ ଏହି ଦାୟିତ୍ୱରେ ରହିଥିଲେ।

**ମାଣିକ ସରକାର (ତ୍ରିପୁରା)**
ମାଣିକ ସରକାରଙ୍କ ନାମରେ ୧୯ ବର୍ଷରୁ ଅଧିକ ସମୟ ପାଇଁ ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିବାର ରେକର୍ଡ ମଧ୍ୟ ରହିଛି। ସେ ୧୧ ମାର୍ଚ୍ଚ ୧୯୯୮ ରୁ ୯ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ତ୍ରିପୁରାର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ।

**ନୀତିଶ କୁମାର (ବିହାର)**
ନୀତିଶ କୁମାର ୧୮ ବର୍ଷରୁ ଅଧିକ ସମୟ ଧରି ବିହାରର ମୁଖ୍ୟମନ୍ତ୍ରୀ ଅଛନ୍ତି।

# ଆଉ ୪ ଡାକ୍ତର ଗିରଫ

ଦିଲ୍ଲୀ ବୋମା ବିସ୍ଫୋରଣ ୧୦/୧୧

ନୂଆଦିଲ୍ଲୀ,୨୦।୧୧: ନଭେମ୍ବର ୧୦ ତାରିଖରେ ଦିଲ୍ଲୀର ଲାଲକିଲ୍ଲା ବାହାରେ ହୋଇଥିବା ବିସ୍ଫୋରଣ ଘଟଣାରେ ଏନଆଇଏ ଚାରି ଜଣ ନୂତନ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଚାରିଜଣ ବିସ୍ଫୋରଣରେ ବ୍ୟବହୃତ ହ୍ୟୁଣ୍ଡାଇଆଇ-୨୦ କାର ବ୍ୟବସ୍ଥା କରିଥିଲେ ଏବଂ ସୁରକ୍ଷିତ ଭାବରେ ହସ୍ତାନ୍ତର କରିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଏହି ଚାରିଜଣ ହେଉଛନ୍ତି ଡାକ୍ତର ଏବଂ ସେମାନଙ୍କ ମଧ୍ୟରୁ ଜଣେ ମୁଫତି ଭାବେ ବି କାମ କରୁଥିଲେ। ଏ ସମସ୍ତଙ୍କୁ ଭିନ୍ନ ଭିନ୍ନ ସ୍ଥାନରୁ ଗିରଫ କରାଯାଇଛି। ପୁଲୱାମାରୁ ଡକ୍ଟର ମୁଜାମ୍ମିଲ ଶକିଲ ଗଣାଇ, ଅନନ୍ତନାଗରୁ ଡକ୍ଟର ଆଦିଲ ଅହମ୍ମଦ ରାଥର, ଲକ୍ଷ୍ନୌରୁ ଡକ୍ଟର ଶାହିନା ସଇଦ ଏବଂ ଶୋପିଆନରୁ ମୁଫତି ଇରଫାନ ଅହମ୍ମଦଙ୍କୁ ଗିରଫ କରାଯାଇଛି। ସେମାନେ ଏହି ବିସ୍ଫୋରଣ ଓ ଅନ୍ୟ ଷଡ଼ଯନ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏନଆଇଏ ଅନୁସାରେ ଏହି ଚାରି ଜଣ ଷଡ଼ଯନ୍ତ୍ରର ପ୍ରମୁଖ ରଣନୈତିକ ଟିମ ଥିଲେ। ସେମାନେ ଆଇ-୨୦ କାର ହାସଲ କରିବା, ବ୍ୟବହାର ପାଇଁ ପ୍ରସ୍ତୁତ କରିବା ଏବଂ ମଡ୍ୟୁଲ ନିକଟକୁ ପହଞ୍ଚାଇବାର ମୁଖ୍ୟ କାର୍ଯ୍ୟ ପରିଚାଳନା କରିଥିଲେ। ସେମାନେ ମଧ୍ୟ କାରର ରୁଟ ପ୍ଲାନିଂ କରିଥିଲେ। ଏପରିକି କେଉଁ ରାସ୍ତାରେ ଦିଲ୍ଲୀ ଆସିଲେ ତାହା ସୁରକ୍ଷିତ ରହିବ ଓ ବାଟରେ କେଉଁ ସ୍ଥାନରେ କେତେ ସମୟ ଅଟକିବ, ତାହା ସେମାନେ ନିର୍ଦ୍ଧାରଣ କରିଥିଲେ।

ପୂର୍ବରୁ, ଏନଆଇଏ ଏହି ମାମଲାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ପ୍ରଥମ ହେଉଛି ଆମିର ରସିଦ ଅଲି, ଯାହା ନାମରେ କାରଟି ପଞ୍ଜିକୃତ ହୋଇଥିଲା। ଏହାପରେ ଏନଆଇଏ ଜସିର ବିଲାଲ ୱାନି, ଓରଫ ଦାନିଶଙ୍କୁ ଗିରଫ କରିଥିଲା, ଯିଏ ବିସ୍ଫୋରକର ବୈଷୟିକ ସେଟଅପ ସ୍ଥାପନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏବେ କାର୍ ବ୍ୟବସ୍ଥା କରିଥିବା ଏହି ଚାରିଜଣ ଡାକ୍ତର ଗିରଫ ହେବା ପରେ ଏହି ମାମଲାରେ ଏନଆଇଏ ଏକ ବଡ଼ ସଫଳତା ହାସଲ କରିଛି।

ବ୍ଲାକ୍ ମନି ମାମଲାରେ ଦାଖଲ ହେଲା ନୂଆ ଚାର୍ଜସିଟ୍

# ରବର୍ଟ ଭଦ୍ରାଙ୍କୁ ପ୍ରଥମ ଥର ଅଭିଯୁକ୍ତ କଲା ଇଡି



ନୂଆଦିଲ୍ଲୀ ୨୦।୧୧: ବ୍ଲାକ୍ ମନି ଓ ମନିଲଣ୍ଡରିଂ ସମ୍ପର୍କିତ ଏକ ହାଇପ୍ରୋଫାଇଲ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ କରି ରବର୍ଟ ଭଦ୍ରାଙ୍କୁ ପ୍ରଥମ ଥର ଅଭିଯୁକ୍ତ କରିଛି। ଲଣ୍ଡନ ପ୍ରପର୍ଟି ଓ କଥିତ କଳାଧନ ନେଣଦେଣ ସମ୍ପର୍କିତ ମାମଲାରେ ଇଡି ଦିଲ୍ଲୀ ରାଉଜ ଏଭେନ୍ୟୁ କୋର୍ଟରେ ନୂଆ ଚାର୍ଜସିଟ୍ ମଧ୍ୟ ଦାଖଲ କରିଛି। ଏହି ମାମଲା ୟୁକେର ଡିଫେନ୍ସ ଡିଲର ସଞ୍ଜୟ ଭଣ୍ଡାରୀ ସମ୍ପର୍କିତ ସନ୍ଦିଗ୍ଧ ନେଣଦେଣ ଯାଞ୍ଚରୁ ସାମ୍ନାକୁ ଆସିଥିଲା।

ଇଡି ଅନୁସାରେ ଭଦ୍ରାଙ୍କ ବୟାନ ଗତ ଜୁଲାଇ ମାସରେ ପିଏମଏଲଏରେ ରେକର୍ଡ କରାଯାଇଥିଲା। ଏଥିରେ ଭଦ୍ରା ଓ ଭଣ୍ଡାରୀଙ୍କ ମଧ୍ୟରେ ଆର୍ଥିକ ନେଣଦେଣର ଶୃଙ୍ଖଳା ମିଳିଥିବା ଇଡି ଦାବି କରିଛି, ଯେଉଁଥିରେ ବିଦେଶୀ ପ୍ରପର୍ଟି ଓ ଫଣ୍ଡ ଟ୍ରାନ୍ସଫର ଯାଞ୍ଚ ମଧ୍ୟ ସାମିଲ। ଏହି ମାମଲାରେ ନୂଆ ଚାର୍ଜସିଟ୍ କୁ କେସ୍ ର ଟର୍ଣ୍ଣିଂ ପଏଣ୍ଟ ବୋଲି ମନେ କରାଯାଉଛି, କାରଣ ଭଦ୍ରାଙ୍କୁ ପ୍ରଥମ ଥର ସିଧାସଳଖ ଅଭିଯୁକ୍ତ ରୂପେ ନାମିକ କରାଯାଇଛି। କୁହାଯାଉଛି ଆଗାମୀ ଦିନରେ ଏହି ହାଇ ପ୍ରୋଫାଇଲ କେସ୍ ରେ ରାଜନୈତିକ ଉତ୍ତାପ ବଢ଼ିବ। ବର୍ତ୍ତମାନ ଲାଗି ମାମଲାରେ କଂଗ୍ରେସ ଅଥବା ଭଦ୍ରାଙ୍କ କୌଣସି ବୟାନ ଆସିନାହିଁ। ରବର୍ଟ ଭଦ୍ରାଙ୍କ ବିରୋଧରେ ଇଡି ଯାଞ୍ଚ ଲଣ୍ଡନସ୍ଥିତ ଦୁଇଟି ସମ୍ପତ୍ତି ସମ୍ପର୍କିତ, ଯାହା ବ୍ରିଟେନର ଅସ୍ତ୍ରଶସ୍ତ୍ର ବ୍ୟବସାୟୀ ସଞ୍ଜୟ ଭଣ୍ଡାରୀଙ୍କ ନାମରେ ପଞ୍ଜିକୃତ। ତେବେ ଏହି ସମ୍ପତ୍ତି ଭଦ୍ରାଙ୍କ ବେନାମୀ ସମ୍ପତ୍ତି ବୋଲି ଇଡି ଦାବି କରୁଛି। ଇଡି ଏବେ ଭଣ୍ଡାରୀ ଓ ଭଦ୍ରାଙ୍କ କଥିତ ସମ୍ପର୍କର ଗହନ ଯାଞ୍ଚ କରୁଛି। ତେବେ ରବର୍ଟ ଭଦ୍ରା ଏହି ଅଭିଯୋଗକୁ ଏ ପର୍ଯ୍ୟନ୍ତ ଅସ୍ୱୀକାର କରି ଆସୁଛନ୍ତି ଓ ଇଡି ତାଙ୍କୁ ହଇରାଣ କରୁଥିବା ଅଭିଯୋଗ କରିଆସୁଛନ୍ତି। ସେହିପରି ଭଦ୍ରା ତାଙ୍କ ଲଣ୍ଡନ ଯାତ୍ରା କାଳରେ ଅନେକ ଥର ଏଠାରେ ରହିଥିବାର ମଧ୍ୟ ଇଡି ଦାବି କରୁଛି। ଏହି ମାମଲାରେ ଇଡି ୨୦୧୬ ମସିହାରେ ପିଏମଏଲଏରେ ମକଦ୍ଦମା ମଧ୍ୟ ରୁଜୁ କରିଥିଲା। ଏବେ ଏହି ଦୁଇଟି ସମ୍ପତ୍ତି ଅପରାଧିକ ଆୟ ରୂପେ ତଦନ୍ତ ପରିସରକୁ ଆସିଛି। ନିକଟରେ ରବର୍ଟ ଭଦ୍ରା ଏ ନେଇ ଗଣମାଧ୍ୟମ ରିପୋର୍ଟସକୁ ଖଣ୍ଡନ କରିଥିଲେ, ଯେଉଁଥିରେ ସେ ଇଡିଙ୍କ ସମନରୁ ବର୍ତ୍ତୁଥିବାର କୁହାଯାଇଥିଲା। ତାଙ୍କ ଓକିଲ ସୁମନ ଜ୍ୟାତି ଖୈତାନ ସ୍ପଷ୍ଟ କରିଛନ୍ତି ଯେ, ଏହି ଖବର ସମ୍ପୂର୍ଣ୍ଣ ଅସତ୍ୟ ଓ ତଥ୍ୟ ହୀନ। ସେ କହିଛନ୍ତି ଯେ ଗତ ୧ ଦଶନ୍ଧୀ ହେଲା ଭଦ୍ରା ଇଡିକୁ ସବୁ ଆବଶ୍ୟକ ଡକ୍ୟୁମେଣ୍ଟ ଯୋଗାଇ ଦେଇଛନ୍ତି।



## ଭୁଶୁଡ଼ିଲା ବିଲ୍ଡିଂ; ୪ ମୃତ, ୭ ଆହତ

ଲକ୍ଷ୍ନୌ, ୨୦।୧୧: ଉତ୍ତର ପ୍ରଦେଶର ଗ୍ରେଟର ନୋଏଡାରେ ଘଟିଛି ବଡ ଅଘଟଣ। ବୁଧବାର ସକାଳେ ତିନି ମହଲା ବିଶିଷ୍ଟ ଏକ କୋଠାର ସେଣ୍ଟରିଂ ହଟାଇବା ସମୟରେ ୪ ଜଣଙ୍କର ମୃତ୍ୟୁ ଘଟିଛି। ପୁଲିସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ସହାୟତାରେ ଭଗ୍ନାବଶେଷରୁ ସାତ ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ତିନି ମହଲା କୋଠାର ସେଣ୍ଟରିଂ ହଟାଇବା ସମୟରେ ଚାରି ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ବର୍ତ୍ତମାନ ସାତଜଣ ଚିକିତ୍ସାଧୀନ ଅଛନ୍ତି। ରିପୋର୍ଟ କରାଯାଉଛି ଯେ, କର୍ତ୍ତୃପକ୍ଷ ସେଠାରେ ବେଆଇନ ନିର୍ମାଣ ଭାଙ୍ଗିବା ପାଇଁ ବୁଲଡୋଜର ବ୍ୟବହାର କରିଥିଲେ। ରାବୁପୁରା ଥାନା ଅଞ୍ଚଳ ଅନ୍ତର୍ଗତ ନାଗଲା ହୁକୁମ ସିଂହ ଗାଁରେ ଏହି ଘଟଣା ଘଟିଛି। କୁହାଯାଉଛି ଯେ, ଏହି ଲୋକମାନେ ଅଧିକ କ୍ଷତିପୂରଣ ପାଇବା ପାଇଁ ବେଆଇନ ଭାବେ ନିର୍ମାଣ କରୁଥିଲେ। ହେଲେ ପୁଲିସ ପକ୍ଷରୁ ଏପରି କୌଣସି ବିବୃତ୍ତି ଜାରି କରାଯାଇ ନାହିଁ। ମୃତକଙ୍କ ମୃତଦେହ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ଦୁର୍ଘଟଣା ପରେ, ପୁଲିସ, ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ଏବଂ ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଘଟଣାର ତଦନ୍ତ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ଦାଖଲ କରାଯିବ ବୋଲି ମଧ୍ୟ ଘୋଷଣା କରାଯାଇଛି।

## ନେପାଳରେ ପୁଣି ହିଂସା, କର୍ଫ୍ୟୁ ଲାଗୁ



ନୂଆଦିଲ୍ଲୀ,୨୦।୧୧: ନେପାଳରେ ପୁଣି ହିଂସା। କିଛି ମାସ ତଳେ ଜେନ୍-ଜି ଆନ୍ଦୋଳନ ପାଇଁ ଅନେକ ମୃତାହତ ହୋଇଥିବା ବେଳେ ଏବେ ପୁଣି ନେପାଳରେ ହିଂସା ଆରମ୍ଭ ହୋଇଛି। ବାରା ଜିଲ୍ଲାରେ ହିଂସା ହୋଇଥିବା ବେଳେ ଏଥିପାଇଁ କର୍ଫ୍ୟୁ ଲାଗୁ କରାଯାଇଛି। ଜେନ-ଜି ପ୍ରତିବାଦକାରୀ ଏବଂ ବହିଷ୍କୃତ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ନେତୃତ୍ୱରେ ନେପାଳର କମ୍ୟୁନିଷ୍ଟ ପାର୍ଟିର କର୍ମୀଙ୍କ ମଧ୍ୟରେ ପୁଣି ଥରେ ସଂଘର୍ଷ ହେବା ପରେ କର୍ଫ୍ୟୁ ଲାଗୁ କରାଯାଇଛି। ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟ ଘୋଷଣା କରିଛି ଯେ, ଉତ୍ତେଜନା ବୃଦ୍ଧି ପରେ ଶୃଙ୍ଖଳା ଫେରାଇ ଆଣିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୁରୁବାର ରାତି ୮ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ରହିବ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ସେପ୍ଟେମ୍ବର ମାସରେ ନେପାଳର ଯୁବପିଢ଼ି ଆନ୍ଦୋଳନକୁ ଓହ୍ଲାଇଥିଲେ। ପୂର୍ବରୁ ଦୁର୍ନୀତି, ଏକଚ୍ଛତ୍ରବାଦ, ଆର୍ଥିକ ଅସମାନତା ଓ ନେତୃତ୍ୱରେ ଉତ୍ତରଦାୟିତ୍ୱର ଅଭାବ ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଥିଲେ। କିନ୍ତୁ ଯେତେବେଳେ ସରକାର ୨୬ଟି ସୋସିଆଲ ମିଡିଆ ପ୍ଲାଟଫର୍ମକୁ ସମ୍ପୂର୍ଣ୍ଣ ନିଷିଦ୍ଧ କଲେ, ଫେସବୁକ୍, ଇନଷ୍ଟାଗ୍ରାମ ଏବଂ ୟୁଟ୍ୟୁବରେ ନିଜ ସ୍ୱପ୍ନ ବୁଣୁଥିବା ଯୁବପିଢ଼ିଙ୍କ ସୁଅ ରାସ୍ତାକୁ ମାଡ଼ି ଆସିଥିଲା। ଦେଖୁ ଦେଖୁ ନେପାଳର ପ୍ରମୁଖ ସହରଗୁଡ଼ିକର ରାସ୍ତା ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଗଲା। ଅନେକ ନେତାଙ୍କ ଘର ପୋଡ଼ି ଦିଆଯିବା ସହ ସାଧାରଣ ଲୋକ ବହୁତ ପ୍ରଭାବିତ ହୋଇଥିଲେ। ସରକାର ଓ ବ୍ୟବସ୍ଥା ବିରୋଧରେ ଜେନ୍-ଜି (ଯୁବଗୋଷ୍ଠୀର ପ୍ରଦର୍ଶନ ଭୟାନକ ହିଂସାର ରୂପ ନେବା ପରେ କେପି ଶର୍ମା ଓଲିଙ୍କ ସରକାରର ପତନ ଘଟିଥିଲା ଏବଂ ଅନ୍ତରୀଣ ସରକାର ଗଠନ ହୋଇଥିଲା। ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କୀ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ଏହା ସହ ସୁଶୀଳା ନେପାଳର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେବାର ଗୌରବ ହାସଲ କରିଛନ୍ତି।

● କାଶ୍ମୀର ଟାଇମ୍ସ କାର୍ଯ୍ୟାଳୟରେ ଚଢ଼ଉ

## ଏକେ-୪୭, ଗୁଳି ଏବଂ ପିସ୍ତଲ ଜବତ




ଶ୍ରୀନଗର,୨୦।୧୧: ଜମ୍ମୁରେ ଥିବା କାଶ୍ମୀର ଟାଇମ୍ସ କାର୍ଯ୍ୟାଳୟରେ ଗୁରୁବାର ରାଜ୍ୟ ତଦନ୍ତ ସଂସ୍ଥା ଏସଆଇଏ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଏକେ-୪୭, ଗୁଳି, ଏକ ପିସ୍ତଲ ଏବଂ ଗ୍ରେନେଡ ଲିଭର ସମେତ ଅସ୍ତ୍ରଶସ୍ତ୍ର ଜବତ କରିଛି ଏସଆଇଏ। ସଂସ୍ଥା ଅନୁଯାୟୀ, ଦେଶ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଏବଂ ଆତଙ୍କବାଦୀ ଚିନ୍ତାଧାରା ସମର୍ଥନ ଅଭିଯୋଗରେ ଏସଆଇଏ କାଶ୍ମୀର ଟାଇମ୍ସ ଖବରକାଗଜର ଜମ୍ମୁ ମୁଖ୍ୟାଳୟରେ ଚଢ଼ାଉ କରିଥିଲା। ରିପୋର୍ଟ ଅନୁଯାୟୀ, ସାମ୍ବାଦିକ ବେଦ ଭାସିନଙ୍କ ଦ୍ୱାରା ପରିଚାଳିତ କାଶ୍ମୀର ଟାଇମ୍ସ କିଛି ସମୟ ପାଇଁ ଜମ୍ମୁରୁ ଏହାର ମୁଦ୍ରିତ ସଂସ୍କରଣ ପ୍ରକାଶନ ବନ୍ଦ କରିଦେଇଛି ଏବଂ ବର୍ତ୍ତମାନ ଏହା ମୁଖ୍ୟତଃ ଅନଲାଇନରେ କାର୍ଯ୍ୟ କରୁଛି। ଭାସିନଙ୍କ ମୃତ୍ୟୁ ପରେ, ତାଙ୍କ ଝିଅ ଅନୁରାଧା ଭାସିନ ଏବଂ ତାଙ୍କ ସ୍ୱାମୀ ପ୍ରବୋଧ ଜାମୱାଲ ଖବରକାଗଜର ଦାୟିତ୍ୱ ନେଇଥିଲେ। କିନ୍ତୁ ଉଭୟ ଆମେରିକା ଚାଲିଯାଇଛନ୍ତି ଏବଂ ଗତ କିଛିବର୍ଷ ଧରି ସେଠାରେ ରହୁଛନ୍ତି। ଏହାର ୱେବସାଇଟ୍ ପ୍ରବୋଧଙ୍କୁ ସମ୍ପାଦକ ଏବଂ ଅନୁରାଧାଙ୍କୁ ପରିଚାଳନା ସମ୍ପାଦକ ଭାବରେ ତାଲିକାଭୁକ୍ତ କରିଛି। ସକାଳ ପ୍ରାୟ ୬ ଟାରେ ଚଢ଼ାଉ ଆରମ୍ଭ ହୋଇଥିଲା। ଏସଆଇଏ ଅଧିକାରୀମାନେ ଖବରକାଗଜର ପରିଚାଳକ ସଞ୍ଜୀବ କେର୍ଣ୍ଣିଙ୍କୁ ତାଙ୍କ ଘରୁ କାର୍ଯ୍ୟାଳୟ ଖୋଲିବା ପାଇଁ ଡକାଇଥିଲେ। ରିପୋର୍ଟ ଅନୁସାରେ, କିଛିଦିନ ପୂର୍ବରୁ ଖବରକାଗଜ ବିରୁଦ୍ଧରେ ଏକ ଏଫଆଇଆର ଦାୟର କରାଯାଇଥିଲା ଏବଂ ବର୍ତ୍ତମାନ ଏହି ମାମଲାରେ ତଦନ୍ତ ଜାରି ରହିଛି। ଦେଶ ବିରୋଧୀ ବିଷୟବସ୍ତୁ ପ୍ରକାଶନ ଅଭିଯୋଗରେ ପୂର୍ବରୁ କାଶ୍ମୀର ଟାଇମ୍ସ ଖବରକାଗଜର ଜମ୍ମୁ ଏବଂ କାଶ୍ମୀର କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଥିଲା। ନଭେମ୍ବର ୧୦ ତାରିଖରେ ଦିଲ୍ଲୀ ବିସ୍ଫୋରଣ ପରଠାରୁ ଜମ୍ମୁ ସମେତ ଅନେକ ସହରରେ ଚଢ଼ାଉ ଜାରି ରହିଛି। ପୁଲିସ ଅନେକ ବ୍ୟକ୍ତିଙ୍କୁ ଅଟକ ରଖିଛି ଏବଂ ସେମାନଙ୍କୁ ପଚରାଉଚରା କରୁଛି। ପୁଲିସ ତଦନ୍ତର ମୁଖ୍ୟ ପରିସର ହେଉଛି ଫରିଦାବାଦର ଅଲ୍ ଫଲାହ ବିଶ୍ୱବିଦ୍ୟାଳୟ। ଡକ୍ଟର ଉମର, ଡକ୍ଟର ଆଦିଲ, ଡକ୍ଟର ମୁଜାମ୍ମିଲ ଏବଂ ଡକ୍ଟର ଶାହିନର ଏହି ବିଶ୍ୱବିଦ୍ୟାଳୟ ସହିତ ଲିଙ୍କ୍ ଥିବା ଜଣାପଡ଼ିଥିଲା। ସେପଟେ କାଶ୍ମୀର ଟାଇମ୍ସ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରାଯାଇଛି।

## 'କୋର୍ଟ ରାଜ୍ୟପାଳଙ୍କ ଭୂମିକାକୁ ଟେକଓଭର କରିପାରିବ ନାହିଁ'



ନୂଆଦିଲ୍ଲୀ,୨୦।୧୧: ରାଷ୍ଟ୍ରପତି ଏବଂ ରାଜ୍ୟପାଳମାନଙ୍କୁ ବିଧେୟକ ମଞ୍ଜୁରୀ ପାଇଁ ସମୟସୀମା ସ୍ଥିର କରିବା ପ୍ରସଙ୍ଗରେ ଦୀର୍ଘ ଶୁଣାଣି ପରେ ଆଜି ସୁପ୍ରିମକୋର୍ଟ ତାଙ୍କ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚ ଜଣିଆ ସମ୍ବିଧାନ ଖଣ୍ଡପୀଠ ରାୟ ଦେଇଛନ୍ତି ଯେ, କୋର୍ଟ ରାଜ୍ୟପାଳଙ୍କ ଭୂମିକାକୁ ଅଣଦେଖା କରିପାରିବ ନାହିଁ।

ଆଜି ସିଜେଆଇ କହିଛନ୍ତି ଯେ, ରାଷ୍ଟ୍ରପତିଙ୍କ ସନ୍ଦର୍ଭ ସପକ୍ଷରେ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଉପସ୍ଥାପିତ କରିଥିବା ଯୁକ୍ତି ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିରେ ଉଲ୍ଲେଖ କରାଯାଇଛି। ସୁପ୍ରିମକୋର୍ଟ ରାୟ ଦେଇଛନ୍ତି ଯେ, କୋର୍ଟ ରାଜ୍ୟପାଳଙ୍କ ଭୂମିକାକୁ ଅଣଦେଖା କରିପାରିବେ ନାହିଁ। ଧାରା ୨୦୦ ଅନୁଯାୟୀ, ରାଜ୍ୟପାଳ ଏକ ବିଲ୍ ପ୍ରତି ତାଙ୍କର ସମ୍ମତି ଦେଇପାରିବେ, ବିଲ୍ କୁ ସ୍ଥଗିତ ରଖିପାରିବେ ଏବଂ ଫେରାଇ ପାରିବେ, କିମ୍ବା ବିଲ୍ କୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇ ପାରିବେ। ଧାରା ୨୦୦ ଅନୁଯାୟୀ, ରାଜ୍ୟପାଳଙ୍କ ପାଖରେ କୌଣସି ଅନ୍ୟ ବିକଳ୍ପ ନାହିଁ। ସୁପ୍ରିମକୋର୍ଟ ସ୍ୱୀକାର କରିଛନ୍ତି ଯେ, ରାଜ୍ୟପାଳମାନେ ରାଜ୍ୟ ବିଲ୍ କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ କରିପାରିବେ ନାହିଁ, କିନ୍ତୁ ଏହା ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ପାଇଁ କୌଣସି ସମୟସୀମା ସ୍ଥିର କରିବାକୁ ମନା କରିଦେଇଛି।

## ଆଜମ ଖାନ କଏଦୀ ନମ୍ବର ୪୨୫



ନୂଆଦିଲ୍ଲୀ,୨୦।୧୧: ସମାଜବାଦୀ ପାର୍ଟିର ବରିଷ୍ଠ ନେତା ତଥା ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ଆଜମ ଖାନ ଏବଂ ତାଙ୍କ ପୁଅ ଅବଦୁଲ୍ଲା ଆଜମଙ୍କୁ ରାମପୁର ଜିଲ୍ଲା ଜେଲର ଗୁନ୍ନା ରେଜିଷ୍ଟରରେ ଆନୁଷ୍ଠାନିକ ଭାବରେ ପଞ୍ଜୀକୃତ କରାଯାଇଛି। ଜେଲ ଅଧିକାରୀ ରାଜେଶ ଯାଦବଙ୍କ ଅନୁଯାୟୀ, ଆଜମ ଖାନଙ୍କୁ କଏଦୀ ନମ୍ବର ୪୨୫ ଏବଂ ଅବଦୁଲ୍ଲା ଆଜମଙ୍କୁ କଏଦୀ ନମ୍ବର ୪୨୬ ଦିଆଯାଇଛି। ବାପା ଓ ପୁଅ ଦୁହିଁଙ୍କୁ ଦଶ ଦିନ ପାଇଁ ରାମପୁର ଜେଲର କ୍ୱାରେଣ୍ଟାଇନ୍ ବାରାକରେ ବାରାକ ନମ୍ବର ୧ରେ ରଖାଯାଇଛି। ଜେଲ ମାନୁଆଲ୍ ଅନୁଯାୟୀ ଉଭୟଙ୍କୁ ଜଳଖିଆ ପାଇଁ ଦଳିଆ, ଚଣା ଖାଇବାକୁ ଦିଆଯିବା ସହିତ ଚା' ଓ ପାଣି ପିଇବାକୁ ଦିଆଯାଉଛି। ଡାକ୍ତରୀ ରିପୋର୍ଟ ଆଧାରରେ ବାପ ଓ ପୁଅ ଦୁହିଁଙ୍କ ଚିକିତ୍ସା କରାଯାଉଛି। ରାମପୁର ଏମପି-ଏମଏଲଏ ମାଜିଷ୍ଟ୍ରେଟ କୋର୍ଟରୁ ଏକ ନିର୍ଦ୍ଦେଶ ମିଳିଛି। ଏହି ନିର୍ଦ୍ଦେଶ ଅନୁଯାୟୀ ଉଭୟ ପକ୍ଷଙ୍କ ସମ୍ପର୍କରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଜେଲ ମାନୁଆଲ୍ ଅନୁଯାୟୀ କରାଯିବ। ଆଦେଶରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, ଆଜମ ଖାନଙ୍କୁ ଜେଲରୁ ସ୍ଥାନାନ୍ତର କରିବା ପୂର୍ବରୁ କୋର୍ଟଙ୍କ ଅନୁମତି ବାଧ୍ୟତାମୂଳକ ହେବ। ଉଲ୍ଲେଖନୀୟ ଯେ, ଏସପି ନେତା ଆଜମ ଖାନ ଏବଂ ତାଙ୍କ ପୁଅ ଅବଦୁଲ୍ଲା ଆଜମଙ୍କୁ ଦୁଇଟି ପାନ କାର୍ଡ ମାମଲାରେ ରାମପୁର ଏମପି-ଏମଏଲଏ ସ୍ୱତନ୍ତ୍ର କୋର୍ଟ ସାତ-ସାତ ବର୍ଷର ଜେଲଦଣ୍ଡ ଏବଂ ପ୍ରତ୍ୟେକଙ୍କୁ ପଚାଶ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ପରେ ଉଭୟଙ୍କୁ ରାମପୁର ଜେଲକୁ ପଠାଯାଇଛି ଏବଂ ସାଧାରଣ କଏଦୀଙ୍କ ପରି ବ୍ୟବହାର କରାଯାଉଛି। ଆଜମ ଖାନ ୨୩ ମାସ ଜେଲରେ ରହିବା ପରେ ମାତ୍ର ୫୫ ଦିନ ପୂର୍ବରୁ ସେପ୍ଟେମ୍ବର ୨୩ ତାରିଖରେ ସୀତାପୁର ଜେଲରୁ ଜାମିନରେ ମୁକ୍ତ ହୋଇଥିଲେ। ସେ ପୁଣି ଥରେ ପାନ କାର୍ଡ ମାମଲାରେ ଜେଲଦଣ୍ଡ ଭୋଗୁଛନ୍ତି।

## ଭାରତକୁ ଆମେରିକା ଦେବ ଜାଭେଲିନ ମିସାଇଲ୍



ନୂଆଦିଲ୍ଲୀ, ୨୦।୧୧ : ଆମେରିକା ଦେବ ବ୍ରହ୍ମାସ୍ତ୍ର। ଆହୁରି ଶକ୍ତିଶାଳୀ ହେବ ଭାରତ। ଦିଲ୍ଲୀ-ୱାଶିଂଟନ୍ ଭିତରେ ବଡ଼ ଡିଫେନ୍ସ ଡିଲ୍। ଏହି ଅସ୍ତ୍ର ଆଗରେ ତିଷ୍ଠି ପାରିବନି ପାକିସ୍ତାନୀ ଟ୍ୟାଙ୍କର। ଆମେରିକା ଭାରତକୁ ଜାଭେଲିନ ମିସାଇଲ୍ ସିଷ୍ଟମ ବିକ୍ରି କରିବ। ଏଥିପାଇଁ ଆମେରିକୀୟ ବୈଦେଶିକ ବିଭାଗ ମଞ୍ଜୁରି ଦେଇଛି। ଦୁଇ ଦେଶ ମଧ୍ୟରେ ୯୨.୮ ମିଲିୟନ ଡଲାରର ଡିଲ୍ ହୋଇଛି। ଜାଭେଲିନ୍ ମିସାଇଲ୍ ସିଷ୍ଟମ ସହ ଜରୁରୀ ଉପକରଣ ଏବଂ ସପୋର୍ଟ ସିଷ୍ଟମ ସାମିଲ ରହିଛି। ଜାଭେଲିନ୍ ଏକ ଉନ୍ନତ ଆଣ୍ଟି ଟ୍ୟାଙ୍କ ମିସାଇଲ୍। ଏହା ଭୂମିରୁ ନିକ୍ଷେପ କରାଯାଇପାରିବ। ଶତ୍ରୁର ଟ୍ୟାଙ୍କର ଓ ଠିକଣାକୁ ନଷ୍ଟଭ୍ରଷ୍ଟ କରିଦେବ।

ଇସିଙ୍କୁ ମମତା ବାନାର୍ଜୀଙ୍କ ଚିଠି

# ଏସଆଇଆରକୁ ତୁରନ୍ତ ରୋକାଯାଉ




କୋଲକାତା,୨୦।୧୧: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତରବରିଆ ଭାବରେ ଏସଆଇଆର ଲାଗୁ ହୋଇଛି ବୋଲି ପୁଣି ଥରେ ଅଭିଯୋଗ କରିଛନ୍ତି। ଏହାକୁ ରୋକିବା ଲାଗି ସେ ନିର୍ବାଚନ ଆୟୋଗଙ୍କୁ ପତ୍ର ଲେଖିଛନ୍ତି। ଏହା ସହ ମମତା ବାନାର୍ଜୀ ବ୍ଲକସ୍ତରୀୟ ଅଧିକାରୀ (ବିଏଲଓଙ୍କୁ ଉଚିତ ପ୍ରଶିକ୍ଷଣ ମିଳିନଥିବା ମଧ୍ୟ ନିର୍ବାଚନ ଆୟୋଗଙ୍କୁ ଜଣାଇଛନ୍ତି। ମମତା ନିଜ ପତ୍ରରେ ଲେଖିଛନ୍ତି, 'ଏସଆଇଆର କାର୍ଯ୍ୟ ବିଶୃଙ୍ଖଳିତ। ବିଏଲଓ (ବୁଥ୍ ସ୍ତରୀୟ ଅଧିକାରୀ) ଉପଯୁକ୍ତ ତାଲିମ, ସମର୍ଥନ କିମ୍ବା ସମୟ ପାଇନାହାନ୍ତି। କାର୍ଯ୍ୟଭାର ଯୋଗୁଁ ତଥ୍ୟରେ ତ୍ରୁଟି ହେଉଛି। ପ୍ରକୃତ ଭୋଟରମାନେ ଭୋଟ ଦେବାର ଅଧିକାରରୁ ବଞ୍ଚିତ ହେବାର ଆଶଙ୍କା ରହିଛି।

ମମତା ବାନାର୍ଜୀ ଲେଖିଛନ୍ତି ଯେ, ବିଏଲଓମାନଙ୍କୁ ଅତ୍ୟଧିକ କାମ ଦିଆଯାଉଛି। ଅନେକ ବିଏଲଓ ସେମାନଙ୍କର ନିୟମିତ କର୍ତ୍ତବ୍ୟ ସହିତ ଘର ଘର ବୁଲି ସର୍ଭେ କରୁଛନ୍ତି। ସେମାନେ ସର୍ଭର ଫେଲ୍ୟୁର, ତଥ୍ୟରେ ତାଳମେଳର ଅଭାବ ଏବଂ ସୀମିତ ଅନଲାଇନ୍ ସହାୟତାର ସମ୍ମୁଖୀନ ହେଉଛନ୍ତି। ବିଳମ୍ବ ପାଇଁ ସେମାନଙ୍କୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଧମକ ଦିଆଯାଉଛି। ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଉଛି। ଭୟରେ ଅନେକ ବିଏଲଓ ଭୁଲ ତଥ୍ୟ ଦାଖଲ କରୁଛନ୍ତି। ଜଲପାଇଗୁଡ଼ିର ମାଲଠାରେ ବିଏଲଓ ଭାବରେ କାର୍ଯ୍ୟ କରୁଥିବା ଜଣେ ଅଙ୍ଗନୱାଡି କର୍ମୀ ଏସଆଇଆର ସହିତ ଜଡିତ ଚାପ ଯୋଗୁଁ ଆତ୍ମହତ୍ୟା କରିଛନ୍ତି ବୋଲି ମଧ୍ୟ ମମତା ଅଭିଯୋଗ କରିଛନ୍ତି। ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ଆହୁରି ଅନେକ ମୃତ୍ୟୁ ରିପୋର୍ଟ ହୋଇଛି। ତିନି ବର୍ଷର ସଂଶୋଧନ ପ୍ରକ୍ରିୟାକୁ ତିନି ମାସରେ କରିବା ବିପଜ୍ଜନକ ଏବଂ ଭୋଟର ତାଲିକାର ବିଶ୍ୱସନୀୟତାକୁ ବିପଦରେ ପକାଇପାରେ ବୋଲି ନିର୍ବାଚନ କମିଶନଙ୍କୁ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦାବି କରିଛନ୍ତି ଯେ, ଏସଆଇଆରକୁ ତୁରନ୍ତ ବନ୍ଦ କରାଯାଉ। ନିର୍ବାଚନ କମିଶନ ଜବରଦସ୍ତି ରଣନୀତି ଏବଂ ଧମକ ଦେବା ବନ୍ଦ କରିବା ଉଚିତ। ଉପଯୁକ୍ତ ତାଲିମ, ସମର୍ଥନ ଏବଂ ସମୟସୀମା ସଂଶୋଧନ କରିବା ଦରକାର। ଆଗକୁ ବଢ଼ିବା ପୂର୍ବରୁ ପଦ୍ଧତିକୁ ପୁନଃ ସମୀକ୍ଷା କରନ୍ତୁ ଏବଂ ସଂଶୋଧନ କରନ୍ତୁ। ଯଦି ଏହାକୁ ଏବେ ସଂଶୋଧନ କରା ନ ଯାଏ, ତେବେ ଏହା ଗଣତନ୍ତ୍ରକୁ ଦୁର୍ବଳ କରିଦେବ।

# ଅତ୍ୟଧିକ କାର୍ଯ୍ୟଭାର! ମସ୍ତିଷ୍କ ଷ୍ଟ୍ରୋକରେ ଆକ୍ରାନ୍ତ ବିଏଲ୍‌ଓ



**କୋଲକାତା,୨୦।୧୧(ସଂଚାର ବ୍ୟୁରୋ):** ଏନୁମରେଶନ ଫର୍ମ ଦେବାକୁ ବାହାରକୁ ଯିବା ସମୟରେ ଦୁର୍ଘଟଣା। ବିଏଲ୍‌ଓ ତପତି ବିଶ୍ୱାସ ଗୁରୁତର ଅସୁସ୍ଥ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଫର୍ମ ବଣ୍ଟନ କରୁଥିବା ସମୟରେ ସେ ରାସ୍ତାରେ ଅଚେତ ହୋଇ ପଡ଼ି ଯାଇଥିଲେ। ତାଙ୍କୁ ତୁରନ୍ତ କୋନ୍ନନଗର ମ୍ୟୁନିସିପାଲିଟି ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତରମାନେ କହିଛନ୍ତି ଯେ ତପତି ବିଶ୍ୱାସଙ୍କୁ ମସ୍ତିଷ୍କ ଷ୍ଟ୍ରୋକ୍ ହୋଇଥିଲା। ଫଳସ୍ୱରୂପ ତାଙ୍କ ବାମ ପାର୍ଶ୍ୱ ସମ୍ପୂର୍ଣ୍ଣ ପକ୍ଷାଘାତ ହୋଇଯାଇଛି। ତପତି ଦେବୀଙ୍କ ସ୍ୱାମୀ ପ୍ରବୀର ବିଶ୍ୱାସ କହିଛନ୍ତି ଯେ, ଏସ୍‌ଆଇଆର୍ ସମ୍ପର୍କିତ ଅତ୍ୟଧିକ କାର୍ଯ୍ୟଭାର ଯୋଗୁଁ ସେ କ୍ଳାନ୍ତ ହୋଇଯାଇଥିଲେ। ମାନସିକ ଚାପ ବୃଦ୍ଧି ପାଉଥିଲା। ସେଥିପାଇଁ ଏହି ଘଟଣା ଘଟିଛି। ଅନ୍ୟପଟେ, କୋନ୍ନନଗର ମାତୃ ସଦନ ହସ୍ପିଟାଲର ଡାକ୍ତର ସଞ୍ଜୟ ଶି କହିଛନ୍ତି, ଅଧିକ ସୁଗାର ଏବଂ ଉଚ୍ଚ ରକ୍ତଚାପ ଯୋଗୁଁ ତପତି ଦେବୀଙ୍କ ମସ୍ତିଷ୍କ ଷ୍ଟ୍ରୋକ୍ ହୋଇଛି। ତାଙ୍କର ସିଟି ସ୍କାନ କରାଯାଇଛି।

## ଭୋଟିଂ ମେସିନକୁ ନେଇ ବଡ଼ ବୈଠକ

# ସମସ୍ତ ଡିଏମ୍‌ଙ୍କୁ ଡକାଇଲେ କମିଶନ

**କୋଲକାତା,୨୦।୧୧(ସଂଚାର ବ୍ୟୁରୋ):** ଏସ୍‌ଆଇଆର୍ ପ୍ରକ୍ରିୟା ମଧ୍ୟରେ, ନିର୍ବାଚନ କମିଶନ ରାଜ୍ୟର ଜିଲ୍ଲା ପ୍ରଶାସନ ସହିତ ଇଭିଏମ୍ ସମ୍ପର୍କିତ ବୈଷୟିକ ପ୍ରସ୍ତୁତିକୁ ନେଇ ଏକ ବଡ଼ ବୈଠକ ଡାକିଛନ୍ତି। ୨୧ ନଭେମ୍ବରରେ ଇଭିଏମ୍‌ର ପ୍ରଥମ ସ୍ତରୀୟ ଯାଞ୍ଚ ପ୍ରକ୍ରିୟାକୁ ନେଇ ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ କରାଯିବ। ଏହି କର୍ମଶାଳାରେ ଅଂଶଗ୍ରହଣ କରିବା ପାଇଁ ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଡକାଯାଇଛି। ଏହି ବୈଠକ ଇକୋପାର୍କ ନିକଟସ୍ଥ ତାଜ କୁଟିରରେ ଅନୁଷ୍ଠିତ ହେବ। ଏହି ଅଧିବେଶନ ନିର୍ବାଚନ କମିଶନର ଦାୟିତ୍ୱବାନ ଅଧିକାରୀମାନଙ୍କ ଦ୍ୱାରା ପରିଚାଳିତ ହେବ।

ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲା ପ୍ରଶାସନକୁ ଭୋଟ ଦେବା ପୂର୍ବରୁ




ପ୍ରତ୍ୟେକ ୟୁନିଟ୍ ଇଭିଏମ୍ କିପରି ପରୀକ୍ଷା କରାଯାଏ, ତାହାର ସମ୍ପୂର୍ଣ୍ଣ ଏଫ୍‌ଏଲ୍‌ସି ପ୍ରକ୍ରିୟା ସ୍ପଷ୍ଟ ଭାବରେ ବୁଝାଇବା। ଏଥିରେ ବିୟୁ (ବାଲଟ୍ ୟୁନିଟ୍), ସିୟୁ (କଣ୍ଟ୍ରୋଲ୍ ୟୁନିଟ୍) ଏବଂ ଭିଭିପିଏଟିର ଭୌତିକ ପରୀକ୍ଷା, କାର୍ଯ୍ୟକ୍ଷମ ପରୀକ୍ଷଣ, ମକ୍ ପୋଲର ନିୟମ, ତ୍ରୁଟିପୂର୍ଣ୍ଣ ମେସିନଗୁଡ଼ିକୁ ପୃଥକ କରିବାର ପଦ୍ଧତି ଏବଂ ଷ୍ଟ୍ରଙ୍ଗ ରୁମରେ ସଂରକ୍ଷଣ ପାଇଁ ପ୍ରୋଟୋକଲ ଅନ୍ତର୍ଭୁକ୍ତ ହେବ। ପ୍ରତ୍ୟେକ ପଦକ୍ଷେପକୁ କିପରି ଡକ୍ୟୁମେଣ୍ଟେସନ୍ କରାଯାଇଛି ସେ ବିଷୟରେ ମଧ୍ୟ ବିସ୍ତୃତ ଭାବରେ ଆଲୋଚନା କରାଯିବ। ଏହି ବୈଠକ ପାଇଁ ଡିଏମମାନଙ୍କୁ ଡକାଯିବାର ଉଦ୍ଦେଶ୍ୟ ହେଉଛି ଜିଲ୍ଲା ସ୍ତରରେ ନିର୍ବାଚନ ପାଇଁ ପ୍ରସ୍ତୁତିର ଦାୟିତ୍ୱ ସଠିକ୍ ନିୟମ ଅନୁଯାୟୀ ସମ୍ପାଦିତ ହେବା ନିଶ୍ଚିତ କରିବା। ସୂତ୍ର ଅନୁସାରେ ଏହି ବୈଠକରେ ଇଭିଏମ କମିଶନିଂ, ସିଲିଂ, ଗତିବିଧି ଏବଂ ଲଜିଷ୍ଟିକ୍ସ ସମ୍ପର୍କରେ ମଧ୍ୟ ମାର୍ଗଦର୍ଶିକା ବ୍ୟାଖ୍ୟା କରାଯାଇପାରେ।

ମୋଟ ଉପରେ, ରାଜ୍ୟର ସମସ୍ତ ଜିଲ୍ଲାର ଡିଏମମାନେ ୨୧ ତାରିଖରେ ବୈଠକ ପାଇଁ କୋଲକାତା ଆସିବେ। ଏହା ବ୍ୟତୀତ, ମୁଖ୍ୟ ସଚିବ ପରଦିନ ନବାନ୍ନରେ ସମସ୍ତ ଜିଲ୍ଲାପାଳଙ୍କ ବୈଠକରେ ବସିବେ। ମୁଖ୍ୟମନ୍ତ୍ରୀ ସେହି ବୈଠକରେ ଉପସ୍ଥିତ ରହିବେ କି ନାହିଁ ତାହା ଏପର୍ଯ୍ୟନ୍ତ ନିଶ୍ଚିତ ନୁହେଁ।

● ପୁଣି ନିର୍ବାଚନ କମିଶନଙ୍କ ସ୍ପଷ୍ଟ ବାର୍ତ୍ତା

## ବିଏଲ୍‌ଓ କାମ ନ କଲେ କଡା କାର୍ଯ୍ୟାନୁଷ୍ଠାନ

**କୋଲକାତା,୨୦।୧୧(ସଂଚାର ବ୍ୟୁରୋ):** ନିର୍ବାଚନ କମିଶନ ଜିଲ୍ଲା ପ୍ରଶାସନକୁ ସତର୍କ କରାଇ ଦେଇଛନ୍ତି ଯେ, ଶିକ୍ଷକମାନେ ବିଏଲ୍‌ଓ ଭାବରେ କାର୍ଯ୍ୟ କରିବା ସମୟରେ ସେମାନଙ୍କ ସ୍କୁଲରେ କୌଣସି ପ୍ରକାରର ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବା ଉଚିତ୍ ନୁହେଁ। ବୁଧବାର ଦିନ, ନଦିଆର କୃଷ୍ଣନଗର ଏବଂ ମୁର୍ଶିଦାବାଦର ବହରମପୁରରେ ଉପ-ନିର୍ବାଚନ କମିଶନର ଜ୍ଞାନେଶ ଭାରତୀ ନିର୍ଦ୍ଦେଶ ଦେଇଛନ୍ତି ଯେ, ବିଏଲ୍‌ଓ ଭାବରେ ନିଯୁକ୍ତ ଯେକୌଣସି ଶିକ୍ଷକ ନିଶ୍ଚିତ କରନ୍ତୁ ଯେ, ସେ ତାଙ୍କ ସ୍କୁଲର ପ୍ରଧାନଶିକ୍ଷକ କିମ୍ବା ପରିଚାଳନା କମିଟିର କୌଣସି ସଦସ୍ୟଙ୍କୁ ବିରକ୍ତ କରିବେ ନାହିଁ। ଅନ୍ୟପଟେ, କାମ ନ କରୁଥିବା ଯେକୌଣସି ବିଏଲ୍‌ଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ। ନିର୍ବାଚନ କମିଶନର ଏକ ଚାରିଜଣିଆ ପ୍ରତିନିଧି ଦଳ ପ୍ରଥମେ କୃଷ୍ଣନଗର ଏବଂ ପରେ ବହରମପୁର ଯାଇ ଜିଲ୍ଲାପାଳ ଏବଂ ଅନ୍ୟମାନଙ୍କ ସହିତ ସାକ୍ଷାତ କରିଥିଲେ। ସେହି ବୈଠକରେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ମନୋଜ ଅଗ୍ରୱାଲ ଏବଂ ଅତିରିକ୍ତ ସିଇଓ ଦିବ୍ୟେନ୍ଦୁ ଦାସ ଯୋଗ ଦେଇଥିଲେ। କମିଶନଙ୍କ ଅନୁଯାୟୀ, ଅନେକ ସ୍ଥାନରୁ ଅଭିଯୋଗ ଆସୁଛି ଯେ, ସ୍କୁଲ କର୍ତ୍ତୃପକ୍ଷଙ୍କ ଚାପ ଯୋଗୁଁ ବିଏଲଓ ଭାବରେ ନିଯୁକ୍ତ ଶିକ୍ଷକମାନେ ଫର୍ମ ବଣ୍ଟନ ଏବଂ ଦାଖଲ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

● ଶରଧାବାଲି ନିକଟରେ ଦଳାଚକଟା ଘଟଣା

## କଣ୍ଟ୍ରୋଲ ରୁମର ୫ ଜଣଙ୍କ ବିରୋଧରେ ହେବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

**ପୁରୀ,୨୦।୧୧(ସଂଚାର ବ୍ୟୁରୋ):** ପୁରୀ ରଥଯାତ୍ରାରେ ଦଳାଚକଟା ଘଟିବା ବେଳେ ଜାଣିପାରିନଥିଲେ କଣ୍ଟ୍ରୋଲ ରୁମ ଅଧିକାରୀ। ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଘଟଣାରେ ଚାଞ୍ଚଲ୍ୟକର ତଥ୍ୟ ସାମନାକୁ ଆସିଛି। ଏଥିପାଇଁ ପାଞ୍ଚ ଜଣ ଅଧିକାରୀଙ୍କୁ ଦାୟୀ କରାଯାଇଛି। ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସମେତ ପାଞ୍ଚ ଅଧିକାରୀଙ୍କ ବିରୋଧରେ ହେବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ। ଏନେଇ ସୁପାରିଶ କରିଛନ୍ତି ଗୃହ ସଚିବ ସତ୍ୟବ୍ରତ ସାହୁ। ରିପୋର୍ଟରେ ଦଳାଚକଟା ପାଇଁ ୪ କାରଣ ଉଲ୍ଲେଖ କରାଯାଇଛି। ଗତ ଜୁନ ୨୯ରେ ଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟା ଘଟିଥିଲା। ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳାକୁ ଏଥିପାଇଁ ଦାୟୀ କରାଯାଇଛି। ପାଞ୍ଚଜଣ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଓ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଛନ୍ତି ଗୃହ ବିଭାଗ ଅତିରିକ୍ତ ସଚିବ ଶ୍ରୀ ସାହୁ। ଦାୟୀ ଅଧିକାରୀମାନେ ହେଲେ ପୁରୀ ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବେହେରା, ପୁରୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଉପସଚିବ ବିଭୁତି ଭୂଷଣ ନାୟକ, ମୟୂରଭଞ୍ଜ ଶୁକ୍ଳିର ଅତିରିକ୍ତ ତହସିଲଦାର ରାଜକିଶୋର ଜେନା, ଗଁଦିଆ ଅତିରିକ୍ତ ତହସିଲଦାର ସୌଭାଗ୍ୟ ମହାନ୍ତି ଓ ଢେଙ୍କାନାଳ ସହକାରୀ ଜିଲ୍ଲାପାଳ ଦୟାନିଧି ପାତ୍ର। ଭିଡ଼ ନିୟନ୍ତ୍ରଣରେ ଅବହେଳା, ପରିସ୍ଥିତି ସମ୍ପର୍କରେ ସଚେତନତାର ଅଭାବ ହିଁ ଦଳାଚକଟା ଅଘଟଣ ପାଇଁ ଦାୟୀ କୁହାଯାଇଛି। କିନ୍ତୁ ସେମାନେ ଉଚ୍ଚ ଅଧିକାରୀଙ୍କୁ ଏନେଇ ଅବଗତ କରାଇନଥିଲେ। ସେହିପରି ରିପୋର୍ଟର ବ୍ୟାପକ ବ୍ୟବସ୍ଥାଗତ ବିଫଳତା ଦର୍ଶାଯାଇଛି। ଭିଡ଼ ପରିଚାଳନାରେ ଟ୍ରେନିଂର ଅଭାବ, ଦୁର୍ବଳ ନିରୀକ୍ଷଣ ବ୍ୟବସ୍ଥା, ଅନଧିକୃତ ଗାଡ଼ି ଚଳାଚଳ ଓ ନୀତିକାନ୍ତିରେ ବିଳମ୍ବ ଯୋଗୁଁ ଭିଡ଼ ବେକାବୁ ହୋଇଥିବା କୁହାଯାଇଛି।

## ଏସ୍‌ଆଇଆର୍ ଆତଙ୍କ: ବୃଦ୍ଧଙ୍କ ଆତ୍ମହତ୍ୟା ଉଦ୍ୟମ

**କୋଲକାତା,୨୦।୧୧(ସଂଚାର ବ୍ୟୁରୋ):** ଏସ୍‌ଆଇଆର୍ ଆତଙ୍କରେ ବୃଦ୍ଧ ଜଣକ ରେଳ ଟ୍ରାକ୍‌କୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି।

ଘଟଣାଟି ବୁଧବାର ରାତିରେ ବେଲଘରିଆର ସିସିଆର୍ ବ୍ରିଜ୍ ସଂଲଗ୍ନ ଅଞ୍ଚଳରେ ଘଟିଛି। ଅଶୋକ ସର୍ଦ୍ଦାରଙ୍କୁ ଗୁରୁତର ଅବସ୍ଥାରେ ଆରଜି କର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପରିବାର ଦାବି କରିଛନ୍ତି ଯେ, ୬୩ ବର୍ଷୀୟ ଅଶୋକ ସର୍ଦ୍ଦାର ଏବଂ ତାଙ୍କ ପତ୍ନୀଙ୍କ ନାମ ୨୦୦୨ ମସିହା ଭୋଟର ତାଲିକାରେ ନଥିଲା। ଏହା ଜାଣିବା ପରଠାରୁ ସେମାନେ ଆତଙ୍କିତ ଥିଲେ। ସେମାନେ ଜାଣି ନଥିଲେ କି କ'ଣ କରିବେ କିମ୍ବା କେଉଁଠାକୁ ଯିବେ।

ତେଣୁ ପରିବାର ଦାବି କରିଛନ୍ତି ଯେ, ସେହି କାରାଣରୁ ଏପରି ଘଟଣା ଘଟିଛି। ଉଲ୍ଲେଖ୍ୟନୀୟ ଯେ ବଙ୍ଗଳାରେ ଏସ୍‌ଆଇଆର୍ ପ୍ରକ୍ରିୟା ଘୋଷଣା ହେବା ପରଠାରୁ ଦେଶାନ୍ତର ହେବାର ଭୟରେ ଅନେକ ଆତ୍ମହତ୍ୟା କରିସାରିଛନ୍ତି। କାମର ଚାପ ଯୋଗୁଁ ବିଏଲ୍‌ଓ ଆତ୍ମହତ୍ୟା କରୁଥିବା ମଧ୍ୟ ଅଭିଯୋଗ ହୋଇଛି।

# ଦିନହାଟାରେ ବ୍ୟାପକ ଉତ୍ତେଜନା



**କୋଲକାତା,୨୦।୧୧(ସଂଚାର ବ୍ୟୁରୋ):** ଗୋଟିଏ ହାତରେ ଏସ୍‌ଆଇଆର୍ ଫର୍ମ, ଅନ୍ୟ ହାତରେ ପ୍ରାକ୍ତନ ସ୍ୱରାଷ୍ଟ୍ର ମନ୍ତ୍ରୀ ନିଶିଥ୍ ପ୍ରାମାଣିକଙ୍କ ମୁହଁରେ କାଳି ଲାଗିଥିବା ଫଟୋ! ମହିଳାମାନଙ୍କ ଅଭିନବ ଉପାୟରେ ପ୍ରତିବାଦ। ଯାହା ଫଳରେ, ଗୁରୁବାର ଦିନହାଟା ବିଧାନସଭାର ବୁଡିରହାଟ ୧ ଗ୍ରାମ ପଞ୍ଚାୟତର ପଶ୍ଚିମ ଭୁଳକିର ୮ ନମ୍ବର ବୁଥରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମହିଳାମାନେ ଅଭିଯୋଗ କରିଛନ୍ତି ଯେ, ବିଜେପି ନେତା ନିଶିଥ ପ୍ରମାଣିକ ଦିନହାଟାର ମହିଳାମାନଙ୍କୁ ଅପମାନିତ କରିଛନ୍ତି। ଏହାର ପ୍ରତିବାଦରେ ଏପରି ଏକ ଅଭିନବ ପ୍ରତିବାଦ କରାଯାଇଥିଲା।

ମହିଳାମାନେ ଏହା ମଧ୍ୟ କହିଛନ୍ତି ଯେ, ଏହି ଅଞ୍ଚଳରେ କୌଣସି ବାଂଲାଦେଶୀ ନାହାନ୍ତି। ତଥାପି, ବିଜେପି ନେତା କହିଛନ୍ତି ଯେ, ବାଂଲାଦେଶୀମାନେ ଏହି ଅଞ୍ଚଳରେ ଲୁଚି ରହିଛନ୍ତି। ଏଦିନର ବିକ୍ଷୋଭ ଏହାର ପ୍ରତିବାଦରେ। ଏହି ଘଟଣାକୁ ନେଇ ରାଜନୈତିକ ଉତ୍ତେଜନା ଆରମ୍ଭ ହୋଇଛି। ଏହି ସମ୍ପର୍କରେ ଦିନହାଟା ୨ ବ୍ଲକ ତୃଣମୂଳ କଂଗ୍ରେସ ଉପାଧ୍ୟକ୍ଷ ଅବଦୁଲ ସତ୍ତାର କହିଛନ୍ତି, ନିଶିଥ ପ୍ରମାଣିକଙ୍କ କିଛି ସାମ୍ପ୍ରତିକ ମନ୍ତବ୍ୟ ପରେ ଅଞ୍ଚଳର ସାଧାରଣ ଲୋକମାନେ ଏହି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି।

● ଯୋଗ ଏବଂ ପ୍ରାକୃତିକ ଚିକିତ୍ସା ଉତ୍କର୍ଷ ପୁରସ୍କାର

## ସମ୍ମାନିତ ହେଲେ ଡକ୍ଟର ଏସ୍. କେ. ଅଗ୍ରୱାଲ



**କୋଲକାତା,୨୦।୧୧(ସଂଚାର ବ୍ୟୁରୋ):** ଜାତୀୟ ପ୍ରାକୃତିକ ଚିକିତ୍ସା ଦିବସ ଅବସରରେ ଲାୟନ୍ସ କ୍ଲବ ଅଫ୍ କୋଲକାତା ମ୍ୟାଗିନେଟ୍ସ ଦ୍ୱାରା ପ୍ରଜ୍ଞାନ ଫାଉଣ୍ଡେସନର ସଭାପତି ଡକ୍ଟର ସୁରେଶ କୁମାର ଅଗ୍ରୱାଲଙ୍କୁ ପ୍ରତିଷ୍ଠିତ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା ଉତ୍କର୍ଷ ପୁରସ୍କାରରେ ସମ୍ମାନିତ କରାଯାଇଛି। ପ୍ରାକୃତିକ ଚିକିତ୍ସା, ଯୋଗ ଅଭ୍ୟାସ ଏବଂ ସାମୂହିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ସ୍ୱରୂପ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମ୍ମାନିତ ଅତିଥି ଭାବରେ ଡକ୍ଟର ଏ.ପି. ମୌର୍ଯ୍ୟ, ସନାତନ ମହାକୁଡ, ଡକ୍ଟର ମଧୁରିମା ଦାସଗୁପ୍ତା, ଆଡଭୋକେଟ୍ ପ୍ରଫେସର ବାସୁ ଦେବ ଅଗ୍ରୱାଲ, ଡକ୍ଟର ଏ.ଏସ୍. ସୀମା ସିଂହ, ଆଶିଷ ବସାକ, ପାର୍ଥ ପ୍ରତିମ ବୋଷ ଏବଂ ଆଡଭୋକେଟ୍ ସୌରଭ ଚୌଧୁରୀ ଏହି ପୁରସ୍କାର ପ୍ରଦାନ କରିଥିଲେ।

## କେନି ବେଡନାରେକ୍ ଟାଟା ଷ୍ଟିଲ୍ ବିଶ୍ୱ ୨୫କେ କୋଲକାତାର ଆମ୍ବାସାଡର

**କୋଲକାତା,୨୦।୧୧(ସଂଚାର ବ୍ୟୁରୋ):** ଟାଟା ଷ୍ଟିଲ୍ ୱାର୍ଲ୍ଡ ୨୫କେ କୋଲକାତାର ପ୍ରମୋଟର ପ୍ରୋକ୍ୟାମ୍ ଇଣ୍ଟରନ୍ୟାସନାଲ୍, ଆଗାମୀ ୨୦୨୫ ମସିହା ଡିସେମ୍ବର ୨୧ ତାରିଖ, ରବିବାର ପାଇଁ ହେବାକୁ ଥିବା ମାଇଲଖୁଣ୍ଟ ୧୦ମ ସଂସ୍କରଣ ପାଇଁ ଡବଲ୍ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଏବଂ ବିଶ୍ୱ ଚାମ୍ପିଅନସିପ୍ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ବିଜେତା କେନି ବେଡନାରେକଙ୍କୁ ଏହାର ଅନ୍ତର୍ଜାତୀୟ ଇଭେଣ୍ଟ ଆମ୍ବାସାଡର ଭାବରେ ଘୋଷଣା କରିଛି। ବିଶ୍ୱର ପ୍ରଥମ ବିଶ୍ୱ ଆଥଲେଟିକ୍ସ ଗୋଲ୍ଡ ଲେବଲ୍ ୨୫କେ ଦୌଡ଼ କ୍ରୀଡ଼ା ମାଧ୍ୟମରେ ସମ୍ପ୍ରଦାୟକୁ ଏକତ୍ରିତ କରି ଚାଲିଛି, ସ୍ଥିରତା, ଅନ୍ତର୍ଭୁକ୍ତି ଏବଂ ନିଷ୍ଠୁର ମାନବୀୟ ଆତ୍ମାକୁ ପାଳନ କରୁଛି। ଟାଟା ଷ୍ଟିଲର କର୍ପୋରେଟ୍ ସେବାର ଉପାଧ୍ୟକ୍ଷ ଡି. ବି. ସୁନ୍ଦରା ରାମମ୍ କହିଛନ୍ତି: ଆମେ ଟାଟା ଷ୍ଟିଲ୍ ୱାର୍ଲ୍ଡ ୨୫କେ କୋଲକାତାର ୧୦ତମ ସଂସ୍କରଣ ପାଳନ କରୁଥିବା ସମୟରେ, କେନି ବେଡନାରେକଙ୍କୁ ଆମର ରାଷ୍ଟ୍ରଦୂତ ଭାବରେ ସ୍ୱାଗତ କରିବା ଏକ ବଡ଼ ଗର୍ବର ବିଷୟ।

● ସୁପ୍ରିମକୋର୍ଟରେ ଦିଲ୍ଲୀ ପୁଲିସର ବୟାନ

## ବୁଦ୍ଧିଜୀବୀ ଆତଙ୍କବାଦୀ ହେଲେ ଅତି ବିପଜ୍ଜନକ ହୋଇଯାନ୍ତି

**ନୂଆଦିଲ୍ଲୀ,୨୦।୧୧:** ଉମର ଖାଲିଦ, ସର୍ଜିଲ ଇମାମ, ଗୁଲଫିଶା ଫାତିମା, ମୀନା ହାଇଦର ଏବଂ ଦିଲ୍ଲୀ ଦଙ୍ଗାର ଅନ୍ୟ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ବିରୋଧ କରି ଦିଲ୍ଲୀ ପୁଲିସ ସୁପ୍ରିମକୋର୍ଟଙ୍କୁ କହିଛି ଯେ, ବୁଦ୍ଧିଜୀବୀମାନେ ଆତଙ୍କବାଦୀ ହେଲେ ଅଧିକ ବିପଜ୍ଜନକ ହୋଇଯାଆନ୍ତି। ଶୁଣାଣି ବେଳେ ଦିଲ୍ଲୀ ପୁଲିସ ଲାଲକିଲ୍ଲା କାର ବୋମା ବିସ୍ଫୋରଣ ଏବଂ ଧଳା କଲର ଆତଙ୍କୀ ମଡ୍ୟୁଲକୁ ଉଦ୍ଧୃତ କରିଥିଲା। ଶୁଣାଣି ସମୟରେ, ସର୍ଜିଲ ଇମାମ ଭାଷଣର ଭିଡିଓ କ୍ଲିପ୍ ଦେଖାଯାଇଥିଲା, ଯେଉଁଥିରେ ସେ ଉତ୍ତର-ପୂର୍ବ ରାଜ୍ୟ ଆସାମକୁ ଭାରତରୁ ପୃଥକ କରିବାକୁ ଆହ୍ୱାନ କରୁଥିବା, ଦିଲ୍ଲୀର ଜଳ ଯୋଗାଣ ବନ୍ଦ କରିବା ଏବଂ ହିଂସାତ୍ମକ ପ୍ରତିବାଦ ପ୍ରଦର୍ଶନ କରୁଥିବା ଦେଖାଯାଇଛି। ଗୁରୁବାର ସୁପ୍ରିମକୋର୍ଟରେ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ସମୟରେ ଦିଲ୍ଲୀ ପୁଲିସ କହିଛି ଯେ, ଆଜିକାଲି ଏକ ଧାରା ପରିଲକ୍ଷିତ ହୋଇଛି ଯେଉଁଠାରେ ବୁଦ୍ଧିଜୀବୀମାନେ ପ୍ରଥମେ ସରକାରୀ ଟଙ୍କାରେ ଡାକ୍ତର ଏବଂ ଇଞ୍ଜିନିୟର ହେବା ପାଇଁ ପାଠ ପଢ଼ନ୍ତି ଏବଂ ତା'ପରେ ଦେଶ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ହେଉଛନ୍ତି।

ଦିଲ୍ଲୀ ପୁଲିସ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସଭି ରାଜୁ ବିଚାରପତି ଅରବିନ୍ଦ କୁମାର ଏବଂ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ସମ୍ମୁଖରେ ହାଜର ହୋଇଥିଲେ। ସେ ଯୁକ୍ତି କରିଥିଲେ ଯେ, ଯେତେବେଳେ ବୁଦ୍ଧିଜୀବୀମାନେ ଆତଙ୍କବାଦୀ ହୋଇଯାଆନ୍ତି, ସେମାନେ ଭୂମିରେ କାମ କରୁଥିବା ଲୋକଙ୍କ ଅପେକ୍ଷା ଆହୁରି ବିପଜ୍ଜନକ ହୋଇଯାଆନ୍ତି। ସେ ଏହି ଅବସରରେ ହରିୟାଣାର ଅଲ ଫଲାହ ବିଶ୍ୱବିଦ୍ୟାଳୟରୁ କାର୍ଯ୍ୟ କରୁଥିବା ହ୍ୱାଇଟ୍ କଲର ଆତଙ୍କୀ ମଡ୍ୟୁଲ ବିଷୟରେ ଉଲ୍ଲେଖ କରୁଥିଲେ।

## ଓଡ଼ିଶା ପୁଅର ନୃତ୍ୟ ଦେଖି ହ୍ରିତିକ୍ ଦିୱାନା



**କଟକ,୨୦।୧୧(ସଂଚାର ବ୍ୟୁରୋ):** କଟକ ପୁଣି ଦିୱାନା କରିଛି। ଆଜି କିନ୍ତୁ ଦହିବରା ପାଇଁ ନୁହେଁ। କଟକ ଛୁଆର ଡ୍ୟାନ୍ସ ଷ୍ଟେପ ସାରା ବଲିଉଡକୁ ଦିୱାନା କରିଛି। ଆଉ ଆଜି ସେହି ସ୍କୁଲ ପିଲା ଇଣ୍ଟରନେଟରେ ଭାଇରାଲ ବୟ ଭାବେ ନାଁ କରିଛନ୍ତି। ନିହାତି ଏହା କଟକ ଏବଂ ସାରା ଓଡ଼ିଶା ପାଇଁ ଗର୍ବର ବିଷୟ। ସୋସିଆଲ ମିଡିଆ କାହାପାଇଁ ଆଶୀର୍ବାଦ ଏବଂ କାହାପାଇଁ ଅଭିଶାପ ହୋଇପାରେ। ଓଡ଼ିଶାର କଟକ ଜିଲ୍ଲାରେ ରହୁଥିବା ଜଣେ ନାବାଳକ ପାଇଁ ସୋସିଆଲ ମିଡିଆ ଆଶୀର୍ବାଦ ସାବ୍ୟସ୍ତ ହୋଇଛି ଯିଏ ତାଙ୍କର ସୁପର-ସ୍ମୁଥ୍ ଡ୍ୟାନ୍ସ ମୁଭ୍ ସହିତ ଇଣ୍ଟରନେଟରେ ଝଡ଼ ସୃଷ୍ଟି କରିଛି। ଅନେକ ସେଲିବ୍ରିଟି ମଧ୍ୟ ତାଙ୍କ ଡ୍ୟାନ୍ସକୁ ଦେଖି ପ୍ରଶଂସା କରିଛନ୍ତି। ବାଦାମବାଡିର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁଟ୍ ହୋଇଥିବା ଏହି ଭାଇରାଲ ଭିଡିଓରେ ଶିକ୍ଷକମାନେ ମଧ୍ୟ ଉପସ୍ଥିତ ଅଛନ୍ତି। ବୋଧହୁଏ ସ୍କୁଲରେ ଡ୍ୟାନ୍ସ ପ୍ରତିଯୋଗିତା ହେଉଥିଲା। ଯେତେବେଳେ ଜଣେ ଛୋଟ ପିଲା ଆଗକୁ ବଢ଼ି ହ୍ରିତିକ୍ ରୋଶନଙ୍କ ବ୍ଲକବଷ୍ଟର ଗୀତ, ଫୱାର୍ ୨' ର 'ଜନାବେ-ଏ-ଅଲି' ସଙ୍ଗରେ ପର୍ଫମ କରୁଥିଲା। ଆଉ ଛୁଆଟି ଯେମିତି ପୁରା ସ୍ପଟଲାଇଟ୍ ଚୋରି କରିନେଲା। ଭିଡିଓରେ, ପିଲାଟିର ସହପାଠୀମାନେ ତାକୁ ଉତ୍ସାହିତ କରୁଥିବାର ଦେଖାଯାଉଛି। ଯେତେବେଳେ ସେ ଟ୍ରାକର ହୁକ୍ ଷ୍ଟେପ୍ ନିର୍ଭୁଲ ଭାବରେ ନାଚିଲା ସମସ୍ତଙ୍କୁ ମତୁଆଲା କରିଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇତିହାସ...

ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓ ଏନ୍‌ଡିଏ ଶାସିତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ। ଏହି ଶପଥ ଗ୍ରହଣ ଉତ୍ସବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ସାମିଲ ଥିଲେ।

ଦେଖିବାକୁ ଗଲେ, ମୁଖ୍ୟମନ୍ତ୍ରୀ ପଦ କେବଳ ଜେଡି(ୟୁ) ପାଖରେ ରହିଥିଲେ ବି ଅଧାରୁ ଅଧିକ ମନ୍ତ୍ରୀ ପଦ ରହିଛି ବିଜେପି ନେତାଙ୍କ ପାଖରେ। ନୀତୀଶଙ୍କ ନୂଆ ମନ୍ତ୍ରିମଣ୍ଡଳ ଶପଥ ନେଇସାରିଥିଲେ ବି ଏଯାଏଁ ମନ୍ତ୍ରିମାନଙ୍କ ଭିତରେ ବିଭାଗ ଭାଗବଣ୍ଟା ହେଇନି। ତେଣୁ ଚର୍ଚ୍ଚା ହେଉଛି, ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ବିଜେପି ନିଜ ପାଖରେ ରଖିପାରେ। ଖାସ୍ କରି ଗୃହ ବିଭାଗ ଆଉ ଅର୍ଥ ବିଭାଗ ନିଜ ପାଖରେ ରଖିପାରେ ବିଜେପି। ହେଲେ ଯେବେଠୁ ନୀତୀଶ ନିଜର ସରକାର କରିଛନ୍ତି, ସେବେଠୁ ଗୃହ ବିଭାଗକୁ ନିଜ ପାଖରେ ରଖିଛନ୍ତି ନୀତୀଶ। ତେଣୁ ଯଦି ଏଥର ଗୃହ ବିଭାଗ ବିଜେପି ପାଖକୁ ଯାଏ, ତେବେ ବିଜେପି ପାଇଁ ଏହା ବଡ଼ କଥା ହେବ। ଅନ୍ୟପକ୍ଷରେ ମନ୍ତ୍ରୀ ପଦ ପାଇଥିବା ଅନ୍ୟ ବିଧାୟକମାନେ ହେଲେ ଜେଡି(ୟୁ)ର ବିଜୟ ଚୌଧୁରୀ, ବିଜେନ୍ଦ୍ର ଯାଦବ, ଶ୍ରାବଣ କୁମାର, ବିଜେପିର ମଙ୍ଗଳ ପାଣ୍ଡେ, ଦିଲୀପ ଜୈସୱାଲ, ଜେଡି(ୟୁ)ର ଅଶୋକ ଚୌଧୁରୀ, ଲେସି ସିଂହ, ମହମ୍ମଦ ଜାମା ଖାନ୍, ରାମିନ ସାହିନୀ, ରାମିନ ସାହିନୀ କୁମାର, ସଞ୍ଜୟ ସିଂ ଟାଇଗର, ଅରୁଣ ଶଙ୍କର, ସୁରେନ୍ଦ୍ର ମେହେଟ୍ଟା, ନାରାୟଣ ପ୍ରସାଦ, ରାମ ନିଶାଦ, ଲକ୍ଷେନ୍ଦ୍ର କୁମାର ରୋଶନ, ଶ୍ରେୟସୀ ସିଂ, ପ୍ରମୋଦ କୁମାର, ସଞ୍ଜୟ କୁମାର, ସଞ୍ଜୟ କୁମାର ସିଂ ଏବଂ ଦୀପକ ପ୍ରକାଶ।

### କେନ୍ଦୁପତ୍ରଜୀବୀଙ୍କୁ...

ଜଣ ବାଇଣ୍ଡରଙ୍କୁ କମ୍ବଳ ଓ ମଶାରି ପାଇଁ ୟୁନିଟ ପିଛା ୭୦୦ ଟଙ୍କା ହିସାବରେ ୧ କୋଟି ୩୧ ଲକ୍ଷ ୩୭ ହଜାର ୬୦୦ ଟଙ୍କା ପ୍ରଦାନ କରାଯିବା ସହ ୧୬୨୩୭ ଜଣ ଋତୁକାଳୀନ କର୍ମଚାରୀଙ୍କୁ ୟୁନିଟ ପିଛା ୧୦୦ ଟଙ୍କା ହାରରେ ୧୬ ଲକ୍ଷ ୨୩ ହଜାର ୭୦୦ ଟଙ୍କା ମଧ୍ୟ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଓ ସଫଳ କଲ୍ୟାଣକାରୀ ପଦକ୍ଷେପ ଏବଂ ଜଙ୍ଗଲ ଓ ପରିବେଶ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗର ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯୋଜନାଗୁଡ଼ିକ ନିର୍ଣ୍ଣାୟକ ଭୂମିକା ନେଇଛି। ଏହି ବୃହତ୍ କଲ୍ୟାଣ ପ୍ୟାକେଜ୍ ରାଜ୍ୟର କେନ୍ଦୁପତ୍ର ଆଧାରିତ ଶ୍ରମଜୀବୀଙ୍କ ସୁଯୋଗ-ସୁବିଧା, ସୁରକ୍ଷା ଓ ସାମାଜିକ ସମ୍ମାନକୁ ଏକ ନୂତନ ଉଚ୍ଚତାକୁ ନେଇଯାଇଛି। ସରକାରଙ୍କ ଏହି ପ୍ରୟାସ ତାଙ୍କ ଜୀବିକାକୁ ସମୃଦ୍ଧ ବନାଇବା ସହ ସମାଜର ଦୃଢ଼ ଅର୍ଥନୈତିକ ଭିତ୍ତି ଗଢ଼ିବାରେ ସହାୟକ ହେବ ବୋଲି ସରକାର ଆଶା ରଖିଛନ୍ତି।

### ଏବେ ...

ଶପଥପାଠ କରାଇଥିଲେ ବାଚସ୍ପତି ସୁରମା ପାଢ଼ୀ। ଏହି ଶପଥପାଠ ସମୟରେ ବିଜେପିର ବରିଷ୍ଠ ନେତୃବୃନ୍ଦ ମଧ୍ୟ ସାମିଲ ହୋଇଥିଲେ। ବିଧାୟକ ଭାବେ ଶପଥ ନେବା ପରେ କହିଛନ୍ତି, ଏବେ ବିଶ୍ରାମ କରିବାର ସମୟ ସରିଛି। କାମ କରିବାର ସମୟ ଆସିଛି। ନୂଆପଡ଼ାର ସେବା ପାଇଁ ସୁଯୋଗ ମିଳିବା ସହ ଦାୟିତ୍ୱ ବଢ଼ିଛି। ଏହାସହ ବାପାଙ୍କ ପ୍ରତି ବିଜେଡି ଯେଉଁ ଆଭିମୁଖ୍ୟ ଆପଣାଇଥିଲା ତାହାକୁ ଭୁଲିବିନି ବୋଲି କହିଛନ୍ତି ଜୟ।

ସେ କହିଛନ୍ତି ଯେ, ବାପାଙ୍କ ଅସୁସ୍ଥତା ବେଳେ ସାଥିରେ ଛିଡ଼ା ହୋଇନଥିଲା ବିଜେଡି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମୋତେ ପୁଅ ଭଳି ସ୍ନେହ ଦେଇଛନ୍ତି। ଆଗକୁ ଭିଜନ ନୂଆପଡ଼ାରେ ନିଯୁକ୍ତି ସୃଷ୍ଟି କରି ଦାଦନ ହ୍ରାସ କରିବୁ। ଆଗାମୀ ସାଢେ ୩ ବର୍ଷରେ ଡବଲ ଇଞ୍ଜିନ ସରକାରରେ ନୂଆପଡ଼ା ବିକାଶର ଶିଖର ଛୁଇଁବ। ନିର୍ବାଚନମଣ୍ଡଳୀରେ ପାନୀୟ ଜଳ, ଟେଲିକମ ସମସ୍ୟା ଦୂର କରିବା ସହ ନୂଆ ମେଡିକାଲ କଲେଜ ନିର୍ମାଣକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି ଜୟ।

### ଆଜି ରାଜ୍ୟ...

ହେବ। ସୂତ୍ର ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ମନ୍ତ୍ରୀ ପରିଷଦ ବୈଠକରେ ୭ଟି ବିଭାଗର ପ୍ରାୟ ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଧ୍ୟାନ ଦିଆଯିବ। ଏହି ପ୍ରସ୍ତାବଗୁଡ଼ିକ ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି।

ସୁଗମ କାର୍ଯ୍ୟପନ୍ଥା ସୁନିଶ୍ଚିତ କରିବା ସକାଶେ ଜଳସମ୍ପଦ, ପଞ୍ଚାୟତିରାଜ, ସାଧାରଣ ପ୍ରଶାସନ, ଅର୍ଥ ଓ ଅନ୍ୟାନ୍ୟ ବିଭାଗ ସମେତ ବିଭିନ୍ନ ବିଭାଗରେ ପ୍ରସ୍ତୁତି ଚାଲିଛି।

ଅଧିବେଶନ ପୂର୍ବରୁ ଏଜେଣ୍ଡା ପ୍ରସ୍ତୁତ କରି ସୁଧାରିବା ପାଇଁ ଏହି ମନ୍ତ୍ରଣାଳୟଗୁଡ଼ିକର ଅଧିକାରୀମାନେ ବ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି। ଅତିରିକ୍ତ ବଜେଟ୍ ଅନୁମୋଦନ ରାଜ୍ୟ ପାଇଁ ଜରୁରୀ ଆର୍ଥିକ ଆବଶ୍ୟକତା ଓ ନୀତିଗତ ପ୍ରାଥମିକତାକୁ ସମ୍ବୋଧିତ କରିବା ଆଶା କରାଯାଉଛି।

### ମାଟ୍ରିକ୍...

ଆସନ୍ତା ନଭେମ୍ବର ୨୮ ତାରିଖ ମଧ୍ୟରେ ଏହି ସମସ୍ତ ବର୍ଗର ଛାତ୍ରଛାତ୍ରୀମାନେ ବିନା କୌଣସି ବିଳମ୍ବ ଦେୟରେ ଫର୍ମ ପୂରଣ କରିପାରିବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୮ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଫର୍ମ ପୂରଣ ପ୍ରକ୍ରିୟା ଆସନ୍ତା ୨୨ ତାରିଖରେ ଶେଷ ହେବ ବୋଲି ପ୍ରଥମେ ନିଶ୍ଚିତ ହୋଇଥିଲା। କିନ୍ତୁ ଆଜି ଏହି ଅବଧିକୁ ବଢ଼ାଇ ଦିଆଯିବା ଫଳରେ ଛାତ୍ରଛାତ୍ରୀମାନେ ଆଶ୍ୱସ୍ତ ହୋଇଛନ୍ତି।

### ୨୬୪ ଗ୍ରାମ୍...

୩୮ ବର୍ଷୀୟ ପ୍ରଦୀପ ଘର କଟକ ଜିଲ୍ଲା ଅନ୍ତର୍ଗତ ବୈଦେଶ୍ୱର ଥାନାଞ୍ଚଳର କଳାପଥରରେ ହୋଇଥିବା ବେଳେ ୪୧ ବର୍ଷୀୟ ହୁସେନ୍ ଘର ଖୋର୍ଦ୍ଧା ଟାଉନ୍ ଥାନା ଅନ୍ତର୍ଗତ ଶରଧାପୁରରେ ବୋଲି ବୋଲି ଜଣାପଡ଼ିଛି। ସେହିପରି ଚଢ଼ାଉ ସମୟରେ ଅଭିଯୁକ୍ତମାନଙ୍କଠାରୁ ପୁଲିସ୍‌କୁ ୩ଟି ମୋବାଇଲ୍, ଗୋଟିଏ ଟିଭିଏସ୍ ଆପାଚେ ବାଇକ୍ ଓ ଅନ୍ୟାନ୍ୟ ବହୁ ଆପତ୍ତିଜନକ ସାମଗ୍ରୀ ମିଳିଛି।

### ବିଭୀଷଣ...

ସଭାପତିଙ୍କ ବିଭିଷଣ ବକ୍ତବ୍ୟ ବିରୋଧରେ ଆପତ୍ତି ଉଠାଇଛନ୍ତି ମୋକିମ। ପିସିସି ସଭାପତି ଶୃଙ୍ଖଳା ଭଙ୍ଗ କରିଥିବା ଅଭିଯୋଗ କରିଛନ୍ତି ମୋକିମ। ମୋକିମଙ୍କ ଅଭିଯୋଗ ହେଉଛି, ନୂଆପଡ଼ା ପରାଜୟ ପରେ ପିସିସି ସଭାପତି ପରାଜୟ ଲାଗି ନୈତିକତା ନନେଇ ତାଙ୍କ ବିରୋଧରେ ଆକ୍ଷେପ ମନ୍ତବ୍ୟ ଦେଇଛନ୍ତି। କଂଗ୍ରେସ ଶୃଙ୍ଖଳା କମିଟି ଅଧ୍ୟକ୍ଷ ସୁଜିତ କୁମାର ପାଢ଼ୀଙ୍କୁ ଚିଠି ଲେଖି ମୋକିମ ଅଭିଯୋଗ କରିଛନ୍ତି, ରାଜନୈତିକ ଉଦ୍ଦେଶ୍ୟ ରଖି ପିସିସି ସଭାପତି ତାଙ୍କ ବିରୋଧରେ ମନ୍ତବ୍ୟ ଦେଇଛନ୍ତି। ରାଜ୍ୟ କଂଗ୍ରେସର ଇତିହାସରେ ଏହା କେବେ ଘଟି ନଥିଲା। ପିସିସି ସଭାପତି ଗଣମାଧ୍ୟମରେ କାହା ନାଁରେ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗ ଆଣିବା ଘଟଣା ପ୍ରଥମ। ପିସିସି ସଭାପତି ଦଳ ବିରୋଧୀ କାର୍ଯ୍ୟ କରିଛନ୍ତି ବୋଲି ମୋକିମ ଶୃଙ୍ଖଳା କମିଟିକୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ମୋକିମଙ୍କ ଏଭଳି ଅଭିଯୋଗକୁ ନେଇ ମୁହଁ ଖୋଲିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ସବୁ ଦଳରେ ବିଭୀଷଣ ଅଛନ୍ତି, ଆମ ଦଳରେ ଥିବେ ବୋଲି ସେ କହିଥିବା କହିଛନ୍ତି। କଟକରେ ହିଂସା କାରଣରୁ ମହମ୍ମଦ ମୋକିମକୁ ଷ୍ଟାର ପ୍ରଚାରକ ତାଲିକାରୁ ବାଦ ଦିଆଯାଇଥିବା ପିସିସି ସଭାପତି ସଫେଇ ଦେଇଛନ୍ତି।

କିଛି ମାସର ନିରବତା ପରେ କଂଗ୍ରେସରେ ପୁଣି ଚୌକି ଲଢ଼େଇ ଆରମ୍ଭ ହୋଇଥିବା ବେଳେ ଉଭୟ ପକ୍ଷର ନେତାମାନେ ଆରମ୍ଭ କରିଛନ୍ତି ଛୁଙ୍କମରା ରାଜନୀତି। ଏହାର ମୂଳଦୂଆ ପଡ଼ିଛି ନୂଆପଡ଼ା ପରାଜୟ ପରେ। ତେବେ ଭକ୍ତ ଓ ମୋକିମଙ୍କ କଳି ଆଗକୁ କଂଗ୍ରେସରେ କି ରୂପ ନେଉଛି, ତାହା ଦେଖିବାକୁ ବାକି ରହିଲା। ସେପଟେ ମୋକିମ ଆଣିଥିବା ଅଭିଯୋଗର ଉତ୍ତର ଦେଇଛି ପିସିସି। ମୋକିମଙ୍କ ଅଭିଯୋଗରେ କୌଣସି ସତ୍ୟତା ନ ଥିବା ପିସିସି ଦେଇଥିବା ଉତ୍ତରରେ ଦର୍ଶାଇଥିବା ଜଣାପଡ଼ିଛି।

### ନୂଆପଡ଼ା...

ଭାବେ ଘୋଷଣା କଲାନାହିଁ। ସେଥିପାଇଁ ତାଙ୍କ ପରିବାରକୁ ବିଶ୍ୱାସ ଆସିଲାନି ଯେ ବିଜେଡି ତାଙ୍କୁ ଟିକେଟ୍ ଦେବ। ଆଉ ଜୟ ବିଜେଡି ଉପରୁ ବିଶ୍ୱାସ ହରାଇ ବିଜେପିକୁ ପଳାଇଗଲେ।

ସେହିପରି ନୂଆପଡ଼ା ଉପନିର୍ବାଚନ ପରିଚାଳନା ସକାଶେ ବିଜେଡି ୮୦ ଜଣ ନେତାଙ୍କୁ ଦାୟିତ୍ୱ ଦେଇଥିଲା। କିନ୍ତୁ କଳାହାଣ୍ଡିର ପୂର୍ବତନ ସାଂସଦ ଭାବେ ତାଙ୍କୁ କାହିଁକି ଦାୟିତ୍ୱ ଦିଆଗଲାନି ବୋଲି ଭୂପିନ୍ଦର ପ୍ରଶ୍ନ କରିଛନ୍ତି। ନୂଆପଡ଼ାରେ ପ୍ରଚାର ହେଇଗଲା ଯେ ବିଜେଡ଼ି ଚାହୁଁଛି ବିଜେପି ଜିତୁ ବୋଲି। କାହିଁକି ନୂଆପଡ଼ାରେ ଏ ପ୍ରଚାର ହେଲା, ସେନେଇ ମୁଁ କିଛି ବି ଜାଣିନାହିଁ। ଦଳର ନେତାମାନେ ଏପରି ପ୍ରଚାରର ସମୀକ୍ଷା କରିବା ଉଚିତ ବୋଲି ଭୂପିନ୍ଦର କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଏପରି ପ୍ରଚାର ଦ୍ୱାରା ଦଳର ସମ୍ମାନ ଓ ମର୍ଯ୍ୟାଦା ଯଥେଷ୍ଟ ମାତ୍ରାରେ କ୍ଷତିଗ୍ରସ୍ତ ହେଲା। ସେହିପରି ନବୀନ ବାବୁଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ତାଙ୍କୁ କାହିଁକି ନୂଆପଡ଼ା ନିଆଯାଇ ପ୍ରଚାର କାର୍ଯ୍ୟରେ ଲଗାଗଲା ବୋଲି ଭୂପିନ୍ଦର ପ୍ରଶ୍ନ କରିବା ସହ ଏହା ତାଙ୍କ ପ୍ରତି ଅପମାନ ବୋଲି କହିଛନ୍ତି। ସେ କହିଛନ୍ତି ଯେ ନବୀନ ବାବୁଙ୍କୁ ନୂଆପଡ଼ା ନେବାର କିଛି ବି ଆବଶ୍ୟକତା ନଥିଲା। ନବୀନଙ୍କ ବଡ ର୍‌ୟାଲି ବି କିଛି କାମ ଦେଲାନି। କିନ୍ତୁ ଦଳର ଏହି ବିଫଳତା କଥା କହିଲେ ତାଙ୍କୁ ଦଳବିରୋଧୀ ବୋଲି ଆଖ୍ୟା ଦିଆଯିବ ବୋଲି ଭୂପିନ୍ଦର ଆଶଙ୍କା ବ୍ୟକ୍ତ କରିଛନ୍ତି।

ଏଥିସହ ଭୂପିନ୍ଦର ଆହୁରି ଆକ୍ଷେପ କରିଛନ୍ତି ଯେ ଲମ୍ବୋଦର ନିଆଲ ସାଂସଦ ଭାବେ ନିର୍ବାଚନ ଲଢ଼ିବାକୁ କଦାପି ଚାହୁଁନଥିଲେ। ବରଂ ସେ ବିଧାୟକ ଭାବେ ଲଢ଼ିବା ସକାଶେ ଇଚ୍ଛୁକ ଥିଲେ। ୨୦୨୪ରେ କଳାହାଣ୍ଡି ସାଂସଦ ଟିକେଟ୍ ଲମ୍ବୋଦରଙ୍କୁ ଦେବା ଦିନଠୁଁ ଜଣାପଡୁଥିଲା କେଉଁଠି ନା କେଉଁଠି ବିଜେପିକୁ ସୁଯୋଗ ଦେଉଛି ବିଜେଡି। ଅନ୍ୟପକ୍ଷରେ ବିଜେପି ପାଇଁ ସୁଭଦ୍ରା ଯୋଜନା ଓ ଚାଷୀଙ୍କୁ ସବ୍‌ସିଡି ସହ ବୋନସ ବେଶ୍ ଲାଭଦାୟକ ସାବ୍ୟସ୍ତ ହୋଇଛି। ତେଣୁ ନୂଆପଡ଼ାରେ ପରାଜୟ ବରଣ କରିବା ପରେ ଏହାକୁ ବିଜେଡି ଯନ୍ତ୍ରାଦେଶ ବୋଲି କହି ନିଜର ବିଫଳତାକୁ ଲୁଚାଇଲେ ଚଳିବ ନାହିଁ। ବରଂ ଏପରି ଅଭିଯୋଗକୁ ପ୍ରମାଣ କରିବାର ଆବଶ୍ୟକତା ବି ରହିଛି ବୋଲି ଭୂପିନ୍ଦର କହିଛନ୍ତି।

### ଟାରିଫ୍...

ଥିଲା, ସେନେଇ ଟ୍ରମ୍ପ୍ ନୂଆ ବାହାଦୁରୀ ମାରିଛନ୍ତି। ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ଅପ୍ରତ୍ୟାଶିତ ଟାରିଫ୍ ଲାଗୁ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଟ୍ରମ୍ପ୍ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ରୋକିବାରେ ଏହା ଏକ ପ୍ରମୁଖ କାରଣ ବୋଲି ବର୍ଣ୍ଣନା କରିଛନ୍ତି।

ଏହି ଯୁଦ୍ଧ ରୋକିବା କ୍ଷେତ୍ରରେ ନୂଆ ଦାବି କରିବା ସକାଶେ ଏଥର ଟ୍ରମ୍ପ୍ ନୂଆ ମଞ୍ଚ ବାଛିଛନ୍ତି। ଆମେରିକା-ସାଉଦୀ ଇନଭେଷ୍ଟମେଣ୍ଟ ଫୋରମ୍‌ରେ ଅଭିଭାଷଣ ପ୍ରସଙ୍ଗରେ ସେ କହିଛନ୍ତି ଯେ ଦୁଇ ଦେଶ ଯେତେବେଳେ ସମ୍ମୁଖ ଯୁଦ୍ଧରେ ମାତିଥିଲେ, ସେତେବେଳେ ଏହାକୁ ରୋକିବା ସକାଶେ ସେ ଅତ୍ୟଧିକ ଟାରିଫ୍ ଲଗାଇବାକୁ ଧମକ ଦେଇଥିଲେ। ଏପରିକି ଏହି ଟାରିଫ୍ ୩୫୦ ପ୍ରତିଶତ ପର୍ଯ୍ୟନ୍ତ ଅଧିକ ହୋଇପାରେ ବୋଲି ସେ ଦୁଇ ଦେଶର ରାଷ୍ଟ୍ରମୁଖ୍ୟଙ୍କୁ ଅବଗତ କରାଇଥିଲେ।

ଏହି ଧମକ ଶୁଣି ସର୍ବପ୍ରଥମେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଫୋନ୍ କରିଥିବା ଟ୍ରମ୍ପ୍ ଦାବି କରିଛନ୍ତି। ତେବେ ଗତ ମେ' ୧୦ ତାରିଖରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରାମ ଲାଗୁ ହେବା ପରେ ଅଦ୍ୟାବଧି ଟ୍ରମ୍ପ୍ ପାଖାପାଖି ୬୦ ଥର ଏହା ତାଙ୍କରି ଉଦ୍ୟମରେ ହୋଇଥିବା ଦାବି କରିସାରିଛନ୍ତି। ପୂର୍ବରୁ ମଧ୍ୟ ଏହି ଟାରିଫ୍ ପରିମାଣକୁ ୨୦୦ ପ୍ରତିଶତ କହିଥିଲେ। କିନ୍ତୁ ଏବେ ଏହା ୩୫୦ ପ୍ରତିଶତକୁ ବଢ଼ିଯାଇଛି।

କିନ୍ତୁ ମଞ୍ଚରେ ସେ ଉଭୟ ଦେଶର ରାଷ୍ଟ୍ରମୁଖ୍ୟଙ୍କ ସହ କ'ଣ କଥାବାର୍ତ୍ତା ହୋଇଥିଲେ, ସେନେଇ ବିଶଦ ଭାବେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଯେତେବେଳେ ଦୁଇ ରାଷ୍ଟ୍ରଙ୍କୁ ଯୁଦ୍ଧବିରାମ ପାଇଁ ପ୍ରସ୍ତାବ ଦେଲେ, ସେତେବେଳେ ସେମାନେ ଏଥିରେ ରାଜି ହୋଇନଥିଲେ ଓ ତାଙ୍କୁ ଏଥିରେ ମୁଣ୍ଡ ନ ଖେଳାଇବାକୁ କହିଥିଲେ। କିନ୍ତୁ ଦୁଇ ଦେଶ ଆଣବିକ ଶକ୍ତି ସମ୍ପନ୍ନ ହୋଇଥିବାରୁ ଏହା କୋଟି କୋଟି ଲୋକଙ୍କ ଜୀବନହାନିର କାରଣ ହେବ ବୋଲି ଆଶଙ୍କା କରି ଟ୍ରମ୍ପ୍ ଶେଷରେ ୩୫୦ ପ୍ରତିଶତ ଟାରିଫ୍ ଅସ୍ତ୍ର ପ୍ରୟୋଗ କରିଥିଲେ, ଯାହା ଶେଷରେ ଯୁଦ୍ଧ ରୋକିବାରେ ସଫଳ ହୋଇଥିବା ଆମେରିକା ରାଷ୍ଟ୍ରପତି କହିଛନ୍ତି। ଟ୍ରମ୍ପ୍ ଅଭିଭାଷଣ ଦେଇଥିବା ମଞ୍ଚରେ ସାଉଦି ରାଜା ମହମ୍ମଦ ବିନ୍ ସଲମାନ୍ ମଧ୍ୟ ଉପସ୍ଥିତ ଥିଲେ।

# ଏସ୍‌ଏଚ୍‌ଜି ନାଁରେ ବେପାରୀ ଦେଉଛନ୍ତି ଡ୍ରେସ



- କଲିକତା ପୋଷାକରେ ମଧ୍ୟସ୍ଥି ସାଜିଛନ୍ତି ବେପାରୀ
- ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଲକ୍ଷାଧିକ ଟଙ୍କାର କାରବାର
- କେବେ ହେବ ଜିଲ୍ଲାସ୍ତରୀୟ ତଦନ୍ତ

**କାକଟପୁର/ଅସ୍ତରଙ୍ଗ,୨୦ା୧୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଯୋଜନାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ୧୦୯ଗୋଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ୨୨ଗୋଟି ହାଇସ୍କୁଲରେ ପୋଷାକ ବଣ୍ଟନ ପାଇଁ ଅର୍ଥ ମିଳିଛି। କିନ୍ତୁ ସଠିକ ଉପଯୋଗ ହୋଇନାହିଁ ବୋଲି ଚର୍ଚ୍ଚା। ତେବେ କେନ୍ଦ୍ର ସରକାରଙ୍କ ସମଗ୍ର ଶିକ୍ଷା ଯୋଜନାରେ ମହିଳା ଗ୍ରୁପ ମାଧ୍ୟମରେ ଦିଆଯାଇଥିବା ବେଳେ କିନ୍ତୁ ଏବେ ଏହା ବେପାରୀଙ୍କ ଶୀତଳ ଭଣ୍ଡାରରେ। ସ୍କୁଲ ଖୋଲିବାର ୬ମାସ ପର୍ଯ୍ୟନ୍ତ ପୋଷାକ ବଣ୍ଟନକୁ ନେଇ ବିଳମ୍ବ ହୋଇଥିବା ବେଳେ କିନ୍ତୁ ଯାହା ସୂଚନା ମିଳିଛି କିଛି ବ୍ୟବସାୟୀ ଏହାକୁ ଦାୟିତ୍ୱ ନେଇ କଲିକତାରୁ ନିମ୍ନମାନର ପୋଷାକ ଆଣି ବିଦ୍ୟାଳୟରେ ଦେଇଛନ୍ତି। ଏହି ପୋଷାକ ବାଣ୍ଟିବାକୁ ପ୍ରକୃତରେ ଲୁଗା ଦୋକାନୀ ମଧ୍ୟସ୍ଥି ସାଜିଛନ୍ତି। ବ୍ୟାପକ ପିସି ଦେଇ ଏହି ପୋଷାକ ବଣ୍ଟନ ଆଦେଶ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ନାମରେ କାଗଜ ତିଆରି କରି ଅସାଧୁ ବେପାରୀ ମଧ୍ୟସ୍ଥି ସାଜିଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଛାତ୍ରଛାତ୍ରୀଙ୍କୁ ଏକ ହଜାର ଟଙ୍କା ପୋଷାକ ପାଇଁ ଅର୍ଥ ଦେଉଛନ୍ତି। ସମଗ୍ର ଶିକ୍ଷା ଯୋଜନାରେ ବର୍ଷକୁ ଦୁଇ ହଳ ଡ୍ରେସ ପାଇଁ ୬ଶହ ଟଙ୍କା ଏବଂ ଗଙ୍ଗାଧର ମେହେର ଶିକ୍ଷା ଯୋଜନାରେ ୪ଶହ ଟଙ୍କା ଯାହାକି ଗୋଟିଏ ହଳ ଜୋତା, ଦୁଇଟି ମୋଜା, ଗୋଟିଏ ଟି ସାର୍ଟ, ଗୋଟିଏ ଟ୍ରାକ ପ୍ୟାଣ୍ଟ ଆଇଡି କାର୍ଡ ବାବଦକୁ ଟଙ୍କା ଦିଆଯାଉଛି। ଅସ୍ତରଙ୍ଗ ବ୍ଲକକୁ ସରକାର ତରଫରୁ ଲକ୍ଷାଧିକ ଟଙ୍କା ଆସିଥିବା ବେଳେ ଉପଯୁକ୍ତ କାର୍ଯ୍ୟ ନ ହୋଇ କିଛି ଅସାଧୁ କର୍ମଚାରୀ ଦ୍ୱାରା ଯେଉଁ ଗାଇଡ୍ ଲାଇନ୍ ଅଛି ଉଲ୍ଲଙ୍ଘନ ହୋଇ ପୋଷାକ ବଣ୍ଟନ ହେଉଛି। ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ ପ୍ରକୃତରେ ଛାତ୍ରଛାତ୍ରୀଙ୍କୁ କିଏ ପୋଷାକ ଦେଉଛି, କେଉଁ ଏସଏଚଜି ଦାୟିତ୍ୱ ନେଇଛି, ତାହା ପ୍ରକୃତ ନିୟମ ଅନୁସାରେ ତିଆରି କରୁଛନ୍ତି କି ନାହିଁ ତାହାର ତଦନ୍ତ ହେବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି। ଅସ୍ତରଙ୍ଗ ବ୍ଲକ ଅଂଚଳରେ ୧୩୧ଟି ବିଦ୍ୟାଳୟକୁ ଲକ୍ଷାଧିକ ଟଙ୍କାର ପୋଷାକର ପିସି କିଏ ଖାଉଛି ତାହା ତଦନ୍ତ ସାପେକ୍ଷ। କାରଣ ବିଭିନ୍ନ ଲୁଗା ଦୋକାନୀ ନିର୍ବାଚନ ପୂର୍ବରୁ କଲିକତାରୁ ଯେଉଁ ପୋଷାକ କିଣି ଆଣିଥିଲେ ତାହାର ଟେଣ୍ଡର ହାତେଇବା ପାଇଁ ଏକରକମର ବିଶ୍ୱାସରେ ଥିଲେ ଯେ ଆମେ ପୋଷାକ ବାଣ୍ଟିବୁ। କିନ୍ତୁ ସରକାର ବଦଳିବା ପରେ ଅନେକ ଦୋକାନୀଙ୍କୁ ଆଉ ଧରାଛୁଆଁ ଦେଉନାହାନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ।

## ଜାତୀୟ ରାଜପଥ ଅଧିକାରୀଙ୍କ ପ୍ରତିଶୃତି ପାଣିରଗାର

# ଶାଳପଡ଼ା ରାସ୍ତା ଦେଉଛି ଯମଯନ୍ତ୍ରଣା



**ଆନନ୍ଦପୁର,୨୦ା୧୧ (ସଂଚାର ବ୍ୟୁରୋ):** ଗୋଟିଏ ପଟକୁ ପିଚୁ କରି ଆଉ ଗୋଟିଏ ପଟକୁ ଛାଡ଼ି ଦେଲା ଠିକାଦାର। ଏବେ ରାସ୍ତାର ଅବସ୍ଥା ଶୋଚନୀୟ। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନାଁକୁ ମାତ୍ର ପ୍ରତିଶୃତି ପାଳନ। ଆନନ୍ଦପୁର ଶାଳପଡା କନକମଞ୍ଜରି ମହିଳା ମହାବିଦ୍ୟାଳୟ ଠାରୁ ଢ଼ାବା ଛକ ଯାଏ ରାସ୍ତାର ନିର୍ମାଣ କାର୍ଯ୍ୟ ଦୀର୍ଘ ୧୫ ବର୍ଷ ହେବ ଚାଲୁଅଛି। ନିର୍ମାଣକାରି ସଂସ୍ଥାର ମନମୁଖୀ ଓ ତ୍ରୁଟିପୂର୍ଣ କାର୍ଯ୍ୟ ଯୋଗୁଁ ପ୍ରତିଦିନ ଲୋକଙ୍କ ଜୀବନହାନି ଘଟୁଛି। ପ୍ରତିଶୃତି ପାଳନ ପାଇଁ ତରବରିଆ ଭାବେ ଗୋଟିଏ ପଟ ସର୍ଭିସ୍ ରାସ୍ତା କାମ ସାରିଦେଇ ବିପରୀତ ରାସ୍ତାକୁ ନିର୍ମାଣ କରିବା ବଦଳେ ଠିକାଦାର ନୀରବଦ୍ରଷ୍ଟା ସାଜିଛି। ସର୍ଭିସ ରୋଡଟି ଅତି ଅଣଓସାରିଆ ଓ ନିର୍ମାଣାଧୀନ ଥିବାରୁ ତାହା ଅଧିକ ବିପଦ ସୃଷ୍ଟି କରିଛି।

ଉକ୍ତ ସର୍ଭିସ ରୋଡ ଦେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କ୍ଷେତ୍ରମୋହନ ବିଦ୍ୟାପୀଠ ଓ କନକ ମଞ୍ଜରୀ ମହାବିଦ୍ୟାଳୟ ଓ ଆନନ୍ଦପୁର ମହାବିଦ୍ୟାଳୟକୁ ଶହ ଶହ ଛାତ୍ରଛାତ୍ରୀ ପ୍ରତିଦିନ ଯାତାୟତ କରୁଛନ୍ତି। ଡାକ୍ତରଖାନା, ଥାନା, ନ୍ୟାୟାଳୟ ଓ ଉପଜିଲ୍ଲାପାଳ ଦପ୍ତର ଆସିବା ପାଇଁ ଉକ୍ତ ରାସ୍ତା ଉପରେ ନିର୍ଭର କରନ୍ତି ଶହ ଶହ ଲୋକେ। କିନ୍ତୁ ରାସ୍ତାର ଏପରି ଦୂରବସ୍ଥା ଯୋଗୁ ସମସ୍ତେ ଭୟଭୀତ ଓ ଜୀବନକୁ ବାଜି ଲଗେଇ ଯିବା ଆସିବା କରୁଛନ୍ତି। କିନ୍ତୁ ସରକାର ରାସ୍ତା କାମ ସଂପୂର୍ଣ୍ଣ କରିବା ପରିବର୍ତ୍ତେ ଦୀର୍ଘ ୧୫ ବର୍ଷ ହେବ ଟୋଲ ଆଦାୟ କରିବାରେ ବ୍ୟସ୍ତ।

ସାଧାରଣ ଜନତା ବାରମ୍ବାର ଅଭିଯୋଗ କଲା ପରେ ମଧ କୌଣସି ସୁଫଳ ମିଳୁ ନଥିବାରୁ ଗତ ୦୭.୧୧.୨୦୨୫ ରିଖ ସକାଳ ୬ ଠାରୁ ସନ୍ଧ୍ୟା ୬ ଘଟିକା ଯାଏ ରାସ୍ତା ଅବରୋଧ କରିବାକୁ ମେ ଆଇ ହେଲ୍ପ ୟୁ କ୍ଲବ୍ ଏବଂ ସୁଡୁସୁଡ଼ିଆ ବଜାର କମିଟି ନିଷ୍ପତି ନେଇଥିଲା। ତେବେ ଉଭୟ ପାର୍ଶ୍ୱର ରାସ୍ତାକୁ ଚାରିଦିନ ଭିତରେ ମରାମତି କରାଯିବ ବୋଲି ୨୦ନଂ ଜାତୀୟ ରାଜପଥ ଅଧିକାରୀ ଆନନ୍ଦପୁର ପ୍ରଶାସନକୁ ଲିଖିତ ପ୍ରତିଶୃତି ଦେବା ପରେ ରାସ୍ତା ଅବରୋଧ ହେବା ବନ୍ଦ ହୋଇଥିଲା। ପରେ ଗୋଟିଏ ପଟ ସର୍ଭିସ୍ ରାସ୍ତାକୁ ତରବରିଆ ଭାବେ ନିର୍ମାଣର କାମ କରି ଖସି ଯିବାକୁ ଚେଷ୍ଟା କରୁଛି ଠିକାଦାର। ଅନ୍ୟ ପାର୍ଶ୍ୱରେ ଥିବା ସର୍ଭିସ୍ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ହୋଇଥିବାରୁ ଯାତାୟତରେ ସମସ୍ୟା ଘଟୁଛି। ଫଳରେ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ସର୍ଭିସ ରୋଡକୁ ମରାମତି କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ସାମର୍ଥ୍ୟ ଶିବିର



**ଫୁଲବାଣୀ, ୨୦ା୧୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ସେଠିଙ୍କ ଅକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଫିରିଙ୍ଗିଆ ବ୍ଲକ ଅଧକ୍ଷା ନମିତା କହଁର ଉପସ୍ଥିତ ରହି ଆନୁଷ୍ଠାନିକ ଭାବରେ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିବା ବେଳେ ଫିରିଙ୍ଗିଆ ବ୍ଲକ ସାମାଜିଜ ସୁରକ୍ଷା ଅନ୍ୟ ମାନଙ୍କ ମଧରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି ପଦ୍ମା, ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ମୁଖ୍ୟ ଅକ୍ଷୟ କୁମାର ପଣ୍ଡା ଯୋଗ ଦେଇଥିଲେ। ଫିରିଙ୍ଗିଆ ବ୍ଲକ ଅଧୀନରେ ସମୁଦାୟ ୨୪ ଟି ପଞ୍ଚାୟତର ୩୭୨ ଜଣ ସିକିଲ ସେଲ, ମାନସିକ ବିଭାଗ, ଚକ୍ଷୁ ବିଭାଗ, ଅସ୍ତିସଲ୍ୟ ବିଭାଗରେ ପଞ୍ଜିକୃତ କରିଥିଲେ। ବିଭିନ୍ନ ବିଭାଗର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡାକ୍ତରମାନେ ଯୋଗ ଦେଇ ଚିକିତ୍ସା କରିବା ସହ ଭିନ୍ନକ୍ଷମ ମାନଙ୍କୁ ଔଷଧ ପ୍ରଦାନ ସହ ପ୍ରମାଣ ପତ୍ର ପାଇଁ ବ୍ୟବସ୍ଥା କରିଥିଲେ।

## ମୃତ ପ୍ରଦୀପ ବିହାରୀଙ୍କ ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ



**ନବରଙ୍ଗପୁର/ଉମରକୋଟ, ୨୦ା୧୧ (ସଂଚାର ବ୍ୟୁରୋ):** ଓଡିଶା ମୋଟର ଚାଳକ ସଂଘ ନବରଙ୍ଗପୁର ଜିଲ୍ଲା ଉମରକୋଟ ଶାଖା ସଂଘର ସଦସ୍ୟ ମୃତ ପ୍ରଦୀପ କୁମାର ବିହାରିଙ୍କ ପରିବାରକୁ ସଂଘ ତରଫରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଚଳିତ ମାସ ୮ ତାରିଖ ଶନିବାର ଦିନ ପ୍ରଦୀପ ମୃତ୍ୟୁବରଣ କରିଥିଲେ। ପ୍ରଦୀପ ଜଣେ ଭଦ୍ର ଓ ମେଳାପି ସ୍ୱଭାବର ଥିଲେ। ଆଜି ଓଡିଶା ମୋଟର ଚାଳକ ସଂଘ ରାଜ୍ୟ କଲ୍ୟାଣ ପାଣ୍ଠି ରୁ କୋଡ଼ିଏ ହଜାର ଟଙ୍କା ଓ ସଦସ୍ୟଙ୍କ ଦ୍ୱାରା ସଂଗୃହୀତ ଦଶ ହଜାର ଟଙ୍କା ସମୁଦାୟ ତିରିଶି ହଜାର ଟଙ୍କା ପ୍ରଦୀପଙ୍କ ଧର୍ମପତ୍ନୀ ଗାୟତ୍ରୀ ବିହାରିଙ୍କୁ ଚେକ ମାଧମରେ ପ୍ରଦାନ କରାଯାଇଥିଲା। ଏହି ସମୟରେ ଓଡିଶା ମୋଟର ଚାଳକ ସଂଘ ରାଜ୍ୟ ପରିଚାଳନା କମିଟି ସଦସ୍ୟ ବର୍ତ୍ତ ହରିଜନ, ନବରଙ୍ଗପୁର ଜିଲ୍ଲା ସଭାପତି, ଉମରକୋଟ ଶାଖା ସଭାପତି ଅଶୋକ ବେବର୍ତ୍ତା, ସମ୍ପାଦକ ବିଦ୍ୟାଧର ଗୌଡ, ସନ୍ତୋଷ ମିଶ୍ର, ସହବାଜ ଆଲବମ୍, ଚନ୍ଦନ ପଟନାୟକ ଶାଖାର ସମସ୍ତ ଚାଳକ ଓ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତ ଥିଲେ।

## ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଧକ୍କା ଦେଲା ଟ୍ରକ୍, ଚାଳକ ମୃତ



**ଆନନ୍ଦପୁର, ୨୦ା୧୧ (ସଂଚାର ବ୍ୟୁରୋ):** ଆନନ୍ଦପୁର ଉପଖଣ୍ଡ ୨୦ନଂ ଜାତୀୟ ରାଜପଥ ଘସିପୁରା ଥାନା ବେଲବାହାଲି କୁସେଇ ଢ଼ାବା ନିକଟରେ ଗତକାଲି ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଏକ ଲୁହାପଥର ବୋଝେଇ ଟ୍ରକ ରାସ୍ତା ଉପରେ ଓଲଟି ପଡିଥିଲା। ତେବେ ଟ୍ରକ ଟି ରାସ୍ତା ଉପରେ ପଡି ରହିଥିବା ବେଳେ ଆଜି ଆଉ ଏକ ଲୁହାପଥର ବୋଝେଇ ଟ୍ରକ ସେହି ଦୁର୍ଘଟଣାଗ୍ରସ୍ତ ଟ୍ରକ ଉପରେ ଚଢ଼ି ଯାଇଥିଲା। ଦୁର୍ଘଟଣା ରେ ଟ୍ରକ ଭିତରେ ଡ୍ରାଇଭର ଜଣକ ଅନେକ ସମୟ ଧରି ଚାପି ହୋଇ ରହିଯାଇଥିବା ବେଳେ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ ଡୋର୍ କୁ କାଟି ଡ୍ରାଇଭର କୁ ବାହାର କରିବା ପରେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ଗତକାଲି ଠାରୁ ରାସ୍ତା ଉପରେ ପାଲଟି ପଡ଼ିଥିବା ଟ୍ରକକୁ ଜାତୀୟ ରାଜପଥ କର୍ମଚାରୀ କାହିଁକି ଉଠାଇ ନଥିଲେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଘଷିପୁରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରି ମାଲିକକୁ ଖବର ଦେଇଛି। ତେବେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଯୁବକଙ୍କ ଘର ହରିଚନ୍ଦନପୁର ଥାନା ଭଗାମୁଣ୍ଡା ର ରଞ୍ଜନ କୁମାର ମହାନ୍ତ (୩୪) ବୋଲି ଜଣା ପଡିଛି।

# ଧର୍ମଶାଳା ବ୍ଲକ ଦଖଲ କଲା ବିଜେପି

**ଯାଜପୁର, ୨୦ା୧୧ (ସଂଚାର ବ୍ୟୁରୋ):** ଧର୍ମଶାଳା ବ୍ଲକର ରାଜନୈତିକ ପରିସ୍ଥିତି ଆଜି ଐତିହାସିକ ଭାବରେ ପରିବର୍ତ୍ତିତ ହୋଇଗଲା। ଦୀର୍ଘ ୨୦ ବର୍ଷ ଧରି ବିଜୁ ଜନତା ଦଳ ଦଖଲରେ ରହିଥିବା ଧର୍ମଶାଳା ବିଜେପି ହାତକୁ ଯାଇପହଞ୍ଚିବାରେ ବ୍ଲକର ରାଜନୀତିରେ ଏକ

### ହାରିବା ଭୟରେ ବିଜେଡି ଦେଲାନି ପାର୍ଥୀ

ଟର୍ଣ୍ଣିଂ ପଏଣ୍ଟ ସୃଷ୍ଟି ହୋଇଛି। ପୂର୍ବତନ ଅଧକ୍ଷଙ୍କ ଇସ୍ତଫା ପରେ ଜାଗା ଖାଲି ଓ ସ୍ଥିତି ଗରମ ରହିଥିଲା। ଧର୍ମଶାଳା ପଞ୍ଚାୟତ ସମିତି ଅଧକ୍ଷ ଓ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଭାଇ ପ୍ରଭାତ ବଳବନ୍ତରାୟ ଇସ୍ତଫା ଦେବା ପରେ ଅଧକ୍ଷ ପଦ ଖାଲି ହୋଇଥିଲା। ଏହି ଅବଧିରେ ଉପାଧକ୍ଷା ବିଶ୍ୱବିଜୟୀନୀ ପଣ୍ଡା କାର୍ଯ୍ୟଭାର ନେଇ ଚାଲିଥିଲେ।

ନୂତନ ତାରିଖ ଘୋଷଣା ପରେ ବିଜେଡି ପକ୍ଷରୁ ଭୟ ସ୍ପଷ୍ଟ ଦେଖାଗଲା। ନାମାଙ୍କନ ଭରିବାର ଶେଷ ସମୟ ପର୍ଯ୍ୟନ୍ତ କେହି ମଧ ପାର୍ଥି ଦେବାକୁ ସାହସ କରିଲେ ନାହିଁ। ବର୍ତ୍ତମାନର ପ୍ରଭାବଶାଳୀ ବିଧାୟକ ହିମାଂଶୁ ଶେଖର ସାହୁ (ଲିକୁ)ଙ୍କ ରଣନୀତିକ ନେତୃତ୍ୱରେ ଶେଷ ମୁହୂର୍ତ୍ତରେ କ୍ଷେତ୍ରପାଳ ପଞ୍ଚାୟତର ସକ୍ରିୟ ସମିତି ସଭ୍ୟା ସୁଚିସ୍ମିତା ଦାସଙ୍କ ନାମାଙ୍କନ ଦାଖଲ ହେଲା। ୩୬ଜଣ ସମିତି ସଭ୍ୟ/ସଭ୍ୟା ବିଜେପି ପକ୍ଷରେ। ପଞ୍ଚାୟତ ସମିତିର ୪୫ଟି ପଞ୍ଚାୟତ ମଧରୁ ୩୬ଜଣ ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ। ବିଜେଡି ପକ୍ଷରୁ କେହି ପାର୍ଥି ନଥିବାରୁ ସୁଚିସ୍ମିତା ଦାସଙ୍କୁ ଅପ୍ରତିଦ୍ୱନ୍ଦୀ ଭାବରେ ଅଧକ୍ଷା ପଦରେ ଘୋଷଣା କରାଯାଇଥିଲା।



## ବେଆଇନ ମୋରମ୍ ଖନନ, ଗାଡ଼ି ଜବତ

**ହିଞ୍ଜିଳିକାଟୁ, ୨୦ା୧୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ଥାନା ବଡ଼ଖଣ୍ଡି ପଂଚାୟତ ରଙ୍ଗଣୀପଲ୍ଲୀ ଗ୍ରାମରେ ବେଆଇନ ମୋରମ୍ ଖନନ ଅଭିଯୋଗ ଆସିଛି। କୌଣସି ସୂତ୍ରରୁ ଖବର ପାଇ ହିଞ୍ଜିଳି ତହସିଲଦାର ତପନ ମହାପାତ୍ର ଘଟଣା ସ୍ଥଳରେ ପହଞ୍ଚି ହିଞ୍ଜିଳି ପୋଲିସକୁ ଖବର ଦେଇଥିଲେ। ଟ୍ରାକ୍ଟରଯୁକ୍ତ ଜେସିବି ଜବତ ସହ ଚାଳକ ଟୁନା ସାହୁକୁ ପୋଲିସ ଗିରଫ କରିଛି।



# ଓଡ଼ିଶା ସୂଚନା କମିଶନଙ୍କ ମନମୁଖୀ ଓ ଆଇନ ବିରୋଧୀ କାର୍ଯ୍ୟ ବିରୁଦ୍ଧରେ ବିକ୍ଷୋଭ




**ଖୋର୍ଦ୍ଧା, ୨୦ା୧୧ (ସଂଚାର ବ୍ୟୁରୋ):** ରାଜ୍ୟ ସୂଚନା କମିଶନଙ୍କ ମନମୁଖୀ ଓ ଆଇନ ବିରୋଧୀ କାର୍ଯ୍ୟ ବିରୁଦ୍ଧରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସୂଚନା ଅଧିକାର ଆଇନର ୨୦ ବର୍ଷ କାର୍ଯ୍ୟକାରିତାରେ ସରକାରୀ ବ୍ୟବସ୍ଥା ଓ କାର୍ଯ୍ୟକ୍ରମ ସମ୍ପର୍କିତ ଅନେକ ତଥ୍ୟ ଲୋକଲୋଚନକୁ ଆସିପାରିଛି। ସୂଚନା ଅଧିକାର ଆଇନକୁ ବ୍ୟବହାର କରି ସଧାରଣ ଲୋକେ ନିଜ ଅଧିକାର ପାଇଁ ଲଢେଇ କରୁଛନ୍ତି। ଅନେକ ସୂଚନା ଅଧିକାର କର୍ମୀ ଏହି ଆଇନ ଦ୍ୱାରା ବଡ ବଡ ଦୁର୍ନିତି ଲୋକ ଲୋଚନକୁ ଆଣିଛନ୍ତି ଏବଂ ଦୁର୍ନିତି ବିରୁଦ୍ଧରେ ସେମାନଙ୍କ ଲଢେଇ ଜାରି ରଖିଛନ୍ତି । ସୂଚନା ଆଇନର ଧାରା ୧୮,୧୯ ଓ ୨୦ ଅନୁଯାୟୀ ସୂଚନା କମିଶନ ସମସ୍ତ ଅପିଲ, ଅଭିଯୋଗର ଶୁଣାଣି କରି ନାଗରିକ ମାନଙ୍କୁ ସୂଚନା ପ୍ରଦାନ କରିବେ । ଆବଶ୍ୟକ ସ୍ଥଳେ ସୂଚନା ପ୍ରଦାନରେ ଅବହେଳା ସମ୍ପର୍କରେ ତଦନ୍ତ କରି, ଆଇନ ଉଲ୍ଲଘଂନକାରି ଜନ ସୂଚନା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କ୍ଷତିଗ୍ରସ୍ତ ନାଗରିକ ମାନଙ୍କୁ କ୍ଷତି ପୂରଣ ପ୍ରଦାନ ସହିତ ସୂଚନା ଅଧିକାର ଆଇନର ସଠିକ କାର୍ଯ୍ୟାନ୍ୱୟନ ନିମନ୍ତେ ସରକାରଙ୍କୁ ସୁପାରିଶ କରିବେ । କିନ୍ତୁ ସୂଚନା କମିଶନଙ୍କ ମନମୁଖୀ, ଆଇନ ବିରୋଧୀ କାର୍ଯ୍ୟ ଏବଂ ନାଗରିକ ମାନଙ୍କୁ ନ୍ୟାୟ ପ୍ରଦାନରେ ବିଫଳତା ପ୍ରତିବାଦରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## ଗାଁକୁ ପଶି ପାରୁନି ୧୦୮ ଆମ୍ବୁଲାନ୍ସ

# ହ୍ୱିଲ ଚେୟାରରେ ବୁହା ହେଉଛନ୍ତି ରୋଗୀ

### ଗାର୍ଡ଼ ୱାଲ ନିର୍ମାଣ ବେଳେ ଭୁଶୁଡ଼ିଲା ୧୦୦ ଫୁଟ କଂକ୍ରିଟ ରାସ୍ତା



**ବାଲିଅନ୍ତା, ୨୦ା୧୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ସରକଣା ପଞ୍ଚାୟତ ଅଧୀନ ରଣପୁର ଗାଁ ଭିତର ରାସ୍ତା ପଞ୍ଚାୟତ ପୋଖରୀ ଗାର୍ଡ଼ୱାଲ ନିର୍ମାଣ ଓ ପୁନରୁଦ୍ଧାର ବେଳେ ଭୁଶୁଡ଼ି ପଡ଼ିଛି। ଫଳରେ ଗାଁ ଭିତରକୁ ୧୦୮ ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ଗାଡ଼ି ପଶିପାରୁ ନାହିଁ। ଯାହାଫଳରେ ରଣପୁର ଓ ସରକଣା ଉପରମୁଣ୍ଡ ସାହି ଏବେ ବାହ୍ୟ ଜଗତରୁ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଏହା କୌଣସି ନିପଟ ମଫସଲର ସମସ୍ୟା ନୁହେଁ ବରଂ ଖୋଦ ରାଜଧାନୀ ଉପକଣ୍ଠର ଦୟନୀୟ ଅବସ୍ଥା ହୋଇଥିଲେ ପ୍ରଶାସନର ସ୍ଥାଣୁତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଡ଼ କଥା ହେଉଛି ରଣପୁର ଓ ସରକଣା ଉପରମୁଣ୍ଡ ସାହି ଲୋକ ଏସଂପର୍କରେ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ଓ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନିକଟରେ ଜଣାଇଛନ୍ତି। ହେଲେ ରାସ୍ତା ନିର୍ମାଣ କରି ଯାତାୟତ ସମସ୍ୟା ସୁଧାରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହାଫଳରେ ସମୂହ ଗ୍ରାମବାସୀ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ରଣପୁର ଗ୍ରାମର ଧର୍ମାନନ୍ଦ ପରିଡ଼ା ନାମକ ଜଣେ ବରିଷ୍ଠ ନାଗରିକ ଜ୍ୱରରେ ପୀଡ଼ିତ ହେବାରୁ ଅସୁସ୍ଥ ହୋଇପଡ଼ିଥିଲେ। ଭଣଜା ସୁବାସ ପ୍ରଧାନ ମାମୁଙ୍କୁ ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ନେଇ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ଆସିଲା । ହେଲେ ରାସ୍ତା ଭାଙ୍ଗି ଯାଇଥିବାରୁ ଗାଁ ଭିତରକୁ ପଶିପାରିଲାନି। ଭଜଣା, ସୁବାସ, ରମେଶ, ପ୍ରଭାସ ଓ ପୁଅ ମାଧବାନନ୍ଦ ଓ ମହେଶ୍ୱର ହ୍ୱିଲ ଚେୟାର ଯୋଗେ ଧର୍ମାନନ୍ଦଙ୍କୁ ମୁଖ୍ୟ ରାସ୍ତାରେ ଅଟକିଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଅଣାଯାଇଥିଲା। ସେଠାରୁ ମେଡିକାଲ ପଠା ଯାଇଥିଲା । ଫଳରେ ଜନ ପ୍ରତିନିଧି ଓ ପ୍ରଶାସନ ରାସ୍ତା ନିର୍ମାଣ ନେଇ ଅବହେଳା କରୁଥିବାରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବ୍ରହ୍ମପୁର, ୨୦ା୧୧ (ସଂଚାର ବ୍ୟୁରୋ):** କୁକୁଡ଼ାଖଣ୍ଡି ବ୍ଲକ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଯାଇଛି। ଦିଗପହଣ୍ଡି ବିଧାୟକ ଡ଼ଃ.ସିଦ୍ଧାନ୍ତ ମହାପାତ୍ର ଯୋଗ ଦେଇ ଶିବିରର ଶୁଭ ଉଦ୍ଘାଟନ କରିଥିବା ବେଳେ ବ୍ରହ୍ମପୁର ସାଂସଦ ପ୍ରତିନିଧି ସନ୍ତୋଷ କୁମାର ଚୌଧୁରୀ, ବିଡ଼ିଓ ମୃଣାଳୀକା ରାଠୋର (ଆଇ.ଏ.ଏସ୍), ପୂର୍ବତନ ବିଡ଼ିଓ ଡ଼ଃ. ପଲ୍ଲବୀ ସ୍ୱାଇଁ, ବ୍ଲକ ଉପାଧକ୍ଷା ବିଷ୍ଣୁ ପ୍ରିୟା ପାତ୍ର , ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସମେତ ସମସ୍ତ ପିଆରଆଇ ମେମ୍ବର ମାନେ ଉପସ୍ଥିତ ଥିଲେ। ୨୨ ଟି ପଞ୍ଚାୟତରୁ ବହୁ ଦିବ୍ୟାଙ୍ଗ ଏହି କାର୍ଯ୍ୟକ୍ରମରେ ନିଜର ଭତ୍ତା, ବସ୍ ପାସ ଓ ରାସନ କାର୍ଡ ଇତ୍ୟାଦି ଭଳି ବିଭିନ୍ନ ପ୍ରକାର ସୁବିଧା ନିମନ୍ତେ ପଞ୍ଜୀକୃତ କରିଥିଲେ। ବିଧାୟକଙ୍କ ଦ୍ୱାରା ଦିବ୍ୟାଙ୍ଗ ମାନଙ୍କୁ ଭତ୍ତା ଭଳି ବସ୍ ପାସ୍, ଟ୍ରାଇ ସାଇକଲ, ଅନ୍ଧ ବାଡ଼ି ଇତ୍ୟାଦି ବହୁ ଉପକରଣ ପ୍ରଦାନ କରାଯାଇଥିଲା। ଦିବ୍ୟାଙ୍ଗ ମାନଙ୍କ ପାଇଁ ବ୍ଲକରେ ଏହି ପରି କାର୍ଯ୍ୟକ୍ରମ କରି ସେମାନଙ୍କ ପାଇଁ ହାତ ପାହାନ୍ତରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେଉଥିବା ଯୋଗୁଁ ଜିଲ୍ଲା ଭିନ୍ନକ୍ଷମ ନେତା କେ. ମଣିବାବୁ ବ୍ଲକ ପ୍ରଶାସନକୁ ଧନ୍ୟବାଦ ଦେବା ସହ ଅନ୍ୟ ଦିବ୍ୟାଙ୍ଗ ମାନେ କିପରି ସୁବିଧା ସୁଯୋଗ ପାଇ ପାରିବେ ସେଥିଲାଗି ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ । ଏହି ଅବସରରେ ସମସ୍ତ ବିଭାଗୀୟ କର୍ମଚରୀ ଉପସ୍ଥିତ ରହି ଦିବ୍ୟାଙ୍ଗ ମାନଙ୍କ ସୁବିଧା ନିମନ୍ତେ ସହଯୋଗର ହାତ ବଢ଼ାଇଥିଲେ । ସଭା ଶେଷରେ କୁକୁଡାଖଣ୍ଡି ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ ସମସ୍ତ ଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।




## ରାସ୍ତା ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଉଦ୍ଧାର



**ପାରାଦ୍ୱୀପ, ୨୦ା୧୧ (ସଂଚାର ବ୍ୟୁରୋ):** ତ୍ରିଲୋଚନପୁର କୁଜଙ୍ଗ ରାସ୍ତା ପାର୍ଶ୍ୱରେ ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତକ ହେଲେ ହରେକୃଷ୍ଣ ସାହୁ। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ଜମଧର ବୋଲି ଜଣାପଡିଛି। ସେ ଆଇଓସିଏଲ ରିଫାଇନାରୀରେ ଟେକନୋ ମାଉଣ୍ଟ କମ୍ପାନୀରେ ଖଲାସି ଭାବେ କାର୍ଯ୍ୟ କରନ୍ତି। ତାଙ୍କର କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା କାରଣ ଅସ୍ପଷ୍ଟ ରହିଥିବା ବେଳେ କୁଜଙ୍ଗ ପୁଲିସ ଘଟଣା ସ୍ଥଳରେ ପହଂଚି ଅଧିକ ତଦନ୍ତ ଆରମ୍ଭ କରିଛି।

## ଘର କଲେନି କି ଟଙ୍କା ଫେରାଇଲେ ନାହିଁ
## ଅକଳରେ ପ୍ରଶାସନ, ଆଦାୟ ହେଉନି ଅର୍ଥ



# ଅଧାଗଢ଼ା ପ୍ରଧାନମନ୍ତ୍ରୀ ଆବାସ

**କାକଟପୁର/ଅସ୍ତରଙ୍ଗ,୨୦ା୧୧ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କରିବାକୁ କାର୍ଯ୍ୟାଦେଶ ନେଲେ। ପ୍ରଥମ କିସ୍ତି ଟଙ୍କା ଉଠାଇଲେ। କିଛି ଲୋକ ଘର କଲେ, ଆଉ ଅନେକ ଘର ତୋଳିଲେନି କି ଟଙ୍କା ଖର୍ଚ୍ଚର ହିସାବ ଦେଲେନି। ଏଣୁ ଦ୍ୱିତୀୟ କିସ୍ତି ଟଙ୍କା ପାଇଲେନି। ଫଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ୮୮ଟି ହିତାଧିକାରୀଙ୍କ ଘର ଏବେ ଅଧା ଗଢ଼ା ଅବସ୍ଥାରେ ରହିଯାଇଛି। କେଉଁଠି ଘର କେବଳ ନିଅଁ ଉଠି ସେଇଠି ଅଟକି ଯାଇଛି ତ ଆଉ କେଉଁଠି ଇଟା, ବାଲି ପଡି କାମ ନ ହେବାରୁ ମାଟିରେ ମିଶିଯାଇଛି। ଫଳରେ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଏଭଳି ହିତାଧିକାରୀ ପାଇଁ ପ୍ରଶାସନ ଅକଳରେ ପଡିଛି। ଏହି ହିତାଧିକାରୀମାନେ ନା ଟଙ୍କା ଫେରସ୍ତ କରୁଛନ୍ତି ନା ଘର କାମ ଆଗକୁ ବଢ଼ାଉଛନ୍ତି। ଏବେ ଏହି ହିତାଧିକାରୀମାନଙ୍କ ଠାରୁ ଟଙ୍କା କିପରି ଆଦାୟ କରାଯିବ ତାହା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିୟମ ଅନୁଯାୟୀ, ଜଣେ ପ୍ରକୃତ ହିତାଧିକାରୀ ପ୍ରଥମ କିସ୍ତି ଅର୍ଥାତ ଘର ଆରମ୍ଭ ପୂର୍ବରୁ ୪୦ହଜାର ଟଙ୍କା ଦିଆଯାଏ। ପ୍ରଥମ କିସ୍ତି ଖର୍ଚ୍ଚ ପରେ ଦ୍ୱିତୀୟ କିସ୍ତିରେ ଆଉ ୬୫ହଜାର ଟଙ୍କା ଦିଆଯାଏ। ଏହି ଅର୍ଥରେ ଘରର ଛାତ ପଡିଥାଏ। ଏହା ପରେ ଘରର ପ୍ଲାଷ୍ଟର ପାଇଁ ଶେଷ କିସ୍ତିରେ ବାକି ୧୫ହଜାର ଟଙ୍କା ଦିଆଯାଏ। କିନ୍ତୁ ୨୦୧୬ରୁ ୨୦୧୯ ମଧରେ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ୮୮ଜଣ ହିତାଧିକାରୀ ପ୍ରଥମ କିସ୍ତି ଅର୍ଥ ନେଇ ଆଉ ଘର କାମ ଆଗେଇଲେ ନାହିଁ। ଅଳ୍ପ କିଛି କାମ କରି ଅଧାରୁ କାର୍ଯ୍ୟ ବନ୍ଦ କରିଦେଲେ।

ଏ ନେଇ ପୁରୀ ଜିଲ୍ଲା ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ବହୁ ହିତାଧିକାରୀ ଟଙ୍କାକୁ ଠିକ ବାଟରେ ଖର୍ଚ୍ଚ କରିନଥିବା କହୁଛନ୍ତି। କେହି କେହି ହିତାଧିକାରୀ ଝିଅ ବାହାଘର ପାଇଁ ଏହି ଅର୍ଥକୁ ଖର୍ଚ୍ଚ କରିଦେଇଥିବା ବେଳେ କେହି କେହି ହିତାଧିକାରୀ ଅନ୍ୟ ବାଟରେ ଟଙ୍କା ବର୍ବାଦ କରି ଦେଇଛନ୍ତି। ଏଣୁ ଘର କାମ କରିପାରିନାହାନ୍ତି। ଯଦି ସେମାନେ ଘର କାମ ଆଗକୁ ନ ବଢ଼ାନ୍ତି ତାହାହେଲେ ସେମାନଙ୍କୁ ପ୍ରଥମ କିସ୍ତିର ଅର୍ଥ ଫେରସ୍ତ କରିବାକୁ ପଡିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଭଳି ହିତାଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ କରାଯିବ ବୋଲି ପ୍ରଶାସନ ନିଷ୍ପତି ନେଇଛି।


## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ - ୧୯୫୦
ତିରୋଧାନ - ୨୦ ଡିସେମ୍ବର ୨୦୨୦

ଚାହୁଁ ଚାହୁଁ ପାଞ୍ଚ ବର୍ଷ ପୁରିଗଲା ହେଲେ ଆଜି ବି ଲାଗୁନି ତୁ ଆମ ପାଖରେ ନାହୁଁ ବୋଲ। ଯେଉଁଠି ଥା ଭଲରେ ଥା। ପ୍ରଭୁ ଜଗନ୍ନାଥ ଅମର ଆତ୍ମାକୁ ସଦଗତି ଦିଅନ୍ତୁ।

**ଶୋକସନ୍ତପ୍ତ ପରିବାର:** ସ୍ୱାମୀ ସୁରେନ୍ଦ୍ର ନାଥ କର, ଝିଅ ବବି, ଜଲି, କୁନି, ନାଣ୍ଡି, ବିନା, ଗୁଣ୍ଡରୁ, ନାତି ନାତୁଣୀ ମାମା, ତୁତୁଲ, ମାମୁଲି, ଶ୍ରଦ୍ଧା, ଜୟ, ଝୁମୁରି।

■ ଇସ୍ପାତ କ୍ଷେତ୍ରରେ ପ୍ରଗତି ଲାଗି ଚିନ୍ତନ ଶିବିର ଉଦ୍‌ଘାଟିତ

# ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ କେନ୍ଦ୍ରମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨୦।୧୧(ସଂଚାର ବ୍ୟୁରୋ): ଭାରତର ଇସ୍ପାତ କ୍ଷେତ୍ରର ଭବିଷ୍ୟତ ପ୍ରଗତି ନିମନ୍ତେ ଗହନ ବିଚାରବିମର୍ଶ କରିବା ଉଦ୍ଦେଶ୍ୟରେ ଆଜିଠାରୁ ଭୁବନେଶ୍ୱରରେ ଦୁଇଦିନିଆ ଚିନ୍ତନ ଶିବିର ଆରମ୍ଭ ହୋଇଛି। କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚ. ଡି କୁମାର ସ୍ୱାମୀ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ଇସ୍ପାତ

**ଏକାଠି ହେଲେ ସରକାର, କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପ୍ରତିନିଧି ଏବଂ ଶିଳ୍ପପତି**

ରାଷ୍ଟ୍ରମନ୍ତ୍ରୀ ଭୂପତିରାଜୁ ଶ୍ରୀନିବାସ ବର୍ମା, ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ସଚିବ ସନ୍ଦୀପ ପୌଣ୍ଡ୍ରିକ ପ୍ରମୁଖ ଉପସ୍ଥିତ ଥିଲେ। ଏମାନଙ୍କ ବ୍ୟତୀତ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଗଣ, ସେଲ୍, ଏନଏମଡିସି, ଏମଓଆଇଏଲ, ମେକନ, ଏମଏସଟିସି ଆଦି କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମୁଖ୍ୟ,



ଆଇଏନଏସଡିଏଜି, ଆଇଏସସିଏ, ବିଆଇଏସଏଜି ଆଦିର ବିଶେଷଜ୍ଞଙ୍କ ସମେତ ଟାଟା ଷ୍ଟିଲ୍, ଜେଏସଡବ୍ଲୁ ଭଳି ଘରୋଇ ଶିଳ୍ପସଂସ୍ଥାର ପ୍ରତିନିଧିମାନେ ଶିବିରରେ ଯୋଗ ଦେଇଛନ୍ତି।

କେନ୍ଦ୍ର ମନ୍ତ୍ରୀ ଏଚ.ଡି କୁମାରସ୍ୱାମୀ ତାଙ୍କର ଅଭିଭାଷଣରେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଭାରତର ଘରୋଇ ଇସ୍ପାତ ଶିଳ୍ପ ଦୃଢ଼ତା ଏବଂ ବିକାଶ ମାର୍ଗରେ ଅଗ୍ରସର ହେଉଛି। ପ୍ରତିଦ୍ୱନ୍ଦ୍ୱୀ କ୍ଷମତା ବୃଦ୍ଧି କରିବା ଏବଂ ପରିଚାଳନାଗତ ଉତ୍କର୍ଷତା ହାସଲ ଲାଗି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେସିନ ଲର୍ଣ୍ଣିଂ ଏବଂ ଡିଜିଟାଲକରଣ ଭଳି ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ରମନ୍ତ୍ରୀ ଗବେଷଣା ଏବଂ ବିକାଶରେ ନିରନ୍ତର ନିବେଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କହିଥିଲେ, ସମସ୍ତ ଅଂଶୀଦାରଙ୍କ ସାମୂହିକ ପ୍ରୟାସ ଭାରତର ଇସ୍ପାତ ଶିଳ୍ପର ସାମଗ୍ରିକ ଅଭିବୃଦ୍ଧି ଏବଂ ପ୍ରତିଦ୍ୱନ୍ଦ୍ୱୀ କ୍ଷମତା ସୁନିଶ୍ଚିତ କରିବ, ଯାହା ଦେଶର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।

କେନ୍ଦ୍ର ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଭୂପତିରାଜୁ ଶ୍ରୀନିବାସ ବର୍ମା ଭିତ୍ତିଭୂମି ବିକାଶକୁ ଆଗେଇ ନେବାରେ ଇସ୍ପାତର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ, ଓଡିଶା ପାଖରେ ଏକ ଖଣିଜ ସମୃଦ୍ଧ ଏବଂ ଉପକୂଳବର୍ତ୍ତୀ ରାଜ୍ୟ ହେବାର ଅନନ୍ୟ ସୁବିଧା ରହିଛି ଯାହା ରାଜ୍ୟକୁ ଇସ୍ପାତ ସମେତ ବିଭିନ୍ନ ଶିଳ୍ପ ସ୍ଥାପନ ଏବଂ ବିକାଶ ପାଇଁ ଅନୁକୂଳ କରିଥାଏ। କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟର ସଚିବ ସନ୍ଦୀପ ପୌଣ୍ଡ୍ରିକ୍ କହିଥିଲେ, କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସହ ଘରୋଇ କ୍ଷେତ୍ରର ଅଂଶଗ୍ରହଣ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ବାଣ୍ଟିବାରେ ସାହାଯ୍ୟ କରିବ। ଅନ୍ୟପଟେ ଭିତ୍ତିଭୂମି ଖର୍ଚ୍ଚ କାରଣରୁ ଭାରତର ଇସ୍ପାତ ଉପଯୋଗରେ ଅଭୂତପୂର୍ବ ବୃଦ୍ଧି ଉପରେ ସେ ଆଲୋକପାତ କରିଥିଲେ। ସେ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଗୁଡ଼ିକରେ ନୂତନ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଶିବିରର ପ୍ରଥମ ଦିନରେ ପ୍ରଯୁକ୍ତିବିଦ୍ୟା-ଚାଳିତ ନବସୃଜନ, ପରିଚାଳନାଗତ ଉତ୍କର୍ଷତା, ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଏବଂ ଆଧୁନିକ ଖଣି ପଦ୍ଧତି ଉପରେ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଶିଳ୍ପ ପାଇଁ ଏକ ରଣନୀତିକ ରୂପରେଖ ପ୍ରସ୍ତୁତ କରିବା ପାଇଁ ନୀତି ନିର୍ଦ୍ଧାରକ, ଶିଳ୍ପପତି ଏବଂ ବୈଷୟିକ ବିଶେଷଜ୍ଞଙ୍କ ବିଚାରକୁ ଏହି ଆଲୋଚନାରେ ସଂଗ୍ରହ କରାଯାଇଥିଲା।

୨୨ରେ ଧାମନଗର ଆସୁଛନ୍ତି କେନ୍ଦ୍ରମନ୍ତ୍ରୀ

# ଶିଳାନ୍ୟାସ ହେବ ୧୦୧ କୋଟି ଟଙ୍କାର ପ୍ରକଳ୍ପ

ଭଦ୍ରକ, ୨୦।୧୧(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧାମନଗର ଗସ୍ତରେ ଆସନ୍ତା ୨୨ ତାରିଖ ଦିନ ଆସୁଛନ୍ତି। ଏହି ଅବସରରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ ବୋଲି ଗୋହିରାଟିକିରି ଉନ୍ନୟନ ପରିଷଦ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଧାମନଗର ଜଳସେଚନ ଡାକ ବଙ୍ଗଳା ଠାରେ ସୂଚନା ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ ଶନିବାର ସକାଳେ ଭଦ୍ରକରୁ ଆସି ଐତିହାସିକ ପୀଠ ତଥା ପର୍ଯ୍ୟଟନସ୍ଥଳୀ ଗୋହିରାଟିକିରିରେ ପହଞ୍ଚିବେ। ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟ ଅର୍ପଣ କରିବା ପରେ ନିକଟସ୍ଥ ମଠ ପରିଦର୍ଶନ କରିବେ। ଏହାପରେ ଦେଶର ପ୍ରଥମ ଗୃହମନ୍ତ୍ରୀ ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରାରେ ସାମିଲ ହେବେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ,



ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଓ ଭଦ୍ରକ ଜିଲ୍ଲା ସଭାପତି ଭଗବାନ ପଣ୍ଡା ଗୋହିରାଟିକିରିଠାରୁ ଦୋବଲ କାଳୀ ବଜାର ପର୍ଯ୍ୟନ୍ତ ପଦଯାତ୍ରା କରିବେ। ଏହାଛଡ଼ା ସ୍କୁଲ କଲେଜ ଛାତ୍ରଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଏହି ପଦଯାତ୍ରାରେ ସାମିଲ ହେବେ। ପଦଯାତ୍ରା ପରେ ଦୋବଲ କାଳୀପଡ଼ିଆରେ ଆୟୋଜିତ ସଭାରେ ଧାମନଗରର ବିକାଶ ପାଇଁ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିବେ କେନ୍ଦ୍ରମନ୍ତ୍ରୀ। ପ୍ରାୟ ୧୦୧ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୨୨ ଟି ପ୍ରକଳ୍ପର ଶିଳାନ୍ୟାସ କରିବେ। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପାଣ୍ଠିରୁ ୧୫ କୋଟି ଟଙ୍କାରେ ହେବାକୁ ଥିବା ଧାମନଗର ମହାବିଦ୍ୟାଳୟ ବିକାଶ ପ୍ରକଳ୍ପ, ପର୍ଯ୍ୟଟନ ବିଭାଗ ପକ୍ଷରୁ ୨.୪୬ କୋଟିରେ ଗୋହିରାଟିକିରି ନିକଟ ସେନାପତିଆ ପୋଖରୀର ପାରିପାର୍ଶ୍ୱିକ ଉନ୍ନତିକରଣ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଲୁଣିଆ ସହିଦ ସ୍ମାରକୀ ପୀଠର ଉନ୍ନତିକରଣ ଓ ଗୋହିରାଟିକିରିଠାରେ ୫ କୋଟି ଟଙ୍କା ବ୍ୟୟରେ ଗୋହିରାଟିକିରି ଗବେଷଣା କେନ୍ଦ୍ର ଓ ଆର୍ଟ ଗ୍ୟାଲେରୀ ପ୍ରକଳ୍ପର ଶିଳାନ୍ୟାସ କରାଯିବ। ସେହିପରି ଜଳସଂପଦ ବିଭାଗ ପକ୍ଷରୁ ୨୫.୮୫ କୋଟି ଟଙ୍କା ବ୍ୟୟରେ ହେବାକୁଥିବା ୧୦ ଟି ପ୍ରକଳ୍ପ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୧୮ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୩ଟି ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ହେବାକୁ ଥିବା ୨୧.୨୫କୋଟି ଟଙ୍କାର ୩ଟି ପ୍ରକଳ୍ପ ଓ ଡ୍ରେନେଜ ବିଭାଗ ପକ୍ଷରୁ ୪.୧୧ କୋଟି ଟଙ୍କାରେ ହେବାକୁ ଥିବା ୨ ଟି ପ୍ରକଳ୍ପର ଶିଳାନ୍ୟାସ କରାଯିବ।

## ଅପରାଧୀ ଗ୍ୟାଙ୍ଗକୁ କାବୁକଲା ପୁଲିସ

● ୩ ବନ୍ଧୁକ, ଜୀବନ୍ତ ଗୁଳି ଓ କଟୁରୀ ଜବତ



ପୁରୀ,୨୦।୧୧(ସଂଚାର ବ୍ୟୁରୋ): ପୁଲିସ ହାତରେ ଧରାପଡ଼ିଛି ଅପରାଧୀ ଗ୍ୟାଙ୍ଗ। ଟାଉନ ଥାନା ଓ ତାଳବଣିଆ ଥାନା ପକ୍ଷରୁ ଚଢ଼ାଉ କରାଯାଇ ଏହି ଅପରାଧୀ ଗ୍ୟାଙ୍ଗର ୧୦ ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି।ଏଥିସହ ଅଭିଯୁକ୍ତମାନଙ୍କଠାରୁ ୩ଟି ବନ୍ଧୁକ, ଜୀବନ୍ତ ଗୁଳି ଓ କଟୁରୀ ଜବତ ହୋଇଛି। ଅପରାଧ ଘଟାଇବା ଲାଗି ଯୋଜନା କରୁଥିବା ସମୟରେ ପୁଲିସ୍ ଚଢ଼ାଉ କରି ସେମାନଙ୍କ ସମସ୍ତ ଯୋଜନାକୁ ପଣ୍ଡ କରିଦେଇଛି। ତାଳବଣିଆ ଜଙ୍ଗଲ ଓ ଟାଉନ ଥାନାଞ୍ଚଳରେ ଅପରାଧୀମାନେ ଅପରାଧ ଘଟାଇବା ଲାଗି ଯୋଜନା କରୁଥିବା ସମୟରେ ପୁଲିସ୍ ମାଡ଼ିବସିଥିଲା। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଅନେକ ମାମଲା ପୁରୀର ବିଭିନ୍ନ ଥାନାରେ ରହିଛି। ଅପରେସନ ଚକ୍ର ଆଧାରରେ ପୁରୀ ପୁଲିସ ପକ୍ଷରୁ ସହରରେ ଅପରାଧୀ ଏବଂ ନିଶା କାରବାର ଉପରେ କଡା ନଜର ରଖିଛି ପୁରୀ ପୁଲିସ। ତାଳବଣିଆ ଥାନା ଓ ଟାଉନ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି ବୋଲି ପୁରୀ ଏସ୍‌ପି ପ୍ରତୀକ ସିଂ ସାମ୍ବାଦିକ ସମିଳନୀରେ ସୂଚନା ଦେଇଛନ୍ତି।

● ବାଂଲାଦେଶୀଙ୍କୁ ଭଡ଼ା ଘରେ ରଖିବା ଘଟଣା

## ମୁଖ୍ୟ ଅଭିଯୁକ୍ତ ଘରେ ପୁଲିସ ରେଡ୍

ଜଗତସିଂହପୁର,୨୦।୧୧(ସଂଚାର ବ୍ୟୁରୋ): ବାଂଲାଦେଶୀଙ୍କୁ ଭଡ଼ା ଘରେ ରଖିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ସିକନ୍ଦର ଆଲାମ ଘରେ ପୋଲିସ କରିଛି ରେଡ୍। ଧନିପୁର ବସ୍ତିରେ ଥିବା ଘରେ ଚାଲିଛି ପୋଲିସର ସର୍ଚ୍ଚ ଅପରେସନ୍। ଅତିରିକ୍ତ ଏସ୍‌ପି ଓ ଏସ୍‌ଡିପିଓଙ୍କ ସହ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛି। ସରକାରୀ ଜାଗା, ବେଆଇନ୍ ମଦ୍ରାସା, ନକଲି ଆଧାର କାର୍ଡ। ବାଂଲାଦେଶୀଙ୍କ ସର୍ଦ୍ଦାର ସାଜିଥିଲା ସିକନ୍ଦର ଆଲାମ। ବାଂଲାଦେଶରୁ ଗଳା ବାଟରେ ଲୋକଙ୍କୁ ଭାରତ ଆଣୁଥିଲା, ଜଗତସିଂହପୁରରେ ଥଇଥାନ କରୁଥିଲା। ବେହେରାମପୁର ଓ ସାତପୁରା ଧନିପୁରରେ ସୋମବାର ପ୍ରଶାସନ ଚଢ଼ାଉ କରି ବେଆଇନ୍ ନିର୍ମାଣ ଭାଙ୍ଗିଛି। ହେଲେ ଖସି ପଳାଇଛି କାର୍ପେଟଦାର ସିକନ୍ଦର ଆଲାମ। ପୂର୍ବରୁ ମର୍ଚ୍ଚାଣ୍ଟ ନ୍ୟାଭିରେ ଥିବା ସିକନ୍ଦର ୫ଟି ଦେଶରୁ ଆଣି ସେଠାରେ ମଦ୍ରାସା ଚଳାଉଥିଲା। ଏବେ ସେ ଫେରାର୍ ଥିବାବେଳେ ପୋଲିସ ତାକୁ ଧରିବାକୁ ଆରମ୍ଭ କରିଛି ଚଢ଼ାଉ। ମୁଖ୍ୟ କାର୍ପେଟଦାର ସିକନ୍ଦରକୁ ଧରିବାକୁ ପୋଲିସ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଏକାଧିକ ଟିମ୍ ଗଠନ ହୋଇଛି ବେଆଇନ୍ ଭାବେ ରହୁଥିବା ବାଂଲାଦେଶୀଙ୍କୁ ଧରିବାକୁ। ସିକନ୍ଦରର ପାସପୋର୍ଟ ବାତିଲ୍ ସହ ଲୁକ୍ ଆଉଟ୍ ସର୍କୁଲାର୍ ଜାରି କରିବାକୁ ପୋଲିସ ପଦକ୍ଷେପ ନେଉଥିବା କହିଛନ୍ତି ଏସ୍‌ପି। ସେହିଭଳି ବାଂଲାଦେଶରୁ ବାଂଲାଦେଶୀ କେଉଁ ରାସ୍ତାରେ ଆସୁଥିଲେ, ଜଳପଥରେ ନା ସ୍ଥଳ ପଥରେ ସେମାନଙ୍କୁ ଜଗତସିଂହପୁର ଅଣାଯାଇଛି ସେନେଇ ତଦନ୍ତ ଚାଲିଛି। ନକଲି ଆଧାର କାର୍ଡ ନେଇ ତନାଘନା ଚଳାଇଛି ପୋଲିସ। ପଶ୍ଚିମବଙ୍ଗରେ ନାଁ ଓଡ଼ିଶାର କେଉଁଠି ନକଲି ଆଧାର ତିଆରି ହୋଇଛି ସେ ନେଇ ଛାନଭିନ୍ କରାଯାଉଥିବା ଏସ୍‌ପି କହିଛନ୍ତି। ଆବଶ୍ୟକ ସ୍ଥଳେ ତଦନ୍ତ ପାଇଁ ପୋଲିସ ରାଜ୍ୟ ବାହାରକୁ ଯାଇପାରେ। ଧନିପୁରରେ ବେଆଇନ ଭାବେ ରହୁଥିବା ୧୭ ଜଣ ବାଂଲାଦେଶୀଙ୍କୁ ଅଟକ ରଖି ପୋଲିସ ଜେରା କରୁଛି। ସେମାନେ କେଉଁଠି ନକଲି ଆଧାର କାର୍ଡ ପ୍ରସ୍ତୁତ କରିଥିଲେ ସେନେଇ ପଚରାଉଚରା କରାଯାଉଛି। ସୂଚନା ମିଳିବା ପରେ ପୋଲିସ ସେଠାରେ ବି ରେଡ୍ କରିବ ବୋଲି ଜଣାପଡ଼ିଛି।

ନାବାଳିକାକୁ ଦୁଷ୍କର୍ମ ମାମଲାରେ

## ଦୋଷୀକୁ ୧୦ ବର୍ଷ ଜେଲ

କନ୍ଧମାଳ, ୨୦।୧୧(ସଂଚାର ବ୍ୟୁରୋ): ଫୁଲବାଣୀ ଫାଷ୍ଟ୍ ଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଆଜି ଏକ ୧୬ ବର୍ଷିୟା ନାବାଳିକା ଦୁଷ୍କର୍ମ ମାମଲାରେ ୧୪ ଜଣ ସାକ୍ଷୀ, ଡ଼ାକ୍ତରୀ ରିପୋର୍ଟ ଓ ପୀଡିତାଙ୍କ ବୟାନ ଆଧାରରେ ବିଚାର କରି, ମାମଲାର ଦୋଷୀ ଦାରିଙ୍ଗବାଡ଼ି ଥାନା ତପନ ନାୟକ (୨୫)କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ତାକୁ ଆଉ ଅଧିକ ୨ ବର୍ଷ ୩ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ। ସୂଚନା ଅନୁସାରେ, ଗତ ୨୦୧୭ ମସିହା ମାର୍ଚ୍ଚ ୪ ତାରିଖ ରାତି୧୦ଟା ସମୟରେ ପୀଡିତା ଶୌଚ ପାଇଁ ଯାଇଥିବା ବେଳେ ଅଭିଯୁକ୍ତ ନିରୋଳା ଦେଖି ତାଙ୍କ ସହିତ ବିବାହର ପ୍ରଲୋଭନ ଦେଖାଇ ଜବରଦସ୍ତି ପୀଡିତାଙ୍କୁ ନିଜ ଘରକୁ ନେଇ ତାଙ୍କ ଇଚ୍ଛା ବିରୁଦ୍ଧରେ ଦୁଷ୍କର୍ମ କରିଥିଲା।

## କୁଲଡ଼ିହା ଅଭୟାରଣ୍ୟରେ ବ୍ୟାଘ୍ର ଗଣନା ଆରମ୍ଭ

୫ ରେଞ୍ଜର ୨୫୦ ରୁ ଅଧିକ ବନ କର୍ମଚାରୀ ନିୟୋଜିତ

ନୀଳଗିରି, ୨୦।୧୧(ସଂଚାର ବ୍ୟୁରୋ): କୁଲଡିହା ଅଭୟାରଣ୍ୟରେ ଆରମ୍ଭ ହେଲା ବ୍ୟାଘ୍ର ଗଣନା। ବାଲେଶ୍ୱର ଜିଲ୍ଲାର କୁଲଡିହା ଅଭୟାରଣ୍ୟରେ ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ ମଲ୍ଲିକଙ୍କ ନେତୃତ୍ୱରେ ଗୁରୁବାରଠାରୁ ବାଘ ଗଣନା ଆରମ୍ଭ ହୋଇଛି। ବ୍ୟାଘ୍ର ଗଣନା କରିବାକୁ ନେଇ ତିନୋଟି ପର୍ଯ୍ୟାୟର କାର୍ଯ୍ୟ ଆରମ୍ଭ ହୋଇଥାଏ। ପ୍ରଥମେ ତୃଣଭୋଜି ବନ୍ୟଜନ୍ତୁଙ୍କ ଗତିବିଧି ଅନୁଧ୍ୟାନ କରିବାକୁ ପଡିଥାଏ। ଏହିକ୍ରମରେ ବାଲେଶ୍ୱର ଫରେଷ୍ଟ ଡିଭିଜନରେ ୫ଟି ରେଞ୍ଜ ତଥା ନୀଳଗିରି ରେଞ୍ଜ, ସୋର, ଜଳେଶ୍ୱର, ଚାନ୍ଦିପୁର ଏବଂ କୁଲଡିହା ରେଞ୍ଜର ୫୩ଟି ବିଟ୍ ରେ ବନ୍ୟା ଜୀବଜନ୍ତୁଙ୍କ ଗତିବିଧି ଏବଂ ଉପସ୍ଥିତି ଉପରେ ୨୫୦ ରୁ ଅଧିକ ବନ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହି ଗଣନା କାର୍ଯ୍ୟ ୨୨ ତାରିଖ ଯାଏଁ ଅର୍ଥାତ୍ ୩ ଦିନ ଧରି ଚାଲିବ। ଏହି ତଥ୍ୟ ଆଧାରରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହେବ ଓ ପରେ ତୃତୀୟ ପର୍ଯ୍ୟାୟ କାର୍ଯ୍ୟ ଅର୍ଥାତ୍ ବାଘଙ୍କ ଗତିବିଧି ଉପରେ ନଜର ରଖିବାକୁ ବିଭିନ୍ନ ସ୍ଥାନରେ ଟ୍ରାପ କ୍ୟାମେରା ନିୟୋଜିତ ହେବେ। ଝରଣାକୁ ପାଣି ପିଇବା ପାଇଁ ବାଘ ସାଧାରଣତଃ ଆସିଥାନ୍ତି। ସେଥିପାଇଁ ପୂର୍ବରୁ ବାଘ ଗଣନା ପାଇଁ କୁଲଡିହା ଅଭୟାରଣ୍ୟର ଘଞ୍ଚ ଜଙ୍ଗଲ ଭିତରକୁ ଯାଇ ଝରଣା କୂଳରେ ସନ୍ତସନ୍ତିଆ ଜାଗାରେ ପ୍ଲାଷ୍ଟର ପ୍ୟାରିସ ବସାଯାଇଥିବା ବେଳେ ଏହାକୁ ମାଡିବା ପରେ ବାଘର ପାଦ ଚିହ୍ନ ଦେଖି କେଉଁ ପ୍ରକାରର ବାଘ ବୋଲି ଜଣାପଡୁଥିବା ବେଳେ ଚଳିତ ବର୍ଷ ଟ୍ରାପ କ୍ୟାମେରା ମାଧ୍ୟମରେ ବାଘକୁ ଚିହ୍ନଟ କରାଯିବ।

## ନିଖୋଜର ଦେଢ଼ମାସ ପରେ ଜଙ୍ଗଲରୁ ନରକଙ୍କାଳ ଉଦ୍ଧାର

ଚକାପାଦ,୨୦।୧୧(ସଂଚାର ବ୍ୟୁରୋ): ଘଞ୍ଚ ଜଙ୍ଗଲ ଭିତରୁ ଏକ ନର କଙ୍କାଳ ଉଦ୍ଧାର ହୋଇଛି। କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଅନ୍ତର୍ଗତ ପସରା ପଞ୍ଚାୟତ ବରପାଲି ଗ୍ରାମପଞ୍ଚାୟତ ନିକଟସ୍ଥ ହାତୀବାଡ଼ି ଜଙ୍ଗଲରୁ ଏହି ନରକଙ୍କାଳ ଉଦ୍ଧାର ହୋଇଛି। ଗ୍ରାମବାସୀଙ୍କ କହିବା ଅନୁସାରେ ମୃତ ବ୍ୟକ୍ତିଙ୍କର ନାମ କିଶୋର ଚନ୍ଦ୍ର ପ୍ରଧାନ (୬୫)। ନରକଙ୍କାଳକୁ ପୁଲିସ ଉଦ୍ଧାର କରିଥିବା ବେଳେ ତଦନ୍ତ ଜାରି ରହିଛି। ପୁଲିସର ସୂଚନା ଅନୁସାରେ କିଶୋର ଚନ୍ଦ୍ର ଜଣେ ମାନସିକ ରୋଗୀ। ଏହା ପୂର୍ବରୁ ମଧ୍ୟ ସେ ବାରମ୍ବାର ଘରୁ ବାହାରକୁ ପଳାଇ ଯାଉଥିଲେ ଏବଂ ପୁଣି କିଛି ଦିନ ପରେ ଘରକୁ ଫେରି ଆସୁଥିଲେ। କିନ୍ତୁ ଗତ ଅକ୍ଟୋବର ମାସ ୫ ତାରିଖରୁ ଠାରୁ ସେ ନିଖୋଜ ହୋଇଥିବା ବେଳେ ଆଉ ଘରକୁ ଫେରିନଥିଲେ। ଏହାପରେ ତାଙ୍କ ପୁଅ ସାରଥି ପ୍ରଧାନ ୮/୧୦ ତାରିଖରେ ଥାନାରେ ବାପା ନିଖୋଜ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରିଥିଲା। ଥାନାରେ ମାମଲା ରୁଜୁ ହୋଇଥିଲା ବେଳେ ଉକ୍ତ ଗ୍ରାମର ଲୋକେ ବ୍ୟକ୍ତିଗତ କାମରେ ହାତୀବାଡ଼ି ଜଙ୍ଗଲକୁ ଯାଇଥିବା ବେଳେ କଙ୍କାଳ ପଡ଼ିଥିବାର ଦେଖିଥିଲେ। ପ୍ରାୟ ଦେଢ଼ମାସ ପରେ ଗାଁ ନିକଟ ଜଙ୍ଗଲରୁ ମୃତଦେହ ଠାବ ହୋଇଥିବାରୁ ଅନେକ ଲୋକ କିଶୋର ଚନ୍ଦ୍ରଙ୍କର ମୃତଦେହ ହୋଇଥିବା ସନ୍ଦେହ କରିଥିଲେ। ସାରଥି ପ୍ରଧାନ ମଧ୍ୟ ଏହି ମୃତଦେହ ନିଜ ବାପାଙ୍କର ବୋଲି ଚିହ୍ନଟ କରିଥିଲେ। ସେ ଏନେଇ ଚକାପାଦ ପୁଲିସକୁ ଖବର ଦେଇଥିଲେ। ଏହାପରେ ଘଟଣାସ୍ଥଳରେ ଚକାପାଦ ପୁଲିସ ପହଞ୍ଚି କିଶୋର ଚନ୍ଦ୍ର ପ୍ରଧାନର କଙ୍କାଳକୁ ଜବତ୍ କରିଛି। ଏପଟେ ମୃତ୍ୟୁ କିଶୋର ଚନ୍ଦ୍ରଙ୍କୁ ହତ୍ୟା ନା ଆତ୍ମହତ୍ୟା ସନ୍ଦେହ କରାଯାଉଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଲଳିତ ମୋହନ ସାଗର ସୂଚନା ଦେଇଛନ୍ତି।

## ଡିଏମ୍‌ଏଫ୍‌ର ଉପଯୋଗିତା ନେଇ ସମୀକ୍ଷା

ଭୁବନେଶ୍ୱର, ୨୦।୧୧(ସଂଚାର ବ୍ୟୁରୋ): ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ୍) ପାଣ୍ଠିର ଉପଯୋଗିତା ନେଇ ଏକ ବୈଠକ ଲୋକସେବା ଭବନସ୍ଥିତ ରାଜ୍ୟ କନଭେନସନ ସେଣ୍ଟର ଠାରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ଡିଏମଏଫ ପାଣ୍ଠିର ମୋଟ ପ୍ରାପ୍ତିର ୯୯.୫% ଯୋଗଦାନ ରହିଥିବା ୧୧ ଟି ପ୍ରମୁଖ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲାରେ ଡିଏମଫ୍ ପାଣ୍ଠି ଉପଯୋଗ ନେଇ ରାଜ୍ୟରୁ ଦିଆଯାଉଥିବା ପ୍ରକଳ୍ପ ସଂପର୍କିତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ୨୦୨୫ ଅକ୍ଟୋବର ୩୧ ତାରିଖ ସୁଦ୍ଧା ଏହି ଜିଲ୍ଲାଗୁଡିକରେ ଡିଏମ୍‌ଏଫ୍ ପାଣ୍ଠି ସଂଗ୍ରହ ସ୍ଥିତି ଓ ପ୍ରକଳ୍ପ କାର୍ଯ୍ୟକାରିତା ଅନୁସାରେ ଖର୍ଚ୍ଚ ବିନିଯୋଗ, ବିଭିନ୍ନ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଅନୁସାରେ ପ୍ରକଳ୍ପ କାର୍ଯ୍ୟକାରିତା ଓ ଖର୍ଚ୍ଚ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବିଭିନ୍ନ ଜିଲ୍ଲାରେ ପୁନର୍ଗଠିତ ଡିଏମଏଫ ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ ହେବା, ଜିଲ୍ଲା ଖଣିଜ ପାଣ୍ଠିର ବାର୍ଷିକ ବିବରଣୀ ଓ ଅଡିଟ ରିପୋର୍ଟ -୨୦୨୪-୨୫ ପ୍ରସ୍ତୁତି ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି।

ଡିଏମଏଫ ପାଣ୍ଠି ଉପଯୋଗ ନେଇ ରାଜ୍ୟସ୍ତରୀୟ କମିଟିର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ସଂପର୍କରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳମାନେ ବିଭିନ୍ନ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ନେଇ ନିଜ ନିଜର ମତ ରଖିବା ସହ ରହୁଥିବା ସମସ୍ୟାର ସମାଧାନ ସଂପର୍କରେ ପରାମର୍ଶ ଲୋଡିବା ସହ ଆଲୋଚନା କରିଥିଲେ। ଉନ୍ନୟନ କମିଶନର ଜିଲ୍ଲାପାଳମାନଙ୍କୁ ଦାୟିତ୍ୱର ସହ ପ୍ରକଳ୍ପ କାର୍ଯ୍ୟକାରୀ କରିବା, ପ୍ରକଳ୍ପ କାର୍ଯ୍ୟକାରିତା ଓ ପାଣ୍ଠି ଉପଯୋଗିତା ସଂପର୍କିତ ସୂଚନା ଅପଡେଟ୍ କରାଯିବା, ଡିଏମଏଫ ପାଣ୍ଠି ଉପଯୋଗରେ ଖଣି ଠାରୁ ୫ କିମି ପରିଧି ମଧ୍ୟରେ ଥିବା ଖଣି ପ୍ରଭାବିତ ଅଂଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ସଡ଼କ ନିର୍ମାଣ ଆଦି ଅତ୍ୟାବଶ୍ୟକ ମୌଳିକ ସୁବିଧା ଉପଲବ୍ଧତା ଉପରେ ଗୁରୁତ୍ୱ ଦେଇଥିଲେ। ଉନ୍ନୟନ କମିଶନର କହିଥିଲେ ଯେ, ଡିଏମଏଫ ଜିଲ୍ଲାଗୁଡିକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରାଯାଇଛି। ତେଣୁ ଡିଏମ୍‌ଏଫ ପାଣ୍ଠିରୁ ଯେପରି କୌଣସି ପ୍ରକଳ୍ପକୁ ଏକାଧିକ ବାର ଦର୍ଶା ନଯାଏ, ସେଥିପ୍ରତି ଜିଲ୍ଲାପାଳମାନେ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସେ ଗୁରୁତ୍ୱାରୋପ କରିଥିଲେ।

## ଦେଶୀ ମଦ ଚାଲାଣ ବେଳେ ଚଢ଼ଉ

ଜୟପୁର, ୨୦।୧୧(ସଂଚାର ବ୍ୟୁରୋ): ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଆଜି ଚଢଉ କରି ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲା ବଙ୍ଗାଳିଗୁଡାର ରାମ ଦାସ ପରଜା।ସୂଚନା ଅନୁଯାୟୀ, ଦେଶୀ ମଦ ଚାଲାଣ ସୂଚନା ପାଇ ଜୟପୁର ଅବକାରୀ ଥାନା ପକ୍ଷରୁ ଆଜି ଚଢଉ କରି ଅଭିଯୁକ୍ତକୁ ଗିରଫ କରି ତା ଠାରୁ ୭ ଲିଟର ଦେଶୀ ମଦ ଜବତ କରାଯାଇଛି। ଗିରଫ ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରିଥିବା ଅବକାରୀ ଥାନା ଓଆଇସି ସୁବ୍ରତ କେଶରି ହିରନ ସୂଚନା ଦେଇଛନ୍ତି।

## ଗୋରୁବୋଝେଇ ଗାଡ଼ି ଓଲଟି ୧୨ ଗୋରୁ ମୃତ

ଭଦ୍ରକ,୨୦।୧୧(ସଂଚାର ବ୍ୟୁରୋ): ବେଆଇନ ଗୋଚାଲାଣ ବେଳେ ଗାଡି ଓଲଟି ପଡି ୧୨ ଗୋରୁଙ୍କ ମୃତ୍ୟୁ ଘଟିଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲଟୁଆ ନିକଟରେ ବେଆଇନ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଓଲଟି ପଡିଛି। ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଆଗରପଡାରୁ ଏକ ପିକଅପ ଭ୍ୟାନ ବେଆଇନ ଭାବରେ ଭିତରେ ଚେମ୍ବର କରି ୧୭ଟି ଗୋରୁଙ୍କୁ ନେଇ ଭଦ୍ରକ ଅଭିମୁଖେ ଆସୁଥିଲା। କୌଣସି ସୂତ୍ରରୁ ଖବର ପାଇ ଗୋରକ୍ଷକମାନେ ଗାଡିକୁ ପିଛା କରିଥିଲେ। ଦ୍ରୁତ ଗତିରେ ଆସି ଗାଡ଼ିଟି ଓଲଟି ପଡିଥିଲା। ଏଥିରେ ଥିବା ୧୭ଟି ଗୋରୁଙ୍କ



ମଧ୍ୟରୁ ୧୨ଟି ଗୋରୁ ମରିଯାଇଥିଲେ। ଗୋରୁ ଗାଡ଼ିରେ ନିଆଁ ଲାଗିଯାଇଥିବା ୱେଳେ ଗାଡିଟି ହୁତୁ ହୁତୁ ହୋଇ ଜଳିଯାଇଥିଲା। ଦୁଇଟି ଦମକଳ ଗାଡ଼ି ଆସି ନିଆଁକୁ ଆୟତ୍ତ କରିଥିଲେ। ଘଟଣା ସ୍ଥଳରେ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ତଦନ୍ତ କରୁଛି। ଗୋରୁ ମରିଯିବା ଯୋଗୁ ଘଟଣା ସ୍ଥଳରେ ଉତ୍ତେଜନା ଲାଗି ରହିଛି।

## ୫ ଦାଦନ ଶ୍ରମିକ ସହ ୩ ନାବାଳକ ଉଦ୍ଧାର

ବଲେରୋ ଗାଡି ଜବତ, ସର୍ଦ୍ଦାର ଗିରଫ

ନୂଆପଡ଼ା, ୨୦।୧୧(ସଂଚାର ବ୍ୟୁରୋ): ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ହାତିବନ୍ଧା ଫୋରୱେ ରାସ୍ତା ଠାରୁ ସିନାପାଲି ପୋଲିସ ୫ଜଣ ଦାଦନ ଶ୍ରମିକ ସହ ୩ ନାବାଳକଙ୍କୁ ଆଜି ଉଦ୍ଧାର କରିଥିବା ବେଳେ ଏକ ବଲେରୋ ଗାଡିକୁ ଜବତ କରି ସର୍ଦ୍ଦାରଙ୍କୁ ଗିରଫ କରିଥିବା ଜଣାପଡିଛି। ଗିରଫ ସର୍ଦ୍ଦାର ଜଣକ ହେଲେ ସିନାପାଲି ଥାନା ବରପଦର ଗ୍ରାମର କ୍ଷେତ୍ର ମୋହନ ଛତ୍ରିଆ। ଦାଦନ ଶ୍ରମିକ ହେଲେ ଲିଟିଗୁଡା ଗ୍ରାମର ପଦମନ ହରପାଲ (୩୬), ମହାଦେବ ବାଗ (୪୫), ପୁସ୍ତମ ବର୍ଗତୀ (୩୫), ମଞ୍ଜୁଲତା ହରପାଲ (୩୨) ସୁଫଲ ବାଗ (୩୬) ସମେତ ୩ ନାବାଳକ। ଜବତ ବଲେରୋ ଗାଡି ନମ୍ବର ହେଲା (ଓଡି ୧୬ ୪୨୮୦)। ଗତ ବୁଧବାର ସିନାପାଲି ଥାନାଧିକାରୀ ଦୁର୍ଗାମାଧବ ବାଗଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ପେଟ୍ରୋଲିଂ କରୁଥିଲା। ଏହି ସମୟରେ ହାତିବନ୍ଧା ଫୋରୱେ ରାସ୍ତା ଏକ ଢାବା ଠାରେ ସର୍ଦ୍ଦାର ଶ୍ରମିକମାନଙ୍କୁ ବୋଲେରୋ ସହଯୋଗରେ ଆଣି ବସରେ ଚଢାଇ ହାଇଦ୍ରାବାଦ ନେବାକୁ ରାସ୍ତା କଡରେ ଅପେକ୍ଷା କରିଥିଲା। ଏହି ଦାଦନ ଶ୍ରମିକଙ୍କୁ ହାଇଦ୍ରାବାଦ ଦାଦନ ଖଟାଇବାକୁ ନିଆଯାଉଥିଲା। ପୋଲିସ ସନ୍ଦେହ କରି ଚଢାଉ କଲା ଏବଂ ଶ୍ରମିକଙ୍କୁ ଉଦ୍ଧାର କରି ଏକ ବଲେରୋ ଗାଡି ଜବତ କରିବା ସହ ସର୍ଦ୍ଦାରଙ୍କୁ ଗିରଫ କରିଥିଲା।

ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ଲାଗି ଟଙ୍କା ଦେଇଥିଲେ ସରକାର

# ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ମିଳିନି, ବାଟ ଓଗାଳିଛି କିଏ

ଭୁବନେଶ୍ୱର, ୨୦।୧୧(ସଂଚାର ବ୍ୟୁରୋ): ବର୍ଷ ଶେଷ ହେବାକୁ ବସିଲାଣି, ହେଲେ ଛାତ୍ରଛାତ୍ରୀଙ୍କୁ ଏଯାଏଁ ମିଳିନି ସ୍କୁଲ ୟୁନିଫର୍ମ। ପୋଷାକ ମିଳିନଥିବାରୁ ପୁରୁଣା ପିନ୍ଧୁଛନ୍ତି ଛାତ୍ରଛାତ୍ରୀ। ଏନେଇ ଖବର ପ୍ରକାଶ ପାଇବା ପରେ ପୁଣି ଥରେ ତତ୍ପର ହୋଇଛି ଗଣଶିକ୍ଷା ବିଭାଗ। ଛାତ୍ରଛାତ୍ରୀଙ୍କୁ ତୁରନ୍ତ ପୋଷାକ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଦେବାକୁ ୬ମାସ ତଳୁ ସରକାର ନିର୍ଦ୍ଦେଶ ଦେଇଥିଲେ ବି ତାହା ଆଜି ଯାଏ କାର୍ଯ୍ୟକାରୀ ହୋଇପାରିନି। ଶିକ୍ଷାବର୍ଷ ସରିବାକୁ ବସିଥିଲେ ବି ବହୁ ଜିଲ୍ଲାରେ ଅଧାରୁ କମ୍ ପିଲାଙ୍କୁ ପୋଷାକ ବଣ୍ଟାଯାଇଛି।

ସରକାରୀ ରିପୋର୍ଟରେ ଦେବଗଡ଼, ମାଲକାନଗିରି, ମୟୂରଭଞ୍ଜ, ସମ୍ବଲପୁରରେ ଶତ ପ୍ରତିଶତ ପୋଷାକ



ବଣ୍ଟନ ହୋଇଛି। ଅନୁଗୁଳ, କେନ୍ଦୁଝର, ଜଗତସିଂହପୁର, ସୁନ୍ଦରଗଡ଼, ଖୋର୍ଦ୍ଧା, ନୂଆପଡ଼ା, ଯାଜପୁରରେ ୮୦ପ୍ରତିଶତ ପିଲାଙ୍କୁ ୟୁନିଫର୍ମ ମିଳିଛି। କେନ୍ଦ୍ରାପଡ଼ାର ମାତ୍ର ୧୭ ପ୍ରତିଶତ ସ୍କୁଲରେ ପୋଷାକ ମିଳିଛି। ସେହିପରି କନ୍ଧମାଳରେ ମାତ୍ର ୨୯ ପ୍ରତିଶତ, ସୋନପୁରରେ ୩୩ ପ୍ରତିଶତ ଓ ବାଲେଶ୍ୱରରେ ୩୪ ପ୍ରତିଶତ ପୋଷାକ ବଣ୍ଟନ ହୋଇଛି। ଖବର ପ୍ରକାଶ ପରେ ତୁରନ୍ତ ପୋଷାକ ଯୋଗାଇଦେବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି ଗଣଶିକ୍ଷାମନ୍ତ୍ରୀ।

ସ୍କୁଲରେ ପଢ଼ୁଥିବା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରାୟ ୧୦୮ କୋଟି ଟଙ୍କା ଦେଇଥିଲେ। ଏହି ଟଙ୍କା ଜିଲ୍ଲାମାନଙ୍କୁ ବାଣ୍ଟି ଦିଆଯାଇଥିଲା। ଉଚ୍ଚସ୍ତରୀୟ କମିଟି ଗଠନ କରି ଭେଣ୍ଡର ଚୟନ ପାଇଁ ଶିକ୍ଷାଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ଭେଣ୍ଡର ଚୟନ କରୁ କରୁ ଅଧିକାରୀମାନେ ନେଇଯାଇଥିଲେ ୪ ମାସ ସମୟ। ଶେଷରେ ଅକ୍ଟୋବର ମାସରେ ତରବରିଆ ଭାବେ ଭେଣ୍ଡର ଚୟନ କରାଯାଇଛି। ଏହା ପଛରେ ବଡ ଦୁର୍ନୀତି ରହିଥିବା ଅଭିଯୋଗ ଆଣିଛନ୍ତି ଅଭିଭାବକ ଓ ବୁଦ୍ଧିଜୀବୀ। ଏସବୁ ଭିତରେ ସ୍କୁଲରେ ପୋଷାକ ବଣ୍ଟନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ବିଭିନ୍ନ ସ୍କୁଲରେ ପିଲାଙ୍କୁ ଦିଆଯାଇଛି ପୋଷାକ। ଏବେ ପ୍ରଶ୍ନ ଉଠୁଛି, କେବେ ସୁଦ୍ଧା ସବୁ ପିଲାଙ୍କୁ ମିଳିବ ପୋଷାକ? ସରକାରଙ୍କ ଉଦ୍ଦେଶ୍ୟକୁ ଦିଗହରା କରିଥିବା ଅଧିକାରୀଙ୍କ ବିରୋଧରେ ହେବ କି କାର୍ଯ୍ୟାନୁଷ୍ଠାନ?

## ଶତାଧିକ ସମର୍ଥକଙ୍କ ସହ ବିଜେପିରେ ମିଶିଲେ ସରପଞ୍ଚ, ସମିତିସଭ୍ୟା

ଭଦ୍ରକ/ରାଣୀତାଲ,୨୦।୧୧ (ସଂଚାର ବ୍ୟୁରୋ): ସବୁ କଳ୍ପନା କଳ୍ପନାର ଅନ୍ତ ଘଟାଇ ଆଜି ଭଦ୍ରକ ବ୍ଲକ ଅନ୍ତର୍ଗତ ଜଗଦଳପୁର ପଞ୍ଚାୟତ ସରପଞ୍ଚ ତିଲୋତ୍ତମା ମହାପାତ୍ର, ପୂର୍ବତନ ସରପଞ୍ଚ ବିଜୟ କୁମାର ମହାପାତ୍ର, ରମ୍ଭିଲା ସରପଞ୍ଚ ଗଣେଶ ଚନ୍ଦ୍ର ପଣ୍ଡା, ରମ୍ଭିଲା ସମିତି ସଭ୍ୟା ସସ୍ମିତା କୁମାରୀ ନାୟକ ତାଙ୍କର ଶତାଧିକ ସମର୍ଥକଙ୍କ ସହ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ମିଶିଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସାଂସଦ ଅଭିମନ୍ୟୁ ସେଠୀ, ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡାଙ୍କ ଉପସ୍ଥିତିରେ ବିଜେଡି ନେତ୍ରୀ ତଥା ଜଗଦଳପୁର ସରପଞ୍ଚ ତିଲୋତ୍ତମା ମହାପାତ୍ର ଓ ତାଙ୍କ ସ୍ୱାମୀ ବିଜେଡି ନେତା ବିଜୟ କୁମାର ମହାପାତ୍ର ବିଜେପି ଦଳରେ ବିଧିବଦ୍ଧ ଭାବରେ ଯୋଗଦେଇଛନ୍ତି। ସେମାନେ କଂଗ୍ରେସରୁ ରାଜନୀତି ଆରମ୍ଭ କରିଥିବା ବେଳେ ୨୦୧୮ରେ କଂଗ୍ରେସ ଛାଡ଼ି ବିଜୁ



ଜନତା ଦଳରେ ମିଶିଥିଲେ। କିନ୍ତୁ ଆଜି ବିଜେପିରେ ଯୋଗ ଦେଇଛନ୍ତି।

ଦୀର୍ଘ ୩୦ବର୍ଷ ଧରି ଜଗଦଳପୁରର ରାଜନୀତିର ମଙ୍ଗ ଧରିଥିବା ଏହି ମହାପାତ୍ର ପରିବାରର ରାଣୀତାଲ ଅଞ୍ଚଳରେ ଦବଦବା ରହିଛି। ସେହିଭଳି ରମ୍ଭିଲା ସରପଞ୍ଚ ଗଣେଶ ଚନ୍ଦ୍ର ପଣ୍ଡା ଜନତା ଦଳରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିବା ବେଳେ ପରେ ବିଜୁ ଜନତା ଦଳ ଦେଇ ଆଜି ବିଜେପିରେ ଯୋଗଦାନ କରୁଛନ୍ତି। ଏହି ନେତାଙ୍କ ଯୋଗଦାନ ପରେ ରାଣୀତାଲ ଅଞ୍ଚଳରେ ବିଜେପିର ଶକ୍ତି ବୃଦ୍ଧି ହୋଇଥିବା ବେଳେ ବିଜୁ ଜନତା ଦଳ ଦୁର୍ଗ ଭାଙ୍ଗିପଡିଛି। ଆଗାମୀ ଦିନରେ ଏହି ଅଞ୍ଚଳରେ ବିଜୁ ଜନତା ଦଳର ସଂଗଠନର ବହୁ ନେତା ଓ କର୍ମୀ ବିଜେପିରେ ମିଶିବେ ବୋଲି ସୂଚନା ମିଳିଛି। ଆଜିର ଏହି ମିଶ୍ରଣ ପର୍ବ ପରେ ବିଜେପି କର୍ମୀ ଓ ନେତାଙ୍କ ଭିତରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡି ଭାଙ୍ଗି ଖାଲି ହୋଇଯିବ ବୋଲି ହେଉଛି ଆଲୋଚନା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ପୁଣି ଅନୀଲ ଅମ୍ବାନୀଙ୍କ ସମ୍ପତ୍ତି ଜବତ କଲା ଇଡି

## ଏପର୍ଯ୍ୟନ୍ତ ଜବତ ହେଲାଣି ୯ ହଜାର କୋଟି ଟଙ୍କାର ସମ୍ପତ୍ତି, ଭୁବନେଶ୍ୱରରେ ବି ସମ୍ପତ୍ତି ସିଜ୍

ନୂଆଦିଲ୍ଲୀ,୨୦।୧୧: ଆର୍ଥିକ ହେରଫେର ଓ ଋଣ ଠକେଇ ଅଭିଯୋଗରେ ଇଡି ଜାଲରେ ପୂରାପୂରି ଫସି ଯାଇଛନ୍ତି ଅନୀଲ ଅମ୍ବାନୀ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୁଣି ଥରେ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପର କୋଟି କୋଟି ଟଙ୍କାର ସମ୍ପତ୍ତି ଆଟାଚ୍ କରିଛି। ଏହି ସମ୍ପତ୍ତିଗୁଡ଼ିକର ମୂଲ୍ୟ ପ୍ରାୟ ୧,୪୦୦ କୋଟି। ନଭି ମୁମ୍ବାଇ, ଚେନ୍ନାଇ, ପୁଣେ ଏବଂ ଭୁବନେଶ୍ୱରରେ ଏହି ସମ୍ପତ୍ତିଗୁଡ଼ିକୁ ଆଟାଚ୍ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ସହିତ, ରିଲାଏନ୍ସ ଗ୍ରୁପର ମୋଟ ସମ୍ପତ୍ତି ଜବତ ପ୍ରାୟ ୯,୦୦୦ କୋଟିରେ ପହଞ୍ଚିଛି। ରିଲାଏନ୍ସ ହୋମ୍ ଫାଇନାନ୍ସ (ଆରଏଚ୍ଏଫଏଲ୍) ଏବଂ ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ



(ଆରସିଏଫଏଲ୍)ରେ ବ୍ୟାପକ ପରିମାଣର ପାଣ୍ଠି ଅପବ୍ୟବହାର ସହିତ ଜଡିତ ମାମଲାରେ ଏହି ସମ୍ପତ୍ତିଗୁଡ଼ିକୁ ଆଟାଚ୍ କରାଯାଇଛି। ଏହା ପୂର୍ବରୁ, ନଭେମ୍ବର ୩ ତାରିଖରେ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପାଣ୍ଠି ସ୍ଥାନାନ୍ତର ମାମଲା ସହିତ ଜଡିତ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପର ୧୩୨ ଏକର ଜମିକୁ ଆଟାଚ୍ କରିଥିଲା। ଏହି ଜମି ନଭି ମୁମ୍ବାଇର ଧୀରୁଭାଇ ଅମ୍ବାନୀ ନଲେଜ୍ ସିଟି (ଡିଏକେସି) ରେ ଅବସ୍ଥିତ। ଏବଂ ଏହାର ମୂଲ୍ୟ ୪,୪୬୨.୮୧ କୋଟି ଟଙ୍କା ଥିଲା। ଏହା ବାଦ୍ ଅନିଲ ଅମ୍ବାନୀଙ୍କ ପାଲି ହିଲ୍ ଘର ସମେତ ଗ୍ରୁପର ୪୦ ରୁ ଅଧିକ ସମ୍ପତ୍ତି ମଧ୍ୟ ଆଟାଚ୍ କରାଯାଇଥିଲା। ଏଥିରେ ଆଟାଚ୍ କରାଯାଇଥିବା ସମ୍ପତ୍ତିର ମୋଟ ମୂଲ୍ୟ ୩,୦୮ କୋଟି ବୋଲି ରିପୋର୍ଟ କରାଯାଇଥିଲା। ଇଡି ତଦନ୍ତରେ ରିଲାଏନ୍ସ ହୋମ୍ ଫାଇନାନ୍ସ (ଆରଏଚ୍ଏଫ୍ଏଲ) ଏବଂ ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ (ଆରସିଏଫ୍ଏଲର)ରେ ବ୍ୟାପକ ପାଣ୍ଠିର ଅପବ୍ୟବହାର ହୋଇଥିବା ଜଣାପଡ଼ିଥିଲା। ୨୦୧୭ ରୁ ୨୦୧୯ ମଧ୍ୟରେ, ୟେସ୍ ବ୍ୟାଙ୍କ ଆରଏଚ୍ଏଫ୍ଏଲ ୨,୯୬୫ କୋଟି ଏବଂ ଆରସିଏଫ୍ଏଲରେ ୨,୦୪୫ କୋଟି ନିବେଶ କରିଥିଲା, କିନ୍ତୁ ଡିସେମ୍ବର ୨୦୧୯ ସୁଦ୍ଧା ଏହି ପାଣ୍ଠିଗୁଡ଼ିକ ନନ-ପରଫର୍ମିଂ ଆସେଟ୍ସ(ଏନ୍‌ପିଏ) ହୋଇଯାଇଥିଲା। ଆରଏଚ୍ଏଫ୍ଏଲ ର ୧,୩୫୩ କୋଟି ଏବଂ ଆରସିଏଫ୍ଏଲର ୧,୯୮୪ କୋଟି ଏପର୍ଯ୍ୟନ୍ତ ବକେୟା ରହିଥିଲା। ମୋଟ ଉପରେ ଏଥିରେ ୟେସ୍ ବ୍ୟାଙ୍କୁ ୨,୭୦୦ କୋଟିରୁ ଅଧିକ କ୍ଷତି ହୋଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅନୁଯାୟୀ, ଏହି ପାଣ୍ଠି ଅନ୍ୟ ରିଲାଏନ୍ସ ଗ୍ରୁପ୍ କମ୍ପାନୀଗୁଡ଼ିକୁ ପଠାଯାଇଥିଲା। ଋଣ ଅନୁମୋଦନ ପ୍ରକ୍ରିୟାରେ ଅନେକ ଅନିୟମିତତା ମଧ୍ୟ ହୋଇଥିବା ଜଣାପଡ଼ିଥିଲା। ଯେପରିକି କିଛି ଋଣ ଗୋଟି ଦିନରେ ଆପ୍ଲାଏ, ଆପ୍ରୁଭ ଏବଂ ଡିସବର୍ସ କରାଯାଇଥିଲା। ଫିଲ୍ଡ ଚେକ୍ ଓ ମିଟିଂ ସ୍କିପ କରି ଦିଆଯାଇଥିଲା। ଡକ୍ୟୁମେଣ୍ଟଗୁଡ଼ିକ ବ୍ଲାଙ୍କ କିମ୍ବା ଡିଟେଲ୍ସରେ ମିଳିଥିଲା। ଇଡି ଏହାକୁ "ଇଚ୍ଛାକୃତ ନିୟନ୍ତ୍ରଣ ବିଫଳତା(ଇଣ୍ଟେସନାଲ କଣ୍ଟ୍ରୋଲ ଫେଲ୍ୟୁର)" କହିଛି। ପିଏମ୍ଏଲଏ ର ଧାରା ୫(୧) ଅନୁଯାୟୀ ତଦନ୍ତ କରାଯାଉଛି। ୩୧ ଅକ୍ଟୋବର, ୨୦୨୫ରେ ସମ୍ପତ୍ତି ଆଟାଚମେଣ୍ଟ ଅର୍ଡର ଜାରି କରାଯାଇଥିଲା।

## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୪,୬୯୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୪,୩୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୪,୬୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୪,୩୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୪,୬୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୪,୩୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୪,୮୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୪,୪୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୫,୪୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୫,୦୦୦ ଟଙ୍କା ରହିଛି ।

# ପୋଷା ପ୍ରାଣୀ ଖାଦ୍ୟ ଓ ଯତ୍ନ ବଜାରରେ ରିଲାଏନ୍ସର ପ୍ରବେଶ

## ନୂତନ ଗ୍ରାହକଙ୍କ ପାଇଁ ଟ୍ରାଏଲ୍ ପ୍ୟାକ୍ ମାତ୍ର ୨୦ ଟଙ୍କାରେ

ବେଙ୍ଗାଲୁରୁ,୧୯।୧୧: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଏଫଏମସିଜି ୟୁନିଟ୍ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ ପୋଷା ପ୍ରାଣୀ ଖାଦ୍ୟ ଓ ଯତ୍ନ ବଜାରରେ ଧମାକାଦାର ପ୍ରବେଶ କରିଛି। କମ୍ପାନୀ "ୱେଗିଜ୍" ନାମକ ଏକ ନୂତନ ପୋଷା ପ୍ରାଣୀ ଖାଦ୍ୟ ବ୍ରାଣ୍ଡ ଲଞ୍ଚ କରିଛି। "ୱେଗିଜ୍" ପାଳିତ ପଶୁମାନଙ୍କ ପାଇଁ ଉଚ୍ଚମାନର, ବିଜ୍ଞାନସମ୍ମତ, ପୁଷ୍ଟିକର ଏବଂ ସୁଲଭ ପୋଷା ପ୍ରାଣୀ ଖାଦ୍ୟ ପ୍ରଦାନ କରିବ। ସାଧାରଣ ପରିବାର ପାଇଁ ପୋଷା ପ୍ରାଣୀ ଖାଦ୍ୟକୁ ସୁଲଭ କରିବା ପାଇଁ, କମ୍ପାନୀ ଏହାକୁ ବହୁତ ସୁଲଭ ମୂଲ୍ୟରେ ବଜାରକୁ ଆଣିଛି । "ୱେଗିଜ୍"ର ମୂଲ୍ୟ ପ୍ରତି କିଲୋଗ୍ରାମ ୧୯୯ଟଙ୍କାରୁ ଆରମ୍ଭ ହେଉଛି। "ୱେଗିଜ୍-ପ୍ରୋ"



୨୪୯ ଟଙ୍କାରେ କିଣାଯାଇପାରିବ। ନୂତନ ଗ୍ରାହକମାନଙ୍କ ପାଇଁ ଏହି ନୂଆ ଉତ୍ପାଦର ପରୀକ୍ଷାମୂଳକ ବ୍ୟବହାର ସହଜ କରିବା ପାଇଁ, କମ୍ପାନୀ ୨୦ ଟଙ୍କା ମୂଲ୍ୟର ଏକ ୧୦୦ ଗ୍ରାମ ଟ୍ରାଏଲ୍ ପ୍ୟାକ୍ ମଧ୍ୟ ଶୁଭାରମ୍ଭ କରିଛି । ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେତନ ମୋଦି କହିଛନ୍ତି, "ୱେଗିଜ୍" ଉତ୍କୃଷ୍ଟ ପୁଷ୍ଟିସାର ଏବଂ ସୁଲଭ ମୂଲ୍ୟ ମଧ୍ୟରେ ସମ୍ପୂର୍ଣ୍ଣ ସନ୍ତୁଳନ ରକ୍ଷା କରି ପ୍ରସ୍ତୁତ କରାଯାଇଛି । ଏଥିରେ ଅତିରିକ୍ତ ପ୍ରୋଟିନ୍, ପାଚନ-ଉନ୍ନତକାରୀ ପ୍ରିବାୟୋଟିକ୍ସ, ଗଣ୍ଠି, ଚର୍ମ ଏବଂ କେଶ ସ୍ୱାସ୍ଥ୍ୟ ଏବଂ ସାରା ଦିନର ଶକ୍ତି ସମେତ ଅନେକ ଲାଭ ସାମିଲ ରହିଛି । ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ ଅନୁଯାୟୀ, କମ୍ପାନୀ "ବିଶ୍ୱସ୍ତରୀୟ ଗୁଣବତ୍ତା, ସୁଲଭ ମୂଲ୍ୟ" ଦର୍ଶନରେ ବିଶ୍ୱାସ କରେ। "ୱେଗିଜ୍" ଏହି ଭାବନାକୁ ଦୃଷ୍ଟିରେ ରଖି ବିକଶିତ କରାଯାଇଛି, ଯାହା ପାଳିତ ପଶୁମାନଙ୍କ ପାଇଁ ସମ୍ପୂର୍ଣ୍ଣ, ସନ୍ତୁଳିତ ଏବଂ ସର୍ବୋତ୍ତମ ପୁଷ୍ଟିସାର ପ୍ରଦାନ କରିବ। ଏହି ବ୍ରାଣ୍ଡ ବିଶ୍ୱାସ କରେ ଯେ "ପ୍ରତ୍ୟେକଟି ପାଳିତ ପଶୁ ସଠିକ୍ ପୁଷ୍ଟିସାର ପାଇବାକୁ ଯୋଗ୍ୟ ଅଟନ୍ତି।"

## ହ୍ୱାଟ୍ସଆପ୍‌ରେ ତ୍ରୁଟି ବାହାର କଲେ ଗବେଷକ

# ୩୫୦ କୋଟି ୟୁଜରଙ୍କ ଡାଟା ବିପଦରେ

ନୂଆଦିଲ୍ଲୀ,୨୦।୧୧: ଆମ ଦୈନନ୍ଦିନ ଜୀବନରେ ହ୍ୱାଟ୍ସ ଆପ୍ ଏକ ପ୍ରମୁଖ ଅଂଶ ପାଲଟିଛି। ଏଭଳି କ୍ଷେତ୍ରରେ ଏହି ଆପ୍‌ର ଡାଟା ନିରାପତ୍ତାକୁ ନେଇ ଉଠିଛି ପ୍ରଶ୍ନ । ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ୩୫୦ କୋଟିରୁ ଊର୍ଦ୍ଧ୍ୱ ହ୍ୱାଟ୍ସଆପ୍ ୟୁଜରଙ୍କ ଫୋନ୍ ନମ୍ବର ଏବେ ବିପଦରେ । ଏକ ବଡ଼ ନିରାପତ୍ତାଜନିତ ତ୍ରୁଟି କାରଣରୁ ୟୁଜରଙ୍କ ପ୍ରୋଫାଇଲ ଫୋଟୋ, ଷ୍ଟାଟସ୍ ଏବଂ ଆବାଉଟ୍ ସେକ୍ସନ୍‌ର ବିବରଣୀ ଲିକ୍ ହୋଇପାରେ । ଭିଏନା ୟୁନିଭର୍ସିଟିର ଗବେଷକମାନେ ଏହି ତ୍ରୁଟିକୁ ଚିହ୍ନଟ କରିଛନ୍ତି। ଗବେଷକଙ୍କ ମୁତାବକ, ଏହି ତ୍ରୁଟି ଯୋଗୁ ଯେକୌଣସି ନମ୍ବରକୁ ଚେକ୍ କରି ଜଣାପଡ଼ିଯାଇଥାଏ ଯେ, ଏହା ହ୍ୱାଟ୍ସଆପ୍‌ର ସଚଳ ଅଛି ଅବା ନୁହେଁ। ଏହାପରେ ପ୍ରୋଫାଇଲ ପିକ୍ଚର, ଷ୍ଟାଟସ୍ ଏବଂ ଆବାଉଟ୍ ସେକ୍ସନ ବିବରଣୀ ସହଜରେ ବାହାର କରାଯାଇପାରିବ। ଏହାର ଅପବ୍ୟବହାର କରାଯାଇପାରେ । ଗବେଷକମାନେ କୁହନ୍ତି ଯେ, ସମସ୍ୟା ହ୍ୱାଟ୍ସଆପ୍‌ର କଣ୍ଟାକ୍ଟ ଡିସ୍କଭରୀ ଫିଚରରେ ରହିଛି। ୟୁଜରଙ୍କ ଫୋନ୍ ଆଡ୍ରେସ ବୁକକୁ ସିଙ୍କ୍ କରି ଲୋକଙ୍କୁ ଖୋଜିବା ସହଜ ହେବ, ସେଥିପାଇଁ ଏହି ଫିଚରକୁ ପ୍ରସ୍ତୁତ କରାଯାଇଥିଲା । କିନ୍ତୁ ଅଜାଣତରେ ଏହା ୟୁଜର ଡାଟାକୁ ବଡ଼ ଆକାରରେ ଚୋରି କରିବାର ଫାଟକ ଖୋଲିଦେଇଛି । ଭିଏନା ବିଶ୍ୱବିଦ୍ୟାଳୟର ଗବେଷକମାନେ ଲିଭ୍‌ଫୋନ୍‌ଜେନ୍ ଟୁଲ୍‌କୁ ବ୍ୟବହାର କରି ୨୪୫ ଦେଶର ରିୟଲିଷ୍ଟିକ୍ ଫୋନ୍ ନମ୍ବର ଜେନେରେଟ୍ କରିଛନ୍ତି । ଏହାପରେ ହ୍ୱାଟ୍ସଆପ୍‌ର ଏକ୍ସଏମ୍‌ପିପି ପ୍ରୋଟୋକଲରୁ କନେକ୍ଟ କରି କ୍ୱେରି ପଠାଇଥିଲେ। ଗବେଷଣାରେ ୫ଟି ଆକାଉଣ୍ଟରୁ ୬୩୦୦ କୋଟି ସମ୍ଭାବ୍ୟ ନମ୍ବର ଚେକ୍ କରାଯାଇଥିଲା। ଶେଷରେ ଘଣ୍ଟା ପିଛା ୧୦ କୋଟି ବେଗରେ ୩୫୦ କୋଟି ସକ୍ରିୟ ଆକାଉଣ୍ଟ ମିଳିଥିଲା । ୫୬.୭% ୟୁଜରଙ୍କ ପ୍ରୋଫାଇଲ




ପିକ୍ଚର ଏବଂ ୨୯.୩% ଆବାଉଟ୍ ଟେକ୍ସଟ୍ ସାମ୍ନାକୁ ଆସିଥିଲା। ଏହି ଟେକ୍ସଟରେ ରାଜନୈତିକ ମତ, ଧର୍ମ ଏବଂ ଅନ୍ୟ ସୋସିଆଲ ମିଡିଆ ଲିଙ୍କ୍ ବି ଥିଲା । ଗବେଷକଙ୍କ କହିବାନୁସାରେ, ଏହି ୩୫୦ କୋଟି ୟୁଜରଙ୍କ ମଧ୍ୟରୁ ଭାରତରେ ସର୍ବାଧିକ ୭୪.୯ କୋଟି, ଇଣ୍ଡୋନେସିଆର ୨୩.୫ କୋଟି, ବ୍ରାଜିଲ୍‌ର ୨୦.୭ କୋଟି, ଆମେରିକାର ୧୩.୮ କୋଟି ଏବଂ ରୁଷର ୧୩.୩ କୋଟି ଆକାଉଣ୍ଟ ରହିଛି। ଏଥିରେ ୮୧% ଆଣ୍ଡ୍ରଏଡ୍ ଏବଂ ୧୯% ଆଇଓଏସ୍ ୟୁଜର ସାମିଲ ଅଛନ୍ତି । ଏହାବ୍ୟତୀତ ୯% ବିଜ୍‌ନେସ୍ ଆକାଉଣ୍ଟ ରହିଛି, ଯାହା ହ୍ୱାଟ୍ସ ଆପ୍ ବିଜ୍‌ନେସ୍ ଫିଚର ଦ୍ୱାରା ଅଧିକ ଡାଟା ସେୟାର କରିଥାନ୍ତି । ପଶ୍ଚିମ ଆଫ୍ରିକା ଭଳି ପ୍ରାନ୍ତରେ ୮୦% ପ୍ରୋଫାଇଲ ପବ୍ଲିକ୍ ଅଛି, ଯେଉଁଠି ମେସେଜିଂ ପାଇଁ ହ୍ୱାଟ୍ସଆପ୍ ହିଁ ବ୍ୟବହାର ହୋଇଥାଏ ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପେଟ୍ରୋଲ ଏବଂ ଡିଜେଲ ଦାମରେ ସାମାନ୍ୟ ପରିବର୍ତ୍ତନ । ଅଏଲ ମାର୍କେଟିଂ କମ୍ପାନୀମାନେ ଦେଶର ସମସ୍ତ ରାଜ୍ୟ ପାଇଁ ପେଟ୍ରୋଲ-ଡିଜେଲ ଦାମ୍ ଜାରି କରିଦେଇଛନ୍ତି । କିନ୍ତୁ ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇଛି । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି ।



## ଚାପ ପକାଇବାରେ ସଫଳ ହେଉଛନ୍ତି ଟ୍ରମ୍ପ

# ରୁଷରୁ ଅଶୋଧିତ ତୈଳ ଆମଦାନୀ ୬୬% କମିଲା

ନୂଆଦିଲ୍ଲୀ,୨୦।୧୧: ରୁଷକୁ ଆର୍ଥିକ ସ୍ତରରେ ଦୁର୍ବଳ କରିବା ପାଇଁ ଆମେରିକା ମସ୍କୋ ଠାରୁ ତେଲ କିଣୁଥିବା ସମସ୍ତ ଦେଶ ଉପରେ ଶୁଳ୍କ ଲଗାଇଛି। ଯେଉଁଥିରେ ଭାରତ ବି ରହିଛି। ଭାରତ ଉପରେ କେବଳ ଏଥିପାଇଁ ଅତିରିକ୍ତ ୨୫% ମୋଟ ୫୦% ଶୁଳ୍କ ଲଗାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଆଗକୁ ପୁଣି ୫୦୦% ଶୁଳ୍କ ଲଗାଇବାକୁ ଯୋଜନା ଚାଲିଛି। ଏ ନେଇ ଆମେରିକା। ସିନେଟରେ ପ୍ରସ୍ତାବ ମଧ୍ୟ ଆଗତ




ହୋଇ ସାରିଛି। ତେବେ ଭାରତ ଉପରେ ହାକିମାତି ଜାହିର କରିବାରେ ସଫଳ ହୋଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। କାରଣ ଭାରତ ବର୍ତ୍ତମାନ ବିକଶିତ ସ୍ତରରେ ରହିଛି। ତେଣୁ ଆମେରିକା ସହିତ ପଙ୍ଗା ନେବା ମହଙ୍ଗା ପଡ଼ିପାରେ। ଏଥିପାଇଁ ରଣନୈତିକ ସ୍ତରରେ ଭାରତ ରୁଷ ଠାରୁ ତେଲ କିଣିବା କମାଇ ଦେଇଛି। ସଦ୍ୟତମ ଡାଟା ଅନୁସାରେ, ନଭେମ୍ବରରେ ରୁଷର ଆସୁଥିବା ଅଶୋଧିତ ତୈଳର ପରିବହନରେ ୬୬% ହ୍ରାସ ଘଟିଛି। ଆମେରିକା ରୁଷର ଦୁଇଟି ବଡ଼ ତୈଳ କମ୍ପାନୀ ରୋସନେଫ୍ଟ ଏବଂ ଲୁକୋଏଲ ଉପରେ କଟକଣା ଲଗାଇଛି। ଯାହା ନଭେମ୍ବର ୨୧ ତାରିଖରେ ଲାଗୁ ହେବ। ଏଥିପ୍ରତି ଭାରତରେ ରିଫାଇନାରୀମାନେ ସତର୍କତା ଅବଲମ୍ବନ କରି ତୈଳ ଆମଦାନୀ କମାଇ ଦେଇଛନ୍ତି। ଫଳରେ ଟ୍ରମ୍ପ ତାଙ୍କ ଚାଲ୍‌ରେ ସଫଳ ହେଉଥିବା ଦେଖାଯାଉଛି। ବିଶ୍ୱସ୍ତରୀୟ ରିଅଲ୍-ଟାଇମ୍ ଡାଟା ଏବଂ ବିଶ୍ଳେଷଣ ତଥ୍ୟ ପ୍ରଦାନକାରୀ ସଂସ୍ଥା କେପ୍ଲ ଅନୁଯାୟୀ, ନଭେମ୍ବର ୧-୧୭ ମଧ୍ୟରେ ଭାରତ ରୁଷ ଠାରୁ ହାରାହାରି ପ୍ରତିଦିନ ୬୭୨,୦୦୦ ବ୍ୟାରେଲ (ବିପିଡି) ଅଶୋଧିତ ତୈଳ ଆମଦାନୀ କରିଥିଲା। ଏହା ଅକ୍ଟୋବରର ୧.୮୮ ନିୟୁତ ବିପିଡି ତୁଳନାରେ ବହୁତ କମ। କେପ୍ଲ ତଥ୍ୟ ନେଇ ଇଟି କରିଥିବା ରିପୋର୍ଟ ଆଧାରରେ ଟାଇମ୍ସ ଅଫ୍ ଇଣ୍ଡିଆ ଏହି ଖବର ଲେଖିଛି। ରିପୋର୍ଟ ଅନୁଯାୟୀ, ନଭେମ୍ବରରେ ସମସ୍ତ ପାର୍ଟନର୍ ଦେଶଗୁଡ଼ିକୁ ରୁଷର ସାମଗ୍ରିକ ତୈଳ ଯୋଗାଣ ୨୮% ହ୍ରାସ ପାଇ ୨.୭୮ ନିୟୁତ ବିପିଡି ହୋଇଛି। ଅନ୍ୟ ପ୍ରମୁଖ ଗ୍ରାହକ, ଚୀନ୍ ଏବଂ ତୁର୍କୀକୁ ମଧ୍ୟ ରୁଷୀୟ ଅଶୋଧିତ ତୈଳ ବିତରଣରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ଚୀନରୁ ରପ୍ତାନୀ ୪୭% ହ୍ରାସ ପାଇ ୬୨୪,୦୦୦ ବ୍ୟାପିଡି ହୋଇଥିବା ବେଳେ ତୁର୍କୀକୁ ରପ୍ତାନୀରେ ୮୭% ହ୍ରାସ ପାଇ ୪୩,୦୦୦ ବ୍ୟାପିଡି ହୋଇଛି। ଅକ୍ଟୋବର ମାସରେ, ଚୀନ୍, ଭାରତ ଏବଂ ତୁର୍କୀ ମିଳିତ ଭାବରେ ରୁଷର ପ୍ରାୟ ୯୦% ଅଶୋଧିତ ତୈଳ ଆମଦାନୀ କରିଥିଲେ। ରୁଷୀୟ ରପ୍ତାନୀ ସାଧାରଣତଃ ଭାରତରେ ପହଞ୍ଚିବା ପାଇଁ ଗୋଟିଏ ମାସ ସମୟ ଲାଗେ, ନଭେମ୍ବର ମାସର ଅଧିକାଂଶ ରପ୍ତାନୀ ଡିସେମ୍ବରରେ ପହଞ୍ଚିବ, ଯାହା ଆମେରିକାର ପ୍ରତିବନ୍ଧକ ସମୟ ନଭେମ୍ବର ୨୧କୁ ଟପିଯିବ।

## ଆଷ୍ଟ୍ରୋଲୋଜର ସ୍କାମ୍ ପେମେଣ୍ଟ ଲିଙ୍କ୍‌ରୁ ଖାଲି ହୋଇଯାଉଛି ବ୍ୟାଙ୍କ ବାଲାନ୍ସ

ନୂଆଦିଲ୍ଲୀ,୨୦।୧୧: ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେଶନ୍ ସେଣ୍ଟର ପକ୍ଷରୁ ସୋସିଆଲ ମିଡିଆରେ ଅନ୍ଲାଇନ୍ ଆଷ୍ଟ୍ରୋଲୋଜର ସ୍କାମ୍କୁ ନେଇ ସତର୍କ କରାଯାଇଛି। ସାଇବର ଅପରାଧୀମାନେ ନିଜକୁ ସାର୍ଟିଫାଏଡ୍ ଆଷ୍ଟ୍ରୋଲୋଜର ଦର୍ଶାଇ ଲୋକଙ୍କୁ ଫସାଉଛନ୍ତି । ମାଗଣା ପରାମର୍ଶ ମାଧ୍ୟମରେ ପ୍ରଥମେ ଲୋକଙ୍କ ଭରସା ଜିତୁଛନ୍ତି ଏବଂ ପରେ ଟଙ୍କା ଲୁଟୁଛନ୍ତି । ଜଣେ ପୀଡ଼ିତଙ୍କ କହିବାନୁସାରେ, ମାଗଣା ପରାମର୍ଶ ପରେ ଜଣେ ନକଲି ଜ୍ୟୋତିଷ ତାଙ୍କୁ ୧୦,୦୦୦ ଟଙ୍କା ମାଗିଥିଲେ । କିନ୍ତୁ ପେମେଣ୍ଟ ଲିଙ୍କ୍ରୁ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଖାଲି ହୋଇଯାଇଥିଲା। ସାଇବର କ୍ରାଇମ୍ କୋଅର୍ଡିନେଶନ୍ ସେଣ୍ଟର ପ୍ରକାଶ କରିଛି ଯେ, ବିଷାଦଗ୍ରସ୍ତ ଲୋକେ ତତ୍କାଳ ସମାଧାନ ସନ୍ଧାନରେ ଫସି ଯାଆନ୍ତି । ଏଥିପାଇଁ ସାବଧାନ ରହିବା ଜରୁରୀ । ଭାରତରେ ଆଷ୍ଟ୍ରୋଲୋଜି ବଜାର ଦ୍ରୁତ ବେଗରେ ବଢ଼ିଚାଲିଛି ।



## ଏଣିକି ଫୋନ କରି ଠକି ପାରିବେନି ଠକ



ନୂଆଦିଲ୍ଲୀ,୨୦।୧୧: ଜନସାଧାରଣଙ୍କ ସୁରକ୍ଷା ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛି । ଏବେ, ସମସ୍ତ ପ୍ରମୁଖ ବ୍ୟାଙ୍କ, ମ୍ୟୁଚୁଆଲ୍ ଫଣ୍ଡ କମ୍ପାନୀ, ଷ୍ଟକ୍ ମାର୍କେଟ ପ୍ରତିଷ୍ଠାନ ଏବଂ ପେନସନ୍ ସଂଗଠନଗୁଡ଼ିକ ସେମାନଙ୍କର ଗ୍ରାହକଙ୍କ କଲ୍ ପାଇଁ '୧୬୦୦' ରୁ ଆରମ୍ଭ ହେଉଥିବା ନମ୍ବର ବ୍ୟବହାର କରିବେ। ଏହି ନିୟମ ସାଧାରଣ ଲୋକଙ୍କ ପାଇଁ ସବୁଠାରୁ ଅଧିକ ଲାଭଦାୟକ ହେବ, କାରଣ କଲ୍ ପ୍ରକୃତରେ ବ୍ୟାଙ୍କରୁ ଆସିଛି କି ଠକମାନେ କଲ୍ କରୁଛନ୍ତି ତାହା ଚିହ୍ନଟ କରିବା ଏବେ ବହୁତ ସହଜ ହେବ। ଆଜିକାଲି, ଠକମାନେ ସାଧାରଣ ୧୦-ଅଙ୍କ ବିଶିଷ୍ଟ ମୋବାଇଲ୍ ନମ୍ବର ବ୍ୟବହାର କରି ଲୋକଙ୍କୁ କଲ୍ କରନ୍ତି, ବ୍ୟାଙ୍କ ଅଧିକାରୀ ଭାବରେ ନିଜକୁ ପରିଚୟ ଦିଅନ୍ତି ଏବଂ ନିରୀହ ଲୋକଙ୍କ ଓଟିପି, ୟୁପିଆଇ ପିନ୍ ଏବଂ ଅନ୍ୟାନ୍ୟ ଗୋପନୀୟ ସୂଚନା ହାସଲ କରି ଠକନ୍ତି। ଟିଆର୍ଏଆଇ ଏହି ନୂତନ ନିୟମକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବା ପାଇଁ ସମୟସୀମା ମଧ୍ୟ ସ୍ଥିର କରିଛି। ମ୍ୟୁଚୁଆଲ୍ ଫଣ୍ଡ ଏବଂ ସମ୍ପତ୍ତି ପରିଚାଳନା କମ୍ପାନୀଗୁଡ଼ିକୁ ଫେବୃଆରୀ ୧୫, ୨୦୨୬ ସୁଦ୍ଧା ୧୬୦୦ ନମ୍ବର ଗ୍ରହଣ କରିବାକୁ ପଡିବ, ଯେତେବେଳେ ବଡ଼ ଷ୍ଟକ୍ ବ୍ରୋକର ସଂସ୍ଥାମାନେ ମାର୍ଚ୍ଚ ୧୫, ୨୦୨୬ ସୁଦ୍ଧା ଏଥିରେ ସାମିଲ ହେବେ। ଏହା ବ୍ୟତୀତ, ସମସ୍ତ ପ୍ରମୁଖ ବ୍ୟାଙ୍କ, ସରକାରୀ, ଘରୋଇ କିମ୍ବା ବିଦେଶୀ, ଜାନୁଆରୀ ୧, ୨୦୨୬ ରୁ ୧୬୦୦ ନମ୍ବର ବ୍ୟବହାର କରିବାକୁ ପଡିବ। ବଡ଼ ଏନ୍‌ବିଏଫ୍‌ସି ଏବଂ ପେମେଣ୍ଟ ବ୍ୟାଙ୍କଗୁଡ଼ିକ ଫେବୃଆରୀ ସୁଦ୍ଧା ଯୋଗଦେବେ, ଏବଂ ସମସ୍ତ ଛୋଟ ପ୍ରତିଷ୍ଠାନ, ଯେପରିକି ସମବାୟ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ, ମାର୍ଚ୍ଚ ୨୦୨୬ ସୁଦ୍ଧା ଯୋଗଦେବେ। ପେନସନ୍ ସଂଗଠନଗୁଡ଼ିକୁ ମଧ୍ୟ ଫେବୃଆରୀ ୧୫, ୨୦୨୬ ସୁଦ୍ଧା ୧୬୦୦ ନମ୍ବର ଗ୍ରହଣ କରିବାକୁ ପଡିବ। ତଥାପି, ବୀମା କ୍ଷେତ୍ର ପାଇଁ ତାରିଖଗୁଡ଼ିକ ଏପର୍ଯ୍ୟନ୍ତ ଚୂଡ଼ାନ୍ତ କରାଯାଉଛି।

## ଆପଣଙ୍କ ସଞ୍ଚୟକୁ ଖାଇଯାଉଛି ପ୍ରତିଦିନର ଛୋଟ ଛୋଟ ଅନଲାଇନ୍ ପେମେଣ୍ଟ

ନୂଆଦିଲ୍ଲୀ,୨୦।୧୧: ଭାରତର ଡିଜିଟାଲ୍ ପେମେଣ୍ଟ ବିପ୍ଳବ ଏକ 'ଟ୍ୟାପ୍ ଇକୋନୋମି' ସୃଷ୍ଟି କରିଛି, ଯାହା ସଞ୍ଚୟରେ ଏକ ଅଦୃଶ୍ୟ କ୍ଷତି ଘଟାଉଛି। ପ୍ରତିଦିନ ଆମେ ପେଟିଏମ୍, ଫୋନ୍‌ପେ, ଏବଂ ଗୁଗଲ୍ ପେ ଭଳି ଡିଜିଟାଲ୍ ୱାଲେଟ୍ ମାଧ୍ୟମରେ ଚା' କପ୍, ରିକ୍ସା ଭଡ଼ା କିମ୍ବା ଆପ୍ ସବସ୍କ୍ରିପସନ୍ ପାଇଁ ସ୍ୱଳ୍ପ ପରିମାଣର ଅର୍ଥ ଦେଉଛୁ। ଏହି ଛୋଟ ଛୋଟ 'ମାଇକ୍ରୋ-ପେମେଣ୍ଟ' ଏତେ ସହଜ ହୋଇଯାଇଛି ଯେ ମାସ ଶେଷରେ ଏହା ଶହ ଶହ ବା ହଜାର ହଜାର ଟଙ୍କାରେ ପରିଣତ ହୋଇ ସଞ୍ଚୟକୁ ନିରବରେ କମାଇ ଦେଉଛି। ବ୍ୟବହାରିକ ଅର୍ଥନୀତିଜ୍ଞମାନଙ୍କ ମତରେ, ପାରମ୍ପରିକ ନଗଦ ଟଙ୍କା ଦେବାବେଳେ ଖର୍ଚ୍ଚର ଯେଉଁ 'ଯନ୍ତ୍ରଣା' ଅନୁଭୂତ ହେଉଥିଲା, ଡିଜିଟାଲ୍ ପେମେଣ୍ଟରେ ତାହା ନଥାଏ। ଫଳରେ




ଆତ୍ମ-ନିୟନ୍ତ୍ରଣ ଦୁର୍ବଳ ହୋଇଯାଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୬୮% ଉତ୍ତରଦାତା ଡିଜିଟାଲ୍ ୱାଲେଟ୍କୁ ଯିବା ପରେ ଅଧିକ ଖର୍ଚ୍ଚ କରୁଛନ୍ତି, ବିଶେଷକରି ସ୍ୱଳ୍ପ ମୂଲ୍ୟର ଜିନିଷ ଯଥା- ଅନ୍ଲାଇନ୍ ଖାଦ୍ୟ ଅର୍ଡର ଏବଂ ଓଟିଟି ରିନ୍ୟୁଆଲ୍ ଉପରେ। ପ୍ରତି ଛୋଟ ପେମେଣ୍ଟ 'ଡୋପାମାଇନ୍' ରିଲିଜ୍ କରି ଆନନ୍ଦ ଦେଉଛି, ଯାହା ଖର୍ଚ୍ଚର ଏକ ଅସରନ୍ତି ଅଭ୍ୟାସ ସୃଷ୍ଟି କରୁଛି। ଏହି କ୍ଷତିର ଅନ୍ୟ ଏକ ସ୍ତର ହେଉଛି 'ସବସ୍କ୍ରିପସନ୍ କ୍ରିପ୍' ବା ଗ୍ରାହକତା ବୃଦ୍ଧି। ନେଟଫ୍ଲିକ୍ସ, ଆମାଜନ ପ୍ରାଇମ, ଆପଲ୍ ମ୍ୟୁଜିକ୍, ସ୍ପଟିଫାଏ, ହଟଷ୍ଟାର ଭଳି ଅନେକ ଡିଜିଟାଲ୍ ସେବାର ମାସିକ ସବସ୍କ୍ରିପସନ୍ (ଯାହା ୪୯ କିମ୍ବା ୯୯ ଟଙ୍କାର ହୋଇପାରେ) ଅଟୋ-ଡେବିଟ୍ ମାଧ୍ୟମରେ ନିରବରେ କଟାଯାଏ। ୨୦୨୦ ପରଠାରୁ ଭାରତରେ ସବସ୍କ୍ରିପସନ୍ ଅର୍ଥନୀତି ପ୍ରତିବର୍ଷ ପ୍ରାୟ ୩୦% ବୃଦ୍ଧି ପାଇଛି। ଉପଭୋକ୍ତାମାନେ କେଉଁ ସବସ୍କ୍ରିପସନ୍ ବ୍ୟବହାର କରୁଛନ୍ତି ତାହା ଟ୍ରାକ୍ କରିବାକୁ ଭୁଲିଯାଆନ୍ତି। ଏହାକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) 'ମାଇଣ୍ଡଫୁଲ୍ ଡିଜିଟାଲ୍ ଉପଯୋଗ' ଉପରେ ଗୁରୁତ୍ୱ ଦେଇଛି। ଡିଜିଟାଲ୍ ସୁବିଧାକୁ ସଚେତନ ପସନ୍ଦ ସହିତ ଯୋଡ଼ିବା ଆବଶ୍ୟକ।

## ପେରୁଆଭାଡ଼ି ଜଳଉତ୍ସ ଉପରେ ପାଉଁଶ ପୋତାକୁ ଅଞ୍ଚଳବାସୀଙ୍କ ଘୋର ବିରୋଧ



**ସୁନ୍ଦରଗଡ଼,୨୦।୧୧ (ସଂଚାର ବ୍ୟୁରୋ):** ସବଡେଗା ବ୍ଲକ ଡ଼ମକୁଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପେରୁଆଭାଡି ନିକଟରେ ଏକ ପଥର କ୍ୱାରୀ ଅଛି । ଯେଉଁ ସମୟରେ ସମ୍ବଲପୁର ଠାରୁ ରାଉରକେଲା ରାସ୍ତା ତିଆରି ହେଲା ସେହି ସମୟରେ ଉକ୍ତ ପଥର କ୍ୱାରୀ ଠାରୁ ଏଲ୍ ଏନ୍ ଟି କମ୍ପାନୀ ଚିପ୍ସ ତିଆରି କରି ରାସ୍ତା କାମ କରିଥିଲେ । ସେଠାରେ ୨/୩ ଜାଗାରେ ଅନବରତ ଝରଣା ପାଣି ବାହାରି ପଥର କ୍ୱାରୀରେ ପାଣି ଭର୍ତ୍ତି ହୋଇଛି । ଅଞ୍ଚଳର ଲୋକମାନେ ଗାଧୋଇବା ପାଇଁ ବ୍ୟବହାର କରିବା ସହିତ ନିଜ ଚାଷ ଜମି ପାଇଁ ମଧ୍ୟ ବ୍ୟବହାର କରି ଆସୁଛନ୍ତି । ଏପରିକି ଅନେକ ଗାଈ ଗୋରୁ, ବନ୍ୟଜନ୍ତୁ ମଧ୍ୟ ପ୍ରତ୍ୟେକ ଦିନ ପାଣି ବ୍ୟବହାର କରୁଛନ୍ତି । ହେଲେ କିଛି ଦିନ ହେଲା ବେଦାନ୍ତ କମ୍ପାନୀରୁ ବାହାରୁ ଥିବା ପାଉଁଶ ଗୁଣ୍ଡ ସବୁ ଏହି ଗଭୀର ଜଳଉତ୍ସକୁ ପୋତି ଦେବା ମସୁଧା ଚଳାଇଛି ବୋଲି ଅନେକ ବ୍ୟକ୍ତି ପ୍ରତିକ୍ରିୟା ଦେଇ ଥିଲେ । ପାଉଁଶ ଗୁଣ୍ଡ ପୋତିଦେଲେ ଚାଷ ଜମି ସବୁ ନଷ୍ଟ ହେବା ସହିତ ଲୋକ ମାନେ ମଧ୍ୟ ଘୋର ଅସୁବିଧାର ସମ୍ମୁଖିନ ହେବେ । ଏଣୁ ଏଠାରେ ପାଉଁଶ ଗୁଣ୍ଡ ପୋତିବା ପାଇଁ ପ୍ରଶାସନକୁ ଘୋର ବିରୋଦ୍ଧ କରୁଛୁ ବୋଲି କହିଥିଲେ ।

### ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୬୮୭ ପଞ୍ଜୀକୃତ

# ବିଡିଓଙ୍କ ମନମୁଖୀ, ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅବ୍ୟବସ୍ଥା





**ଧାମନଗର,୨୦।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୁଲ୍ୟରେ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଓ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଧୁନିକ ସମାଜରେ ଦିବ୍ୟାଙ୍ଗ ମାନଙ୍କୁ ଅଧିକ ଯତ୍ନ ନେବା ଆବଶ୍ୟକ।ସେମାନଙ୍କ ଉପଯୁକ୍ତ ଚିକିତ୍ସା ସହ ଆର୍ଥିକ କ୍ଷେତ୍ରରେ ବିକାଶ କରିବା ନେଇ ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ଅନୁଷ୍ଠିତ ଭିମୋଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିରରେ ଉପସ୍ଥିତ ଅତିଥି ମାନେ କହିଥିଲେ। ସାଂସଦଙ୍କ ନଗର ପ୍ରତିନିଧି ସରୋଜ କୁମାର ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣ, ନଗର ପ୍ରତିନିଧି କୈଳାଶ ମହାପାତ୍ର, ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନ୍ ଏ ସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ, ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ପ୍ରତାପ ସାମଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ଦିନ୍ଦା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଶିବିରରେ ବିଭିନ୍ନ ଅଞ୍ଚଳରୁ ୬୮୭ ଜଣ ଦିବ୍ୟାଂଗ ପଞ୍ଜୀକରଣ କରାଯାଇ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ପରେ ସେମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ମୁଖ୍ୟ ପରିଚାଳନା ଦାୟୀତ୍ୱରେ ଥିବା ଧାମନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ଦିନ୍ଦାଙ୍କ ମନମୁଖୀ ଓ ବେପରୁଆ ମନୋଭାବ ଯୋଗୁଁ ଏହି ଶିବିରରେ ଘୋର ଅବ୍ୟବସ୍ଥା ନେଇ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ସଠିକ ପରିଚଳନା କରାଯାଇ ନଥିବା ବେଳେ ଭିନ୍ନକ୍ଷମ ମାନେ ଖରାରେ ଘୁଷୁରି ଘୁଷୁରି ପଞ୍ଜିକରଣ କରୁଥିବା ଦେଖା ଯାଇଥିଲା। ପୂର୍ବରୁ ଅନଲାଇନ କରିଥିବା ଭିନ୍ନକ୍ଷମଙ୍କୁ ପଞ୍ଜିକରଣ ସୁବିଧା ଦିଆଯିବାକୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପ୍ରତିଶ୍ରୁତି ଦେଇଥିବା ବେଳେ ସେମାନଙ୍କୁ ପଞ୍ଜିକରଣ କରାଯାଇ ନଥିଲା। ଯାହା ଫଳରେ ବହୁ ଭିନ୍ନକ୍ଷମ ନିରାଶ ହୋଇ ଖରାରେ ଘରକୁ ଫେରିଥିଲେ। ଚଞ୍ଚକତା ପୂର୍ବକ ବଡବଡିଆଙ୍କୁ ଭିତିରି ଖବର ଦିଆଯାଇ ଥିବା କାରଣରୁ ନାମିଦାମୀ ଗାଡ଼ିରେ କିଛି ବଡ଼ ବଡିଆ ବାବୁ ଭିନ୍ନକ୍ଷମ ଶିବିରକୁ ଆସିଥିବା ଦେଖାଯାଇଥିଲା। ଏପରିକି ଖରାରେ ଧାଡ଼ିରେ ଠିଆ ହେଇଥିବା ଦିବ୍ୟାଙ୍ଗ ମାନଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇ ନଥିବା ବେଳେ ଅତି ସମ୍ବେଦନ୍ ଶିଳ ଦିବ୍ୟାଙ୍ଗ୍ ମାନଙ୍କୁ ହ୍ୱିଲ ଚେୟାର ଯୋଗାଇ ନଦେବା ହେତୁ ଘୋର ଅସନ୍ତୋଷ ଦେଖାଯାଇଥିଲା।

## ପରିବହନ ବିଭାଗ ପକ୍ଷରୁ ଶୂନ୍ୟ ମୃତାହତ ପକ୍ଷ ପାଳିତ



**ଯାଜପୁର ରୋଡ଼, ୨୦।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପରିବହନ ବିଭାଗର ନିର୍ଦ୍ଦେଶକ୍ରମେ ନଭେମ୍ବର ମାସ ୩୦ତାରିଖ ପର୍ଯ୍ୟନ୍ତ ସବୁ ଜିଲ୍ଲାରେ ମୃତାହତ ପକ୍ଷ ପାଳିତ ହେଉଛି। ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଧୀରେନ୍ଦ୍ର କୁମାର ନାୟକ'ଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ମୋଟର ଯାନ ନିରୀକ୍ଷକ ପ୍ରଦୀପ କୁମାର ବେହେରା'ଙ୍କ ନେତୃତ୍ୱରେ କୋରେଇ ବ୍ଲକ ରଗଡ଼ି ସ୍ଥିତ ଗମେଂଟ ପଲିଟେକନିକ ଠାରେ ଛାତ୍ର, ଛାତ୍ରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଗାଡି ଚଳାଇବା ସମୟରେ ଟ୍ରାଫିକର ନିୟମକୁ ମାନିବା, ୧୮ବର୍ଷରୁ କମ ପିଲାଙ୍କୁ ଗାଡି ନଚଳାଇବା, ହେଲମେଂଟ ବ୍ୟବହାର କରିବା ସହିତ ନିଜେ ସଚେତନ ହେଲେ ଦୁର୍ଘଟଣାକୁ ରୋକିପାରିବା ବୋଲି ସୂଚନା ଦେଇ ପିଲାମାନଙ୍କୁ ଏମ.ଭି.ଆଇ ପ୍ରଦୀପ ବେହେରା ପରାମର୍ଶ ଦେଇଥିଲେ। ଏଥିସହିତ କଲେଜକୁ ବାଇକ ଚଳାଇ ଆସୁଥିବା ପିଲାମାନଙ୍କୁ ପରିବହନ ବିଭାଗ ତରଫରୁ ହେଲମେଂଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କଲେଜର ଅଧକ୍ଷ ଅଭୟ କୁମାର ମଲିକ, ଅଧ୍ୟାପକ ପ୍ରଭୁଦତ୍ ମିଶ୍ର, ସାରଦା କୁମାର ନାୟକ ଓ ସୁଶ୍ରୀ ସୌରଭି ରାଉତ ପ୍ରମୁଖ ସହଯୋଗ କରିଥିବା ବେଳେ ପରିବହନ ବିଭାଗ ତରଫରୁ ସହକାରୀ ପରିବହନ ଅଧିକାରୀ ନିଉଟନ ଦାସ, ଜୁନିଅର ଏମଭିଆଇ ପ୍ରତିଶ୍ରୁତି ମଲିକ ପ୍ରମୁଖ ଉପସ୍ଥିତ ରହିଥିଲେ। ପାଖାପାଖି ୨୫୦ ଛାତ୍ର, ଛାତ୍ରୀ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ନେଇ ଆସିଷ୍ଟାଣ୍ଟ ଏମ.ଭି.ଆଇ ଶ୍ରୀ ବେହେରା ସୂଚନା ଦେଇଥିଲେ।

## ଗୋଚାଲାଣ ଉପରେ ଚଢ଼ାଉ, ୧୮୦ ବଳଦ ଉଦ୍ଧାର, ୩ ଅଟକ

**କୁତ୍ରା,୨୦।୧୧(ସଂଚାର ବ୍ୟୁରୋ):** ସୁନ୍ଦରଗଡ ଜିଲ୍ଲା କୁତ୍ରା ବସ୍ ଷ୍ଟାଣ୍ଡ ନିକଟ ବିଜୁ ଏକ୍ସପ୍ରେସ ୱେ ଉପରେ ହେଉଥିଲା ବେଆଇନ ଗୋଚାଲାଣ । ମାଡ଼ିବସିଲା ପୁଲିସ। ଅତର୍କିତ ଚଢ଼ାଉ କରି ୧୮୦ଟି ବଳଦଙ୍କୁ ଉଦ୍ଧାର କରିଥିବା ବେଳେ ୩ ଜଣ ଚାଲାଣକାରୀଙ୍କୁ ଅଟକ ରଖିଛି ପୁଲିସ। ସୂଚନା ମୁତାବକ, କୁତ୍ରା ବ୍ଲକ ଅନ୍ତର୍ଗତ ଖିତକୁରବାହାଲ ଗ୍ରାମର ନିୟମିତ ଭାବେ କିଛି ଗୋ ବ୍ୟବସାୟୀ ବେଆଇନ ଗୋ ଚାଲାଣ କରିଆସୁଛନ୍ତି । ବୁଧବାର ସମ୍ବଲପୁର ଜିଲ୍ଲା ଝରିଆ ବାହାଲ ଗୋ ହାଟରୁ ବହୁ ସଂଖ୍ୟାରେ ବଳଦ କିଣି ରାସ୍ତାରେ ଚଲେଇ ଚଲେଇ ଖିତକୁରବାହାଲ ଗ୍ରାମକୁ ନେଉଥିଲେ। ଏସମ୍ପର୍କରେ ଖବର ପାଇ କୁତ୍ରା ବସ୍ ଷ୍ଟାଣ୍ଡ ନିକଟରେ କୁତ୍ରା ପୁଲିସ ଭୋର ୩ଟା ସମୟରେ ଅତର୍କିତ ଭାବେ ଚଢ଼ାଉ କରିଥିଲା। ସେଠାରୁ ଚାଲାଣ ହେଉଥିବା ୧୮୦ ଟି ବଳଦଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ଏହି ଚାଲାଣ କାର୍ଯ୍ୟରେ ନିୟୋଜିତ ୩ ଜଣଙ୍କୁ ପୁଲିସ ଧରିବା ପାଇଁ ସକ୍ଷମ ହୋଇଥିବା ବେଳେ ପ୍ରାୟ ୧୦ ଜଣ ସେଠାରୁ ଦୌଡ଼ି ପଳାଇଥିଲେ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ



**ବୋରିଗୁମ୍ମା,୨୦।୧୧ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଚାଲାଣଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା।ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରାଧାଶ୍ୟାମ ସାହୁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବିଜ୍ଞାନ ମେଳା ରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ରେ ପଞ୍ଚମ ଶ୍ରେଣୀ ରୁ ଦଶମ ଶ୍ରେଣୀ ର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ମେଳା ରେ ମୋଟ ୫୮ ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା।ଶକ୍ତି ସଂରକ୍ଷଣ, ଗଣିତ ପ୍ରକଳ୍ପ, ପରିବେଶ ସୁରକ୍ଷା, ଖାଦ୍ୟ ସଂରକ୍ଷଣ, ମହାକାଶ ଗବେଷଣା ଭଳି ପ୍ରମୁଖ ପ୍ରକଳ୍ପ ବିଜ୍ଞାନ ମେଳା ରେ ସ୍ଥାନ ପାଇଥିଲା।ବିଚାରକ ଭାବେ ଉଷା ବିଶୋଇ ଓ ଶଙ୍କର ଷଡଙ୍ଗୀ ଯୋଗ ଦେଇଥିଲେ।ମୁଖ୍ୟ ଅତିଥି ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ପ୍ରକଳ୍ପ ଗୁଡ଼ିକ ବୁଲି ଦେଖିଥିଲେ। ଏହି ପରିପ୍ରେକ୍ଷୀରେ ନେସନାଲ ହାଇୱେ ଅଥରଟି ଅଫ ଇଣ୍ଡିଆ ପକ୍ଷରୁ ଏଚଜି ଇନଫ୍ରା ଇଂଜିନିୟରିଂ ଲିମିଟେଡ଼ କମ୍ପାନୀ ପକ୍ଷରୁ ଚାଲାଣଗୁଡା ଉଚ୍ଚ ବିଦ୍ୟାଳୟ ର ନବମ ଓ ଦଶମ ଶ୍ରେଣୀର ୫୯ ଛାତ୍ରୀ ଙ୍କୁ ସାଇକେଲ ବଣ୍ଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡ଼ିଓ ଶ୍ରୀ ପଟ୍ଟନାୟକ ଯୋଗ ଦେଇ ଛାତ୍ରୀ ମାନଙ୍କୁ ସାଇକେଲ ବଣ୍ଟନ କରିଥିଲେ। ଏଚ ଜି କମ୍ପାନୀ ପକ୍ଷରୁ କୁମ ସିଂ, ଗୁଲସନ କୁମାର, ଉମାକାନ୍ତ ନାୟକ, ସେମ ଅଖତର ଯୋଗ ଦେଇଥିଲେ।ବିଜ୍ଞାନ ମେଳା ରେ ଆଲୁମିନି ପ୍ରେସିଡେଣ୍ଟ ଫରିଆଦ ଖାନ,ବିଜ୍ଞାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାହୁ,ପ୍ରତିଭା ପଟ୍ଟନାୟକ, ସୁନି ବିଶୋଇ ସମେତ ବିଦ୍ୟାଳୟ ର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

● ପାଠପଢ଼ାରେ ବାଧକ ନ ସାଜୁ ଦୃଷ୍ଟିଶକ୍ତି

## ୨୮୦ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

**ଦାରିଙ୍ଗବାଡ଼ି,୨୦।୧୧ (ସଂଚାର ବ୍ୟୁରୋ):** ଶିକ୍ଷାର ବିକାଶ ଓ ଛାତ୍ରୀଛାତ୍ରଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କରାଯାଉଛି। ଏହି କ୍ରମରେ ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ କୌଣସି ସମସ୍ୟା ନ ଉପୁଜିବା ପାଇଁ ବିଶେଷ କରି ଅଧ୍ୟୟନ ବେଳେ ଦୃଷ୍ଟିଶକ୍ତି ବାଧକ ନ ସାଜିବା ପାଇଁ ବଡ଼ ପଦକ୍ଷେପ ନିଆଯାଇଛି। ନିୟମିତ ଶିବିରର ଆୟୋଜନ କରାଯାଇ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକ ସ୍ଥଳେ ଦୃଷ୍ଟିବାଧକ ରହିଥିବା ଛାତ୍ରୀଛାତ୍ର ଆବଶ୍ୟକ ମାଗଣା ଚଷମା, ଔଷଧ ଓ ଚିକିତ୍ସା ଯୋଗାଇଦିଆଯାଉଛି।

**୨୦୨୩ରେ ନାବାଳିକାଙ୍କୁ ଉଠାଇ ନେଇଥିଲେ ଯୁବକ**

## ଅଭିଯୁକ୍ତକୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ

**ଜୟପାଟଣା,୨୦।୧୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ଗତ ୨୦୨୩ ମସିହାରେ ହୋଇଥିବା ଜଣେ ନାବାଳିକାଙ୍କୁ ଅପହରଣ ଓ ଯୌନ ନିର୍ଯାତନା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଭବାନୀପାଟଣାସ୍ଥିତ ଜିଲା ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ରାଜୀବ ଲୋଚନ ସାହୁ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଏହି ମାମଲାରେ ଜୟପାଟଣା ଥାନା ମୁଖୀଗୁଡ଼ା ସେକ୍ଟର ୩ର ରଞ୍ଜନ ଦଲେଇ(୨୭) ଓରଫ ବାବନଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ସେହିପରି ଜରିମାନା ଅନାଦେୟ ହେଲେ ଆହୁରି ୬ ମାସ ଅଧିକ ଜେଲ୍ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି।

## ମହାନଦୀ ନେତ୍ର ଚିକିତ୍ସାଳୟର ସମସ୍ୟା ଓ ସମାଧାନ ପାଇଁ ବୈଠକ



**ସୁବର୍ଣ୍ଣପୁର,୨୦।୧୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ପରିସରରେ ବୁଧବାର ସଂଧ୍ୟା ୬ଘଣ୍ଟା ସମୟରେ ଏକ ଜରୁରୀ ବୈଠକ ଅନୁଷ୍ଠାନ ର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ଅଲ୍ ଇଣ୍ଡିଆ ଲେପ୍ରା ସୋସାଇଟି ମୁଖ୍ୟ ପ୍ରଶାନ୍ତ କୁମାର ନାୟକ ଯୋଗଦେଇ ମହାନଦୀ ନେତ୍ର ଚିକିତ୍ସାଳୟ,ପଣ୍ଡାପାଲି ଠାରେ ସର୍ବସାଧାରଣଙ୍କ ପାଇଁ ମିଳୁଥିବା ସମସ୍ତ ସୁବିଧା ସୁଯୋଗ ସହିତ ଏହାର ବିକାଶ ଓ ଉନ୍ନତିରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଚିକିତ୍ସାଳୟର ବିଭିନ୍ନ ବିଭାଗ ରେ ଥିବା ସମସ୍ୟା ଓ ଏହାର ନିରାକରଣ ସଂପର୍କରେ ବିଭିନ୍ନ ଆଳାପ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଅନୁଷ୍ଠାନର ଉପସଭାପତି ସୌମିତ୍ରୀ ମେହେର, ସଂପାଦକ ସନ୍ତୋଷ ଷଡ଼ଙ୍ଗୀ, ବାସୁଦେବ ପଣ୍ଡା,ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା,ସତ୍ୟ ନାରାୟଣ ନାୟକ, ଜ୍ଞାନେନ୍ଦ୍ର ତ୍ରିପାଠୀ,ଚମରା ମହାକୁର,ଏମ୍ ଏନ୍ ସି ର ଗୋପାଳା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ପନିପରିବା ଦର ଆକାଶଛୁଆଁ

# ୫୦୦ଟଙ୍କାରେ ବ୍ୟାଗ ପୂରୁନି, ଖାଉଟି ଚିନ୍ତାରେ



**ଧାମନଗର,୨୦।୧୧ (ସଂଚାର ବ୍ୟୁରୋ):** ଧାମନଗର ସହରାଞ୍ଚଳରେ ପ୍ରତ୍ୟେକ ଦିନ ହାଟ ବଜାରରେ ପନୀପରିବା ବିକ୍ରି ହେଉଥିବା ବେଳେ ସପ୍ତାହରେ ରବିବାର ଓ ବୁଧବାର ଦୁଇ ଥରେ ପରିବାର ହାଟ ବସିଥାଏ। ହେଲେ ଦିନକୁ ଦିନ ଯେପରି ଭାବରେ ଦରଦାମ ବୃଦ୍ଧି ପାଇବାରେ ଲାଗିଛି ତାକୁ ନେଇ ଗରିବ ଓ ମଧ୍ୟମ ଶ୍ରେଣୀର ଲୋକମାନେ ଚଳିବା କଷ୍ଟକର ହୋଇପଡ଼ିଛି। ଅତ୍ୟଧିକ ଦରଦାମ ବୃଦ୍ଧି ପାଇବା ଯୋଗୁଁ ରାସନ ସାମଗ୍ରୀ ଓ ପନିପରିବା କିଣିବା ସେମାନଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି। ଚାଉଳ, ଡାଲି, ତେଲ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦର ଅହେତୁକ ବୃଦ୍ଧି ପାଇଥିବା ବେଳେ ପନିପରିବା ଦର ନକହିଲେ ଭଲ। ତେବେ ଭର୍ତ୍ତି ହେଉନାହିଁ ଖାଉଟି ଚିନ୍ତାରେ। ଶୀତଦିନେ ପରିବା ଶସ୍ତାରେ ମିଳେ ବୋଲି ପିଲାବେଳେ ଶୁଣୁଥିଲେ। କିନ୍ତୁ ଆଜି ହାଟରେ ଫୁଲ କୋବି ୮୦, କ୍ୟାପ୍ସିକମ ୧୦୦, ଓଲକୋବି ୮୦, ପୋଟଳ ୮୦, କାଙ୍କଡ ୧୪୦, ଟମାଟୋ୫୦, କଞ୍ଚା କଦଳୀ ବଡ଼ ଗୋଟା ୧୦, ବାଇଗଣ ୮୦, ବିନ୍ସ ୧୦୦, ଲଙ୍କା ୧୫୦, କାକୁଡି ୭୦, ବିଟ ୬୦, ଗାଜର ୮୦, ଦେଶୀ ଆଳୁ ୬୦, ଭଣ୍ଡା ୩୦, ପତ୍ର କୋବି ୪୦, ସାରୁ ୫୦, ପିଆଜ ୩୦, ଆଳୁ ୨୫, କଲରା ୭୦, ଭେଣ୍ଡି ୯୦, କନ୍ଦମୂଳ ୬୦, କୁନ୍ଦୁରି ୪୦, କଖାରୁ ୩୦, ଶିମ୍ବ ୮୦, ଜହ୍ନି ୮୦, ସଜନା ଛୁଇଁ ୧୬୦, ଧନିଆ ପତ୍ର ବିଡା ୧୦, କୋସଳା ଶାଗ ବିଡା ୧୦, ମୂଳା ଗୋଟା୧୦ ଆଜି ଆକାଶ ଛୁଆଁ ହୋଇଥିବା ବେଳେ ସାଧାରଣ ଲୋକଙ୍କ ଚଳିବା ମୁସ୍କିଲ ହୋଇପଡ଼ିଛି। ସେପଟେ କେନ୍ଦ୍ର ଓ ରାଜ୍ୟ ସରକାର ଦ୍ୱାରା ଦରଦାମ ନିୟନ୍ତ୍ରଣ ପ୍ରତି ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ଯାହାକୁ ନେଇ ଖାଉଟିଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି।

## ବାଲି ବ୍ୟବସାୟୀ ପ୍ରଦୀପଙ୍କ ଘରେ ଇଡିର ଚଢ଼ାଉ



**ବୈଶିଙ୍ଗା,୨୦।୧୧ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ଅଧୀନ ବଡ଼ସାହି ତହସିଲରେ ହୋଇଥିବା ବହୁ ଚର୍ଚ୍ଚିତ ବେଆଇନ ବାଲି ଉତ୍ତୋଳନ ମାମଲାରେ ଛନ୍ଦି ହୋଇଥିବା ବୈଶିଙ୍ଗା ଥାନା ଅଧୀନ ଡାହିସାହି ଅଞ୍ଚଳର ପ୍ରଦୀପ ବିନ୍ଧାଣିଙ୍କ ଘରେ ଗୁରୁବାର ଦିନ ତମାମ ଇଡି ଚଢ଼ାଉ କରିଛି। ବାଲି ଲିଜଧାରୀ ପ୍ରଦିପ ବିନ୍ଧାଣିଙ୍କ ଘର ସମେତ ତାଙ୍କର ଥିବା ଦୁଇଟି ଦେଶୀ ମଦଭାଟି ରେ ମଧ୍ୟ ଚଢ଼ାଉ କରାଯାଇ ଯାଞ୍ଚ କରାଯାଉଛି। ପୂର୍ବରୁ ମୟୁରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍ ରେ ପ୍ରଦିପ ବିନ୍ଧାଣି ଏକ ବାଲି ସୈରାତକୁ ଲିଜ ଆକାରରେ ସରକାରଙ୍କ ଠାରୁ ନେଇ ବ୍ୟବସାୟ କରୁଥିଲେ।ତେବେ ପରବର୍ତ୍ତୀ ମୁହୁର୍ତ୍ତ ରେ ନେଇଥିବା ଲିଜ ଅନୁପାତ ଠାରୁ ଜଥେଷ୍ଟ ଅଧିକ ପରିମାଣରେ ବାଲି ଉତ୍ତୋଳନ ହୋଇଥିବା ନେଇ ଜାତୀୟ ଗ୍ରିନ ଟ୍ରିବ୍ୟୁନାଲ ରେ ଏକ ମାମଲା ରୁଜ୍ଜୁ କରାଯାଇଥିଲା।ଜାତୀୟ ଗ୍ରିନ ଟ୍ରିବ୍ୟୁନାଲ ଲିଜଧାରୀ ପ୍ରଦିପ ବିନ୍ଧାଣି ଙ୍କୁ ୧୮ କୋଟି ଟଙ୍କା ର ଫାଇନ ଆଦାୟ ପାଇଁ ଜିଲ୍ଲାପାଳ ଙ୍କୁ ନିର୍ଦ୍ଦେଶ ଦେଇଥିଲା।ତେବେ ଲିଜଧାରୀ ପ୍ରଦିପ ବିନ୍ଧାଣି ଏକ ନେଇ କୋର୍ଟ ର ଆଶ୍ରୟ ନେଇଥିଲେ। ମାମଲା ମାନ୍ୟବର ସୁପ୍ରିମ୍ କୋର୍ଟ ପର୍ଯ୍ୟନ୍ତ ଯାଇଥିଲା। କୋର୍ଟ ଙ୍କ ନିର୍ଦ୍ଦେଶ ଅନୁଯାଇ ଆଜି ଇଡି ର ଚଢ଼ାଉ ପରେ ଏହି ଫାଇଲ ଖୋଲିଥିବା ନେଇ ଚର୍ଚ୍ଚା ହେଉଅଛି। ପ୍ରକାଶ ଥାଉ କି ଏହି ବହୁଚର୍ଚ୍ଚିତ ବେଆଇନ ବାଲି ଉତ୍ତୋଳନ ମାମଲାରେ ତତ୍କାଳୀନ ବଡ଼ସାହି ତହସିଲଦାର ନିଲମ୍ବିତ ହୋଇଥିଲେ। ତେବେ ଇଡି ପକ୍ଷରୁ ଚଢ଼ାଉ ଜାରିରହିଥିବାରୁ ଏବାବଦରେ ସ୍ପଷ୍ଟ ସୂଚନା ମିଳିପାରିନାହିଁ।

## ୨୩ରେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ

**ବେତନଟୀ,୨୦।୧୧(ସଂଚାର ବ୍ୟୁରୋ):** ସର୍ବ ବୃହତ ମୟୁରଭଞ୍ଜ ଜିଲ୍ଲାର ସର୍ବ ପୁରାତନ ସଙ୍ଘର ବାର୍ଷିକ ଉତ୍ସବ ଚଳିତ ମାସ ୨୩ ତାରିଖ ରବିବାରରେ ଅନୁଷ୍ଠିତ ହେବବୋଲି ସ୍ଥିର ହୋଇଛି। ୧୬ ତାରିଖ ଜାତୀୟ ପ୍ରେସ ଦିବସ ପାଳନର ପରବର୍ତ୍ତୀ ରବିବାର ଜିଲ୍ଲା ସ୍ତରୀୟ ସାମ୍ବାଦିକ ମାନଙ୍କର ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଡାକ ବଙ୍ଗଳା ପରିସରରେ ଜିଲ୍ଲା ସଭାପତି ଅରୁଣ କୁମାର ଓତା ଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ରୟାଲ ବଗିଚା ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହେବ, ଏଥିରେ କେତେକ ପ୍ରଶାନିକ ଅଧିକାରୀ, ବରିଷ୍ଠ ସାମ୍ବାଦିକ ଅତିଥି ଭାବେ ଯୋଗ ଦେବା ନିମନ୍ତେ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ଜିଲ୍ଲା ତଥା ଜିଲ୍ଲା ବାହାରୁ ପ୍ରାୟ ଦୁଇଶହ ରୁ ଉର୍ଦ୍ଧ୍ୱ ସାମ୍ବାଦିକ ବନ୍ଧୁ ଯୋଗଦେବେ ବୋଲି ଜଣାଯାଇଛି,। ଅତିଥିଙ୍କୁ କିଭଳି ସମ୍ମାନିତ କରାଯିବ ସେ ସମ୍ପର୍କ ରେ ଆଲୋଚନା କରାଯାଇଥିଲା।

## ମେଧାବୀ ଛାତ୍ରୀକୁ ପ୍ରୋତ୍ସାହନର ହାତ ବଢ଼ାଇଲା ରୋଟାରୀ କ୍ଲବ

**ନୟାଗଡ଼,୨୦।୧୧(ସଂଚାର ବ୍ୟୁରୋ):** ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଇକୋନୋମିକ୍ସ ବିଭାଗର ଦ୍ୱିତୀୟ ବର୍ଷ ମେଧାବୀ ଛାତ୍ରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଛି ନୟାଗଡ଼ ରୋଟାରୀ କ୍ଲବ୍। ଆଜି ରୋଟାରୀ କ୍ଲବର ସଭାପତି ବସିରନ ବିବି, ରୋଟାରୀ କ୍ଲବ ଉପସଭାପତି ମଦନ ମୋହନ ମହାପାତ୍ର ଏବଂ ସଂପାଦକ ଅବିନାଶ ସାହୁ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଗସ୍ତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ ବିହାରୀ ପଟ୍ଟନାୟକଙ୍କୁ ସାକ୍ଷାତ କରି ସବିଶେଷ ଆଲୋଚନା କରିବା ସହ ଦ୍ୱିତୀୟ ବର୍ଷର ମେଧାବୀ ଛାତ୍ରୀ ରଶ୍ମିତା ପରିଡ଼ାଙ୍କୁ ୧୦ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ସୂଚନାନୁସାରେ, ମେଧାବୀ ଛାତ୍ରୀ ରଶ୍ମିତାଙ୍କ ବାପାଙ୍କ ଦେହାନ୍ତ ହେବା ପରେ ପାଠପଢ଼ା ଖର୍ଚ୍ଚ ପାଇଁ ବିଭିନ୍ନ ପ୍ରକାରର ଅସୁବିଧା ସୃଷ୍ଟି ହୋଇଥିଲା ହେଉଥିଲା। ଉକ୍ତ ଖବରଟି ରୋଟାରୀ କ୍ଲବ୍ ପାଖରେ ପହଞ୍ଚିବା କ୍ଷଣି ରୋଟାରୀ କ୍ଲବ୍ ପ୍ରୋତ୍ସାହନ ରାଶିର ହାତ ବଢ଼ାଇଥିଲେ। ଏବଂ ଆଗାମୀ ଦିନରେ ରଶ୍ମିତାଙ୍କ ପାଠପଢ଼ା ର ଦାୟିତ୍ୱ ରୋଟାରୀ କ୍ଲବ୍ ନେବା ପାଇଁ ପ୍ରସ୍ତୁତ ଅଛି ବୋଲି ସଭାପତି ବସିରନ ବିବି ସୂଚନା ଦେଇଛନ୍ତି। ଛାତ୍ରୀଙ୍କୁ ପ୍ରୋତ୍ସାହନର ହାତ ବଢ଼ାଇବା ସମୟରେ ଅଧ୍ୟାପକ ଦିଲ୍ଲୀପ ମିଶ୍ର, ଆଶୁତୋଷ ମିଶ୍ର ଉପସ୍ଥିତ ଥିଲେ ଏବଂ ରୋଟାରୀ କ୍ଲବର ଏହି ଛୋଟିଆ ପ୍ରୟାସକୁ ଅଧ୍ୟକ୍ଷ, ଅଧ୍ୟାପକ/ଅଧ୍ୟାପିକା ଓ ଶୁଭେଚ୍ଛୁ ମାନେ ପ୍ରସଂଶା କରିଥିଲେ।

## ଅବସରପ୍ରାପ୍ତ ବ୍ଲକ୍ ଗ୍ରାଣ୍ଡ ଶିକ୍ଷକ ଓ କର୍ମଚାରୀମାନଙ୍କ ବୈଠକ

**ବେତନଟୀ,୨୦।୧୧ (ସଂଚାର ବ୍ୟୁରୋ):** ଅବସରପ୍ରାପ୍ତ ବ୍ଲକଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀମାନଙ୍କ ଏକ ବୈଠକ ତାରାକୋଠୀଶିବମନ୍ଦିର ପରିସରରେ ଶମ୍ଭୁନାଥ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ଅବସରପ୍ରାପ୍ତ ବ୍ଲକଗ୍ରାଣ୍ଟ ସଂଘ, ମୟୂରଭଞ୍ଜ ଜିଲ୍ଲାର ସମ୍ପାଦକ ଶ୍ରୀଯୁକ୍ତ ଲକ୍ଷ୍ମୀଧର ମହାନ୍ତ, ଉପସଭାପତି ଶ୍ରୀଯୁକ୍ତ ଦୁଷ୍ମନ୍ତ ମହାନ୍ତ ଙ୍କ ନେତୃତ୍ୱରେ ପେନସନ ଓ ସରକାରୀ ସୁବିଧାରୁ ବଞ୍ଚିତ ଓ ସରକାରଙ୍କ ଟାଳଟୁଳ ନୀତି ବିଷୟରେ ଆଲୋଚନା ହୋଇଥିଲକ୍ଷ ଏଥିରେ ବେତନଟୀ, ବଡ଼ସାହି, ବାରିପଦା, ମୋରଡକ୍ଷ, ଶୁଳିଆପଦା ରାସଗୋବିନ୍ଦପୁର ବ୍ଲକର ଅତୁଲ ମିଶ୍ର, ଗୋବର୍ଦ୍ଧନ ମହାପାତ୍ର, ରାଜକିଶୋର ଦାସ, ଉପେନ୍ଦ୍ର ମହାନ୍ତ, ସନ୍ତୋଷ କୁମାର ପାତ୍ର, ଭକ୍ତହରି ବେହେରା, ପ୍ରଦୀପ ପାତ୍ର, ରସକ୍ଷନନ୍ଦ ଲେଙ୍କା, ସୃଷ୍ଟିଧର ପରିଡା, ଗାୟତ୍ରୀ ବାରିକ୍, ଦମୟନ୍ତୀ ମହାନ୍ତ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଯୋଗ ଦେଇଥିଲେ।ଆଗାମୀ ବିଧାନ ସଭା ଅଧିବେଶନରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସର୍ବସମ୍ମତି କ୍ରମେ ସ୍ଥିର ହୋଇଥିଲା। ସର୍ବଶେଷରେ ଗୋବର୍ଦ୍ଧନ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

### ଦେଖଣାହାରିର ମନମୋହୁଛି ଅଳସି ଫୁଲ

# ଶୋଷଣର ଶିକାର ଅଳସି ଚାଷୀ



**ଲାଞ୍ଜିଗଡ଼,୨୦।୧୧(ସଂଚାର ବ୍ୟୋରୋ):** ଶୀତୁଆ କାକରରେ ସତେ ଯେମିତି କୁହୁଡିର ଚାଦର ତଳେ ଘୋଡେଇ ହୋଇଛି ହଳଦୀ ଟହଟହ ହଳଦୀରାଣୀ ଅଳସିଫୁଲ।ଅଳସି ଫୁଲର ମନମହକ ସୌନ୍ଦର୍ଯ୍ୟ ମାଦକ ତଳେ ଧରଣୀ ରାଣୀ ସତେ ଲାଗୁଛି ହଳଦିଆ ପାଟ ଶାଢୀରେ ସଜେଇ ହେଉଛି ନୂଆଁ ବୋହୁ ପରି।ଯୁଆଡ଼େ ଅନେଇଲେ ସେଆଡ଼େ ଆଖି ପାଇଲା ଯାକେ ଅଳସି ଫୁଲରେ ହୋଇଛି ଛାଉଁଣୀ।ଏହି ଭଳି ଦୃଶ୍ୟ ଦେଖିବାକୁ ମିଳୁଛି ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ଉପାନ୍ତ ଅଞ୍ଚଳରେ। ଉକ୍ତ ଅଞ୍ଚଳ ପାହାଡ଼ିଆ ହୋଇଥିବା ବେଳେ ପାହାଡ଼ି ସ୍ଥାନରେ ଏହି ଫସଲ ଭଲ ଅମଳ ହୋଇଥାଏ ଯାହାଦ୍ୱାରା ଉପାନ୍ତ ଗାଁ ଦାଣ୍ଡ ଦିଶୁଛି ପରସ୍ତେ ହଳଦୀ ରଙ୍ଗର ଛାଉଣୀ ପରି।ଚଳିତ ବର୍ଷ ପାଗ ଅନୁକୂଳ ଯୋଗୁଁ ଭଲଭାବେ ଫୁଲ ଧରିଛି ଅଳସି ଗଛରେ।ଲାଗୁଛି ଭଲ ଅମଳ ହେବ ଏହି ବର୍ଷ।ତେବେ ଏହି ଆଦିବାସୀ ଚାଷୀ ମାନଙ୍କ ପାଇଁ ଉପଯୁକ୍ତ ବଜାର ବା ମଣ୍ଡିର କୌଣସି ବ୍ୟବସ୍ଥା ନାହିଁ।ଫଳରେ ସେମାନେ କମ ଦରରେ ବାଧ୍ୟ ହୋଇ ଆଞ୍ଚଳିକ ବ୍ୟବସାୟ ବା ଦଲାଲ ମାନଙ୍କ ଶୋଷଣର ଶିକାର ହେଉଛନ୍ତି। ଅଳସି ଅମଳ ହେବା ପୂର୍ବରୁ ଚାଷୀମାନଙ୍କ ଠାରୁ ସେହି ବ୍ୟବସାୟ ବା ଦଲାଲ ମାନେ କମ ଦରରେ ଅଳସି ନେବା ପାଇଁ ବଇନା ଟଙ୍କା ଆଗରୁ ଦେଇ ଥାନ୍ତି। ଦୀର୍ଘବର୍ଷ ଧରି ଏହି ଆଦିବାସୀ ମାନେ ଅଳସି ଚାଷ କରୁଥିବା ସତ୍ୱେ ସେମାନଙ୍କ ବିକ୍ରି ବଟା ତଥା ଉନ୍ନତ ଚାଷ ଦିଗରେ କୌଣସି ସୁବିଧା ସୁଯୋଗ ମିଳୁ ନାହିଁ।ଚଳିତ ବର୍ଷ ଲାଞ୍ଜିଗଡ଼ ବ୍ଲକ ପାହାଡାପଦର, ମାଳିଯୁବାଙ୍ଗ, ବିଜେପୁର, ଲାଖବାହାଲି, ବେନାଗାଁ, ଲାଞ୍ଜି, କାନକୁଟୁ, କୁମଖାଳ, ବେଡାଗାଁ, ତ୍ରିଲୋଚନ ପୁର ଆଦି ପଞ୍ଚାୟତରେ ଥିବା ଦୁର୍ଗମ ଅଞ୍ଚଳ ମାନଙ୍କରେ ଅଳସି ଚାଷ ଭଲ ଅମଳ ହୋଇଥିବା ବେଳେ ଉକ୍ତ ଅଞ୍ଚଳରେ ମଣ୍ଡିର କୌଣସି ବ୍ୟବସ୍ଥା ନ'ଥିବାରୁ ଚାଷୀ କମ ଦରରେ ଦଲାଲଙ୍କ ହାତରେ ଟେକିଦେଉଛନ୍ତି।

## ରାଜ୍ୟ ନିର୍ବାଚନ କମିଶନରଙ୍କ ନୟାଗଡ଼ ଗସ୍ତ

**● ବୁଥ୍, ଷ୍ଟ୍ରଙ୍ଗ ରୁମ, କାଉଣ୍ଟିଙ୍ଗ ହଲ୍ ଓ ବାଲାଟ ବାକ୍ସର ସମୀକ୍ଷା**

**ନୟାଗଡ଼,୨୦।୧୧(ସଂଚାର ବ୍ୟୁରୋ):** ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ନୟାଗଡ଼ ଜିଲ୍ଲା ପରିଦର୍ଶନରେ ଆସି ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଦଭାବନା ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଓ ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୟାଗଡ଼ ପୌରପରିଷଦ ଓ ରଣପୁର, ଦଶପଲ୍ଲା ଓଡ଼ଗାଁ, ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳର ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ରହି ସମୀକ୍ଷା ବୈଠକରେ ସାମିଲ ହୋଇଥିଲେ। ଏଥି ସହିତ ଡେପୁଟି କଲେକ୍ଟର (ନିର୍ବାଚନ), ଆସିଷ୍ଟାଣ୍ଟ କଲେକ୍ଟର (ନିର୍ବାଚନ) ଉପସ୍ଥିତ ଥିଲେ। ବିଭିନ୍ନ ବୁଥ୍ ସଂକ୍ରାନ୍ତୀୟ ତଥ୍ୟ ସହ ସମସ୍ତ ବୁଥ୍ ର ପୁନଃ ନିରୀକ୍ଷଣ ଓ ଅସ୍ଥାୟୀ ଗୃହ ବା ବୁଥ୍ ଗୁଡିକର ପୁନଃ ନିରୀକ୍ଷଣ ସହ ଆଗାମୀ ନିର୍ବାଚନ ନିମନ୍ତେ ଷ୍ଟ୍ରଙ୍ଗ ରୁମ ଓ କାଉଣ୍ଟିଙ୍ଗ ହଲ ସ୍ଥିର କରିବା ପାଇଁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ନିର୍ବାଚନ କମିଶନର ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ଗଚ୍ଛିତ ଥିବା ବାଲଟ ବକ୍ସ ଗୁଡ଼ିକୁ ନିରୀକ୍ଷଣ କରିଥିଲେ।

SANCHAR
ସଂଚାର
ଶୁକ୍ରବାର ୨୧ ନଭେମ୍ବର ୨୦୨୫

# ସିନେମା





## ‘ଧୁରନ୍ଧର’ର ଧମାକାଦାର ଟ୍ରେଲର ରିଲିଜ୍

ଅଭିନେତା ରଣବୀର ସିଂହଙ୍କ ବହୁ ପ୍ରତୀକ୍ଷିତ ‘ଧୁରନ୍ଧର’ର ଧମାକାଦାର ଟ୍ରେଲର ରିଲିଜ୍ କରିଛି। ୪ ମିନିଟ ୭ ସେକେଣ୍ଡର ଏହି ଟ୍ରେଲର୍‌ରେ ରଣବୀର ସିଂହଙ୍କ କେବେ ଦେଖା ନ ଯାଇଥିବା ଅବତାର ଦର୍ଶକଙ୍କ ମନକୁ ଚକିତ କରିବ। ଫିଲ୍ମର ତିନି ଜଣ ଖଳନାୟକ ଅଛନ୍ତି। ପ୍ରଥମେ ଅର୍ଜୁନ ରାମପାଲ, ତା’ପରେ ଅକ୍ଷୟ ଖାନ୍ନା ଏବଂ ଶେଷରେ ସଞ୍ଜୟ ଦତ୍ତଙ୍କୁ ଦେଖିବାକୁ ମିଳିଛି। ଟ୍ରେଲରଟି ଅର୍ଜୁନ ରାମପାଲଙ୍କ ଏକ ହୃଦୟ ବିଦାରକ ଏକକ ସଂଳାପ ସହିତ ଆରମ୍ଭ ହୁଏ। ପ୍ରତିଶୋଧ, ବିଶ୍ୱାସଘାତକତା ଏବଂ ଦେଶପ୍ରେମରେ ପରିପୂର୍ଣ୍ଣ ଏକ ଭୟଙ୍କର ଗୁପ୍ତଚର ଯୁଦ୍ଧକୁ ନେଇ ଫିଲ୍ମ ପର୍ଯ୍ୟବେସିତ ହୋଇଛି। ଟ୍ରେଲରଟି ବିପଦପୂର୍ଣ୍ଣ ଆକ୍ସନ ସିକ୍ୱେନ୍ସ ଏବଂ ରକ୍ତପାତରେ ପରିପୂର୍ଣ୍ଣ। ଆକ୍ସନ ସିକ୍ୱେନ୍ସଗୁଡ଼ିକ ରକ୍ତାକ୍ତ, ବଡ଼ ଧରଣର ଷ୍ଟଣ୍ଟ ଏବଂ ଶକ୍ତିଶାଳୀ ସଂଳାପ ସହିତ। ଟ୍ରେଲରଟି ଅନଲାଇନରେ ଚର୍ଚ୍ଚା ସୃଷ୍ଟି କରିଛି। ନିର୍ଦ୍ଦେଶକ ଆଦିତ୍ୟ ଧର ଏହି ଫିଲ୍ମଟିକୁ ଦୁଇଟି ଭାଗରେ ନିର୍ମାଣ ହେଉଛି। ପ୍ରଥମ ଭାଗ ଡିସେମ୍ବର ୫, ୨୦୨୫ରେ ମୁକ୍ତିଲାଭ କରିବ, ଦ୍ୱିତୀୟ ଭାଗ ୨୦୨୬ ଗ୍ରୀଷ୍ମ ଋତୁରେ ମୁକ୍ତିଲାଭ କରିବ ବୋଲି ଆଶା କରାଯାଉଛି।




## ବନ୍ତାରାର କାହାଣୀ ଏବେ ଜିଓ ହଟ୍‌ଷ୍ଟାରରେ

ପ୍ରକୃତି, ସହାବସ୍ଥାନ, ସହାନୁଭୂତି ଏବଂ ଆଶାର କାହାଣୀକୁ ସୁନ୍ଦର ଭାବରେ ସଜାଇଥିବା ଡକ୍ୟୁମେଣ୍ଟାରୀ ସିରିଜ୍ ‘ବନତାରା - ସାଂକଚୁଆରୀ ଷ୍ଟୋରିଜ’ ଜିଓ ହଟ୍‌ଷ୍ଟାରରେ ଦ୍ରୁତ ବେଗରେ ଲୋକପ୍ରିୟତା ହାସଲ କରୁଛି । ଏହି ଧାରାବାହିକ ଦର୍ଶକଙ୍କୁ ଏକ ଅନନ୍ୟ ଦୁନିଆକୁ ନେଇଯାଉଛି ଯେଉଁଠାରେ ଦର୍ଶକ ଉଦ୍ଧାର ହୋଇଥିବା ପ୍ରାଣୀଙ୍କ ଆଖିରେ ଆଶା ଦେଖିପାରିବେ ଏବଂ ସେମାନଙ୍କ ଜୀବନରେ ପରିବର୍ତ୍ତନକୁ ନିକଟରୁ ଅନୁଭବ କରିପାରିବେ । ବନତାରାରେ ରହୁଥିବା ପ୍ରତ୍ୟେକ ପ୍ରାଣୀଙ୍କ ନିଜସ୍ୱ ଅନନ୍ୟ କାହାଣୀ ରହିଛି । ଏହି କାହାଣୀଗୁଡ଼ିକ ସେମାନଙ୍କ ସଂଘର୍ଷ, ଭୟରୁ ମୁକ୍ତି, ଯନ୍ତ୍ରଣାରୁ ମୁକ୍ତି, ବିଶ୍ୱାସ ଏବଂ କୃତଜ୍ଞତା ଓ ସର୍ବୋପରି ନୂତନ ଜୀବନ ଅନୁସନ୍ଧାନ କରିବାର କୌତୁହଳର କାହାଣୀ । ଏହି ଅନନ୍ୟ କାହାଣୀଗୁଡ଼ିକ ବଳରେ ଜିଓ ହଟ୍‌ଷ୍ଟାରରେ ଧାରାବାହିକର ଦର୍ଶକ ସଂଖ୍ୟା ଲଗାତର ବୃଦ୍ଧି ପାଉଛି । ବନ୍ତାରା ହେଉଛି ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଅମ୍ବାନୀଙ୍କ ସ୍ୱପ୍ନର ପ୍ରକଳ୍ପ । ଏଠାରେ ଭାରତ ଏବଂ ବିଦେଶରୁ ଉଦ୍ଧାର ହୋଇଥିବା ପ୍ରାଣୀମାନଙ୍କର ନିରନ୍ତର ଯତ୍ନ ନିଆଯାଉଛି। ପ୍ରାଣୀ ଉଦ୍ଧାର ଏବଂ ଯତ୍ନରେ ଏହି ପ୍ରକଳ୍ପ ପ୍ରତିଦିନ ନୂତନ ମାନଦଣ୍ଡ ସ୍ଥାପନ କରୁଛି । ବନତାରା ସାଂକଚୁଆରୀ ଷ୍ଟୋରିଜର ଚମତ୍କାର ପ୍ରାକୃତିକ ପରିବେଶ ଦର୍ଶକଙ୍କୁ ମନମୁଗ୍ଧ କରୁଛି। କିଛି ଦର୍ଶକ ‘ବନତାରା - ସାଂକଚୁଆରୀ ଷ୍ଟୋରିଜ୍’କୁ ଏକ ହୃଦୟସ୍ପର୍ଶୀ ଧାରାବାହିକ ଭାବରେ ଅଭିହିତ କରିଛନ୍ତି, ଯାହା ମାନବୀୟ ସହାନୁଭୂତି ଏବଂ ପ୍ରକୃତି ପ୍ରତି ପ୍ରେମରେ ପରିପୂର୍ଣ୍ଣ। ସୁନ୍ଦର ପ୍ରାକୃତିକ ଦୃଶ୍ୟ, ଭାବପ୍ରବଣ ମୁହୂର୍ତ୍ତ ଏବଂ ପ୍ରାଣୀମାନଙ୍କ ସହିତ ଗଠିତ ଅତୁଟ ବନ୍ଧନ ଏହାକୁ ଏକ ସ୍ମରଣୀୟ ଅନୁଭୂତି ଭାବରେ ପ୍ରସ୍ତୁତ କରିଛି।



## ମାହିକା ସହ ନିର୍ବନ୍ଧ କଲେ ହାର୍ଦ୍ଦିକ

ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଅଭିନେତ୍ରୀ-ମଡେଲ ମାହିକା ଶର୍ମା ଏବେ ଖୋଲାଖୋଲି ଭାବରେ ପରସ୍ପରକୁ ଡେଟ୍ କରୁଛନ୍ତି। ଏହି ଦମ୍ପତି ଲଗାତାର ସୋସିଆଲ ମିଡିଆରେ ସେମାନଙ୍କର ପ୍ରେମଭରା ଫଟୋ ଶେୟାର କରୁଛନ୍ତି। କିନ୍ତୁ ଏହି ସମସ୍ତ ସୁନ୍ଦର ଫଟୋ ମଧରେ, ଗୋଟିଏ ଜିନିଷ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ମାହିକାଙ୍କ ଆଙ୍ଗୁଠିରେ ଏକ ଚମକଦାର ହୀରା ମୁଦି, ଯାହା ଗୁଜବ ସୃଷ୍ଟି କରିଛି ଯେ ହାର୍ଦ୍ଦିକ ତାଙ୍କ ପ୍ରେମିକା ମାହିକାଙ୍କ ସହିତ ନିର୍ବନ୍ଧ କରିଛନ୍ତି। ପ୍ରକୃତରେ, ହାର୍ଦ୍ଦିକ ନିକଟରେ ମାହିକା, ତାଙ୍କ ପୁଅ ଅଗସ୍ତ୍ୟ ଏବଂ ତାଙ୍କ ପାଳିତ କୁକୁର ସହିତ ତାଙ୍କର “ବିଗ ୩” ଉତ୍ସବ ପାଳନ କରୁଥିବାର ଫଟୋ ପୋଷ୍ଟ କରିଛନ୍ତି। ଗୋଟିଏ ଫଟୋରେ, ଦମ୍ପତି ଏକାଠି ପୂଜା କରୁଥିବାର ଦେଖାଯାଉଛି, ଏବଂ ମାହିକା ତାଙ୍କ ବାମ ଆଙ୍ଗୁଠିରେ ଏକ ଚମକଦାର ହୀରା କିଙ୍ଗ ସାଇଜ ମୁଦି ପିନ୍ଧିଥିବାର ଦେଖାଯାଉଛି।

## ଡ୍ରଗ୍ସ ମାମଲାରେ ଓରିଙ୍କୁ ଘେରିଲା କ୍ରାଇମ୍ ବ୍ରାଞ୍ଚ



ଫିଲ୍ମ ଇଣ୍ଡଷ୍ଟ୍ରିରେ ଡ୍ରଗ୍ସ ମାମଲା ଜୋର ଧରିଛି। ଅନେକ ସେଲିବ୍ରିଟିଙ୍କ ବିରୋଧରେ ଅଭିଯୋଗ ଆସୁଛି। ନିକଟରେ, ମୁମ୍ବାଇ ପୋଲିସର ଆଣ୍ଟି-ନାର୍କୋଟିକ୍ସ ସେଲ୍ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମର ଦୁବାଇ ସ୍ଥିତ ସହଯୋଗୀ ସଲିମ୍ ଡୋଲା ଦ୍ୱାରା ପରିଚାଳିତ ଏକ ପ୍ରମୁଖ ଡ୍ରଗ୍ସ ସିଣ୍ଡିକେଟର ପର୍ଦ୍ଦାଫାସ କରିଛି। ଏହି ଡ୍ରଗ୍ସ ମାମଲାରେ ଓରିଙ୍କ ନାମ ମଧ୍ୟ ଜଡିତ ଥିବା ରିପୋର୍ଟ ସାମ୍ନାକୁ ଆସୁଛି। ପେଶାରେ ଓରି ଜଣେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର। ମୁମ୍ବାଇ ପୋଲିସ ତାଙ୍କୁ ୨୫୨ କୋଟି ଡ୍ରଗ୍ସ ମାମଲାରେ ସମନ କରିଛି। ଓରି ନଭେମ୍ବର ୨୦ ତାରିଖ ଗୁରୁବାର ସକାଳ ୧୦ଟା ଦିନ ଆଣ୍ଟି-ନାର୍କୋଟିକ୍ସ ସେଲ୍ ସମ୍ମୁଖରେ ହାଜର ହେବେ। ଓରି ତାଙ୍କର ବୟାନ ଦେବା ପାଇଁ ଘାଟକୋପର ୟୁନିଟରେ ପହଞ୍ଚିବେ। ଓରିଙ୍କ ପୂର୍ବରୁ, ଏହି ମାମଲାରେ ନୋରା ଫତେହିଙ୍କ ନାମ ମଧ୍ୟ ସାମ୍ନାକୁ ଆସିଥିଲା। ନୋରା ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଏହି ବିଷୟରେ ନିଜର ମୁହଁ ଖୋଲିଛନ୍ତି, "ମୁଁ ପାର୍ଟିକୁ ଯାଏ ନାହିଁ। ମୁଁ ନିରନ୍ତର କାମ କରେ। ମୁଁ ଜଣେ କାମପ୍ରେମୀ। ମୁଁ ନିଜକୁ ଏପରି ଲୋକଙ୍କ ସହିତ ଜଡିତ କରେ ନାହିଁ। ଯେତେବେଳେ ମୁଁ ଛୁଟି ମିଳେ ଦୁବାଇରେ ଥିବା ମୋ ଘରେ ଏବଂ ବେଳାଭୂମିରେ ବନ୍ଧୁମାନଙ୍କ ସହିତ ସମୟ ବିତାଇବାକୁ ପସନ୍ଦ କରେ। ତୁମେ ଯାହା ପଢୁଛ ତାହା ଉପରେ ବିଶ୍ୱାସ କରନାହିଁ। ମୋ ନାଁକୁ ଧୀରେ ଧୀରେ ଟାର୍ଗେଟ୍ ହେବାକୁ ଯାଉଛି। କିନ୍ତୁ ମୁଁ ଏଥର ତାହା ହେବାକୁ ଦେବି ନାହିଁ; ଏହା ପୂର୍ବରୁ ମଧ୍ୟ ଘଟିଛି। ତୁମେ ମୋତେ ବର୍ବାଦ କରିବାକୁ ଚେଷ୍ଟା କଲ। ତୁମେ ମିଛ କହିଲ, କିନ୍ତୁ କିଛି କାମ ଦେଲା ନାହିଁ। ଲୋକମାନେ ମୋତେ ନିନ୍ଦା କରୁଥିବା ସମୟରେ ମୁଁ ଚୁପଚାପ୍ ଦେଖିଲି। ଦୟା କରି ମୋର ଫଟୋ ଏବଂ ନାଁକୁ ଏହି ମାମଲାରୁ ଦୂରରେ ରଖ, ଯାହା ସହିତ ମୋର କୌଣସି ସମ୍ପର୍କ ନାହିଁ।



## ପୁଣି ମା’ହେବେ ସୋନମ କପୁର

ବଲିଉଡ ଅଭିନେତ୍ରୀ ସୋନମ କପୁର ଗର୍ଭବତୀ ଅଛନ୍ତି। ସେ ଏକ ଅନନ୍ୟ ଉପାୟରେ ତାଙ୍କର ଦ୍ୱିତୀୟ ଗର୍ଭଧାରଣ ଘୋଷଣା କରିଛନ୍ତି। ତାଙ୍କର ପୋଷ୍ଟ ଭାଇରାଲ ହେବାରେ ଲାଗିଛି। ସୋନମ କପୁର ଗୋଲାପୀ ପୋଷାକରେ ଅନେକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ତାଙ୍କର ବେବି ବମ୍ପକୁ ପ୍ରଦର୍ଶନ କରୁଥିବାର ଦେଖିବାକୁ ମିଳୁଛି। ସୋନମ ବହୁତ ଷ୍ଟାଇଲିସ ଢଙ୍ଗରେ ତାଙ୍କ ଗର୍ଭବତୀ ହେବାର ଘୋଷଣା କରିଛନ୍ତି। ଫଟୋଗୁଡ଼ିକୁ ଶେୟାର କରି ସୋନମ ଏକ ଚୁମ୍ବନ ଇମୋଜି ସହିତ କ୍ୟାପସନରେ ଲେଖିଛନ୍ତି, ‘ମା’। ସେ ପୋଷ୍ଟରେ ଆନନ୍ଦ ଆହୁଜାଙ୍କୁ ଟ୍ୟାଗ କରିଛନ୍ତି। ସୋନମଙ୍କ ଏହି ପୋଷ୍ଟ ଆସିବା ମାତ୍ରେ ସେଲିବ୍ରିଟି ଏବଂ ପ୍ରଶଂସକମାନେ ତାଙ୍କୁ ଅଭିନନ୍ଦନ ଜଣାଇବା ଆରମ୍ଭ କରିଦେଇଛନ୍ତି। ସୋନମ ଗର୍ଭବତୀ ହେବା ନେଇ ଗୁଜବ ବହୁତ ଦିନ ଧରି ଚାଲିଥିଲା, କିନ୍ତୁ ଅଭିନେତ୍ରୀ ଏହି ବିଷୟରେ ଚୁପ ରହିଥିଲେ।

## ହନୁମାନଙ୍କୁ ଅପମାନିତ କରି ବିବାଦରେ ରାଜାମୌଳି




ଭାରତୀୟ ସିନେମାକୁ ବିଶ୍ୱ ସ୍ତରରେ ପହଞ୍ଚାଇଥିବା ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଳି ଏବେ ତାଙ୍କର ଅନ୍ୟ ଏକ ଫିଲ୍ମକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଆର୍‌ଆର୍‌ଆର୍ ଏବଂ ବାହୁବଳୀ ଭଳି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବା ଏସ୍‌ଏସ୍ ରାଜାମୌଳି ଏବେ ଏସିଆର ସବୁଠାରୁ ମହଙ୍ଗା ଫିଲ୍ମ ନିର୍ମାଣ କରୁଥିବା ଜଣାଯାଇଛି। ସାଉଥ୍ ସୁପରଷ୍ଟାର ମହେଶ ବାବୁ ଏବଂ ବଲିଉଡ-ହଲିଉଡ ଷ୍ଟାର ପ୍ରିୟଙ୍କା ଚୋପ୍ରାଙ୍କ ଅଭିନୀତ ଏହି ଆକ୍ସନ-ଆଡଭେଞ୍ଚର ସିନେମାଟିର ନାମ ‘ବାରାଣସୀ’ ରଖାଯାଇଛି। ପ୍ରଶଂସକମାନଙ୍କ ପାଇଁ ହାଇଦ୍ରାବାଦର ରାମୋଜୀ ଫିଲ୍ମ ସିଟିରେ ଏକ ବିଶାଳ କାର୍ଯ୍ୟକ୍ରମ କରାଯାଇ ଫିଲ୍ମର ଟିଜର ରିଲିଜ୍ କରାଯାଇଥିଲା। ଟିଜରରେ କଳାକାରଙ୍କ ପ୍ରଥମ ଲୁକ୍ ଦେଖିବାକୁ ମିଳିଥିଲା। ଟିଜର ରିଲିଜ୍ ପରେ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ିଥିଲେ ବି ରାଜାମୌଳି ଦେଇଥିବା ବୟାନକୁ ନେଇ ଏବେ ବିବାଦ ଆରମ୍ଭ ହୋଇଛି। ଈଶ୍ୱରଙ୍କ ଉପରେ ଭରସା ନଥିବା କହିବା ସହ ପ୍ରଭୁ ହନୁମାନଙ୍କୁ ନେଇ କହିଥିବା କଥା ପାଇଁ ଲୋକେ ତାଙ୍କୁ ଟ୍ରୋଲ କରୁଛନ୍ତି। ସୂଚନା ମୁତାବକ, ଇଭେଣ୍ଟରେ କିଛି ଯାନ୍ତ୍ରିକ ତ୍ରୁଟି ପାଇଁ ଫିଲ୍ମର ଟିଜର ଚାଲିବାରେ ଅସୁବିଧା ହୋଇଥିଲା। ଏହାକୁ ଠିକ୍ କରିବା ପାଇଁ ସମୟ ଲାଗିବାରୁ ବିରକ୍ତ ହୋଇଯାଇଥିଲେ ରାଜାମୌଳି।



# ଘଣ୍ଟପୁର-ଗୋପୀନାଥପୁର ପ୍ରଧାନମନ୍ତ୍ରୀ ସଡ଼କ ସାରା ଖାଲଖମା



ଗୋପୀନାଥପୁରକୁ ସଂଯୋଗ କରୁଥିବା ପ୍ରôଧାନମନ୍ତ୍ରୀ ସଡକ ରାସ୍ତା ସାରା ଖାଲଖମା ସୃଷ୍ଟି ହୋଇଯାଇଥିଲେ ମଧ୍ୟ ରାସ୍ତା କାମ କରିଥିବା ଠିକାଦାର ରାସ୍ତା ମରାମତି କରୁନଥିବା ବେଳେ ବିଭାଗୀୟ ଅଧିକାରୀମାନେ କାହିଁକି ଚୁପ ହୋଇବସିଛନ୍ତି

## ଅଧିକାରୀଙ୍କ ନିଘା ନାହିଁ

**କଣାସ,୨୦।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ପ୍ରଗତି ପାଇଁ ମୂଖ୍ୟତଃ ତାସ୍ତାଘାଟ ଉପରେ ଅଧିକ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତାଘାଟ ନିର୍ମାଣ କରୁଥିବାବେଳେ ରାସ୍ତା ଘାଟ ରକ୍ଷଣ ବେକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଖାମଖିଆଲ ନିତି ଯୋଗୁଁ ପୁରୀ ଜିଲ୍ଲା କଣାସ ବ୍ଲକର ଘଣ୍ଟପୁର ଠାରୁ ଗଡ଼ଖାରଦ ଦେଇ ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି। ଉକ୍ତ ରାସ୍ତା ୨୦୨୨ ମସିହାରେ ଆରମ୍ଭ ହୋଇ ୨୦୨୩ ମସିହାରେ ଶେଷ ହୋଇଥିଲା। ଉକ୍ତ ରାସ୍ତା ନିର୍ମାଣ କରିଥିବା ୨୦୨୮ ମସିହା ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବା ଚୁକ୍ତି କରିଥିଲେ ମଧ୍ୟ କାହିଁକି ମରାମତି କରୁ ନାହିଁ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବୀ ହେଉଛି।

# କୁଟିଆ କନ୍ଧଙ୍କ ଗାଁ 'ପଣସଗୁଡ଼ା'ରେ ପଥ ହୁଡ଼ିଛି ଯୋଜନା

**ଲାଞ୍ଜିଗଡ଼,୨୦।୧୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ଲାଖବାହିଲି ପଞ୍ଚାୟତର ଏକ ଆଦିବାସୀ ଗାଁ ପଣସ ଗୁଡା।୪୦ରୁ ଉର୍ଦ୍ଧ କୁଟିଆ କନ୍ଧ ପରିବାର ରହୁଥିବା ଏହି ଗାଁ ସମସ୍ୟାର ଚାରି ଛକରେ ବନ୍ଧା ପଡ଼ିଛି।ପଞ୍ଚାୟତ ମୁଖ୍ୟାଳୟଠାରୁ ମାତ୍ର ସାଢ଼େ ୪ କି:ମି ଦୂରରେ ଥିଲେ ମଧ୍ୟ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଗମନାଗମନ, ପାନୀୟଜଳ, ସବୁ ଦୃଷ୍ଟିରୁ ଅବହେଳିତ ହୋଇ ରହିଛି ଏହିଗାଁ। ସରକାରଙ୍କ ସବୁ ଯୋଜନା ଯେପରି ଏଠାରେ ବାଟବଣା ହୋଇଯାଇଛି।

ଲାଞ୍ଜିଗଡ଼ ବ୍ଲକ ବିଜେପୁର-ବିଶ୍ୱନାଥପୁରକୁ ସଂଯୋଗ କରୁଥିବା ପିଡବ୍ଲୁଡି ରାସ୍ତାର ଲାଖବାହିଲି ଗାଁ ଠାରୁ ସାଢ଼େ ୪ କି:ମି ଦୂରରେ ରହିଛି ଏହି ଗାଁ। ଭଲ ରାସ୍ତା ଓ ପୋଲ ନଥିବା ଯୋଗୁଁ ଗାଁକୁ କୌଣସି ଆମ୍ବୁଲାନ୍ସ କି ଗାଡ଼ି ଯାଇପାରେ ନାହିଁ। ତେଣୁ ରୋଗୀ, ଗର୍ଭବତୀ ଓ ପ୍ରସୂତିଙ୍କୁ ଖଟିଆରେ ବୋହି ଆଣିବା ଦୃଶ୍ୟମାନ ବାରମ୍ବାର ଦେଖିବାକୁ ମିଳୁଥିବା ବେଳେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ



ପଡ଼ିଥାଏ।୧୦୦ ବର୍ଷରୁ ଅଧିକ ସମୟ ଧରି ରହୁଥିବା ଆଦିବାସୀଙ୍କ ମାଟିଘର ମଧ୍ୟରୁ ମାତ୍ର କିଛି ଲୋକଙ୍କୁ ମିଳିଛି ଆବାସ ଯୋଜନା ଗୃହ। ବର୍ତ୍ତମାନ ଗାଁର ଏବେ ଅଧିକାଂଶ ଲୋକଙ୍କୁ ଗୃହ ମିଳିଥିବା ବେଳେ ରାସ୍ତା ସାଜିଛି ବାଧକ।ଗାଁରେ ଗୋଟିଏ ନଳକୂପ ଅଛି। କିନ୍ତୁ ବର୍ଷ ବର୍ଷ ଧରି ଅଚଳ ହୋଇ ପଡି ରହିଛି। ତେଣୁ ୧ କିମି ଦୂର ଗାଁ ନିକଟସ୍ଥ ଚାଷ ଜମି କଡ଼ରୁ ବାହାରୁଥିବା ଝରଣା ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି। ଗାଁର ଗୋଟିଏ ବି ପରିବାରକୁ ଜଙ୍ଗଲ ଜମି ପଟ୍ଟା ମିଳିନଥିବା କହିଛନ୍ତି।

ଗାଁରେ ସ୍କୁଲ ନ'ଥିବା ଯୋଗୁଁ ପାଦଚଲା କଚା ରାସ୍ତା ଦେଇ କୋମଳମତି ଶିଶୁ ମାନେ ସାଢ଼େ ୨ କି.ମି. ଦୂରରେ ଥିବା ନିକଟସ୍ଥ ଗାଁ ବାରଗୁଡାକୁ ଯାଇଥାନ୍ତି।କିନ୍ତୁ ପଣସଗୁଡ଼ା ଓ ବାରଗୁଡ଼ା ଗାଁ

### ଗାଁରେ ନାହିଁ ସ୍କୁଲ କି ଅଙ୍ଗନବାଡ଼ି କେନ୍ଦ୍ର

ମଝିରେ ସାକଡ଼ ବନ୍ଧ ନାଳ ପଡୁଥିବା ଯୋଗୁଁ ବର୍ଷା ଦିନେ ଛୋଟ ପିଲା ଯାଇ ପାରନ୍ତି ନାହିଁ। ତେଣୁ ବର୍ଷା ଦିନେ ଅଧିକାଂଶ ଶିଶୁ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ରହନ୍ତି। ସେହିପରି ଅଙ୍ଗନବାଡି କେନ୍ଦ୍ର ଗାଁରେ ନଥିବାରୁ ଗାଁର କୋମଳମତି ଶିଶୁ ମାନେ ୨ କି:ମି ଦୂର ନିକଟସ୍ଥ ପଟାଙ୍ଗ ପଦର ଗାଁକୁ ଯିବାକୁ ପଡ଼େ। ବର୍ଷା ଦିନେ ଗମନା ଗମନ ଅସମ୍ଭବ ଯୋଗୁଁ ପିଲାଙ୍କ ପାଠରେ ଡୋରି ବନ୍ଧା ହୁଏ। ବାରମ୍ବାର ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ଜଣାଇବା ପରେ ଚଳିତ ବର୍ଷ ଏପ୍ରିଲ ମାସରେ ମନରେଗା ଯୋଜନାରେ କିଛି ଦୂର ରାସ୍ତା କାମ ହୋଇଛି। କିନ୍ତୁ ନାଳରେ ପୋଲ ନିର୍ମାଣ ନହେବା ପର୍ଯ୍ୟନ୍ତ ଗାଁକୁ ଟ୍ରାକ୍ଟର ମଧ୍ୟ ଯାଇପାରୁନାହିଁ।ଏଣୁ ଏହି ଗ୍ରାମ ପ୍ରତି ପ୍ରଶାସନ ଓ ଜନ ପ୍ରତିନିଧିମାନେ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଦୀର୍ଘଦିନ ଅବସାନ ପରେ ଯାମଳଗୋଦା ବିଦ୍ୟୁତ ଷ୍ଟ୍ରକଚରରୁ ବିଦ୍ୟୁତ ଯୋଗାଣ



**କଣାସ,୨୦।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତକୁ ଖୋର୍ଦ୍ଧା ବିଦ୍ୟୁତ ସବ ଗ୍ରେଡରୁ ଦୀଘ ୪୫ କିମି ଅତିକ୍ରମ କରି କଣାସ ଅଞ୍ଚଳକୁ ୧୯୭୫ ମସିହାରେ ବିଦ୍ୟୁତ ଯୋଗାଣ ଆରମ୍ଭ ସମୟରେ ମାତ୍ର ଦୁଇ ଶହ ବିଦ୍ୟୁତ ଗ୍ରାହକ ଥିବାବେଳେ ବର୍ତ୍ତମାନ କଣାସ ବ୍ଲକର ୨୮ ଗ୍ରାମପଞ୍ଚାୟତର ୧୩୯ଟି ରାସଜସ୍ୱ ଗ୍ରାମ ଓ ୧୦୮ ପଡ଼ାଗ୍ରାମରେ ୧୫ ହଜାରରୁ ଉର୍ଦ୍ଧ୍ୱ ବିଦ୍ୟୁତ ଗ୍ରାହକ ରହିଛନ୍ତି ଅଧ୍ୟଧିକ ବିଦ୍ୟୁତ ଲୋଡ ଯୋଗୁଁ ଖୋର୍ଦ୍ଧାରୁ ଆସିଥିବା ବିଦ୍ୟୁତ ତାର ବାରମ୍ବାର ଛିଣ୍ଡିବାରୁ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ ସରବରାହ ବନ୍ଦ ରହୁଥିଲା। ଏହାର ସ୍ଥାୟୀ ପ୍ରତିକାର ପାଇଁ ଅଞ୍ଚଳବାସୀମାନେ ଦାବି କରିବାରୁ ରାଜ୍ୟ ସରକାର ଯାମଳଗୋଦା ନିକଟରେ ଏକ ବିଦ୍ୟୁତ ସବ ଷ୍ଟେସନ ୨୦୧୩ ମସିହାରୁ ବିଦ୍ୟୁତ ସନେଷ୍ଟସନର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ନିର୍ମାଣ କରୁଥିବା ଠିକାଦାର ଅଧାପାନ୍ତରିଆ ନିର୍ମାଣ କରି କାର୍ଯ୍ୟ ବନ୍ଦ ରଖି ଚାଲିଯାଇଥିଲା। ସ୍ଥାନୀୟ ଏସଡିଓ ରାକେଶ କୁମାର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ଜେନାଙ୍କ ଉଦ୍ୟମ କ୍ରମେ ବିଦ୍ୟୁତ ସବ ଷ୍ଟେସନ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ଆଜି ଗଡ଼ିଶାଗୋଦା, ଆଳିବାଡ, ଯାମଳଗୋଦା, ଗୋପୀନାଥପୁର, କାଦୁଆ, ବଡାଲ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ବିଦ୍ୟୁତ ଯୋଗାଣ ଆଜି ଆରମ୍ଭ କରାଯାଇଥିବା ଜଣାପଡ଼ିଛି।

# ସିକନ୍ଦର ଆଲାମର ଘର ଉପରେ ପୋଲିସର ଚଢ଼ାଉ

**ପାରାଦ୍ୱୀପ,୨୦।୧୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲା ସଦର ଥାନା ବେହେରାମ ପୁର ବସ୍ତିରେ ବାଂଲାଦେଶୀ ଙ୍କୁ ଭଡା ଘରେ ରଖିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ସିକନ୍ଦର ଆଲାମ ର ଧନିପୁର ବସ୍ତିରେ ଥିବାଘର ଓ କୁଆମଙ୍ଗା ଘର ଉପରେ ପୋଲିସ ଆଜି ଚଢ଼ାଉ କରିଛି । ଆଡ଼ିସନାଲ ଏସପି ଓ ଏସ ଡି ପିଓ ଙ୍କ ସହ ୨ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ଛଡାଉ କରାଯାଇ ଏକ ବାଇକ ସହ ବହୁ ସଂଖ୍ୟାର ନକଲି ଆଧାର କାର୍ଡ,ବ୍ୟାଙ୍କ ପାସ ବୁକ ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଲିସ ଜବତ



କରିଛି । ପୂର୍ବରୁ ପୋଲିସ ସିକନ୍ଦରର ପାସପୋର୍ଟ କୁ ଜବତ କରିଥିଲା । ଘଟଣା ପର ଠାରୁ ସିକନ୍ଦର ଫେରାର ରହିଥିବା ବେଳେ ପୋଲିସ ତାକୁ ଧରିବା ପାଇଁ ଛାନଭିନ ଚଳାଇଛି । ତାର ଭାଇ ଅବଦୁଲ ମୋତାଲିଫ ଖାଁ (ଟିକି )ମଧ୍ୟ ଫେରାର ରହିଛି । ବେହେରାମପୁର ବସ୍ତିର ଏକ ସରକାରୀ ଜାଗା କୁ ଜବର ଦଖଲ କରି ସିକନ୍ଦର ଆଲାମ ସେଠାରେ ଘର ତିଆରି କରିବା ସହ ସନ୍ଦିଗ୍ଧ ବାଂଲାଦେଶୀ ଙ୍କୁ ଭଡାରେ ରଖିବା ସହ ବହୁ ବେଆଇନ ତଥା ଅପରାଧ ମୂଳକ କାର୍ଯ୍ୟ କଳାପ ଚଳାଇ ଆସୁଥିଲା । ଆରପଟେ ତଦନ୍ତ ଚାଲିଥିବାରୁ ଅଧିକ କିଛି ସୂଚନା ଦେଇହେବ ନାହିଁ ବୋଲି ଜଗତସିଂହପୁର ଏସ୍ଡିପିଓ କହିବା ସହ କେତେକ କାଗଜପତ୍ର ଜବତ ହୋଇଥିବାର କହିଛନ୍ତ।

# ମାଇଁ ଆଲୁମିନି ଆସୋସିଏସନ ପକ୍ଷରୁ ମେଗା ପ୍ରତିଯୋଗିତା

**କେନ୍ଦ୍ରାପଡ଼ା,୨୦।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ମାଇଁ ଏନସିସି ଆଲୁମନି ଆସୋସିଏସନ ଦ୍ୱାରା ଆୟୋଜିତ ମେଗା ପ୍ରତିଯୋଗିତାରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୮୫୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ୪୩ ଜଣ କୃତି ଛାତ୍ରଛାତ୍ରୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ନୃତ୍ୟ ଗ୍ରୁପ-ଇ ରେ ପ୍ରଥମ ମେଘା କର୍ମକାର, ଦ୍ୱିତୀୟ ଏସ. ଶ୍ରେୟାଶୀଂ ବିଶ୍ୱାଳ ଓ ତୃତୀୟ ସାଇ ରୁଦ୍ରାଦିତ୍ୟ ସ୍ୱାଇଁ, ନୃତ୍ୟ ଗ୍ରୁପ-ଈ ରେ ପ୍ରଥମ ଦିବ୍ୟାଶାଂ ପ୍ରିୟଲକ୍ଷ୍ମୀ, ଦ୍ୱିତୀୟ ସମୀକ୍ଷା ଲେଙ୍କା, ତୃତୀୟ ଅଗ୍ରିମା ଗିରି ଓ ଜୁରୀ ଆୱାର୍ଡ ଦିବ୍ୟାଶୀଂ ସାହୁ, ଜିକେ ଗ୍ରୁପ ଉ ରେ ପ୍ରଥମ ବିଷ୍ଣୁଶ୍ରୀ ସାହୁ, ଦ୍ୱିତୀୟ ଗାର୍ଗୀ ପ୍ରିୟଦର୍ଶୀ ସାହୁ, ତୃତୀୟ ଅଭିଲୀପ୍ସା ଭୂୟାଁ, ଜିକେ ଗ୍ରୁପ-ଈ ରେ ପ୍ରଥମ ଦୀପ୍ତିମାନ ଶତପଥୀ, ଦ୍ୱିତୀୟ ସାଇପ୍ରତିକ ସାହୁ ଓ ତୃତୀୟ ଦିପ୍ତିଶିଖା ନାୟକ, ଜିକେ ଗ୍ରୁପ ଉରେ ପ୍ରଥମ ସୁଶ୍ରୀ ଭାଗ୍ୟଶ୍ରୀ ଦାଶ, ଦ୍ୱିତୀୟ ଅଙ୍କିତା ସାହୁ ଓ ତୃତୀୟ ଜସ୍ମିନ ଭୂୟାଁ, ଚିତ୍ରକଳା ଗ୍ରୁପ ଇରେ ପ୍ରଥମ ସୁଶ୍ରୀ ଦିବ୍ୟାଶୀଂ, ଦ୍ୱିତୀୟ ସୂର୍ଯ୍ୟପ୍ରକାଶ ନାଥ ଓ ତୃତୀୟ ପ୍ରଣୀତ ପ୍ରସାଦ, ଚିତ୍ରକଳା ଗ୍ରୁପ ଈ ପ୍ରଥମ ବିଦ୍ୟାଶ୍ରୀ ବିଶ୍ୱରୂପା ସାହୁ, ଦ୍ୱିତୀୟ ଜୟଶ୍ରୀ ଦାସ ଓ ତୃତୀୟ ପ୍ରଭୁଶ୍ରୀ ମିଶ୍ର, ଚିତ୍ରକଳା ଗ୍ରୁପ ଉରେ ପ୍ରଥମ ସେଖ ଅତଉଲ୍ଲା, ଦ୍ୱିତୀୟ ଏନ. ଶୁଭ୍ରାଂଶୁ ପ୍ରଧାନ ଓ ତୃତୀୟ ସାଇ ନାରାୟଣ ବେହେରା, ବିତର୍କ ଗ୍ରୁପ ଇ ରେ ପ୍ରଥମ ପ୍ରାଚୀ ପ୍ରିୟଦର୍ଶିନୀ ରାଉତ, ଦ୍ୱିତୀୟ ଶ୍ରଦ୍ଧାଞ୍ଜଳି ବିଶ୍ୱାଳ, ତୃତୀୟ ଭାଗ୍ୟଲକ୍ଷ୍ମୀ ପଣ୍ଡା, ବିତର୍କ ଗ୍ରୁପ ଈ ରେ ପ୍ରଥମ ବ୍ରଜେଶ ରାଉତ, ଦ୍ୱିତୀୟ ତୁଳସୀ ମଲିକ ଓ ତୃତୀୟ ଲକ୍ଷ୍ମୀପ୍ରିୟା ସେଠୀ, ରଚନାଲିଖନ ଗ୍ରୁପ ଇ ରେ ପ୍ରଥମ ଅର୍ଣ୍ଣବ ଦିବ୍ୟାଶୁଂ ସାହୁ, ଦ୍ୱିତୀୟ ସାଇ ଶ୍ରୀକ୍ରୀଷ୍ଣା ମଲ୍ଲିକ, ତୃତୀୟ କୁମୁଦିନୀ ମଲ୍ଲିକ, ରଚନାଲିଖନ ଗ୍ରୁପ ଈ ପ୍ରତିଯୋଗିତାରେ ପ୍ରଥମ ଅଙ୍କିତା ମଲିକ, ଦ୍ୱିତୀୟ ଆଲିମା ଫିର୍ଦୋସ, ତୃତୀୟ ମଧୁସ୍ମିତା ପଣ୍ଡା, ରଚନା ଲିଖନ ଗ୍ରୁପ ଉରେ ପ୍ରଥମ ସୁମିତ୍ରା ପାଣି, ଦ୍ୱିତୀୟ ସୁଚିସ୍ମିତା ନାୟକ, ତୃତୀୟ ରତ୍ନମୟୀ ମିଶ୍ର ହୋଇଛନ୍ତି ।

# ଶଳାର ଗୁଳିମାଡ଼ରେ ଭିଣୋଇ ଗୁରୁତର

**ବୌଦ୍ଧ,୨୦।୧୧ (ସଂଚାର ବ୍ୟୁରୋ):** ବୌଦ୍ଧରେ ଶଳା ଗୁଳିମାଡ଼ରେ ଭିଣୋଇ ଗୁରୁତର ହୋଇଛନ୍ତି। ମନମୁଣ୍ଡା ଥାନା ତିଳପଙ୍ଗା ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ଗୁରୁତର ଭିଣୋଇ ଗୁଡ଼ପଡ଼ା ଗ୍ରାମର ବ୍ୟୋମକେଶ ଖଟୁଆ। ଗୁରୁତର ଭାବେ ସୋନପୁର ମେଡିକାଲରେ ତାଙ୍କୁ ଭର୍ତ୍ତି କରାଯାଇଛି। ଶଳା ଭିଣୋଇର ସାମାନ୍ୟ ବଚସାରୁ ଗୁଳିମାଡ ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ ବାଉଁଶୁଣି ଥାନା ଗୁଡ଼ପଡ଼ା ଗ୍ରାମର ବ୍ୟୋମକେଶ ଖଟୁଆ ଆଜି ନିଜ ଶଶୁର ଘର ତିଳପଙ୍ଗା ଗ୍ରାମକୁ ଯାଇଥିଲେ। ସେଠାରେ ତାଙ୍କ ଶଳାଙ୍କ ସହିତ କୌଣସି କାରଣରୁ ବଚସା ହୋଇଥିଲା। ବଚସା ଏତେ ଉଗ୍ରରୂପ ନେଲା ଯେ, ଶଳା ଘରେ ଥିବା ଏକ ବନ୍ଧୁକ ଆଣି ଭିଣୋଇ ଉପରକୁ ୫ ରାଉଣ୍ଡ ଗୁଳି ଚଳାଇଥିବା ବେଳେ ହାତରେ ଦୁଇ ରାଉଣ୍ଡ ଏବଂ ଛାତି ନିକଟରେ ୩ ରାଉଣ୍ଡ ଗୁଳି ବାଜିଥିଲା। ଭିଣୋଇଙ୍କୁ ଗୁଳିମାରି ଶଳା ସେଠାରୁ ଫେରାର ମାରିଥିବା ବେଳେ ପରିବାର ଲୋକେ ବ୍ୟୋମକେଶଙ୍କୁ ଉଦ୍ଧାର କରି ପ୍ରଥମେ ବାଉଁଶୁଣି ମେଡିକାଲ ଓ ପରେ ସୋନପୁର ମେଡିକାଲକୁ ନେଇଥିଲେ।

ସୋନପୁର ମେଡ଼ିକାଲରେ ବ୍ୟୋମକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ କେଉଁ କାରଣରୁ ଗୁଳିକାଣ୍ଡ ଘଟିଲା ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଗୁଳିକାଣ୍ଡ ନେଇ ରିପୋର୍ଟ ଆସିଲେ ଏହାର ତଦନ୍ତ କରାଯିବ ବୋଲି ମନମୁଣ୍ଡା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ସମ୍ଭାବ୍ୟ ବାତ୍ୟାକୁ ନେଇ ଚାଷୀ ଆତଙ୍କିତ

**ଭୁବନେଶ୍ୱର,୨୦।୧୧ (ସଂଚାର ବ୍ୟୁରୋ):** ବଙ୍ଗୋପ ସାଗରରେ ଆସୁଛି ଆଉ ଏକ ବାତ୍ୟା। ନଭେମ୍ବର ମାସ ଶେଷ ଆଡ଼କୁ ସୃଷ୍ଟି ହେବାକୁ ଯାଉଛି ବାତ୍ୟା। ଏହା ତାମିଲନାଡୁ କିମ୍ବା ଆନ୍ଧ୍ରକୁ ହିଟ୍ କରିପାରେ। ଭାରତୀୟ ପାଣିପାଗ ସଂସ୍ଥା ବାତ୍ୟା ପୂର୍ବାନୁମାନ କରି ନଥିଲେ ମଧ୍ୟ, ୨୨ରେ ଲଘୁଚାପ ଓ ୨୪ରେ ଅବପାତ ହେବା ପୂର୍ବାନୁମାନ କରିଛି। ବର୍ଷା ହେଲେ ବାଦାମ ଓ ଧାନ ଚାଷୀ ବହୁଳ କ୍ଷତି ସହିବେ। ବାତ୍ୟାକୁ ନେଇ ଚାଷୀକୂଳ ଆତଙ୍କିତ ହୋଇପଡ଼ିଛନ୍ତି। ଭାରତରେ ମଧ୍ୟ ଅନେକ ପାଣିପାଗ ବିଶେଷଜ୍ଞ ବାତ୍ୟା ଆକଳନ କରିଛନ୍ତି। ଯଦି ବାତ୍ୟା ଆସେ ତେବେ ତାର ନାଁ ରହିବ ସେନ୍ୟାର। ଭାରତ ମହାସାଗରରେ ବାତ୍ୟାର ନାମକରଣ ପ୍ରକ୍ରିୟାରେ ଏଥର ୟୁଏଇ ତରଫରୁ ଏହି ନାଁ ରହିବ। ଏହା ନଭେମ୍ବର ୨୮ କିମ୍ବା ୨୯ ବେଳକୁ ତାମିଲନାଡୁ-ଆନ୍ଧ୍ର ମଧ୍ୟ ଦେଇ ସ୍ଥଳ ଭାଗ ଅତିକ୍ରମ କରିପାରେ। ତେବେ ବାତ୍ୟା ନେଇ ଭାରତୀୟ ପାଣିପାଗ ବିଭାଗର କୌଣସି ଅନୁମାନ ଆସି ନାହିଁ। ଆଇଏମଡି ଆକଳନ କରିଛି, ୨୨ ତାରିଖ ବେଳକୁ ଦକ୍ଷିଣପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଲଘୁଚାପ ସୃଷ୍ଟି ହେବ। ପଶ୍ଚିମଉତ୍ତର ପଶ୍ଚିମ ଦିଗରେ ଗତିକରି ଘନୀଭୂତ ହୋଇ ୨୪ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଅଞ୍ଚଳରେ ଅବପାତରେ ପରିଣତ ହେବ।

# ରାଜ୍ୟସ୍ତରୀୟ 'ଉଡାନ' କ୍ୟାମ୍ପରେ ସମ୍ମାନିତ ହେଲେ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ

**ନୟାଗଡ଼,୨୦।୧୧ (ସଂଚାର ବ୍ୟୁରୋ):** ଓଡ଼ିଶାରେ ଭାରତ ସ୍କାଉଟ ଗାଇଡ୍ ତରଫରୁ ଭୁବନେଶ୍ୱର ସ୍କାଉଟ ଗାଇଡ଼ର ମୁଖ୍ୟ କାର୍ଯ୍ୟାଳୟରେ ୧୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ "ଉଡାନ" କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇ ଆସୁଅଛି । ଏହି "ଉଡାନ୍" କ୍ୟାମ୍ପ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ । ଉକ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଆଦିବାସୀ ନୃତ୍ୟ ମାଧ୍ୟମରେ ପାଠ ପଢ଼ିବା, ମଦ ଛାଡିବା ସହିତ ଜଙ୍ଗଲ ନିଜ ମାଟି ମା ହୋଇଥିବାରୁ ଜଙ୍ଗଲ ସୁରକ୍ଷା କରିବା ଭଳି ସଚେତନତା ବାର୍ତ୍ତା ପ୍ରେରଣ କରି ପ୍ରଶଂସିତ ହୋଇଥିଲେ। ରୋହିବାଙ୍କ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଗାଇଡର ଛାତ୍ରଛାତ୍ରୀ ସଚେତନତା ବାର୍ତ୍ତା ମାଧ୍ୟମରେ ସମାଜକୁ ଦିଗ୍ ଦର୍ଶନ ଦେଇ




ଆସୁଥିବା ଯୋଗୁଁ "ଉଡାନ୍" କ୍ୟାମ୍ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କୁମାର କୋରକୋରା ଛାତ୍ରଛାତ୍ରୀ ଓ ସ୍କାଉଟ୍ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାସହିତ ଭାରତ ସ୍କାଉଟ ଏବଂ ଗାଇଡ଼ ର ଉପସଭାପତି ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟ ଏବଂ ଗାଇଡ଼ ର ମୁଖ୍ୟ କମିଶନର ଡ଼ କାଳିପ୍ରସାଦ ମିଶ୍ର ଏବଂ ଓଡିଶା ଭାରତ ସ୍କାଉଟ ଗାଇଡ଼ର ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଉକ୍ତ ବିଦ୍ୟାଳୟର ଛାତ୍ରୀ ସନ୍ଧ୍ୟା ରାଣୀ ନାୟକଙ୍କୁ ସ୍ୱର୍ଣ୍ଣ ପଦକ ସହିତ ଅଙ୍କିତା ନାୟକଙ୍କୁ ରୌପ୍ୟ ପଦକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଉକ୍ତ ବିଦ୍ୟାଳୟର ସ୍କାଉଟ ଶିକ୍ଷକ ଶ୍ରୀଯୁକ୍ତ ସାହୁ, ଅବନ୍ତୀ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବାରିକ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଓଡଗାଁ ଗୋଷ୍ଠି ଶିକ୍ଷାଧିକାରୀ ପିଣ୍ଟୁ କୁମାର ପ୍ରଧାନ, ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ରାଜକିଶୋର ସାହୁ ଓ ରଘୁନାଥ ମଲ୍ଲିକ, ଜିଲ୍ଲା ଭାରତ ସ୍କାଉଟ ଗାଇଡ଼ର ସଭାପତି ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ, ବନଲତା ବେହେରା ଓ ସନ୍ଧ୍ୟାରାଣୀ ରାଉତ ଏବଂ ଜିଲ୍ଲା ଭାରତ ସ୍କାଉଟ ଗାଇଡ଼ ସମ୍ପାଦକ ତଥା ଜିଲ୍ଲା ଶାରୀରିକ ନିରୀକ୍ଷକ ଅନିଲ କୁମାର ଦାଶ ସମସ୍ତ ସ୍କାଉଟ ଗାଇଡ଼ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛାବାର୍ତ୍ତା ପ୍ରଦାନ କରିଛନ୍ତି।

# ବଦଳିଲେ ଇନ୍ସପେକ୍ଟରସ୍ତରକୁ ପଦୋନ୍ନତି ପାଇଥିବା ଅଧିକାରୀ

### ନୟାଗଡ଼ରୁ ୯ଗଲେ, ପୁନଃ ଥଇଥାନ ୨ ଓ ଆସିଲେ ୧୩ ଇନ୍ସପେକ୍ଟର

**ନୟାଗଡ଼,୨୦।୧୧ (ସଂଚାର ବ୍ୟୁରୋ):** ଓଡ଼ିଶା ପୋଲିସରେ ଇନ୍ସପେକ୍ଟର ସ୍ତରରେ ବଡ଼ ଧରଣର ବଦଳି କରାଯାଇଛି । ଓଡ଼ିଶାର ୪୭୫ଜଣଙ୍କ ପୋଲିସଙ୍କର ବିଭିନ୍ନ ଜିଲ୍ଲାକୁ ବଦଳି କରାଯାଇଛି । ପୋଲିସ ଏସଆଇ ପାହ୍ୟାରୁ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ପାଇଥିବା କର୍ମଚାରିଙ୍କ ବଦଳି ହୋଇଛି। ନୟାଗଡ଼ ଜିଲ୍ଲା କଥା ଦେଖି ପଢ଼ିବା ତେବେ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ପୋଲିସ ଏସଆଇ ୧୧ଜଣଙ୍କୁ ଅକ୍ଟୋବର ମାସରେ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ଦିଆଯାଇଥିଲା । ପୋଲିସ ମୁଖ୍ୟାଳୟର ଚିଠି ନଂ ୩୪୮୩ରେ ପ୍ରକାଶ ପାଇଥିଲା ବିଜ୍ଞପ୍ତିରେ ୯ଜଣ ପଦୋନ୍ନତି ପାଇଥିବା ଇନ୍ସପେକ୍ଟରଙ୍କୁ ନୟାଗଡ଼ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ବଦଳି କରାଯାଇଥିବା ବେଳେ ୨ଜଣ ଇନ୍ସପେକ୍ଟରଙ୍କୁ ନୟାଗଡ଼ ଜିଲ୍ଲାରେ ଥଇଥାନ କରଯାଇଛି। ଇନ୍ସପେକ୍ଟର ଶିବରଞ୍ଜନ ଶିଂହାଙ୍କୁ କନ୍ଧମାଳ, ସଞ୍ଜୟ କୁମାର ପରିଡ଼ାଙ୍କୁ ଏସଓଜି ଭୁବନେଶ୍ୱର, ପ୍ରିତିପ୍ରକାଶ ମହାନ୍ତିଙ୍କୁ ଜଗତସିଂହପୁର, ଶ୍ରଦ୍ଧା ନାୟକଙ୍କୁ ଖୋର୍ଦ୍ଧା ଜିଲ୍ଲାକୁ ବଦଳି କରାଯାଇଥିବା ବେଳେ ସ୍ନେହଲତା ପ୍ରଧାନଙ୍କୁ କଳାହାଣ୍ଡି, ସନ୍ତୋଷ କୁମାର ଦାସ ଓ ଧର୍ମେନ୍ଦ୍ର ଶିଆଳଙ୍କୁ ସ୍ପେଶାଲ ବ୍ରାଞ୍ଚକୁ ବଦଳି ହୋଇଛି । ସେହିପରି ଗୋପବନ୍ଧୁ ମଲ୍ଲିକଙ୍କୁ ରାୟଗଡ଼ା, ବିରଞ୍ଚି ନାରାୟଣ ଅମ୍ପାତଙ୍କୁ ଭଦ୍ରକ ଜିଲ୍ଲାକୁ ବଦଳି କରାଯାଇଥିବା ବେଳେ ବିନୟ କୁମାର ପରିଡ଼ା ଓ କୃତିବାସ ହରିଚନ୍ଦନଙ୍କୁ ପୁନଃ ନୟାଗଡ଼ ଜିଲ୍ଲାରେ ଥଇଥାନ କରାଯାଇଛି । ସେହିପରି ବିଭିନ୍ନ ଜିଲ୍ଲାରୁ ନୟାଗଡ଼ ପୋଲିସ୍ ଓ ନୟାଗଡ଼ ପୋଲିସ୍ ପ୍ରଶିକ୍ଷଣ ସ୍କୁଲରେ ୧୩ଜଣ ଇନ୍ସପେକ୍ଟରଙ୍କୁ ନିଯୁକ୍ତ କରାଯାଇଛି। ପୋଲିସ କମିଶରେଟରୁ ଇନ୍ସପେକ୍ଟର ମିନତୀ କୁମାରୀ ନାୟକ ଓ ସ୍ୱୟଂ ପ୍ରକାଶ ମହାନ୍ତି, ସୁବର୍ଣ୍ଣପୁର ଜିଲ୍ଲାର ଟଙ୍କଧର ଛତ୍ରିଆ, ଯାଜପୁର ଜିଲ୍ଲାର ଅଜୟ ସାହୁ, ପୁରୀ ଜିଲ୍ଲାର ସଂଘମିତ୍ରା ଚାନ୍ଦ, ପ୍ରିୟତମା ପ୍ରଧାନ ଓ ଲିଜା ମଲ୍ଲିକଙ୍କୁ ନୟାଗଡ଼ ପୋଲିସରେ ନିଯୁକ୍ତ କରାଯାଇଛି। ଦେଓଗଡ଼ ଜିଲ୍ଲାର ଧୋବେଇ ଗଡ଼ନାୟକ, ଗଜପତି ଜିଲ୍ଲାର କୃଷ୍ଣଚନ୍ଦ୍ର ମଲ୍ଲିକ, ବ୍ରହ୍ମପୁରର ଜୟନାଥ ପ୍ରଧାନ, କଳାହାଣ୍ଡିର କୃତିବାସ ପୂଜାରୀ, କଟକ ର ରତ୍ନାକର ପ୍ରଧାନ ଓ ଖୋର୍ଦ୍ଧା ଜିଲ୍ଲାର ପ୍ରମୋଦ କୁମାର ନାୟକଙ୍କୁ ନୟାଗଡ଼ ପୋଲିସ ପ୍ରଶିକ୍ଷଣ ସ୍କୁଲରେ ନିଯୁକ୍ତ ମିଳିଥିବା ନେଇ ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଜାରି ହୋଇଥିବା ବିଜ୍ଞପ୍ତିରୁ ସୂଚନା ମିଳିଛି ।

### ● ଲଭ୍, ସେକ୍ସ, ଧୋକା ପରେ ନଗ୍ନ ଫଟୋ ଭାଇରାଲ

# ଅଭିଯୁକ୍ତ ଯୁବକକୁ ବେଙ୍ଗାଲୁରୁରୁ ବାନ୍ଧିଲା ପୁଲିସ

**ବଲାଙ୍ଗୀର, ୨୦।୧୧(ସଂଚାର ବ୍ୟୁରୋ):** ବିବାହର ପ୍ରତିଶୃତି ଦେଇ ଜୋର ଜବରଦସ୍ତି ଶାରିରୀକ ସମ୍ପର୍କ ରଖିଲା, ଆଉ ତା' ପରେ ସବୁ କିଛି ନିଜ ମୋବାଇଲରେ କଏଦ କରି ଭାଇରାଲ କଲା ଆଉ ଏବେ ଜେଲଗଲା ଯୁବକ। ଏଭଳି ଘଟଣା ବଲାଙ୍ଗିର ଜିଲ୍ଲାରେ ଘଟିଥିବା ବେଳେ ଘଟଣାକୁ ନେଇ ଏବେ ଚାରିଆଡ଼େ ବେଶ୍ ଚର୍ଚ୍ଚା।

ବଲାଙ୍ଗିର ଜିଲ୍ଲାର ଖପ୍ରାଖୋଲ ଥାନା ଅଧୀନ ଗମ୍ଭାରୀ ଗ୍ରାମର ଜଣେ ୨୦ ବର୍ଷୀୟା ଯୁବତୀଙ୍କ ଅଭିଯୋଗକ୍ରମେ ଜଣେ ଯୁବକ ବିରୋଧରେ ଗୁରୁତର ମାମଲା ରୁଜୁ ହୋଇଛି। ଘଟଣା ୧୩ ନଭେମ୍ବର ୨୦୨୫, ଦିନ ୨.୧୫ରେ ଘଟିଥିବା ବେଳେ, ପୀଡିତା ଖପ୍ରାଖୋଲ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ ଦେଇଥିଲେ। ପୀଡିତାଙ୍କ ଅଭିଯୋଗ ଅନୁସାରେ, ଓଡିଆପାଳି ଗ୍ରାମର ୨୬ ବର୍ଷୀୟା ସୁରଥ ନାଗ ତାଙ୍କ ସହ ବଳପୂର୍ବକ ଶାରିରୀକ ସମ୍ପର୍କ ସ୍ଥାପନ କରିଥିଲେ ଏବଂ ବିବାହ କରିବେ ବୋଲି ଆଶ୍ୱାସନ ଦେଇଥିଲେ। କିନ୍ତୁ ପରେ ସେ ବିବାହ କରିବାକୁ ଅସ୍ୱୀକାର କରି ଦୁର୍ବ୍ୟବହାର ଆରମ୍ଭ କରିଥିଲେ। ସୁରଥ ନାଗ ପୀଡିତାଙ୍କ ନଗ୍ନ ଛବି ତାଙ୍କ ମୋବାଇଲରେ ରଖିଥିଲେ। ପୀଡିତାଙ୍କ ବିବାହ ବରଗଡ଼ ଜିଲ୍ଲାର ପାଇକମାଲ ଥାନା ଅଧୀନ ମାଣ୍ଡୋସିଲ ଗ୍ରାମର ଗିରିଧାରୀ ଭୋଇ ସହ ନିର୍ଦ୍ଧାରିତ ହେବା ପରେ, ସୁରଥ ନାଗ ସେହି ଛବିକୁ ବରପକ୍ଷଙ୍କୁ ପଠାଇ ଦେଇଥିଲେ। ଏହାର ପରିଣତିରେ ପୀଡିତାଙ୍କ ବିବାହ ସମ୍ପୂର୍ଣ୍ଣ ଭାବେ ବାତିଲ ହୋଇଯାଇଛି। ଘଟଣା ପରେ ପୀଡିତା ଖପ୍ରାଖୋଲ ପୋଲିସ ଷ୍ଟେସନକୁ ଆସି କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନ କରିଥିଲେ। ପୋଲିସ ଘଟଣାର ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ସୁଦୂର ବେଙ୍ଗାଲୁରୁରୁ ଅଭିଯୁକ୍ତ ସୁରଥ ନାଗକୁ ଗିରଫ କରି ଖପ୍ରାଖୋଲ ଥାନାକୁ ଆଣି କୋର୍ଟ ଚାଲାଣ କରିଥିବା ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି।

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ

**ନବରଙ୍ଗପୁର,୨୦।୧୧ (ସଂଚାର ବ୍ୟୁରୋ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ତଥା ଜିଲ୍ଲା ନୋଡାଲ ଅଧିକାରୀ ଡ ଏନ୍ ତିରୁମାଲା ନାୟକ ଆଜି ଦୁଇ ଦିନିଆ ଗସ୍ତରେ ନବରଙ୍ଗପୁର ଜିଲ୍ଲା ପରିଦର୍ଶନ କରିଛନ୍ତି। ସଚିବ ଙ୍କ ସହ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ ବର୍ମନ୍,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଡି ଇ ଓ ଛତ୍ରପତି ସାହୁ, ବି ଡି ଓ ନବରଙ୍ଗପୁର ସୁନିଲ ଖୁରା, ବି ଡି ଓ, ନନ୍ଦାହାଣ୍ଡି କ୍ଷୀରୋଦ ଚନ୍ଦ୍ର ସାହୁ, ଡି ଡି ପ୍ଲାନିଂ ଏଶ୍ବର୍ଯ୍ୟ ଭଞ୍ଜ,ନିର୍ବାହୀ ଅଧିକାରୀ ପୌରପାଳିକା ଅଶୋକ କର୍ଣ୍ଣ,ସି ଡି ଏମ ଓ ଡ଼ ସନ୍ତୋଷ କୁମାର ପଣ୍ଡା ଏବଂ ଅନ୍ୟ ଅଧିକାରୀ ସାମିଲ ଥିଲେ।ସଚିବ ପ୍ରଥମେ ନବରଙ୍ଗପୁର ପୌରପାଳିକା ଜଳ ବିଶୋଧନ ପ୍ଲାଣ୍ଟ ପରିଦର୍ଶନ କରି ଏହାର କାର୍ଯ୍ୟକାରିତା ବୁଝିଥିଲେ ଏବଂ ସାନକୁମୁଲି ସ୍ଥିତ ମଳ ଉପଚାର ପ୍ଲାଣ୍ଟ ମଧ୍ୟ ଗସ୍ତ କରି ନିର୍ବାହୀ ଅଧିକାରୀ ଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏହାପରେ



ସାନକୁସୁମୀ ପ୍ରାଥମିକ ବିଦ୍ୟାଳୟ ଏବଂ ପୌରପାଳିକା ଉଚ୍ଚ ବିଦ୍ୟାଳୟ ବିଦ୍ୟାଳୟ ଗସ୍ତ କରି ଛାତ୍ର ଛାତ୍ରୀ ଙ୍କୁ ପାଠ ଉପରେ ବିଭିନ୍ନ ପ୍ରଶ୍ନ କରିଥିଲେ। ମାଗଣା ପୁସ୍ତକ,ମାଗଣା ସାଇକଲ, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଉପରେ ପଚାରିଥିଲେ। ଛାତ୍ର ଛାତ୍ରୀଙ୍କ ୧୦ ମ ପରୀକ୍ଷା ଉତ୍ତୀର୍ଣ୍ଣ ପରେ ଭବିଷ୍ୟତ ରେ ତାଙ୍କର ଜୀବିକା,ବୃତ୍ତି,କ୍ଷେତ୍ର ଚୟନ ଉପରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଭଲ ପାଠ ସହ ଭଲ ମଣିଷ ହେବାକୁ ଏବଂ ବାଲ୍ୟ ବିବାହ କୁ ବିରୋଧ କରିବା ପାଇଁ ପରାମର୍ଶ ଦେଇଥିଲେ।

# ଦୁର୍ଘଟଣାରେ ବାଇକ ଆରୋହୀ ମୃତ: କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**ନୀଳଗିରି,୨୦।୧୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଥାନା ଶେରଗଡ଼-ନୀଳଗିରି-ଝରଣଘାଟି ୧୯ନମ୍ବର ରାଜ୍ୟରାଜପଥର ଗଡ଼ିଆମାଳଠାରେ ଗୁରୁବାର ସକାଳ ପ୍ରାୟ ୯ ଘଟିକା ସମୟରେ ଜୈନିକ ବାଇକଆରୋହୀ ଜେସିବିରେ ଧକ୍କାହୋଇ ମୃତ୍ୟୁହୋଇଥିବା ଜଣାଯାଇଛି। ତେବେ ଘଟଣାସ୍ଥଳରୁ ଜେସିବି ଡ୍ରାଇଭର ଓ ହେଲପର ଫେରାର୍ ହୋଇଯାଇଛନ୍ତି। ସୂଚନା ଅନୁଯାୟୀ ଆଜି ସକାଳେ ଉକ୍ତ ଛକ ନିକଟରେ ରେମୁଣା ବ୍ଲକ ଶେରଗଡ଼ ପଞ୍ଚାୟତ ବାହାର୍ଦ୍ଧା ଗ୍ରାମର ନିହାର ରଞ୍ଜନ ମଲ୍ଲିକ(୪୦) ନିଜଘରୁ ଏକ ବାଇକରେ ଶେରଗଡ଼ ପଟୁ ନୀଳଗିରି ଆଡ଼କୁ ଯାଉଥିବାବେଳେ ରାଜ୍ୟରାଜପଥର



ନବୀକରଣ ଓ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ରାସ୍ତାଅବରୋଧ ବୋର୍ଡ ଲଗାଯାଇ ବନ୍ଦ ରହିଥିବାବେଳେ ବାଇକ୍ ଆରୋହୀଜଣକ ଅସାବଧାନତା କାରଣରୁ ମଝିରେ ପଶିଯାଇ ଜେସିବିକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ନୀଳଗିରି ଡାକ୍ତରଖାନାକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତଘୋଷଣା କରିଥିଲେ। ତେବେ ନୀଳଗିରି ରାସ୍ତାରେ ଏହିଭଳି ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶହଶହ ଲୋକ ମୃତଙ୍କ ପରିବାରବର୍ଗଙ୍କୁ କ୍ଷତିପୁରଣ ଦାବିରେ ଗଡ଼ିଆମାଳ ଠାରେ ଟାୟାରଜାଳି ରାସ୍ତାରୋକ କରିଥିଲେ।

### ରାଜନଗର ରୋଗୀ କଲ୍ୟାଣ ସମିତି ବୈଠକ

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିବ ଡିଜିଟାଲ ଏକ୍ସରେ ଓ ଅଲଟ୍ରା ମେସିନ



**ରାଜନଗର,୨୦।୧୧ (ସଂଚାର ବ୍ୟୁରୋ):** ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀକଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର ଅଧ୍ୟକ୍ଷ ତଥା ବିଧାୟକ ଧ୍ରୁବ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରୋଗୀଙ୍କୁ ଉତମ ଚିକିତ୍ସା ଯୋଗାଇଦେବା, ମେଡିକାଲ ପରିସରକୁ ସଫାସୁତୁରା ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଂଜନ ମହାନ୍ତି ଗତବୈଠକ ବିବରଣୀ ସଂପର୍କରେ ସୂଚନା ଦେଇଥିଲେ ଓ ଚଳିତ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନା କରିଥିଲେ। ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସୁବିଧା ପାଇଁ ଆବଶ୍ୟକ ଥିବା ଡିଜିଟାଲ ଏକ୍ସରେ ମେସିନ ଓ ଅଲଟ୍ରା ସାଉଣ୍ଡ ମେସିନ ଆସିବ । ରୋଗୀ କଲ୍ୟାଣ ସମିତି ପକ୍ଷରୁ ଏହି ଦୁଇଟି ମେସିନ କିଣା ଯିବା ସହ କାର୍ଯ୍ୟକ୍ଷମ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। ଏଥିସହ ମେଡିକାଲ କ୍ୟାମ୍ପସ ଭିତରେ ଥିବା ମେଡିସିନ ଷ୍ଟୋର କିପରି ଡ୍ରଗ୍ସ ଲାଇସେନ୍ସ ରେନୁଆଲ ନହୋଇ ଚାଲିଛି। ମେଡ଼ିସିନ ଷ୍ଟୋରର ମାଲିକଙ୍କ ମୃତ୍ୟୁ ହୋଇ ସାରିଥିବାରୁ ଡ୍ରଗ୍ସ ବିଭାଗକୁ କୁ ମେଡିକାଲ ଅଫିସର ଚିଠି କରିବା ପାଇଁ ନିଷ୍ପତି ହୋଇଛି । । ଏହାବାଦେ ବୈଠକରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଓପିଡି ବିଲଡିଙ୍ଗ କାମ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରାଯିବା ସହ ଶୀଘ୍ର ସମସ୍ତ ପକ୍ରିୟା ସାରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ପୂର୍ତ୍ତ ବିଭାଗକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଈଶ୍ୱରପୂର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ମାପ କରାଯିବା ପାଇଁ ତହସିଲଦାରଙ୍କୁ ଚିଠି କରାଯିବ। ମାପ କରାଯାଇ ନୂତନ ବିଲଡିଙ୍ଗ ନୂତନ ବିଲଡିଙ୍ଗ କାମ ଆରମ୍ଭ ହେବ ବୋଲି ନିସ୍ପତି ନିଆଯାଇଛି। ଏଥି ସହିତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମହାପ୍ରୟାଣ ଓ ଅମ୍ବୁଲାନ୍ସ ଥିଲେ ମଧ୍ୟ ରୋଗୀ ସେବା ପାଇପାରୁନାହାନ୍ତି। ଦୁଇଟି ଗାଡି ପାଇଁ ଡ୍ରାଇଭର ନିଯୁକ୍ତି କରିବାକୁ ବୈଠକରେ ନିଷ୍ପତି ହୋଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ କରିବାକୁ ସଭ୍ୟ ସୂର୍ଯ୍ୟ ନାରାୟଣ ଲେଙ୍କା ସଭ୍ୟ ପ୍ରସ୍ତାବ ଦେଇଥିଲେ।